ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଶନିବାର, ଜୁନ୍ ୧୪/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 14/2025 Page 16 ₹ 7.00
୫୧ଶ ଭାଗ ୧୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 199 ମୂଲ୍ୟ₹୭/-

# ଯାଜପୁର, ଭଦ୍ରକରେ ୮ କଲେରା ପଜିଟିଭ୍ ସଙ୍କେତ

ଭୁବନେଶ୍ୱର (ବନ୍ଦନା ସେଠୀ)/ ଯାଜପୁର (ହର୍ଷବର୍ଦ୍ଧନ ବେହେରା),୧୩।୬

ଯାଜପୁର ଓ ଭଦ୍ରକ ଜିଲାରେ ବ୍ୟାପିଥିବା ଡାଇରିଆ ଅଣାୟତ୍ତ ହେବାରେ ଲାଗିଛି। ଗତ ସୋମବାରଠାରୁ ଡାଇରିଆର ପ୍ରକୋପ ଦେଖିବାକୁ ମିଳିଥିବାବେଳେ ଇତିମଧ୍ୟରେ ଯାଜପୁରରେ ୧୨ଜଣଙ୍କର ମୃତ୍ୟୁ ଘଟିଲାଣି। ଯାଜପୁର, ଭଦ୍ରକରେ ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଟପିଲାଣି। ତେବେ ୨ଜିଲାର ବିଭିନ୍ନ ସ୍ଥାନରୁ ସଂଗ୍ରହ କରାଯାଇଥିବା ୪୧ ଝାଡ଼ା ନମୁନା ମଧ୍ୟରୁ ୮ଟିରେ କଲେରା ପଜିଟିଭ୍ ସଙ୍କେତ ମିଳିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଭୁବନେଶ୍ୱର ଲୋକସେବା ଭବନଠାରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମିଶ୍ର ଏହି ସୂଚନା ଦେଇଛନ୍ତି। ଯାଜପୁର ସିଡିଏମ୍‌ଓ ପ୍ରକାଶ ଚନ୍ଦ୍ର ବଳ କହିଛନ୍ତି, ଆଇସିଏମ୍‌ଆର ରିପୋର୍ଟ ଅନୁଯାୟୀ ଯାଜପୁର ଜିଲାର ୨୧ଟି ନମୁନା ପରୀକ୍ଷାରୁ ୬ଟିରେ କଲେରା ପଜିଟିଭ୍ ସଙ୍କେତ ମିଳିଥିବା ଜଣାପଡ଼ିଛି। ଡାଇରିଆକୁ ଦୃଷ୍ଟିରେ ରଖି ଯାଜପୁର ଜିଲାରେ ସରକାରୀ ଛୁଟିକୁ ବାତିଲ କରାଯାଇଛି। ୧୦ ଦିନ ମଧ୍ୟରେ ବିଶୋଧନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ତେବେ ବ୍ୟାପକ ସଚେତନତା, କ୍ଷେତ୍ରସ୍ତରୀୟ ପ୍ରତିଷେଧ ଏବଂ ପ୍ରାଥମିକ ସ୍ତରରେ ଚିହ୍ନଟ ଓ ଚିକିତ୍ସା ମାଧ୍ୟମରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।













ଦୁର୍ଘଟଣାସ୍ଥଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।


ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ପରିବାର ସଦସ୍ୟଙ୍କୁ ଭେଟି ପ୍ରଧାନମନ୍ତ୍ରୀ ସାନ୍ତ୍ୱନା ଦେଉଛନ୍ତି।


ତ୍ରିପୁରାର ଅଗରତାଲାରେ ମାଇମ ଆର୍ଟିଷ୍ଟମାନେ କ୍ଷୁଦ୍ର ବିମାନ ଧରି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

# ବିମାନ ବ୍ଲାକ୍‌ବକ୍ସ ମିଳିଲା

ନୂଆଦିଲ୍ଲୀ,୧୩।୬

ଏୟାର ଇଣ୍ଡିଆର ଦୁର୍ଘଟଣାଗ୍ରସ୍ତ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନର ବ୍ଲାକ୍‌ବକ୍ସ ଶୁକ୍ରବାର ମିଳିଛି। ବିମାନ ଧକ୍କାଦେଇଥିବା ବିଜେ ମେଡିକାଲ କଲେଜ ହଷ୍ଟେଲ ଛାତରୁ ବ୍ଲାକ୍‌ବକ୍ସ ବା ଡିଜିଟାଲ ଫ୍ଲାଇଟ୍ ଡେଟା ରେକର୍ଡର (ଡିଏଫ୍‌ଡିଆର୍) ମିଳିବା ପରେ ସେଥିରୁ ଦୁର୍ଘଟଣା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଟିମ୍ ସହ ଗୁଜରାଟ ସରକାରଙ୍କ ୪୦ ଜଣ କର୍ମଚାରୀ ବ୍ଲାକ୍‌ବକ୍ସକୁ ଭଗ୍ନାବଶେଷ ମଧ୍ୟରୁ ପାଇଛନ୍ତି। ସେଥିରୁ ବିମାନର ବେଗ, ଉଡ୍ଡୁଥିବା ଉଚ୍ଚତା, ଇଞ୍ଜିନ୍‌ର କାର୍ଯ୍ୟ, ପାଇଲଟ୍ ଏବଂ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ମଧ୍ୟରେ କଥାବାର୍ତ୍ତା ଆଦି ଜଣାପଡ଼ିବ। ଇସ୍ପାତ ଓ ଟିଟାନିୟମ୍ ଭଳି ଅତ୍ୟନ୍ତ ଶକ୍ତିଶାଳୀ ଧାତୁରେ ନିର୍ମିତ ବ୍ଲାକ୍‌ବକ୍ସରେ ଦୁଇଟି ଭାଗ ରହିଛି। ଗୋଟିଏ ହେଲା ଡିଏଫ୍‌ଡିଆର୍ ଏବଂ ଅନ୍ୟଟି କକ୍‌ପିଟ୍ ଭଏସ୍ ରେକର୍ଡର (ସିଭିଆର୍)। ଡିଏଫ୍‌ଡିଆର୍ ଉଡ଼ାଣ ପ୍ରଯୁକ୍ତି ମାନଦଣ୍ଡ ସମ୍ପର୍କିତ ରେକର୍ଡ ରଖୁଥିବାବେଳେ ସିଭିଆର୍ କକ୍‌ପିଟ୍‌ର ଅଡିଓକୁ ରେକର୍ଡ କରିଥାଏ। ବିମାନ ସମ୍ମୁଖ ଭାଗ କିମ୍ବା ପାର୍ଶ୍ୱରୁ ଦୁର୍ଘଟଣାଗ୍ରସ୍ତ ହେଉଥିବାରୁ ବ୍ଲାକ୍‌ବକ୍ସ ଏହାର ଟେଲ୍ ନିକଟରେ ସୁରକ୍ଷିତ ରହିଥାଏ। ଏହା ୧,୧୦୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ତାପମାତ୍ରାରେ ଅନ୍ୟୁନ ୧ ଘଣ୍ଟା ପର୍ଯ୍ୟନ୍ତ ତିଷ୍ଠିରହିପାରିବ।




ଏୟାର ଇଣ୍ଡିଆ ବିମାନ ଗୁରୁବାର ଅପରାହ୍ନରେ ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ଉଡ଼ାଣ ଆରମ୍ଭ କରିବାର କେଇ ମିନିଟ୍ ପରେ ବିଜେ ମେଡିକାଲ କଲେଜର ହଷ୍ଟେଲ ବିଲ୍ଡିଂରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା। ଏହି ଦୁର୍ଘଟଣାରୁ ମାତ୍ର ଜଣେ ଯାତ୍ରୀ ବର୍ତ୍ତିଥିବାବେଳେ ଅନ୍ୟ ୨୪୧ ଜଣଙ୍କ ମୃତ୍ୟୁ ଘଟିଥିବା ଏୟାର ଇଣ୍ଡିଆ ସ୍ପଷ୍ଟ କରିଛି। ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଲେଖାଏ କ୍ଷତିପୂରଣ ଯୋଗାଇଦେବା ଲାଗି ଗୁରୁବାର ଟାଟା ଗ୍ରୁପ୍ ପକ୍ଷରୁ ଘୋଷଣା କରାଯାଇଥିଲା। ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟହୋଇ ନ ଥିବାବେଳେ ବିମାନ ଚଳାଚଳ ସୁରକ୍ଷା ବଢ଼ାଇବା ନିମନ୍ତେ ସରକାର ଏକ ବିଶେଷଜ୍ଞ କମିଟି ଗଠନ କରିଛନ୍ତି।

# ଦୁର୍ଘଟଣାସ୍ଥଳରେ ପ୍ରଧାନମନ୍ତ୍ରୀ

## ହସ୍ପିଟାଲରେ ଏକମାତ୍ର ଜୀବିତ ଯାତ୍ରୀଙ୍କୁ ଭେଟିଲେ

ଅହମଦାବାଦ,୧୩।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଅହମଦାବାଦର ବିମାନ ଦୁର୍ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବିମାନବନ୍ଦରରେ ପହଞ୍ଚି ସେଠାରୁ ସିଧା ମେଘାନିନଗର ଅଞ୍ଚଳର ଦୁର୍ଘଟଣାସ୍ଥଳକୁ ଯାଇଥିଲେ। ତାଙ୍କ ସହ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଥିଲେ। ଦୁର୍ଘଟଣା ସମସ୍ତଙ୍କୁ ଅତ୍ୟନ୍ତ ସ୍ତବ୍ଧ କରିଥିଲା। ନିମିଷକ ମଧ୍ୟରେ ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଯିବା ଅତ୍ୟନ୍ତ ହୃଦୟ ବିଦାରକ, ଯାହା ବର୍ଣ୍ଣନା କରିବାକୁ ଭାଷା ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ମୃତକମାନଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତି। ପରେ ପ୍ରଧାନମନ୍ତ୍ରୀ ଅହମଦାବାଦର ସିଭିଲ୍ ହସ୍ପିଟାଲକୁ ବିମାନ ଦୁର୍ଘଟଣାରୁ ବଞ୍ଚିଯାଇଥିବା ଏକମାତ୍ର ବିମାନ ଯାତ୍ରୀ ବିଶ୍ୱାସ କୁମାର ରମେଶଙ୍କୁ ପ୍ରଧାନମନ୍ତ୍ରୀ ଭେଟି କଥା ହୋଇଥିଲେ। ଏଥିସହିତ ସେ ହସ୍ପିଟାଲର ସି୭ ୱାର୍ଡରେ ୨୫ ଜଣ ଆହତଙ୍କୁ ଭେଟିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏଥିସହିତ ସେ ଡାକ୍ତରଙ୍କ ସହ କଥା ହୋଇଥିଲେ। ପରେ ପ୍ରଧାନମନ୍ତ୍ରୀ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ଘରକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଗୁରୁବାରର ବିମାନ ଦୁର୍ଘଟଣାରେ ରୂପାନୀଙ୍କ ସମେତ ବିମାନର ୨୪୧ ଜଣଙ୍କ ମୃତ୍ୟୁ ଘଟିଥିଲା।


ଦୁର୍ଘଟଣାରୁ ବଞ୍ଚିଥିବା ଏକମାତ୍ର ଯାତ୍ରୀ ବିଶ୍ୱାସ କୁମାର ରମେଶଙ୍କୁ ପ୍ରଧାନମନ୍ତ୍ରୀ ଭେଟୁଛନ୍ତି।

# ‘କେମିତି ବଞ୍ଚିଗଲି ଜାଣିନି’ : ବିଶ୍ୱାସକୁମାର

## ୧୧ଏ ହେଲା ସବୁଠୁ ଭାଗ୍ୟବାନ୍ ସିଟ୍

ଅହମଦାବାଦ, ୧୩।୬

ଅହମଦାବାଦ ପ୍ଲେନ୍ କ୍ରାଶ୍‌ରେ ବିମାନରେ ଯାଉଥିବା ୨୪୧ ଜଣ ପ୍ରାଣ ହରାଇଥିବାବେଳେ କେବଳ ବିଶ୍ୱାସକୁମାର ରମେଶ ବଞ୍ଚିଯାଇଥିଲେ। ଏୟାରଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନରେ ସେ ସିଟ୍ ନମ୍ବର ୧୧ଏରେ ବସିଥିଲେ। ବୋଇଂ ବିମାନରେ ଏହି ସିଟ୍‌କୁ ଯାତ୍ରୀମାନଙ୍କର ସବୁଠାରୁ ନାପସନ୍ଦ ସିଟ୍ ବୋଲି ଧରାଯାଇଥାଏ। ଉଡ଼ାଣ ସମ୍ବନ୍ଧୀୟ ସମସ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରୁଥିବା ୱେବ୍‌ସାଇଟ ୟୁନିଲାଡ୍‌ଟେକ୍ ଅନୁଯାୟୀ, ଏହି ସିଟ୍ କୌଣସି ସାଧାରଣ ଝରକା ପାଖରେ ନ ଥାଏ। ବୋଇଂ ବିମାନରେ ଏୟାର କଣ୍ଡିଶନ୍ ସିଷ୍ଟମ ଯୋଗୁ ୧୧ଏ ସିଟ୍ ନିକଟରେ ଥିବା ଝରକା ସ୍ଥାନ ଅବରୋଧ ହୋଇଥାଏ। ଝରକା ବାହାରକୁ ଦେଖିବା ପାଇଁ ଆଶା କରୁଥିବା ଯାତ୍ରୀମାନେ ଏଠାରେ ବସିବା ପରେ ଖାଲି କାନ୍ଥ ପାଇ ନିରାଶ ହୋଇଥାନ୍ତି। ବିଶ୍ୱାସକୁମାର କହିଛନ୍ତି, ସେ କେମିତି ବଞ୍ଚିଲେ ଜାଣିନାହାଁନ୍ତି। ଏଭଳି ଦୁର୍ଘଟଣାରୁ ବଞ୍ଚିଯିବା କୌଣସି ଚମତ୍କାରଠାରୁ କମ୍ ନୁହେଁ। ସେ ବିମାନର ଯେଉଁ ପାର୍ଶ୍ୱରେ ବସିଥିଲେ ବୋଧହୁଏ ତାହା ମେଡିକାଲ କଲେଜ ବିଲ୍ଡିଂର ତଳ ଅଂଶରେ ଧକ୍କା ହୋଇଥିଲା।




# ମୃତକଙ୍କ ମଧ୍ୟରେ ନବବିବାହିତ ଦମ୍ପତି, ଆଇଟି ମ୍ୟାନେଜର

ଅହମଦାବାଦ, ୧୩।୬

ଗୁଜରାଟର ଅହମଦାବାଦରେ ଗୁରୁବାର ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନର ଦୁର୍ଘଟଣାରେ ବିମାନରେ ଥିବା ୨୪୨ ଜଣଙ୍କ ମଧ୍ୟରୁ ୨୪୧ ଜଣ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣାରେ ଗୁଜରାଟର ଖେଡ଼ା ନିବାସୀ ରୁଦ୍ର (୨୦)ଙ୍କର ମୃତ୍ୟୁ ଘଟିଛି। ଲଣ୍ଡନରେ ଗ୍ରାଜୁଏଶନ ଶିକ୍ଷା ପାଇଁ ସେ ବୋଇଂ ୭୮୭-୮ ବିମାନରେ ଯାଉଥିଲେ। ସେହିପରି ଉକ୍ତ ବିମାନରେ ଯାଉଥିବା ଗୁଜରାଟର ବନ୍ସୱାରା ନିବାସୀ ଡାକ୍ତର ପ୍ରତୀକ ଜୋଷୀ, ତାଙ୍କ ସ୍ତ୍ରୀ କମଲା ବ୍ୟାସ୍ ଏବଂ ତାଙ୍କର ୩ ପିଲାଙ୍କର ଏହି ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେହିପରି ନିକଟରେ ବିବାହ କରିଥିବା ଗୁଜରାଟ ନିବାସୀ ହାର୍ଦ୍ଦିକ ଭାଇ ଅଭୟ ଏବଂ ତାଙ୍କ ସ୍ତ୍ରୀ ବିଭୂତି ବେନ୍ ମଧ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଉଭୟେ ଲଣ୍ଡନରେ କାର୍ଯ୍ୟରତ ଥିଲେ। ଏହି ଦୁର୍ଘଟଣାରେ ଆଗ୍ରା ନିବାସୀ ନୀରଜ ଲାଭାନିଆ ଏବଂ ତାଙ୍କ ସ୍ତ୍ରୀଙ୍କର ମଧ୍ୟ ମୃତ୍ୟୁ ଘଟିଛି। ନୀରଜ ସ୍ତ୍ରୀଙ୍କ ସହ ଲଣ୍ଡନକୁ ଛୁଟି କଟାଇବା ପାଇଁ ଯାଉଥିଲେ। ନୀରଜ ବରୋଦାସ୍ଥିତ ଏକ ଆଇଟି କମ୍ପାନୀରେ ମ୍ୟାନେଜର ଭାବେ କାର୍ଯ୍ୟରତ ଥିଲେ। ଇନ୍ଦୋରର ହର୍‌ପ୍ରୀତ କୌର୍ ହୋରା ନାମ୍ନୀ ଜଣେ ମହିଳା ଲଣ୍ଡନରେ ନିଜ ସ୍ୱାମୀଙ୍କ ଜନ୍ମଦିନ ପାଳିବାକୁ ଯାଉଥିଲେ। ତାଙ୍କର ଏହି ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେହିପରି ଗୁଜରାଟର ହିମତନଗର ନିବାସୀ ପାୟଲ ଖାଟିକ୍ ଏକ ପ୍ରାଇଭେଟ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ସେ କମ୍ପାନୀ କାର୍ଯ୍ୟରେ ପ୍ରଥମ ଥର ପାଇଁ ବିମାନରେ ଯାତାୟାତ କରୁଥିଲେ। ତାଙ୍କର ମୃତ୍ୟୁ ଘଟିଛି। ଲଣ୍ଡନରେ କାର୍ଯ୍ୟରତ ଭାବିକ ମାହେଶ୍ୱରୀ ନିଜ ବିବାହ ପାଇଁ ୨ ସପ୍ତାହ ତଳେ ଭାରତ ଆସିଥିଲେ। ବିବାହ କରିସାରିବା ପରେ ଲଣ୍ଡନ ଯାଉଥିବା ବେଳେ ସେ ପ୍ରାଣ ହରାଇଛନ୍ତି। ତେବେ ଆଉ କିଛିଦିନ ପରେ ଲଣ୍ଡନ ଯିବାର କାର୍ଯ୍ୟକ୍ରମ ଥିବାରୁ ଭାବିକଙ୍କ ସ୍ତ୍ରୀ ଏହି ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି।


ହାର୍ଦ୍ଦିକ ଭାଇ ଅଭୟ ଏବଂ ତାଙ୍କ ସ୍ତ୍ରୀ ବିଭୂତି ବେନ୍।


ନୀରଜ ଲାଭାନିଆ ଓ ତାଙ୍କ ସ୍ତ୍ରୀ।

# ସ୍ତ୍ରୀଙ୍କ ଅସ୍ଥି ବିସର୍ଜନ ପାଇଁ ଆସି ପ୍ରାଣ ହରାଇଲେ


ସ୍ତ୍ରୀ ଭାରତୀ ବେନ୍‌ଙ୍କ ସହ ଅର୍ଜ୍ଜୁନ ମନୁଭାଇ ପଟୋଲିଆ।(ଫାଇଲ୍ ଫଟୋ)

ଅହମଦାବାଦ, ୧୩।୬

ଅହମଦାବାଦ୍ ବିମାନ ଦୁର୍ଘଟଣାରେ ଲଣ୍ଡନ ନିବାସୀ ଭାରତୀୟ ବଂଶୋଦ୍ଭବ ଅର୍ଜ୍ଜୁନ ମନୁଭାଇ ପଟୋଲିଆ(୩୬) ପ୍ରାଣ ହରାଇଛନ୍ତି। ସେ ତାଙ୍କ ସ୍ତ୍ରୀ ଭାରତୀବେନ୍ ଏବଂ ୪ ଓ ୮ ବର୍ଷର ୨ ଝିଅଙ୍କ ସହ ଲଣ୍ଡନରେ ବସବାସ କରୁଥିଲେ। କିଛି ସପ୍ତାହ ତଳେ ଭାରତୀବେନ୍‌ଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ଗୁଜରାଟର ନିଜ ପୈତୃକ ଗ୍ରାମରେ ଅସ୍ଥି ବିସର୍ଜନ କରିବା ପାଇଁ ସେ ସ୍ୱାମୀଙ୍କୁ ଅନୁରୋଧ କରିଥିଲେ। ସ୍ତ୍ରୀଙ୍କ ଇଚ୍ଛା ପୂରଣ ପାଇଁ ଅର୍ଜ୍ଜୁନ ଗତ ସପ୍ତାହରେ ଅମରେଲି ଜିଲାରେ ଥିବା ଭାରତୀବେନ୍‌ଙ୍କ ପୈତୃକ ଗ୍ରାମ ଭାଡିଆକୁ ଆସି ନର୍ମଦା ନଦୀରେ ଅସ୍ଥି ବିସର୍ଜନ କରିଥିଲେ। ସପ୍ତାହେ ଧରି ଭାରତରେ ରହିବା ପରେ ସେ ଗୁରୁବାର ଲଣ୍ଡନରେ ଥିବା ନିଜ ୨ ଝିଅଙ୍କ ନିକଟକୁ ଫେରୁଥିଲେ।

# ଥାଇଲାଣ୍ଡରେ ଏୟାର ଇଣ୍ଡିଆ ବିମାନର ଏମର୍ଜେନ୍ସି ଲ୍ୟାଣ୍ଡିଂ

ଫୁକେଟ, ୧୩।୬

ଥାଇଲାଣ୍ଡର ଫୁକେଟରୁ ଶୁକ୍ରବାର ନୂଆଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ବିମାନ ଏଆଇ-୩୭୯କୁ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଥିଲା। ଫଳରେ ବିମାନଟି ଫୁକେଟ ଫେରି ଜରୁରୀ ଅବତରଣ କରିଥିଲା। ୧୫୬ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବିମାନରୁ ବାହାର କରାଯାଇଥିଲା। ବିମାନର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲେ ମଧ୍ୟ ସେଠାରୁ କୌଣସି ବୋମା ମିଳି ନ ଥିଲା। ତେଣୁ ଏହି ବୋମା ଧମକ ଏକ ଗୁଜବ ହୋଇଥିବା ଫୁକେଟ ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି।

DSPL - 116

ବିଶ୍ୱ ରକ୍ତଦାତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଜୁନ ୧୪ ତାରିଖରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ଅନୁଚିନ୍ତା ହେଉଛି ରକ୍ତଦାନ କରିବା, ନୂଆ ଆଶା ଭରିବା, ସମ୍ମିଳିତ ପ୍ରୟାସରେ ପ୍ରାଣରକ୍ଷା କରିବା ।
ରକ୍ତଦାନ ଏକ ମହତ ଦାନ । ରକ୍ତର କୌଣସି ବିକଳ୍ପ ନାହିଁ । ଏହା କେବଳ ଜଣେ ସ୍ୱେଚ୍ଛାକୃତ ରକ୍ତଦାତାଠାରୁ ମିଳିଥାଏ, ଯାହା ଆଉ ଜଣଙ୍କର ମୂଲ୍ୟବାନ ଜୀବନ ରକ୍ଷା କରିପାରିଥାଏ ।

ଆସନ୍ତୁ, ରକ୍ତଦାନ କରି ସୁସ୍ଥ ସମାଜ ଗଠନରେ ସହାୟକ ହେବା । ରକ୍ତର ଅଭାବ ପାଇଁ ଅକାଳରେ ଝରି ପଡୁଥିବା ବହୁମୂଲ୍ୟ ଜୀବନ ରକ୍ଷା କରିବା । ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର କୃତଜ୍ଞତା ଜଣାଉଛି ।

ଆସନ୍ତୁ, ଆଜିର ଦିନରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ରକ୍ତର ଆବଶ୍ୟକତାକୁ ପୂରଣ କରିବା ପାଇଁ ଶପଥ ନେବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବାର୍ତ୍ତା



ଜୁନ ୧୪ ବିଶ୍ୱ ରକ୍ତଦାତା ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଚଳିତ ବର୍ଷର ଅନୁଚିନ୍ତା ରକ୍ତଦାନ କରିବା, ନୂଆ ଆଶା ଭରିବା, ସମ୍ମିଳିତ ପ୍ରୟାସରେ ପ୍ରାଣରକ୍ଷା କରିବା ।

ଆମ ରାଜ୍ୟରେ ବର୍ଷକୁ ହାରାହାରି ୫ ଲକ୍ଷ ୟୁନିଟ ରକ୍ତର ଆବଶ୍ୟକତା ପଡ଼ିଥାଏ । ଏହି ଆବଶ୍ୟକତା ପୂରଣ କରିବା ପାଇଁ ଆମେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ପାଇଁ ଆଗେଇ ଆସିବା ଉଚିତ । ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅନ୍ୟର ବହୁମୂଲ୍ୟ ଜୀବନ ବଞ୍ଚାଇବାର ସହାୟକ ହେବା ।

ରକ୍ତଦାନ ଜୀବନ ଦାନ-ଆସନ୍ତୁ ଆଜିର ଦିବସରେ ଆମେ ଶପଥ ନେବା ରାଜ୍ୟରେ ରକ୍ତଦାନର ଆବଶ୍ୟକତାକୁ ଅନୁଭବ କରି ନିୟମିତ ଭାବେ ରକ୍ତଦାନ କରିବା ସହିତ ସାଙ୍ଗ, ସାଥି, ବନ୍ଧୁବାନ୍ଧବ, ସହକର୍ମୀ ତଥା ଜନସାଧାରଣଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ପାଇଁ ସଚେତନ କରିବା ।

(ଡଃ. ମୁକେଶ ମହାଲିଙ୍ଗ)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ବୈଦ୍ୟୁତିକ ଅଣୁ ବିଜ୍ଞାନ ତଥା ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ

OIPR-10234/13/0002/2526

# ଧରିତ୍ରୀ
DHARITRI

ଧରିତ୍ରୀ 51 Years




# ଇସ୍ରାଏଲ୍-ଇରାନ ସଂଘର୍ଷ

## ଇରାନର ଆଣବିକ ସ୍ଥଳକୁ ଇସ୍ରାଏଲ୍‌ର ଟାର୍ଗେଟ

## ଜବାବରେ ୧୦୦ ବାଲିଷ୍ଟିକ୍ ମିଶାଇଲ ମାଡ଼ କଲା ତେହେରାନ୍

### ସେନା ମୁଖ୍ୟ, ଶୀର୍ଷ କମାଣ୍ଡରଙ୍କ ସମେତ ୨ ବୈଜ୍ଞାନିକ ନିହତ

ଇରାନର ଅଣୁଅସ୍ତ୍ର କାର୍ଯ୍ୟକ୍ରମରେ ନିଜକୁ ଅସୁରକ୍ଷିତ ମନେକରୁଥିବା ଇସ୍ରାଏଲ ଯୁଦ୍ଧମୁହାଁ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଇରାନର ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ୍ ଅପରେଶନ 'ରାଇଜିଂ ଲାୟନ' ଚଳାଇ ଜୋରଦାର ଆକ୍ରମଣ କରିଛି। ଏଥିରେ ତେହେରାନର ପରମାଣୁ କେନ୍ଦ୍ରର ବିକିରଣ ସ୍ତର ବୃଦ୍ଧି ପାଇ ନ ଥିଲେ ମଧ ବ୍ୟାପକ କ୍ଷତି ଘଟିଛି। ଇରାନର ସେନା ମୁଖ୍ୟ ଓସେଇନି ସଲାମିଙ୍କ ସମେତ ୩ ଶୀର୍ଷ ସେନା ଅଧିକାରୀ ଏବଂ ୨ ଆଣବିକ ବୈଜ୍ଞାନିକ ପ୍ରାଣ ହରାଇଥିବା କୁହାଯାଇଛି। ଇସ୍ରାଏଲର ଏହି ଦୁଃସାହସ ପରେ ପ୍ରତିଶୋଧ ପରାୟଣ ହୋଇ ଇରାନ ଶୁକ୍ରବାର ପାଲଟା ଆକ୍ରମଣ କରିଛି। ପ୍ରଥମେ ଇସ୍ରାଏଲ ଉପରକୁ ୧୦୦ରୁ ଊର୍ଦ୍ଧ୍ୱ ଡ୍ରୋନ୍ ପରେ ବିଳମ୍ବିତ ରାତି ଶତାଧିକ ବାଲିଷ୍ଟିକ୍ ମିଶାଇଲ ମାଡ଼ କରାଯାଇଛି। ମଧ୍ୟପ୍ରାଚ୍ୟର ଏହି ଦୁଇ ରାଷ୍ଟ୍ର ମଧରେ ଯୁଦ୍ଧ ସ୍ଥିତି ଉପୁଜିଥିବାରୁ ଏହା ବିଶ୍ୱ ଅର୍ଥନୀତି ଉପରେ ପ୍ରଭାବ ପକାଇବା ଆଶଙ୍କା ସୃଷ୍ଟି କରିଛି। ବିଶେଷକରି ଅନ୍ତର୍ଜାତୀୟ ବଜାରରେ ତୈଳ ସଙ୍କଟ ସୃଷ୍ଟି ହେବା ଆଶଙ୍କା କରାଯାଉଛି ।


ହୋସେଇନ୍ ସଲାମି


ମହମ୍ମଦ ବଘେରି

**ତେହରାନ/ତେଲ୍ ଆଭିଭ୍, ୧୩।୬**

ଇସ୍ରାଏଲୀ ସେନା ଗୁରୁବାର ବିଳମ୍ବିତ ରାତିରେ ଇରାନ ରାଜଧାନୀ ସମେତ ବିଭିନ୍ନ ସ୍ଥାନରେ ପ୍ରଚଣ୍ଡ ଆକ୍ରମଣ କରିଥିବାବେଳେ ଏହାର ୨୪ ଘଣ୍ଟା ନ ପୂରୁଣୁ ଶୁକ୍ରବାର ରାତିରେ ତେହେରାନ୍ ପ୍ରତିଶୋଧ ନେଇଛି। ଇସ୍ରାଏଲୀ ସେନାର ୨୦୦ ଯୁଦ୍ଧବିମାନ ଇରାନର ଆଣବିକ ସ୍ଥଳ ଏବଂ ମିଶାଇଲ୍ ଫ୍ୟାକ୍ଟ୍ରି ସମେତ ଶତାଧିକ ସ୍ଥାନକୁ ଟାର୍ଗେଟ କରିଥିଲା। 'ଅପରେଶନ ରାଇଜିଂ ଲାୟନ' ନାମରେ ଏହି ଆକ୍ରମଣରେ ଇରାନ ରିଭଲ୍ୟୁଶନାରି ଗାର୍ଡସ୍‌ର ସୁପ୍ରିମ କମାଣ୍ଡର (ସେନାମୁଖ୍ୟ) ହୋସେଇନ୍ ସଲାମି, ସଶସ୍ତ୍ର ବଳର ଚିଫ୍ ଅଫ୍ ଷ୍ଟାଫ୍ ଜେନେରାଲ ମହମ୍ମଦ ବଘେରି, ବରିଷ୍ଠ ଅଧିକାରୀ ଘୋଲାମାଲି ରଶିଦ ଓ ଆଣବିକ ବୈଜ୍ଞାନିକ ଫେରେୟଦୋଉନ୍ ଅଢାସି ଏବଂ ମହମ୍ମଦ- ମହଦି ଟରାଞ୍ଚି ନିହତ ହୋଇଥିଲେ। ଶୀର୍ଷ ସେନା ଅଫିସରଙ୍କ ମୃତ୍ୟୁ ଇରାନ ପାଇଁ ଶକ୍ତ ଝଟକା ଥିଲା। ଏହାର ପ୍ରତିଶୋଧ ନିଆଯିବା ବୋଲି ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ଧମକ ଦେଇଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ତେହେରାନ 'ଅପରେଶନ ଟ୍ରୁ ପ୍ରୋମିଜ୍' ନାମରେ ଇସ୍ରାଏଲ୍ ଉପରେ ପ୍ରବଳ ବାଲିଷ୍ଟିକ୍ ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଛି। ଇସ୍ରାଏଲ୍‌ରେ ଏୟାର ରେଡ୍ ସାଇରନ ବାଜିବା ସହ ଇରାନର ଅଧିକାଂଶ କ୍ଷେପଣାସ୍ତ୍ରକୁ ପ୍ରତିହତ କରାଯାଇଛି।

ଇସ୍ରାଏଲ୍ ପୁନର୍ବାର ଇରାନ ଉପରେ ମିଶାଇଲ୍ ଆକ୍ରମଣ କରିଛି। ଏଥିରେ ଇସ୍‌ଫାହାନସ୍ଥିତ ଗୁରୁତ୍ୱପୂର୍ଣ୍ଣ ଆଣବିକ କେନ୍ଦ୍ରକୁ ଟାର୍ଗେଟ କରାଯାଇଥିବା କୁହାଯାଉଛି। ଏହି ଆକ୍ରମଣ ଫଳରେ ମଧ୍ୟପ୍ରାଚ୍ୟର ଦୁଇ ବିରୋଧୀ ରାଷ୍ଟ୍ର ମଧରେ ଜୋର୍‌ଦାର ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି।

ଇରାନ ଏହାର ସାମରିକ କାର୍ଯ୍ୟକ୍ରମ ଦ୍ରୁତ ବେଗରେ ଆଗେଇ ନେଉଥିବାରୁ ଏହାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଇସ୍ରାଏଲ ଏହାର ନାଟାଞ୍ଜସ୍ଥିତ ମୁଖ୍ୟ ଆଣବିକ ସ୍ଥଳ ସମେତ ଅନେକ ସ୍ଥାନକୁ ଟାର୍ଗେଟ କରି ଆକ୍ରମଣ କରିବା ସହ ପଶ୍ଚିମ ଇରାନରେ ଥିବା କେତେକ ରାଡାର କେନ୍ଦ୍ର ଓ ମିଶାଇଲ୍ ଲଞ୍ଚରଗୁଡ଼ିକୁ ଧ୍ୱଂସ କରିଥିଲା। ଇରାନର ସଶସ୍ତ୍ର ବଳ ଏହାର ପ୍ରତିଶୋଧ ନେବ ବୋଲି ଖାମନେଇ ଏକ ଟେଲିଭିଜନ ଭାଷଣରେ ପ୍ରତିଜ୍ଞା କରିଥିଲେ। ଇସ୍ରାଏଲ୍ ଆକ୍ରମଣର ପରିଣାମରେ ସେହି ଦେଶ ଧ୍ୱଂସ ହୋଇଯିବ ବୋଲି ଇରାନର ସୁପ୍ରିମ ଲିଡର କହିଥିଲେ। ତେହେରାନ୍ ବହୁସଂଖ୍ୟାରେ ମିଶାଇଲ୍ ମାଡ଼ କରିଥିବା ଇସ୍ରାଏଲୀ ସେନା ସ୍ପଷ୍ଟ କରିଛି। ଜେରୁଜେଲମ୍ ଏବଂ ତେଲ୍ ଆଭିଭ୍ ସମେତ ବିଭିନ୍ନ ସହରରେ ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା। ତେବେ ଇରାନ୍‌ର ଅଧିକାଂଶ କ୍ଷେପଣାସ୍ତ୍ରକୁ ଆକାଶ ମାର୍ଗରେ ପ୍ରତିହତ କରାଯାଇଥିବା ଇସ୍ରାଏଲ ଡିଫେନ୍ସ ଫୋର୍ସ କହିଛି। ଆକ୍ରମଣ ଜାରି ରହିଥିବାରୁ ନାଗରିକମାନଙ୍କୁ ଘରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଇସ୍ରାଏଲ୍‌ର ଅନେକ ଡଜନ ସାମରିକ ସ୍ଥଳକୁ ଟାର୍ଗେଟ କରି ଜବାବୀ ଆକ୍ରମଣ କରାଯାଇଥିବା ଇରାନର ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍ ପକ୍ଷରୁ କୁହାଯାଇଛି। ଏହା ବ୍ୟତୀତ ଇସ୍ରାଏଲ୍‌ର ୨ଟି ଯୁଦ୍ଧବିମାନକୁ ଖସାଇ ଦେଇଥିବା ସେମାନେ ଦାବି କରିଛନ୍ତି।

ଇରାନର ଆଣବିକ ସମୃଦ୍ଧ କାର୍ଯ୍ୟକ୍ରମକୁ ନେଇ ଚୁକ୍ତିନାମା ନିମନ୍ତେ ଆମେରିକା ସହ ବୁଝାମଣା ଚାଲିଥିବାବେଳେ ଇସ୍ରାଏଲ୍‌କୁ ଆକ୍ରମଣ ନ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସତର୍କ କରାଇଥିଲେ। ଇସ୍ରାଏଲ୍‌ର ଆକ୍ରମଣ ପରେ ଶୁକ୍ରବାର ଟ୍ରମ୍ପ୍ ଇରାନକୁ ଚୁକ୍ତି ସ୍ୱାକ୍ଷର କରିବାକୁ ପୁଣିଥରେ ଚାପ ପକାଇବା ସହ ଚୁକ୍ତି ସ୍ୱାକ୍ଷର ନ କଲେ ଅଧିକ ନରସଂହାର ଓ ଧ୍ୱଂସଲୀଳା ଚାଲିବ ବୋଲି ଚେତାବନୀ ଦେଇଛନ୍ତି। ଇରାନର ସମ୍ଭାବ୍ୟ ପ୍ରତିଆକ୍ରମଣକୁ ଦୃଷ୍ଟିରେ ରଖି ଇସ୍ରାଏଲ୍‌ରେ ଥିବା ଭାରତୀୟମାନଙ୍କୁ ସତର୍କ ରହିବାକୁ ଏବଂ ଅଯଥା ଭ୍ରମଣ ନ କରିବାକୁ ଦୂତାବାସ ପକ୍ଷରୁ ସତର୍କ କରାଯାଇଥିଲା। ଉତ୍ତେଜନା ସ୍ଥିତି ଲାଗିରହିଥିବାରୁ ଭାରତୀୟମାନେ ସେଠାରେ ସତର୍କ ରହିବା ସହ ସୁରକ୍ଷା ପ୍ରୋଟୋକଲ୍ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।




## ବିମାନ ଦୁର୍ଘଟଣାର ତଦନ୍ତ ଆରମ୍ଭ କଲା ଏନ୍‌ଆଇଏ

**ନୂଆଦିଲ୍ଲୀ, ୧୩।୬**



ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୪୧ ଜଣ ଯାତ୍ରୀ ଓ କ୍ରିଉ ସଦସ୍ୟଙ୍କ ମୃତ୍ୟୁ ଘଟିଥିବାବେଳେ ଏକାଧିକ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏହାର ତଦନ୍ତ କରିବାକୁ ଯାଉଛନ୍ତି। ଶୁକ୍ରବାର ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ଏବଂ ଅନ୍ୟ କେନ୍ଦ୍ରୀୟ ସଂସ୍ଥାର ଅଧିକାରୀମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଅହମଦାବାଦରୁ ଲଣ୍ଡନ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନରେ ୨୩୦ ଯାତ୍ରୀ ଓ ୧୨ କ୍ରିଉ ସଦସ୍ୟ ଥିଲେ। ଅହମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗୁରୁବାର ଅପରାହ୍ନରେ ଏହା ଉଡ଼ାଣ ଆରମ୍ଭ କରିବାର କିଛି ମୁହୂର୍ତ୍ତ ପରେ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ମେଡିକାଲ କଲେଜ ହଷ୍ଟେଲ ବିଲ୍ଡିଂକୁ ଧକ୍କା ଦେଇଥିଲା। ବିମାନର ଏକମାତ୍ର ଯାତ୍ରୀ ଜୀବିତ ଥିବାବେଳେ ଅନ୍ୟ ୨୪୧ ଜଣଙ୍କ ମୃତ୍ୟୁ ଘଟିଥିବା ଏୟାର ଇଣ୍ଡିଆ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଥିବା ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି। ଏହା ବ୍ୟତୀତ କେନ୍ଦ୍ର ସରକାର ବିଭିନ୍ନ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ଦୁର୍ଘଟଣାର କାରଣ ସମ୍ପର୍କରେ ଅନୁଧ୍ୟାନ କରିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି। ବିମାନ ସେବାରେ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତରେ ଯେପରି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଲୋହାନିଙ୍କୁ ଦାୟିତ୍ୱ

# ନାରୀ ଶକ୍ତିକୁ ଶ୍ରେଷ୍ଠ ଶକ୍ତି କରିବା ଏକମାତ୍ର ଉଦ୍ଦେଶ୍ୟ: ମୁଖ୍ୟମନ୍ତ୍ରୀ


କଟକ ବାଲିଯାତ୍ରା ପଡ଼ିଆଠାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ମହିଳାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେ.ଭି. ସିଂଦେଓ ଓ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ।

**କଟକ, ୧୩।୬ (କାର୍ତ୍ତିକ ସାହୁ)**

### ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶ ଉଦ୍‌ଘାଟିତ

- ସୁଭଦ୍ରା ଯୋଜନାର ସଫଳତା ଆମ ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ
- ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉତ୍ସବ

ନାରୀଙ୍କୁ ସମ୍ମାନ ଦେବା ଆମ ରାଜନୈତିକ ପ୍ରଶିକ୍ଷଣର ପ୍ରଥମ ଶିକ୍ଷା। ଓଡ଼ିଶାର ନାରୀ ଶକ୍ତିକୁ ସବୁଠାରୁ ଶ୍ରେଷ୍ଠ ଶକ୍ତି କରି ଗଢ଼ିତୋଳିବା ସରକାରଙ୍କ ଏକମାତ୍ର ଉଦ୍ଦେଶ୍ୟ ବୋଲି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ଶୁକ୍ରବାର କଟକ ବାଲିଯାତ୍ରା ପଡ଼ିଆଠାରେ ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂରଣ ପରେ ଦ୍ୱିତୀୟ ବର୍ଷର ପ୍ରଥମ କାର୍ଯ୍ୟକ୍ରମ ହେଉଛି ନାରୀ ଶକ୍ତି ସମାବେଶ। ଐତିହାସିକ ସହର କଟକଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଓଡ଼ିଶାର ମା' ଓ ଭଉଣୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଆଣିବ ବୋଲି ମୁଁ ଦୃଢ଼ ନିଶ୍ଚିତ। ନାରୀମାନଙ୍କ ସଶକ୍ତୀକରଣ ପାଇଁ ଆମର ସବୁଠୁ ଯୁଗାନ୍ତକାରୀ ଯୋଜନା ହେଉଛି ସୁଭଦ୍ରା ଯୋଜନା। ସୁଭଦ୍ରା ଯୋଜନା ଓଡ଼ିଶା ଇତିହାସରେ ସବୁଠାରୁ ବଡ଼ ମହିଳା କଲ୍ୟାଣ କାର୍ଯ୍ୟକ୍ରମ। ଏତେ ବୃହତ ସାମାଜିକ କଲ୍ୟାଣକାରୀ ଯୋଜନା ପୂର୍ବରୁ କରାଯାଇ ନ ଥିଲା। ଆମ ସରକାର ଓଡ଼ିଶାର ପ୍ରତ୍ୟେକ ଗାଁ, ପ୍ରତ୍ୟେକ ପରିବାର ସହିତ ସଂଯୋଗ କରି ତଥ୍ୟ ସଂଗ୍ରହ କରିଛି। ବିଶେଷ କରି ମା'ମାନେ ଏତେ ସଚେତନ ନ ଥିବା ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ତଥ୍ୟ ଅଣାଯାଇ ସେମାନଙ୍କୁ ଏହି ଯୋଜନାରେ ଯୋଡ଼ାଯାଇଛି। ସୁଭଦ୍ରା ଯୋଜନାର ସଫଳତା ଆମ ବଳିଷ୍ଠ ସଂକଳ୍ପର ଏକ ପ୍ରକୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅନେକ ମା' ସୁଭଦ୍ରା ସହାୟତାକୁ ଏକାଠି କରି ବିଭିନ୍ନ ପ୍ରକାର ଅର୍ଥନୈତିକ କାରବାର, ମିଳିତ କୃଷି କାର୍ଯ୍ୟ କରି ନିଜ ପରିବାର ପାଇଁ ଭଲ ରୋଜଗାର କରୁଛନ୍ତି। ସୁଭଦ୍ରା ସହାୟତା ହେଉଛି ମା'ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାର ଏକ ଲମ୍ବା ଯାତ୍ରା। ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଜୀ 'ଲକ୍ଷପତି ଦିଦି' ଯୋଜନାର ପରିକଳ୍ପନା କରିଥିଲେ। ଏହା ଆମ ରାଜ୍ୟ ପାଇଁ, ବିଶେଷ ଭାବେ ଆମ ରାଜ୍ୟର ମା'ମାନଙ୍କ ଲାଗି ଖୁସିର ବିଷୟ ଯେ ଓଡ଼ିଶା ବର୍ତ୍ତମାନ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସମଗ୍ର ଭାରତରେ ପ୍ରଥମ ସ୍ଥାନରେ ଅଛି। ଆମେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିଛୁ।

ମୁଖ୍ୟମନ୍ତ୍ରୀ କହିଥିଲେ, ଚଳିତବର୍ଷ ରାଜ୍ୟର ସମସ୍ତ ସରକାରୀ ବିଭାଗ ମିଳିତ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୩,୬୯୫ କୋଟି ଟଙ୍କାର ବ୍ୟବସାୟିକ ସୁଯୋଗ ପ୍ରଦାନ କରିଛନ୍ତି। ୩.୦୭ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାୟ ୩୦୦ କୋଟି ଟଙ୍କାର ସୁଧ ଫେରସ୍ତ କରାଇ ସେମାନଙ୍କ ଆର୍ଥିକ ସ୍ୱପ୍ନକୁ ସାକାର କରିବାରେ ସହାୟକ ହୋଇଛୁ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ମାଧ୍ୟମରେ ମହିଳା ଓ ପିଲାମାନଙ୍କ ସୁସ୍ଥ ଭବିଷ୍ୟତ ପାଇଁ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାର ☞ପୃଷ୍ଠା-୪

# ହାତୀ ଆକ୍ରମଣରେ ୪ ମୃତ

**କେନ୍ଦୁଝର/ ବଡ଼ବିଲ/ ଯୋଡ଼ା, ୧୩।୬ (ନରେଶ ଚନ୍ଦ୍ର ପଟ୍ଟନାୟକ /ଦେବପ୍ରିୟ ରଣା/ ମାନସ ରଞ୍ଜନ ମହାନ୍ତି)**

### ବନ କର୍ମଚାରୀଙ୍କୁ ଗ୍ରାମବାସୀଙ୍କ ଆକ୍ରମଣ, ଉଦ୍ଧାର କଲା ପୋଲିସ

କେନ୍ଦୁଝର ବନଖଣ୍ଡ ଅଧୀନ ବଡ଼ବିଲ, ଜଂଘିରା ଓ ଚମ୍ପୁଆ ରେଞ୍ଜରେ ହାତୀ ଆକ୍ରମଣରେ ଦମ୍ପତିଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଜଂଘିରା ସେକ୍ସନ ଅଧୀନସ୍ଥ ବାଡୁଣିଧଡ଼ାର ରଞ୍ଜିତ ମୁଣ୍ଡା (୬୯), ବଡ଼ବିଲ ରେଞ୍ଜ୍ କେନ୍ଦୁଡ଼ିହି ଗ୍ରାମର ରିନା ମୁଣ୍ଡା(୪୦), ସନ୍ତୋଷ ମୁଣ୍ଡା (୪୫) ଓ ଚମ୍ପୁଆ ରେଞ୍ଜର ମୃତକଙ୍କ ପରିଚୟ ମିଳିପାରିନାହିଁ। ବଡ଼ବିଲ ଅଞ୍ଚଳରେ ବାରମ୍ବାର ହାତୀ ଆକ୍ରମଣ ଜନିତ ମୃତ୍ୟୁ ବଢୁଥିବାରୁ ଉତ୍ୟକ୍ତ ଲୋକେ ବନ କର୍ମଚାରୀଙ୍କୁ ଆକ୍ରମଣ କରି ମୃତଦେହ ଛାଡ଼ି ନ ଥିବା ଜଣାପଡ଼ିଛି।

ସୂଚନା ମୁତାବକ, ସଦର ରେଞ୍ଜ ଅନ୍ତର୍ଗତ ଜଂଘିରା ସେକ୍ସନ ଅଧୀନ ବୁଢ଼ାଖମଣ ଗ୍ରାମ ନିକଟରେ ରଞ୍ଜିତ ପୂର୍ବାହ୍ନ ୧୦ଟା ୩୦ରେ ଅନ୍ୟ ଗ୍ରାମବାସୀଙ୍କ ସହିତ ହାତୀପଲ ଘଉଡ଼ାଇବାକୁ ଯାଇଥିଲେ। ଏହି ସମୟରେ ସେ ଗୋଟିଏ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଧରି କଚାଡ଼ି ☞ପୃଷ୍ଠା-୪

## ଗୃହରକ୍ଷୀଙ୍କ ଦୈନିକ ଭତ୍ତା ୬୧୨ ଟଙ୍କାରୁ ବଢ଼ି ୬୨୩ ଟଙ୍କା ହେଲା

**ଭୁବନେଶ୍ୱର, ୧୩।୬ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରକ୍ଷୀମାନଙ୍କ ଡ୍ୟୁଟି କଲ୍-ଅପ୍ ଭତ୍ତା ବୃଦ୍ଧି କରିବା ପାଇଁ ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ଦୈନିକ ଡ୍ୟୁଟି କଲ୍-ଅପ୍ ଭତ୍ତା ୬୧୨ ଟଙ୍କାରୁ ୬୨୩ ଟଙ୍କାକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ଜାନୁଆରୀ ପହିଲାରୁ ଲାଗୁହେବ। ସୂଚନାଯୋଗ୍ୟ, ଗୃହରକ୍ଷୀମାନେ ସେମାନଙ୍କ ଦୈନିକ ଭତ୍ତା ୯୦୦ ଟଙ୍କା ଲେଖା କରିବା ପାଇଁ ଦାବି କରିଥିଲେ। ଏହାକୁ ନେଇ ଗୃହରକ୍ଷୀମାନଙ୍କ ମାମଲା କୋର୍ଟରେ ମଧ୍ୟ ପହଞ୍ଚିଥିଲା। କୋର୍ଟ ମଧ୍ୟ ଏହାକୁ ବୃଦ୍ଧି କରିବା ଲାଗି ଗତ ସରକାର ସମୟରେ ନିର୍ଦ୍ଦେଶ ଦେଇଥିଲା।



**ଆଜିର ମନ୍ତବ୍ୟ**

ବିଶ୍ୱର ସର୍ବବୃହତ୍ ଇନ୍ଧନ ଯୋଗାଣକାରୀ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲେ ମଧ୍ୟ ଚିନ୍ତା କରିବାର ଆବଶ୍ୟକ ନାହିଁ। ଭାରତ ପାଖରେ ପର୍ଯ୍ୟାପ୍ତ ଇନ୍ଧନ ରହିଛି।
–ହରଦୀପ୍ ସିଂ ପୁରୀ, କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ମଶାଲ ପରିବାର ପକ୍ଷରୁ ୨୫ତମ ରାଜ୍ୟସ୍ତରୀୟ ରଜ ମହୋତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ସଂଭାବନା ପକ୍ଷରୁ ରଜ ମଉଜ, ସ୍ଥାନ: ଗୀତ ଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୭ଟା ୩୦।
- ରଜ ମହୋତ୍ସବ ଅବସରରେ ଚଇତାଳି ଘୋଡ଼ାନାଚ ପରିବେଷଣ, ସ୍ଥାନ: ମା' ଉତ୍ତରମୁଖୀ ମନ୍ଦିର ପରିସର, ଭୁବନପୁର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ସତ୍ୟନଗର ପିପୁଲ୍ସ ଫୋରମ ପକ୍ଷରୁ ରଜ ମହୋତ୍ସବ-୨୦୨୫, ସ୍ଥାନ: ସତ୍ୟନଗର, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ ପାଳନ, ସ୍ଥାନ: ପାଣ୍ଡରା ଛକ ନିକଟ ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କଟକ
- ୱାଇଏମ୍‌ସିଏ ପକ୍ଷରୁ ରଜ ଉତ୍ସବ ଅବସରରେ ବିବିଧ ପ୍ରତିଯୋଗିତା, ସ୍ଥାନ: ୱାଇଏମ୍‌ସିଏ ପରିସର, ପୁରୁଣା ସଚିବାଳୟ ମାର୍ଗ, ସମୟ: ସକାଳ ୮ଟା।
- ପଞ୍ଚାୟତସ୍ତରୀୟ ବିକାଶ ବାହାନ ଯାତ୍ରା ଶୁଭାରମ୍ଭ, ସ୍ଥାନ: ବଡ଼ମ୍ବା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଅଭିପ୍ସା ପକ୍ଷରୁ ରଜ ଉତ୍ସବ, ସ୍ଥାନ: ଗନ୍ଧେ ଭବନ, ବାଖରାବାଦ, ସମୟ: ଅପରାହ୍ନ ୫ଟା।
- ସୁର ମନ୍ଦିର ପକ୍ଷରୁ ୨୭ତମ ରଜ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ସାରସ୍ୱତ ସାଧକ ତଥା ରାଜନୀତିଜ୍ଞ ଅନ୍ନଦା ପ୍ରସାଦ ରାୟଙ୍କ ସ୍ମୃତିସଭା, ସ୍ଥାନ: ରାମକୃଷ୍ଣ କୁଟୀର, ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୬ଟା ୩୦।
- ଗୋପମଥୁରା ରଜ ମହୋତ୍ସବ -୨୦୨୫ ଉଦ୍‌ଘାଟନ, ସ୍ଥାନ: ଗୋପମଥୁରା ଖେଳପଡ଼ିଆ, ସମୟ: ରାତି ୮ଟା।

## ଖୋର୍ଦ୍ଧା
- ସ୍ୱେଚ୍ଛାକୃତ ରକ୍ତଦାତା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ବିକାଶ ମେଳା ତୃତୀୟ ଦିବସ, ସ୍ଥାନ: ହାବେଳି ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ବିଶ୍ୱ ରକ୍ତଦାତା ଦିବସ ପାଳନ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଶିକ୍ଷକ ଭବନ, ଜାନୁଗଞ୍ଜ ଗୋଲେଇ, ରେମୁଣା,ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ବିକାଶ ମେଳାର ତୃତୀୟ ଦିବସ,ସ୍ଥାନ:ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର,ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- ରଜ ମହୋତ୍ସବ-୨୦୨୫ ଉଦ୍‌ଘାଟନ, ସ୍ଥାନ: ବେତାଳିଗାଁ ବାପୁଜୀ ହାଇସ୍କୁଲ ପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବ, ସ୍ଥାନ: ନିମାପଡ଼ା କପାଳୀକ୍ଷେତ୍ର, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଶାରୀ ବଣ୍ଟନ, ସ୍ଥାନ: ସମୂହ ପ୍ରାଥମିକ ବିଦ୍ୟାଳୟ ପରିସର, ଉଦଳା ଏନ୍‌ଏସି, ସମୟ: ସକାଳ ୯ଟା
- ବିଶ୍ୱ ରକ୍ତଦାନ ଦିବସ ପାଳନ, ସ୍ଥାନ: ଉଦଳା ଉପଖଣ୍ଡ ଡାକ୍ତରଖାନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଡିଆର୍‌କେ କ୍ଲବ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ରେଡକ୍ରସ ଦୃଷ୍ଟିହୀନ ବିଦ୍ୟାଳୟ ପକ୍ଷରୁ ରଜୋତ୍ସବ, ସ୍ଥାନ: ଆମ୍ବପୁଆ,ସମୟ: ସକାଳ ୮ଟା ୩୦।
- ବିକାଶ ମେଳା ଓ ପଲ୍ଲୀଶ୍ରୀ ମେଳା,ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ବାଣିଜ୍ୟିକ ମେଳା,ସ୍ଥାନ: ୟୁସିପି ଇଂଜିନିୟରିଂ ସ୍କୁଲ ଖେଳପଡିଆ,ସମୟ: ଅପରାହ୍ନ ୨ଟା ୩୦।
- ଦେବରାଜ ସାହିତ୍ୟ ଅନୁଷ୍ଠାନ ଓ ଲେଖିକା ସାହିତ୍ୟ ସଂସଦ ପକ୍ଷରୁ ମାସିକ କବିତା ଆସର,ସ୍ଥାନ: ଗଞ୍ଜାମ କଳା ପରିଷଦ,ସମୟ: ଅପରାହ୍ନ ୪ଟା।
- ପଞ୍ଚମ ବେଦ ଉତ୍ସବ,ସ୍ଥାନ: ଗଞ୍ଜାମ କଳା ପରିଷଦ,ସମୟ: ଅପରାହ୍ନ ୫ଟା।

## କନ୍ଧମାଳ
- ବିଶ୍ୱ ରକ୍ତଦାତା ଦିବସ ପାଳନ, ସ୍ଥାନ: ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ ଚକ୍ଷୁ ବିଭାଗ ପରିସର,ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି
- ବିକଶିତ ଜିଲା ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ କାର୍ମଶାଳା, ସ୍ଥାନ: ଗ୍ରାମଣୀ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର, ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ
- ବିପର୍ଯ୍ୟୟ ପରିଚାଳନା ସାମଗ୍ରୀ ପ୍ରଦର୍ଶନ, ସ୍ଥାନ: ଜିଲା ଅଗ୍ନିଶମ ସେବା କେନ୍ଦ୍ର, ସମୟ: ସକାଳ ୮ଟା ୪୫।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ରଜ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ ସମୟ: ସକାଳ ୮ ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ସଚେତନତା ରଥ ଭ୍ରମଣ କାର୍ଯ୍ୟକ୍ରମ, ସ୍ଥାନ: ହରିବୋଲିଆ ମଠ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ହୋଟେଲ ଏମ୍ପାୟର୍ସ ପକ୍ଷରୁ ରଜ ମହୋତ୍ସବ ଉପଲକ୍ଷେ ସ୍ୱତନ୍ତ୍ର ପିଠା ମିଠା ସମାରୋହ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ପରିସର, କଲେଜ ରୋଡ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଇସ୍କନ ରାଜନଗର ପକ୍ଷରୁ ନାମଯଜ୍ଞ, ସ୍ଥାନ: ବ୍ରାହ୍ମଣ ସାହି, ଗଜରାଜପୁର, ରାଜନଗର, ସମୟ: ସକାଳ ୯ଟା।
- ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଠାକୁରହାଟ, ଡେରାବିଶ, ସମୟ: ସକାଳ ୯ଟା।
- ରଜ ମହୋତ୍ସବ, ସ୍ଥାନ: ବଗଡ଼ା, କେନ୍ଦ୍ରାପଡ଼ା ସମୟ: ଅପରାହ୍ନ ୩ଟା।
- ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ମାଉସୀ ମା' ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

## ଯାଜପୁର
- ମା' ମଙ୍ଗଳା ଷ୍ଟାର୍ କ୍ଲବ ପକ୍ଷରୁ ରଜ ମହୋତ୍ସବ ଉପଲକ୍ଷେ ପ୍ରତିଯୋଗିତା, ସ୍ଥାନ: କଦମପାଳ ହାଇସ୍କୁଲ ପାଖ ଦୋଳି ପଡ଼ିଆ, ସମୟ: ସକାଳ ୮ଟା।
- ଗୁରୁଚରଣ ସ୍ମାରକୀ ଆଞ୍ଚଳିକ ରଜ ମହୋତ୍ସବ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର କଦମପାଳ ସ୍ମୃତିପୀଠ ପଡ଼ିଆ, ସମୟ: ସକାଳ ୯ଟା।
- ୭୦ତମ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତା, ସ୍ଥାନ:ରସୁଲପୁର ବ୍ଲକ ଖଣ୍ଡିତର କବାଡି ଷ୍ଟାଡିୟମ, ସମୟ: ସକାଳ ୯ଟା।

## ନୟାଗଡ଼
- ବିଶ୍ୱ ରକ୍ତଦାତା ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୟାଗଡ଼, ସମୟ: ସକାଳ ୮ଟା।
- ରଜ ମହୋତ୍ସବ କମିଟି ଓ ନୟାଗଡ଼ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ରଜ ମହୋତ୍ସବ, ସ୍ଥାନ: ନୟାଗଡ଼ ସହର ରାଜବଗିଚା କଲ୍ୟାଣ ମଣ୍ଡପ ସମ୍ମୁଖ ରଜ ମହୋତ୍ସବ ପଡ଼ିଆ, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞରେ ଜଳଯାତ୍ରା ଓ ନାମ ସଂକୀର୍ତ୍ତନ, ସ୍ଥାନ: ନୟାଗଡ଼ ବ୍ଲକ କଳାହାଣ୍ଡି ମୌଜାର ମା' ବୀରଚଣ୍ଡି ଠାକୁରାଣୀ ପୀଠ, ସମୟ: ସକାଳ ୧୦ଟା।
- ରଜ ମହୋତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ଇଟାମାଟି ତନ୍ତିସାହି, ସମୟ: ଅପରାହ୍ନ ୩ଟା।
- ବେଣାଗାଡିଆ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ଉପ୍ରା ସ୍କୁଲ ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ରଜ ମହୋତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ମନୋରଞ୍ଜନ କେନ୍ଦ୍ର, ଜେକେପୁର, ସମୟ: ଅପରାହ୍ନ ୩ଟା ।
- ସଂସ୍କୃତି ମହିଳା ଅନୁଷ୍ଠାନ ପକ୍ଷରୁ ରଜ ପାଇଁ ଖେଳ ପ୍ରତିଯୋଗିତା, ସ୍ଥାନ: ସଂସ୍କୃତି ଭବନ, ରାୟଗଡା, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର
- ମାଆ କେ ନାମ ଏକ ପେଡ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ତାରଗାଁ, ସମୟ: ସକାଳ ୮ଟା।
- ଅୟୁଷ୍ମାନ କାର୍ଡ ପ୍ରଦାନ, ସ୍ଥାନ: ଆଖଣ୍ଡଳମଣି ମନ୍ଦିର, ସମୟ: ସକାଳ ୮ଟା ୪୦।
- ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ସର୍କିଟ ହାଉସ୍, ସମୟ: ସକାଳ ୯ ଟା ୨୦।
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟନ, ସ୍ଥାନ: ମଣ୍ଡେଇ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ରକ୍ତଦାତା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ପରିସର, ସମୟ ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ବିକଶିତ ଜିଲା ଓ ବିକଶିତ ଓଡିଶା ୨୦୩୬ କର୍ମଶାଳା, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ବୈଠକ ଗୃହ, ସମୟ : ଅପରାହ୍ନ ୨ଟା।

## ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସକାଳ ୬ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ମୋଟର ସାଇକେଲ ଶୋଭାଯାତ୍ରା, ସ୍ଥାନ: ବଡ଼ବଜାର ଶିତଳେଶ୍ୱର ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ଏକତା ଅନ୍ୱେଷା ଓ ଗୁଲୁଣ୍ଡା ଗ୍ରାମବାସୀ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ: ଗୁଲୁଣ୍ଡା ଗ୍ରାମ, ସମୟ: ଅପରାହ୍ନ ୫ଟା ୩୦।
- ରଜ ମଉଜ କାର୍ଯ୍ୟକ୍ରମ-୨୦୨୫, ସ୍ଥାନ: ପାଣ୍ଡ ନିବାସ, ସମୟ: ଅପରାହ୍ନ ୫ଟା ୩୦।

## ବଲାଙ୍ଗୀର
- ଜିଲାସ୍ତରୀୟ ବିକାଶ ମେଳାର ତୃତୀୟ ଦିବସ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ରଜପର୍ବ ପାଳନ ସମାରୋହ, ସ୍ଥାନ: ସିଭିଲଟାଉନଶିପ୍ ଯୋଗ ପାର୍କ, ସମୟ: ସକାଳ ୯ଟା।
- ମା' ଇନ୍ଦିରା ମହିଳା ସମିତି ପକ୍ଷରୁ ରଜ ପର୍ବ ପାଳନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୦ଟା।
- ସାଗରିକା ୱେଲଫେୟାର ପକ୍ଷରୁ ରଜ ଉତ୍ସବ, ସ୍ଥାନ: ସେକ୍ଟର-୧୫ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାତାଳି ସୋସିଓ ସ୍ପିରିଚୁଆଲ ପକ୍ଷରୁ ରଜପର୍ବ ପାଳନ, ସ୍ଥାନ: ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ରଜପର୍ବ ପାଳନ ନେଇ ଭଞ୍ଜ ଭବନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜ ଭବନ, ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ରଜପର୍ବ ପାଳନ, ସ୍ଥାନ: ମାନବ ସେବା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ଯଜ୍ଞ ଉଦ୍‌ଯାପନ ଉତ୍ସବ, ସ୍ଥାନ: ଦୁର୍ଗାପୁର ବସ୍ତି, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ନିଷ୍ଠା ପରିବାରର ପ୍ରତିଷ୍ଠା ଦିବସ,ସ୍ଥାନ:ନିଷ୍ଠା ଭବନ, ଖଣ୍ଡହଥା, ବରଗଡ଼,ସମୟ: ସକାଳ ୭ଟା
- ଜିଲାସ୍ତରୀୟ ବିକାଶ ମେଳା,ସ୍ଥାନ:ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼,ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ନିଷ୍ଠା, ଭବନ, ଖଣ୍ଡହଥା, ବରଗଡ଼, ସମୟ: ସକାଳ ୯ଟା।

## କଳାହାଣ୍ଡି
- ତୃତୀୟ ଦିନରେ ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡେରେଶନର ବୈଠକ, ସ୍ଥାନ: ଭବାନୀପାଟଣା ବ୍ଲକ ରିଷିଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବିକାଶ ମେଳାର ତୃତୀୟ ଦିବସ, ସ୍ଥାନ: କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ରଜ ପର୍ବ ଅବସରରେ କଣ୍ଢେଇ ବାହାଘର, ସ୍ଥାନ: ବାରକୋଟ ବ୍ଲକ, ଟସୁଲା ଗ୍ରାମ, ସମୟ: ଅପରାହ୍ନ ୨ଟା।
- ରଜ ପର୍ବ ଅବସରରେ କଣ୍ଢେଇ ବାହାଘର, ସ୍ଥାନ: ତିଲେଇବଣୀ ବ୍ଲକ, ମାଝିପାଳି ଗ୍ରାମ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା,ସ୍ଥାନ: ଡୁଙ୍ଗୁରିପାଲିସ୍ଥିତ ଆର୍‌ଏମ୍‌ସି କୃଷକ ଭବନ, ସମୟ: ସକାଳ ୯ଟା।
- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଶନି ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୮ଟା।
- ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

# ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି

ମନୁଷ୍ୟ ଶରୀରରେ ରକ୍ତର ଅବଶ୍ୟକତା କେତେ ରହିଛି ତାହା କହିବା ଅନାବଶ୍ୟକ। ବିଶେଷଭାବରେ ଗୁରୁତର ଦୁର୍ଘଟଣାର ଶିକାର ହୋଇଥିବା କିମ୍ବା ଅପରେଶନ ସମୟ ବ୍ୟତୀତ ଆହୁରି କେତେକ ସ୍ଥଳରେ ଆକ୍ରାନ୍ତ ବ୍ୟକ୍ତି ପାଇଁ ରକ୍ତର ଆବଶ୍ୟକତା ପଡ଼ିଥାଏ। ବ୍ଲଡ ଗ୍ରୁପ୍ ଅନୁସାରେ ଯୋଗାଡ କରାଯାଇଥିବା ରକ୍ତ ତାଙ୍କୁ ଯୋଗାଇ ଦିଆଯାଏ। ରକ୍ତଦାନ ପାଇଁ ଅନେକ ବ୍ୟକ୍ତି ସ୍ୱତଃ ଆଗେଇ ଆସିଥାଆନ୍ତି। ତେଣୁ ରକ୍ତର ମୂଲ୍ୟ କେତେ ଆମେ ତାହା ଜାଣିବା ନିହାତି ଦରକାର। ଏ ନେଇ ଜନସାଧାରଣଙ୍କୁ ସଚେତନ କରାଇବା ଲାଗି ପ୍ରତିବର୍ଷ ଜୁନ୍ ୧୪ରେ ପାଳିତ ହୋଇଥାଏ 'ବିଶ୍ୱ ରକ୍ତଦାତା ଦିବସ'। ଉକ୍ତ ଦିବସ ଅବସରରେ ସରକାରୀ ଏବଂ ବେସରକାରୀ ସ୍ତରରେ ଅନେକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ରକ୍ତ ଏବଂ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ସେଚେତନ କରାଯାଏ। ଚଳିତ ବର୍ଷ ଉକ୍ତ ଦିବସ ଲାଗି ବାର୍ତ୍ତା ରହିଛି-'ରକ୍ତ ଦାନ କର, ଆଶାର ସଞ୍ଚାର କର : ଆମେ ମିଳିତ ଭାବରେ ଜୀବନ ବଞ୍ଚାଇବା'। ୧୯୦୧ ମସିହାରେ ଡା. କାରଲ ଲ୍ୟାଣ୍ଡଷ୍ଟେନର ଗବେଷଣା କରି ମନୁଷ୍ୟ ଶରୀରରେ 'ଏ, ବି ଏବଂ ଓ' ରକ୍ତ ଗ୍ରୁପର ଆବିଷ୍କାର କରିଥିଲେ। ୧୯୦୨ ମସିହାରେ ଡା ଲ୍ୟାଣ୍ଡଷ୍ଟେନରଙ୍କର ଦୁଇ ଜଣ ଛାତ୍ର ଓ ଅଧସ୍ତନ ବୈଜ୍ଞାନିକ ଡା. ଷ୍ଟରଲି ଏବଂ ଡା. ଡିକାଷ୍ଟେଲୋ 'ଏବି' ନାମକ ଚତୁର୍ଥ ରକ୍ତ ଗ୍ରୁପର ଆବିଷ୍କାର କରିଥିଲେ। ଏଥିପାଇଁ ଡା. କାରଲ ଲ୍ୟାଣ୍ଡଷ୍ଟେନରଙ୍କୁ ୧୯୩୦ରେ ଭେଷଜ ବିଜ୍ଞାନ ଲାଗି ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ୧୮୬୫ ମସିହା ଜୁନ ୧୪ରେ ଅଷ୍ଟ୍ରିଆର ରାଜଧାନୀ ଭିଏନାଠାରେ ଜନ୍ମ ଗ୍ରହଣ କରିଥିଲେ ଏବଂ ୧୯୪୩ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା। ଡା. ଲ୍ୟାଣ୍ଡଷ୍ଟେନରଙ୍କୁ ସବୁଦିନ ମନେ ରଖିବା ପାଇଁ ତାଙ୍କର ଜନ୍ମ ଦିନକୁ ୨୦୦୪ରୁ'ବିଶ୍ୱ ରକ୍ତଦାତା ଦିବସ' ରୂପେ ପାଳନ କରାଯାଉଛି। ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା-ଏକଥା ସମସ୍ତେ ହୃଦୟଙ୍ଗମ କରିବା ଆବଶ୍ୟକ।

**ଆଜି ବିଶ୍ୱ ରକ୍ତଦାତା ଦିବସ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିନ ଯାଏ**
**କଥା ରହେ।**

ବେଳେବେଳେ କିଛି କଟୁ କଥା ବା ତିକ୍ତ କଥା ମନରେ ଗଭୀର ରେଖାପାତ ସୃଷ୍ଟି କରିଥାଏ। ଯେତେ ଚେଷ୍ଟା କଲେ ମଧ୍ୟ ମନରୁ ସେ ଛାପ ହଟିଯାଇପାରି ନ ଥାଏ। ଅପମାନର ସ୍ମୃତି ବହୁଦିନ ଧରି ମନରେ ଦାଗ ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦଳ କାଢ଼ିଲା କିଏ ?**
**କଉ ଖାଇଲା କିଏ ?**

କଷ୍ଟ ସହିବା ଲୋକର ଫଳ ପ୍ରାପ୍ତିରେ ଦାବି ନ ଥାଏ। ଅଥଚ ସୁବିଧାବାଦୀ ଲୋକ ହିଁ ଏହି ଫଳ ଅନାୟାସରେ ଭୋଗକରି ଚାଲିଥାଏ। ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ତୃତୀୟ ପୃଷ୍ଠାରୁ...

## ନାରୀ ଶକ୍ତିକୁ ଶ୍ରେଷ୍ଠ ଶକ୍ତି ...

ବ୍ୟବସ୍ଥା କରୁଛୁ। ମହିଳା ସଶକ୍ତୀକରଣରେ ଓଡ଼ିଶା ଦେଶର ଏକ ମଡେଲ ରାଜ୍ୟ ଭାବେ ଅନ୍ୟ ରାଜ୍ୟ ପାଇଁ ପ୍ରେରଣା ହେବ। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନାରୀ ଶକ୍ତିର ଅମୃତ ଚେତନାରେ ଉଦ୍ଦୀପିତ ହୋଇ ଏକ ବିକଶିତ, ସମୃଦ୍ଧ ଏବଂ ଗର୍ବିତ ଓଡ଼ିଶା ଗଢ଼ିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଲେ, ଆଜିର ଏହି ଉତ୍ସବ କେବଳ ସମ୍ମାନର ନୁହେଁ, ବରଂ ଓଡ଼ିଶାକୁ ଏକ ସମାନତା, ସମୃଦ୍ଧି ଓ ପ୍ରଗତିର ରାଜ୍ୟ ଭାବେ ଗଠନ କରିବାର ସଂକଳ୍ପ ଉତ୍ସବ। ପ୍ରତିଶ୍ରୁତି ଦେଉଛି, ସୁଭଦ୍ରା ସହାୟତା ଓ ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟଶୈଳୀକୁ ଆହୁରି ତ୍ୱରାନ୍ୱିତ କରି ଆଗାମୀ ବର୍ଷରେ ଆମେ ପ୍ରତି ପରିବାରର ଜଣେ ଲକ୍ଷପତି ଦିଦି ଓ ପ୍ରତି ପଞ୍ଚାୟତରେ ଜଣେ କରୋଡପତି ଦିଦି ସୃଷ୍ଟି କରିବୁ ବୋଲି ପରିଡ଼ା କହିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପୋଷଣ ଅଭିଯାନରେ ତୃଣମୂଳସ୍ତରରୁ ରାଜ୍ୟସ୍ତରର ବିଭିନ୍ନ ଲିଖିତ ଓ ଫଟୋଚିତ୍ର ସମ୍ବଳିତ ଏକ କଫି ଟେବୁଲ ବୁକ୍ ଉନ୍ମୋଚନ କରାଯାଇଥିଲା। ଏଥିସହ ମହିଳା ସଶକ୍ତୀକରଣ ବିଭାଗ ଦ୍ୱାରା ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳାମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଓ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଧନ୍ୟବାଦ ଦେଇଥିଲେ।

## ବିମାନ ଦୁର୍ଘଟଣାର ...

ଏଭଳି ଦୁର୍ଘଟଣାକୁ ରୋକାଯାଇପାରିବ, ସେ ନେଇ କମିଟି କାର୍ଯ୍ୟ କରିବ। ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ନେଇ ଆମେରିକାର ବିମାନ ଚଳାଚଳ ନିୟନ୍ତ୍ରକ ଫେଡେରାଲ ଆଭିଏଶନ ଆଡମିନିଷ୍ଟ୍ରେଶନ (ଏଫ୍‌ଏଏ) ନ୍ୟାଶନାଲ ଟ୍ରାନ୍ସପୋର୍ଟେଶନ ସେଫ୍ଟି ବୋର୍ଡ (ଏନ୍‌ଟିଏସ୍‌ବି) ସହ ଯୋଗାଯୋଗ କରିଛି। ତଦନ୍ତ ପାଇଁ ଏଫ୍‌ଏଏ ପ୍ରଯୁକ୍ତି ସହାୟତା ଯୋଗାଇଦେବ ବୋଲି କହିଛି। ଏଥିପାଇଁ ଏନ୍‌ଟିଏସ୍‌ବି ସହ ସମନ୍ୱୟ ରକ୍ଷା କରି ତୁରନ୍ତ ଏକ ଟିମ୍ ପଠାଇବାକୁ ଏଫ୍‌ଏଏ ସୂଚନା ଦେଇଛି।

## ହାତୀ ଆକ୍ରମଣରେ ...

ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବନ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସେହିପରି ବଡ଼ବିଲ ବନାଞ୍ଚଳ ତଥା ରୁଗୁଡ଼ି ଥାନା ଅନ୍ତର୍ଗତ କେନ୍ଦୁଡ଼ିହି ଗ୍ରାମର ରିନା ଓ ସନ୍ତୋଷ ଜଙ୍ଗଲକୁ ଶୁକ୍ରବାର ଅପରାହ୍ନରେ କାଠ ଆଣିବାକୁ ଯାଇଥିଲେ। ଜଙ୍ଗଲରେ ହାତୀ ଆକ୍ରମଣର ଶିକାର ହୋଇ ରିନାଙ୍କ ମୃତ୍ୟୁ ଘଟିଥିଲା। ରାଜୁ ଗୁରୁତର ଅବସ୍ଥାରେ ଜଙ୍ଗଲରେ ପଡ଼ିଥିଲେ। ଖବର ପାଇ ବଡ଼ବିଲ ବନ କର୍ମଚାରୀ ଆମ୍ବୁଲାନ୍ସ ନେଇ ପହଞ୍ଚିଥିଲେ। ମାତ୍ର ଉତ୍ତ୍ୟକ୍ତ ଗ୍ରାମବାସୀ ବନ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ରାଜୁଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। ଗ୍ରାମବାସୀ କ୍ଷତିପୂରଣ ଦାବି କରି ବନ କର୍ମଚାରୀଙ୍କୁ ଅଟକ ରଖିବା ସହ ମୃତଦେହ ଛାଡ଼ି ନ ଥିଲେ। ପରେ ପୋଲିସ ପହଞ୍ଚି ବନ କର୍ମଚାରୀଙ୍କୁ ଉଦ୍ଧାର କରିଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ବନାଞ୍ଚଳ ଅଧିକାରୀ ସଞ୍ଜୀବ ରାଉତଙ୍କୁ ଫୋନ କରାଯାଇଥିବା ବେଳେ ସେ ଉଠାଇ ନ ଥିଲେ। ବଡ଼ବିଲ ସବ୍‌ଡିଭିଜନାଲ ପୋଲିସ ଅଫିସର ଦେବେନ୍ଦ୍ର କୁମାର ପିଙ୍ଗୁଆ କହିଛନ୍ତି, ଗ୍ରାମବାସୀଙ୍କ କବଳରୁ ବନ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି। ତେବେ ମୃତଦ୍ୱୟ ଦମ୍ପତି ବୋଲି କୁହାଯାଉଥିବା ବେଳେ ଠିକ୍ ଭାବେ ଜଣାପଡ଼ିନାହିଁ। ସେହିପରି ଚମ୍ପୁଆ ରେଞ୍ଜ୍ ଅନ୍ତର୍ଗତ ବାମେବାରି ସେକ୍ସନ କାଳୀମାଟିଠାରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ୨୫ରେ କାଳୀମାଟି ସରକାରୀ ଓଜନ କଣ୍ଟା ନିକଟସ୍ଥ ଜଙ୍ଗଲରେ ଜଣେ ଯୁବକଙ୍କୁ ଦନ୍ତା କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ହିଁ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ସ୍ଥାନୀୟ ଅଞ୍ଚଳର ବୋଲି କୁହାଯାଉଥିଲେ ହେଁ ପରିଚୟ ମିଳିପାରିନାହିଁ। ଖବର ଲେଖାହେଲା ବେଳକୁ ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚିଥିବା ବେଳେ ଉତ୍ତ୍ୟକ୍ତ ଲୋକେ ପାଟିତୁଣ୍ଡ କରୁଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ର ନିକଟସ୍ଥ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭକରି ଉପକୃତ ହେବେ। ଅଟକି ରହିଥିବା କାର୍ଯ୍ୟ ତ୍ୱରାନ୍ୱିତ କରିବେ। ପାରିବାରିକ ସ୍ତରରେ ଭାବପ୍ରବଣତା ପରିହାର ନ କଲେ ଦୁଶ୍ଚିନ୍ତାକୁ ଆମନ୍ତ୍ରଣ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ସାଙ୍ଗକୁ ବ୍ୟବସାୟ ଓ କର୍ମକ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ିଚାଲିବ।

**ବୃଷ** ରୋହିଣୀ ନକ୍ଷତ୍ରର ପଦସ୍ଥବ୍ୟକ୍ତିଙ୍କ ସହ ସମ୍ପର୍କରେ ସମସ୍ୟା ଦେଖାଦେବ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କଳହର କାରଣ ହୋଇପାରେ। ଅତୀତରୁ ରହିଆସିଥିବା ରୋଗପୀଡ଼ା, ଶତ୍ରୁତା ଓ ଧାର କରଜ ସକାଶେ ଚିନ୍ତାକୁ ବଢ଼ାଇବ। କର୍ମ କ୍ଷେତ୍ର, ଯାନବାହନ, ଦୋକାନ ବାଡି, ସଭା ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମରୁ ଉପକୃତ ହେବେ।

**ମିଥୁନ** ପୁନର୍ବସୁ ନକ୍ଷତ୍ରର ଅର୍ଥଲାଭ, ସୁସ୍ଥ ମାନସିକତା, ବନ୍ଧୁସମ୍ପର୍କକୁ ଦୃଢ଼ୀଭୂତ କରିବ। ଆଜିର ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ଅସାବଧାନତା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। ଅଭାବ ନଥିଲେ ମଧ୍ୟ ପାରିବାରିକ କ୍ଷେତ୍ରର ସମସ୍ୟା ବିଚଳିତ କରିପାରେ। ଲକ୍ଷ୍ୟହୀନ ଯାତ୍ରାରୁ ବିରତ ରହିବା ଭଲ ହେବ।

**କର୍କଟ** ଆଜି ଅଶ୍ଳେଷା ନକ୍ଷତ୍ରର ଦୀର୍ଘଦିନର ବନ୍ଧୁ ସମ୍ପର୍କ କ୍ଷୁଣ୍ଣ ହେବାର ଆଶଙ୍କା ରହିଛି। କିନ୍ତୁ ଭୋଗବିଳାସ ସାଙ୍ଗକୁ କ୍ଷେହସନାରୀ ଜିନିଷ, ନୂତନ ବସ୍ତ୍ର ଅଳଙ୍କାରାଦି କ୍ରୟ ସକାଶେ ମନ ବଳାଇବେ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିନପାରେ। ସଚେତନତା ଅଭାବରୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**ସିଂହ** ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ସମ୍ପର୍କରେ ବ୍ୟାଘାତ ସୃଷ୍ଟି କରିବ। କୌଣସି କାମ ସକାଶେ ଆପଣଙ୍କ ଖର୍ଚ୍ଚ ପରିମାଣ ବଢ଼ିଯିବା ସାଙ୍ଗକୁ ମନରେ ଆଶଙ୍କା ଓ ଅସ୍ଥିରତା ଲାଗି ରହିପାରେ। ମଘା ନକ୍ଷତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ହେତୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**କନ୍ୟା** ଉତ୍ତରାଫାଲଗୁନୀ ନକ୍ଷତ୍ରର ପାରିବାରିକ ଜୀବନ ଓ ଲୋକସମ୍ପର୍କରେ ଶିଥିଳତା ଆଣିପାରେ। ଆଣ୍ଠୁଠାରୁ ଗୋଡ ତଳକୁ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବେ। ଅଟକି ରହିଥିବା କାମଟିକୁ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ପ୍ରଶାସନ ଓ ପ୍ରକାଶନ, ମକଦ୍ଦମାରେ ଶୁଭଫଳ ସଙ୍ଗକୁ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜିବେ।

**ତୁଳା** ଆଜି କାର୍ଯ୍ୟସିଦ୍ଧି, ଯାତ୍ରା, ପ୍ରତିଯୋଗିତା, ପାରିବାରିକ ଜୀବନ ପାଇଁ ଅସୁବିଧା ହେବନାହିଁ। ସ୍ୱାତୀନକ୍ଷତ୍ରର ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଆଧ୍ୟାତ୍ମିକ ସଭାସମିତିରେ ପ୍ରଶଂସିତ ହେବେ। ଆଶା କରିଥିବା ବନ୍ଧୁଙ୍କ ନିକଟରୁ ଧାର ସୂତ୍ରରେ ଅର୍ଥ ପାଇ କାମ ହାସଲ କରିବେ। ଗବେଷଣା, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରିବ।

**ବିଛା** ଆଜି ଅନୁରାଧା ନକ୍ଷତ୍ରର ଅପବ୍ୟୟ ସାଙ୍ଗକୁ ଦୂରଯାତ୍ରା ପାଇଁ ମାନସିକ ବ୍ୟଗ୍ରତା ସୃଷ୍ଟି କରିବ। ଦେଖି ଚାହିଁ ବୁଝିବିଚାରି କାମ ନ କଲେ ଅସୁବିଧା ଭୋଗିବେ। ଅଫିସ୍ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ତଥାପି ବୈଷୟିକ ସୁଖ, ସମୃଦ୍ଧି, ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ସାମୟିକ ମନ ପ୍ରଫୁଲ୍ଲ ରହିପାରେ।

**ଧନୁ** ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଆଜି କୌଣସି କାମ ସହଜରେ ସମ୍ପନ୍ନ ହେବନାହିଁ। ସମସ୍ୟା ସମାଧାନରେ ରାସ୍ତା ବାହାର କରିବାରେ ସମର୍ଥ ହେବେ। ଶାରୀରିକ ଅବସ୍ଥାରେ ଉନ୍ନତି ସାଙ୍ଗକୁ ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ମନୋଭାବକୁ ହଠାତ୍ ପ୍ରକାଶ କଲେ ବିବାଦ ଭିତରକୁ ଠେଲି ହୋଇଯାଇପାରନ୍ତି।

**ମକର** ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇଲେ ମଧ୍ୟ ସହଜ ଓ ସୁବିଧାଜନକ ସ୍ଥିତି ପାଇବେ ନାହିଁ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ହେତୁ ବ୍ୟସ୍ତ ରହିବେ। ଶ୍ରବଣା ନକ୍ଷତ୍ର ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ନିର୍ମାଣାଧୀନ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ। ପଡ଼ୋଶୀଙ୍କ ସହାୟତାରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** ସ୍ୱାସ୍ଥ୍ୟସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ବିବଦମାନ ସ୍ଥିତିରୁ ମୁକ୍ତି ମିଳିବ କିନ୍ତୁ ଶାନ୍ତି ଓ ସନ୍ତୋଷ ପାଇବେ ନାହିଁ। ନିର୍ମାଣାଧୀନ କାର୍ଯ୍ୟ କିମ୍ବା ନୂଆ ଯୋଜନାର ପରିକଳ୍ପନା ଉପରେ ଗୁରୁତ୍ୱ ଦେଇପାରନ୍ତି। ପ୍ରବାସୀ ବନ୍ଧୁ ନିଃସଙ୍ଗତା ବୋଧ କରିପାରନ୍ତି ଓ ଘର କଥା ମନକୁ ବାରମ୍ବାର ଆଲୋଡିତ କରିବ।

**ମୀନ** ସମସ୍ୟା ସମାଧାନର ରାସ୍ତା ପାଉ ନ ଥିବାରୁ ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ପାରିବାରିକ ସହମତିରେ କାମ କରିଚାଲିଲେ କେତେକାଂଶରେ ଉପକୃତ ହେବେ। ସଭାସମିତିରେ ସଫଳତା ହାସଲ କରିବେ ଏବଂ ଅର୍ଥସଂକଟରୁ ରକ୍ଷା ପାଇପାରିବେ। ବନ୍ଧୁଙ୍କ ମାଧ୍ୟମରେ ଅପେକ୍ଷା କରିଥିବା ଖବରଟି ପାଇବା ସମ୍ଭାବନା ରହିଛି।

ଆଜି ପହିଲି ରଜ, ଜୁନ୍ ୧୪ ତାରିଖ, ବିଶ୍ୱ ରକ୍ତଦାତା ଦିବସ, ବ୍ୟାସକବି ଫକୀରମୋହନଙ୍କ ମହାପ୍ରୟାଣ ଦିବସ, ମାସାନ୍ତ, ଆଷାଢ଼ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ, ଶନିବାର। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୮ ଗତେ ଘ. ୧୨।୧୩ ମଧ୍ୟେ, ଘ.୦୩।୦୪ ଗତେ ଘ.୦୩।୪୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୦୨ ଗତେ ଘ.୧୦।୦୮ ମଧ୍ୟେ ରାହୁ କାଳ।




# ବି.ଏଡ୍. ପ୍ରବେଶିକା ପରୀକ୍ଷାଫଳ, ୨୬ରୁ ନାମଲେଖା

**ଭୁବନେଶ୍ୱର,୧୩।୬(ସୁଚିସ୍ମିତା ସାହୁ)**

ଦୁଇବର୍ଷିଆ ବି.ଏଡ୍, ବି.ଏଚ୍.ଏଡ୍ ଓ ଏମ୍.ଏଡ୍‌ରେ ନାମଲେଖାଇବା ଲାଗି ପ୍ରବେଶିକା ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଚଳିତବର୍ଷ ଏହି ତିନି ବିଭାଗରେ ମୋଟ ୨୭୫୦ଟି ସିଟ୍ ରହିଛି। ଏଥିରେ ନାମଲେଖାଇବା ପାଇଁ ୧ଲକ୍ଷ ୨୯ ହଜାର ୭୧୨ଜଣ ଆବେଦନ କରିଥିବା ବେଳେ ୧ଲକ୍ଷ ୧୭ ହଜାର ୯୩୩ ଜଣ ପ୍ରବେଶିକା ପରୀକ୍ଷା ଦେଇଥିଲେ। ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରୀଛାତ୍ର ନାମ ଲେଖାଇବାକୁ ବିବେଚିତ ହୋଇଛନ୍ତି। ଛାତ୍ରୀଛାତ୍ରମାନେ ଜୁନ୍ ୧୩ରୁ ୧୯ ସୁଦ୍ଧା ନିଜ ପସନ୍ଦର ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନ୍‌ଲାଇନ ମାଧ୍ୟମରେ ଚୟନ କରିପାରିବେ। ୨୫ରେ ପ୍ରଥମ ପର୍ଯ୍ୟାୟରେ ଚୟନ ଛାତ୍ରୀଛାତ୍ରଙ୍କୁ ସିଟ୍ ଆଲଟ୍‌ମେଣ୍ଟ କରାଯିବ। ଜୁନ ୨୫ରୁ ଜୁଲାଇ ୧ ମଧ୍ୟରେ ଛାତ୍ରୀଛାତ୍ର ଫ୍ରିଜ୍, ସ୍ଲାଇଡ୍ ବା ଫ୍ଲୋଟ ଅପ୍‌ଶନ ଦେବା ସହ ନାମଲେଖା ଫି଼ ଜମା କରିବେ। ଫ୍ରିଜ ଅପ୍‌ସନ ଦେଇଥିବା ଛାତ୍ରୀଛାତ୍ର ଜୁନ୍ ୨୬ରୁ ଜୁଲାଇ ୧ ମଧ୍ୟରେ ଚୟନ ହୋଇଥିବା କଲେଜରେ ନାମ ଲେଖାଇବେ। କେବଳ ଛୁଟିଦିନକୁ ଛାଡ଼ି ଅନ୍ୟଦିନଗୁଡ଼ିକରେ ନାମଲେଖା କାର୍ଯ୍ୟ ଚାଲିବ। ସେହିପରି ଜୁଲାଇ ୭ରେ ଦ୍ୱିତୀୟ ପର୍ଯ୍ୟାୟରେ ଚୟନ ଛାତ୍ରୀଛାତ୍ରଙ୍କୁ ସିଟ୍ ଆଲଟମେଣ୍ଟ କରାଯିବ। ଜୁଲାଇ ୭ରୁ ୧୧ ମଧ୍ୟରେ ଛାତ୍ରୀଛାତ୍ର ଫ୍ରିଜ୍, ସ୍ଲାଇଡ୍ ବା ଫ୍ଲୋଟ୍ ଅପ୍‌ସନ ଦେବା ସହ ନାମଲେଖା ଫି଼ ଜମା କରିବେ। ଜୁଲାଇ ୮ରୁ ୧୧ ସୁଦ୍ଧା ଏହ ଛାତ୍ରୀଛାତ୍ରମାନେ ଚୟନ ହୋଇଥିବା କଲେଜରେ ନାମ ଲେଖାଇବେ। ଜୁଲାଇ ୧୭ରେ ତୃତୀୟ ପର୍ଯ୍ୟାୟରେ ଚୟନ ଛାତ୍ରୀଛାତ୍ରଙ୍କୁ ସିଟ୍ ଆଲଟ୍‌ମେଣ୍ଟ କରାଯିବ। ଜୁଲାଇ ୧୭ରୁ ୨୨ ସୁଦ୍ଧା ଛାତ୍ରୀଛାତ୍ର ଫ୍ରିଜ, ସ୍ଲାଇଡ୍ ବା ଫ୍ଲୋଟ ଅପ୍‌ଶନ ଦେବା ସହ ନାମଲେଖା ଫି଼ ଜମା କରିବେ। ଜୁଲାଇ ୧୮ରୁ ୨୨ ମଧ୍ୟରେ ଛାତ୍ରୀଛାତ୍ରମାନେ ଚୟନ ହୋଇଥିବା କଲେଜରେ ପଢ଼ିବା ପାଇଁ ନାମ ଲେଖାଇବେ। ଯେଉଁ ଛାତ୍ରୀଛାତ୍ର ଆଡ୍‌ମିଶନ କରି ନ ଥିବେ କିମ୍ବା ଚୟନ ହୋଇ ନ ଥିବେ ସେମାନେ ଜୁଲାଇ ୨୮ରୁ ୩୧ ଯାଏ ଅନ୍‌ଲାଇନ ଜରିଆରେ ୱେଟିଂ ଲିଷ୍ଟ ପାଇଁ ଆବେଦନ କରିପାରିବେ। ଅଗଷ୍ଟ ୫ରେ ୱେଟିଂ ଲିଷ୍ଟର ମେଧା ତାଲିକା ପ୍ରକାଶ ପାଇବ। ଅଗଷ୍ଟ ୬ରୁ ୭ ସୁଦ୍ଧା ଛାତ୍ରୀଛାତ୍ର ଅନ୍‌ଲାଇନରେ ନାମଲେଖା ଫି଼ ଜମା କରିବେ। ସେହିପରି ୮ରୁ ୧୧ ତାରିଖ ସୁଦ୍ଧା ଚୟନ ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରିବେ।




# ୨୦ରେ ମୋଦିଙ୍କ ଗସ୍ତ ନେଇ ଭାଜପାର ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର,୧୩।୬(ସୁନିତ୍ ମିଶ୍ର)**

■ **ବିମାନବନ୍ଦରଠାରୁ ଜନତା ମଇଦାନ ଯାଏ ମୋଦିଙ୍କ ରୋଡ୍ ଶୋ କାର୍ଯ୍ୟକ୍ରମ ରହିଛି**

■ **ଅଧିକ ସଂଖ୍ୟାରେ ଲୋକଙ୍କୁ ଆଣିବାକୁ ଜିଲାସ୍ତରରେ ହେବ ବୈଠକ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୦ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ରାଜ୍ୟରେ ଭାଜପା ସରକାରର ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ଗସ୍ତର ସଫଳ ପ୍ରଭାବ କିପରି ରହିବ ତାହାକୁ ନେଇ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦଳର ପ୍ରଭାରୀ ବିଜୟପାଲ ସିଂ ତୋମାର, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରିମଣ୍ଡଳର କେତେଜଣ ସଦସ୍ୟ, କେତେକ ବିଧାୟକ, ଦଳର ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚାର ଅଧ୍ୟକ୍ଷ, ଜିଲା ସଭାପତିମାନେ ଏଥିରେ ଯୋଗଦେଇଥିଲେ।

ବୈଠକରେ ଉପସ୍ଥିତ ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଆସନ୍ତା ୨୦ରେ ପ୍ରଧାନମନ୍ତ୍ରୀ ବିହାରରୁ ବାହାରି ଅପରାହ୍ନରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବେ। ସେଠାରେ ପ୍ରଧାନମନ୍ତ୍ରୀଙ୍କୁ ବଡ଼ ଆକାରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ବିମାନବନ୍ଦରଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ମୋଦିଙ୍କ ଏକ ରୋଡ୍ ଶୋ କାର୍ଯ୍ୟକ୍ରମ କରାଯିବ। ଜନତା ମଇଦାନଠାରେ ଆୟୋଜିତ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ କିପରି ଅଧିକ ସଂଖ୍ୟାରେ ଲୋକେ ଯୋଗଦେବେ ସେଥିଲାଗି ବୈଠକରେ ଆଲୋଚନା କରାଯାଇଛି। ବିଧାୟକଙ୍କଠାରୁ ଆରମ୍ଭକରି ଦଳୀୟ ନେତାମାନେ ନିଜ ଅଞ୍ଚଳରୁ ଲୋକମାନଙ୍କୁ ଆଣିବା ଉପରେ ଗୁରୁତ୍ୱ ଦିଆଯାଇଛି। ଅଧିକ ସଂଖ୍ୟାରେ କିପରି ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଲୋକ ଆସିବେ ସେଥିଲାଗି ବିଭିନ୍ନ ଜିଲାର ପର୍ଯ୍ୟବେକ୍ଷକମାନେ ଜିଲାସ୍ତରରେ ବୈଠକ କରି ଦାୟିତ୍ୱ ତୁଲାଇବେ। ଦଳ ଏବଂ ସରକାର ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟକ୍ରମକୁ ସଫଳ କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମ ସରିବା ପରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦରରୁ ବିଶାଖାପାଟଣା ଅଭିମୁଖେ ଯିବେ। ସେଠାରେ ସେ ରାତ୍ରିଯାପନ କରିବେ ବୋଲି ଜଣାପଡିଛି। ତେବେ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ପହଞ୍ଚିବା ପରେ ଅନ୍ୟ କିଛି କାର୍ଯ୍ୟକ୍ରମ ରହିଛି ନା ନାହିଁ ସେନେଇ ନିର୍ଦ୍ଦିଷ୍ଟ ଭାବେ କିଛି ସୂଚନା ନ ଥିବା ସେ କହିଛନ୍ତି।

## ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଦୈନିକ ଡ୍ୟୁଟି ଭତ୍ତା ବୃଦ୍ଧି

■ **ଦୈନିକ ଭତ୍ତା ୩୧ ଟଙ୍କାରୁ ବଢ଼ି ୧୫୦ ଟଙ୍କା ହେଲା**

**ଭୁବନେଶ୍ୱର,୧୩।୬(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ (ସିଭିଲ ଡିଫେନ୍ସ ଭଲେଣ୍ଟିଅର) ମାନଙ୍କ ଦୈନିକ ଭତ୍ତା ପରିମାଣ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ମାନଙ୍କ ଦୈନିକ ଡ୍ୟୁଟି ଭତ୍ତା ପରିମାଣ ୩୧ ଟଙ୍କାରୁ ୧୫୦ ଟଙ୍କାକୁ ବୃଦ୍ଧି ହୋଇଛି। ସେହିପରି ଦୈନିକ ଟ୍ରେନିଂ ଭତ୍ତା ପରିମାଣ ୨୮ ଟଙ୍କାରୁ ୧୪୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ମେ ପହିଲା ଠାରୁ ଲାଗୁ କରାଯିବ। ଓଡ଼ିଶାରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ସଂଖ୍ୟା ୭୦୦ରୁ କମ୍ ଅଛି। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ମାନଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

# ଲିଜ୍ ଜମିର କିସମ ପରିବର୍ତ୍ତନ ଦେୟ ୩%କୁ ହ୍ରାସ

**ଭୁବନେଶ୍ୱର,୧୩।୬(ସୁନିତ୍ ମିଶ୍ର)**

■ **ପୂର୍ବରୁ ବେଞ୍ଚ ମାର୍କ ଭାଲ୍ୟୁଏଶନର ୧୦% ଦେବାକୁ ପଡୁଥିଲା**

■ **ନିୟମ ଉଲ୍ଲଂଘନ କରିଥିଲେ ସୁବିଧା ମିଳିବନି**

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଯେଉଁମାନେ ଘର ନିର୍ମାଣ କରିବାକୁ ଲିଜ୍ ସୂତ୍ରରେ ଜମି ପାଇଛନ୍ତି ସେମାନଙ୍କ ପାଇଁ ଖୁସି ଖବର। ଲିଜ୍ ଜମିର ଘରବାଡ଼ି କିସମ ପରିବର୍ତ୍ତନ ପାଇଁ ପୂର୍ବରୁ ବେଞ୍ଚ ମାର୍କ ଭ୍ୟାଲୁଏଶନର ୧୦ ପ୍ରତିଶତ ଫି଼ ଦେବାକୁ ପଡୁଥିଲା। ହେଲେ ଏବେ ତାହା ୩%କୁ ହ୍ରାସ ପାଇଛି। ସରକାରୀ ଜମିକୁ ଫ୍ରି ହୋଲ୍ଡ କରିବା କ୍ଷେତ୍ରରେ ଏହି ଫି଼ ହ୍ରାସ କରାଯାଇଛି। ତେବେ ଏଥିଲାଗି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କେତେକ ସର୍ତ୍ତ ରଖାଯାଇଛି। ଏନେଇ ଶୁକ୍ରବାର ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଲିଜ୍ ହୋଲ୍ଡର କୌଣସି ବେଆଇନ କାମ ନ କରି ଯଦି ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ ଆଣିଥିବେ ତେବେ ତାଙ୍କୁ ଘରବାଡ଼ି କିସମ ପରିବର୍ତ୍ତନ ଲାଗି ୩ ପ୍ରତିଶତ ଅର୍ଥର ସୁବିଧା ମିଳିବ। ଅର୍ଥାତ୍ ଯେତିକି ଜମି ପାଇଁ ଲିଜ୍ ଦିଆଯାଇଛି, ତାରି ଭିତରେ ଯଦି ଘର ନିର୍ମାଣ ହୋଇଥିବ, କୌଣସି ଆଇନର ଉଲ୍ଲଂଘନ ହୋଇ ନ ଥିବ ଏବଂ ଦାୟିତ୍ୱରେ ଥିବା ଅଧିକାରୀ ଆପ୍ରୁଭାଲ ଦେଇଥିବେ। ଯଦି ମିଳିଥିବା ଜମିଠାରୁ ଅଧିକ ଜମି ଦଖଲକରି ଗୃହ ନିର୍ମାଣ ହେଉଥିବ ତେବେ ସରକାରଙ୍କ ଏହି ସୁବିଧା ଦିଆଯିବନାହିଁ। ଆବେଦନକାରୀ ଯେତେବେଳେ ଘରବାଡ଼ି କିସମ ପରିବର୍ତ୍ତନ ଲାଗି ଆବେଦନ କରିବେ ସେତେବେଳେ ତାଙ୍କୁ ବିଏମ୍‌ସି କିମ୍ବା ବିଡିଏ ପକ୍ଷରୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ସାର୍ଟିଫିକେଟ ଏବଂ କୌଣସି ଉଲ୍ଲଂଘନ ନ ହୋଇ ଘର ହୋଇଥିବା ସଂକ୍ରାନ୍ତ ପ୍ରମାଣପତ୍ର ଦେଖାଇବାକୁ ପଡ଼ିଛି। ଗତ ୩ ତାରିଖରେ କ୍ୟାବିନେଟ୍ ଅନୁମୋଦନ ଅନୁଯାୟୀ ଏହି ନିର୍ଦ୍ଦେଶ ଜାରି କରାଯାଇଛି।

## ବିବିଧ ପ୍ରମାଣପତ୍ର ପାଇଁ ଆଧାର ଲୋଡ଼ା

**ଭୁବନେଶ୍ୱର,୧୩।୬(ରବିନାରାୟଣ ଜେନା)**

ବିବିଧ ପ୍ରମାଣପତ୍ର ଲୋକେ କିଭଳି ସହଜରେ ପାଇପାରିବେ ତାହାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରମାଣପତ୍ର ପାଇଁ ଆବେଦନ କିମ୍ବା ପଞ୍ଜୀକରଣ ବେଳେ ଏବେ ଆଧାର ତଥ୍ୟ ଦେବାକୁ ପଡ଼ିବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଏସଂକ୍ରାନ୍ତରେ ରାଜସ୍ୱ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଜଣେ ହେଲେ ବି ଯୋଗ୍ୟ ବ୍ୟକ୍ତି ଯେଭଳି ସରକାରୀ ସହାୟତାରୁ ବଞ୍ଚିତ ନ ହେବେ ତାହା ସରକାରଙ୍କ ମୂଳ ଲକ୍ଷ୍ୟ। ଏହାକୁ ଦୃଷ୍ଟିରେ ରଖି ଆଧାର ହିଁ ସରକାରୀ ସୁବିଧାର ପରିଚୟପତ୍ର ଭାବେ ଗ୍ରହଣ କରାଯାଇଛି। ଜାତି ପ୍ରମାଣପତ୍ର, ଆୟ, ଜମି ସ୍ୱତ୍ୱାଧିକାର, ଉତ୍ତରାଧିକାରୀ ଭଳି ବିଭିନ୍ନ ପ୍ରକାର ପ୍ରମାଣପତ୍ର ପାଇବାକୁ ହେଲେ ଏଣିକି ଆଧାର ଦେବାକୁ ପଡ଼ିବ। ଯେଉଁ ବ୍ୟକ୍ତିଙ୍କର ଆଧାର ନ ଥିବ ସେ କୌଣସି ସରକାରୀ ସୁବିଧା ପାଇବା ପୂର୍ବରୁ ଆଧାର ପଞ୍ଜୀକରଣ କରିବାକୁ ହେବ। ଏଥିଲାଗି ୧୦ଟି ପ୍ରମାଣକୁ ଗ୍ରହଣ କରାଯିବ। ସେଥିମଧ୍ୟରେ ବ୍ୟାଙ୍କ ପାସ୍‌ବୁକ୍, ପାନ୍ ନମ୍ବର, ଡ୍ରାଇଭିଂ ଲାଇସେନ୍ସ, ପାସ୍‌ପୋର୍ଟ, ରାଶନକାର୍ଡ, ଭୋଟର କାର୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଡ, କିଷାନ ଫଟୋ ପାସ୍‌ବୁକ୍, ଗେଜେଟେଡ୍ ଦସ୍ତଖତ ପ୍ରମାଣପତ୍ର ପ୍ରଭୃତି ରହିଛି।

# ରଜରେ ସାରା ରାଜ୍ୟରେ ବର୍ଷା

**ଭୁବନେଶ୍ୱର,୧୩।୬(ଅନୁରାଧା ମହାରଣା)**

ରଜ ୩ ଦିନ ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ସମ୍ଭାବନା ରହିଛି। ସମସ୍ତ ୩୦ ଜିଲାର କିଛି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ସହ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୬ ତାରିଖଠାରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବା ସହ ୧୯ ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହାସହ ୧୬ ତାରିଖ ସୁଦ୍ଧା ଦିନ ତାପମାତ୍ରା ପ୍ରାୟ ୨ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ। ଶୁକ୍ରବାର ସମ୍ବଲପୁରରେ ଦିନ ତାପମାତ୍ରା ସର୍ବାଧିକ ୪୦.୪ ଡିଗ୍ରୀ ସେଲ୍‌ସିୟସ୍ ଓ ଦାରିଙ୍ଗବାଡିରେ ସର୍ବନିମ୍ନ ୧୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। କେନ୍ଦୁଝରରେ ସର୍ବାଧିକ ୧୩.୮ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ମାଲକାନଗିରିରେ ୧୨.୨, କୋରାପୁଟରେ ୯.୦, କେନ୍ଦ୍ରାପଡ଼ାରେ ୬.୦, ଭୁବନେଶ୍ୱରରେ ୧.୯ ମିମି ଓ ଜଗତ୍‌ସିଂହପୁରରେ ୧.୪ ମିମି ବର୍ଷା ହୋଇଛି।

# ଭାରତର 'ଲିଗାସି' ହ୍ୱିସ୍କିକୁ ଶୀର୍ଷ ଅନ୍ତର୍ଜାତୀୟ ସ୍ପିରିଟ୍ସ ପୁରସ୍କାର

**ଭୁବନେଶ୍ୱର,୧୩।୬**

ବାକାର୍ଡି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର 'ଲିଗାସି' ପ୍ରିମିୟମ୍ ଭାରତୀୟ ହ୍ୱିସ୍କି ବିଶ୍ୱସ୍ତରରେ ଶୀର୍ଷ ସମ୍ମାନ ହାସଲ କରିଛି। ଏହା ୨୦୨୫ ବିଶ୍ୱ ହ୍ୱିସ୍କି ପୁରସ୍କାରରେ ବ୍ଲେଣ୍ଡେଡ୍ ହ୍ୱିସ୍କି ବର୍ଗରେ ସ୍ୱର୍ଣ୍ଣପଦକ ଓ ୨୦୨୫ ଏସିଆ ସ୍ପିରିଟ୍ସ ମାଷ୍ଟର୍ସରେ ରୌପ୍ୟ ପଦକ ଜିତିଛି। ଭାରତୀୟ ଓ ସ୍କଚିସ୍ ମାଲ୍ଟ ଏବଂ ଭାରତୀୟ ଶସ୍ୟର ଏକ ଅନନ୍ୟ ମିଶ୍ରଣ 'ଲିଗାସି' ଫଳର ସୁଗନ୍ଧ, ହାଲୁକା ଧୂମ, ଟୋଷ୍ଟେଡ୍ ଓକ୍ ଏବଂ ମସଲାର ସ୍ପର୍ଶ ସହିତ ଏକ ସୁଆଦିଆ ଅନୁଭବ ଦିଏ, ଯେଉଁଥିରେ ପରିପୂର୍ଣ୍ଣତା ମିଳିପାରିଥାଏ। ଏହା ଏଭଳି ତିଆରି ହୋଇଛି ଯେ, ତାହାର ସ୍ୱାଦ ମାଧ୍ୟମରେ ଭାରତର ସଂସ୍କୃତି ଓ ଉତ୍ସାହକୁ ପ୍ରତିଫଳିତ କରିଚାଲିଛି। ଲିଗାସି ତା'ର ଆଦ୍ୟ ସମୟରୁ ଗ୍ରାହକଙ୍କ ସମର୍ଥନ ପାଇଚାଲିଛି। ସ୍ପିରିଟ୍ସଠାରୁ ଅଧିକ 'ଲିଗାସି' ହେଉଛି ସତେଯେମିତି ଭାରତୀୟ କାରୁକାର୍ଯ୍ୟର ଏକ ଉତ୍ସବ–ଏକ ସମୃଦ୍ଧ, ନିଖୁଣ ଅଭିବ୍ୟକ୍ତି ଯାହା ଆମର ଐତିହ୍ୟକୁ ଆଧୁନିକ ଶୈଳୀ ସହିତ ସଂଯୋଗ କରେ।

ଏହି ଅନ୍ତର୍ଜାତୀୟ ସମ୍ମାନ କେବଳ ହ୍ୱିସ୍କିର ଅନନ୍ୟ ସ୍ୱାଦକୁ ମାନ୍ୟତା ଦେଇନାହିଁ, ବରଂ ଲିଗାସିକୁ ପ୍ରିମିୟମ ବର୍ଗରେ ରଖିଛି। ଭାରତୀୟ ହ୍ୱିସ୍କି କ୍ଷେତ୍ରରେ ବାକାର୍ଡିର ଉପସ୍ଥିତିକୁ ଏହା ଦୃଢ଼ କରିଛି। ଲିଗାସି ୩ଟି ଆକାରରେ (୭୫୦ ମିଲିଲିଟର, ୩୭୫ ମିଲିଲିଟର ଓ ୧୮୦ ମିଲିଲିଟର) ହରିୟାଣା, ପଞ୍ଜାବ, ଉତ୍ତର ପ୍ରଦେଶ, ରାଜସ୍ଥାନ, ଝାଡ଼ଖଣ୍ଡ, ମେଘାଳୟ, ଆସାମ, ତ୍ରିପୁରା, ଅରୁଣାଚଳ ପ୍ରଦେଶ, ପଶ୍ଚିମବଙ୍ଗ, ଓଡ଼ିଶା, ମହାରାଷ୍ଟ୍ର, ତେଲଙ୍ଗାନା, କେରଳ, ପୁଡୁଚେରୀ ଏବଂ ଗୋଆରେ ଉପଲବ୍ଧ। ଲିଗାସି ମାଧ୍ୟମରେ ବାକାର୍ଡି ଭାରତକୁ ବିଶ୍ୱରେ ଏକ ପ୍ରମୁଖ ଅଗ୍ରାଧିକାର ବଜାର ଭାବେ ଗ୍ରହଣ କରିବାର ପ୍ରତିବଦ୍ଧତାକୁ ଦୋହରାଇଥାଏ।

# ପ୍ରତ୍ୟେକ ପଞ୍ଚାୟତରେ ଖୋଲିବ ଜନପୋଷଣ କେନ୍ଦ୍ର

**ଭୁବନେଶ୍ୱର,୧୩।୬(ସୁନିତ୍ ମିଶ୍ର)**

ପ୍ରତ୍ୟେକ ପଞ୍ଚାୟତରେ ଜନପୋଷଣ କେନ୍ଦ୍ର ଖୋଲିବା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୋଜନା ରଖିଛି। ଏଥିଲାଗି କାମ ଚାଲିଛି। ଏହି ଜନପୋଷଣ କେନ୍ଦ୍ରରେ ଚାଉଳ, ଅଟା, ଚିନି, ଲୁଣ ଠାରୁ ଆରମ୍ଭ କରି ସବୁ ଜିନିଷ ମିଳିବ। ଏହିସବୁ ଜିନିଷ ଯେପରି ସବ୍‌ସିଡାଇଜ୍ ଦରରେ ମିଳିପାରିବ ସେଥିଲାଗି ବ୍ୟବସ୍ଥା ହେଉଛି। ଖାଲି ବିପିଏଲ୍ ନୁହନ୍ତି କିଛି ଏପିଲ୍ ଲୋକମାନେ ଯେପରି ଏହାର ସୁବିଧା ପାଇପାରିବେ ତାର ଯୋଜନା ହେଉଛି। ଯଦି ଏହା ସଫଳ ହୁଏ ବହୁତ ବଡ ଯୋଜନା ଏହା ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି। ଗଣମାଧ୍ୟମ ଆଗରେ ଶୁକ୍ରବାର ପ୍ରତିକ୍ରିୟା ରଖି ମନ୍ତ୍ରୀ ପାତ୍ର କହିଛନ୍ତି, ପ୍ରତି ପଞ୍ଚାୟତରେ ଗୋଟିଏ ଲେଖା ଜନପୋଷଣ କେନ୍ଦ୍ର ଖୋଲିବ। ଜନପୋଷଣ କେନ୍ଦ୍ରରେ ମାଗଣା ଚାଉଳ ସହିତ ସବ୍‌ସିଡାଇଜ୍ ଦରରେ ଚାଉଳ ମଧ୍ୟ ମିଳିବ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫ କେଜି ଚାଉଳ ଯାହା ସରକାର ଯୋଗାଇ ଦେଉଛନ୍ତି ତାହା ସେମାନଙ୍କୁ ଅଣ୍ଟୁନି ଏହାପରେ ସେମାନେ ଅଧିକ ଦାମ୍‌ରେ ବାହାରୁ ଚାଉଳ ଆଣୁଛନ୍ତି। ଏହି ଅସୁବିଧା ସବ୍‌ସିଡାଇଜ୍ ଚାଉଳ ମିଳିଲେ ଦୂର ହେଇପାରିବ। ଯେଉଁମାନଙ୍କ ରୋଜଗାର ବହୁତ ଅଧିକ ସେମାନଙ୍କୁ ଏହି ସୁବିଧା ମିଳିବ ନାହିଁ। ମଧ୍ୟବିତ୍ତ ପରିବାର ଯେଉଁମାନେ ମାସକୁ ୩୦ ହଜାର ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି ସେମାନେ ଏହାର ଲାଭ ପାଇବେ। ଏହାର ଏକ ତାଲିକା ସରକାର ପ୍ରସ୍ତୁତ କରିବେ। ଏବେ ରାଜ୍ୟରେ ୩ କୋଟି ୩୬ ଲକ୍ଷ ଲୋକ ରାସନ କାର୍ଡ ପାଇଛନ୍ତି। ସେଥିରେ ଆଉ ୫୦ କି ୮୦ ଲକ୍ଷ ହିତାଧିକାରୀ ବଢିପାରନ୍ତି। କେତେ ପରିମାଣ ଦିଆଯିବ ତାର ମଧ୍ୟ ଯୋଜନା ହେବ। ପାଇଲଟ୍ ପ୍ରଜେକ୍ଟ ଭାବେ ୪ରୁ ୫ଟି ଜନପୋଷଣ କେନ୍ଦ୍ର ଖୋଲାଯିବ। ଭୁବନେଶ୍ୱରରେ ମଧ୍ୟ କେନ୍ଦ୍ର ଖୋଲିବ। ମାସକ ମଧ୍ୟରେ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ ହେବ। ଡିଲରମାନେ ଏହି ଜନପୋଷଣ କେନ୍ଦ୍ର ପାଇବେ। ଛତିଶଗଡ, ଗୁଜୁରାଟ ଏବଂ ଦିଲ୍ଲୀରେ ଏଭଳି ଚାଲିଥିବା ଯୋଜନାକୁ ସମୀକ୍ଷା କରାଯିବ। ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ଲାଗି ଏହି ବ୍ୟବସ୍ଥା କରାଯାଉଛି। ଏହା ସର୍ବଭାରତୀୟ ଯୋଜନା ଅଟେ ବୋଲି ପାତ୍ର କହିଛନ୍ତି।



# ଲୋହାନିଙ୍କୁ ଦାୟିତ୍ୱ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଅଶ୍ୱିନୀ ଲୋହାନିଙ୍କୁ ପ୍ରଧାନମନ୍ତ୍ରୀଙ୍କ ସଂଗ୍ରହାଳୟ ଓ ପୁସ୍ତକାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ତାଙ୍କ ନିଯୁକ୍ତି କେବଳ କ୍ୟାରିୟରର ଏକ ମୋଡ଼ ନୁହେଁ, ବରଂ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଅଭିଜ୍ଞତା ସାଉଁଟିବା ପରେ ଏବେ ସେ ପୂର୍ବ ଦାୟିତ୍ୱକୁ ଫେରିଛନ୍ତି। କାରଣ ଲୋହାନି ହେଉଛନ୍ତି ସେହି ବ୍ୟକ୍ତି, ଯିଏ ଜାତୀୟ ରେଳ ସଂଗ୍ରହାଳୟକୁ ପ୍ରଥମେ ଆକର୍ଷଣୀୟ କରିଥିଲେ। ତା'ପରେ ଏୟାର ଇଣ୍ଡିଆର ନେତୃତ୍ୱ ନେବାକୁ ଯାଇଥିଲେ ଓ ସେଠାରେ ଅତି କମ୍ ବଜେଟରେ ସେ ଭଲ କରିବେ ବୋଲି ଆଶା କରାଯାଉଥିଲା। ସେ ମଧ୍ୟ ରେଲୱେ ବୋର୍ଡର ଚେୟାରମ୍ୟାନ ଥିଲେ ଓ ଏକାଧିକ କାମ ବାଧା, ନୈରାଶ୍ୟତା ମଧ୍ୟରେ ତଥା ସୀମିତ ସଂସାଧନରେ ନୂତନତ୍ୱ ଧାରାରେ କରିବାକୁ ପଡ଼ିଥିଲା। ଲୋହାନି ପୂର୍ବରୁ ଯେଉଁ ପଥରେ ଥିଲେ ଏବେ ସେଠାକୁ ଫେରିଛନ୍ତି। ଭାରତର ସମସ୍ତ ପ୍ରଧାନମନ୍ତ୍ରୀଙ୍କ ଲିଗାସିକୁ ଗୋଟିଏ ଛାତତଳେ ସୁରକ୍ଷିତ ରଖିବାକୁ ହେଲେ ଜଣେ କର୍ତ୍ତବ୍ୟପରାୟଣ, ଦକ୍ଷ ତଥା ଶାନ୍ତ ଅଧିକାରୀଙ୍କ ଦ୍ୱାରା ତାହା ହୋଇପାରିବ। ଲୋହାନିଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିବ। ଲୋହାନିଙ୍କୁ ଏବେ ୩ ବର୍ଷ ପାଇଁ ନିଯୁକ୍ତ କରାଯାଇଛି । ଅତୀତର ଦୃଷ୍ଟାନ୍ତକୁ ଦେଖିଲେ କିଛି ବି ଘଟିପାରେ, କାର୍ଯ୍ୟକାଳ ପରେ ସେ ପଦବୀରେ ଦୀର୍ଘଦିନ ରହିପାରନ୍ତି। ଦେଖିବାକୁ ଗଲେ ଏହା ଏକ ବିଜ୍ଞ ନିଯୁକ୍ତି। ବିନା ବିବାଦରେ ସଂଗ୍ରହାଳୟ ଗଢ଼ାଯାଇଥିଲେ ମଧ୍ୟ ନେହେରୁଙ୍କ ସ୍ମୃତି ବିରୋଧରେ ଏହା କ୍ଷମତାର ଖେଳ ବୋଲି ଗୁଞ୍ଜରଣ ଉଠିଥିଲା। ଏବେ ମ୍ୟୁଜିୟମ୍‌କୁ ମିଳିଥିବା ନିର୍ଦ୍ଦେଶକ କୌଣସି ରାଜନୈତିକ ଦଳ ସହ ସଂଶ୍ଳିଷ୍ଟ ନାହାନ୍ତି। ଲୋହାନିଙ୍କର ଅତୀତର ସଂସ୍ଥାଗତ ଅନୁଭବ ଓ କାର୍ଯ୍ୟ ଦକ୍ଷତା ସହ ପରିଚାଳନାଗତ କୌଶଳ ରହିଛି। ଯଦି ସେ ଏୟାର ଇଣ୍ଡିଆକୁ ପତନରୁ ରକ୍ଷା କରିପାରିଲେ, ରେଲ୍ ବିଭାଗରେ ଖୁସି ଆଣି ପାରିଲେ, ଏହା ନିଶ୍ଚିତ ଯେ, ସେ ଏବେ ମଧ୍ୟ ସବୁଠୁ ଜଟିଳ କାମ କରିପାରିବେ।

### ଆଭ୍ୟନ୍ତରୀଣ ଅଧୋଗତି

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଜଣେ ବରିଷ୍ଠ ଅଧିକାରୀ ଲାଞ୍ଚ ମାମଲାରେ ଧରାପଡ଼ିବା ସମସ୍ତଙ୍କୁ ଚକିତ କରିଛି। ଇଡିରେ କାର୍ଯ୍ୟରତ କର୍ମଚାରୀମାନେ ଆଭ୍ୟନ୍ତରୀଣ ଅଧୋଗତି ସମ୍ପର୍କରେ ଆଲୋଚନା କରୁଥିବାବେଳେ ଏହାର ବାସ୍ତବତା ଉପରେ ଧ୍ୟାନ ଦେବା ଦରକାର। ପ୍ରିଭେନସନ ଅଫ୍ ମନି ଲଣ୍ଡରିଂ ଆକ୍ଟ(ପିଏମ୍ଏଲ୍ଏ)ଅନୁଯାୟୀ ଇଡି ଆର୍ଥିକ ହେରଫେର ମାମଲାର ତଦନ୍ତ କରିଥାଏ ଏବଂ ନିକଟରେ କିଛି ବର୍ଷ ହେବ ଏହା ଦୃଷ୍ଟି ଆକର୍ଷଣ କରିଆସିଛି। କିନ୍ତୁ ଏବେ ସେହି ଆକର୍ଷଣ କମିବା ଆରମ୍ଭ ହୋଇଛି। ଏହା ସଂସାଧନ ଅଭାବରୁ କିମ୍ବା ଅଧିକ କାର୍ଯ୍ୟଭାର ଯୋଗୁ ଘଟୁନାହିଁ, ବରଂ ଏହାକୁ ସଞ୍ଚାଳନ କରୁଥିବା ବ୍ୟକ୍ତିଙ୍କ ପରିଚାଳନାଗତ ଜ୍ଞାନ ଅଭାବରୁ ହେଉଛି। ପାରମ୍ପରିକ ଭାବେ ଇଡିର ଶୀର୍ଷ ପଦବୀରେ ଆପରାଧିକ ଆଇନ, ଅଧିକ ତଦନ୍ତ ଏବଂ ମାମଲାର ନ୍ୟାୟିକ ବିଚାରଗତ ସମୀକ୍ଷାର ଜ୍ଞାନ ଥିବା ଜଣେ ଅଭିଜ୍ଞ ଆଇପିଏସ୍ ଅଧିକାରୀ ନିଯୁକ୍ତ ହୋଇଥାନ୍ତି। କିନ୍ତୁ ୨୦୧୬ ପରେ ବହୁ ସମୟରେ ଆପରାଧିକ ଆଇନ୍ ସମ୍ପର୍କରେ କମ୍ ଜ୍ଞାନ ଥିବା ରାଜସ୍ୱ ଏବଂ ବିତ୍ତୀୟ ଅଧିକାରୀମାନଙ୍କୁ ଇଡିରେ ଶୀର୍ଷ ପଦବୀରେ ନିଯୁକ୍ତି ଆରମ୍ଭ କରାଗଲା। ଜଣେ ପୂର୍ବତନ ଆଇପିଏସ୍ ଅଧିକାରୀ କହନ୍ତି ଯେ, କ୍ଷମତା ଏଠି ସମସ୍ୟା ନୁହେଁ, ବରଂ ପ୍ରଶିକ୍ଷଣର ଅଭାବ ରହିଛି। ପିଏମ୍ଏଲ୍ଏର ଆପରାଧିକ ପ୍ରାବଧାନଗୁଡ଼ିକ କେବଳ ନ୍ୟାୟିକ ସାଧନ ନୁହନ୍ତି, ବରଂ ସେସବୁ ହେଉଛନ୍ତି ଲିଗାଲ ବା ନ୍ୟାୟିକ ଲାଣ୍ଡମାଇନ। ସେଗୁଡ଼ିକୁ ଠିକ୍ ଭାବେ ନ ନେଲେ ତାହା ବିସ୍ଫୋରଣ ହେବା ସହ ବ୍ୟବସ୍ଥାକୁ ଛାରଖାର କରିଦେବ। ମୂଳ କ୍ୟାଡର ଯାହା ଥାଉନା କାହିଁକି ସବୁ ଇଡି ନିଯୁକ୍ତି ପାଇଁ କଡ଼ା ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବା ଦରକାର।

### ପ୍ରତିବଦ୍ଧତା ଲୋଡ଼ା

ଗୁଜରାଟ ସରକାର ନିଷ୍ପତ୍ତି ନେଇଛନ୍ତି ଯେ, ତାଙ୍କ ବୈଠକ ଏକ ଘଣ୍ଟାରୁ ଅଧିକ ସମୟ ହେବ ନାହିଁ। ଯଦି ଜଣେ ଗାନ୍ଧୀନଗର ବାହାରେ ଥିଲେ ଭର୍ଚୁଆଲରେ ଯୋଗଦେବେ। ଗୁଜରାଟ ଆଡ୍‌ମିନିଷ୍ଟ୍ରେଟିଭ ରିଫର୍ମସ୍ କମିଶନ(ଜିଏଆର୍‌ସି) ସୁପାରିସ କ୍ରମେ ସାଧାରଣ ପ୍ରଶାସନ ବିଭାଗ ଜାରି କରିଥିବା ନୂଆ ଗାଇଡ୍‌ଲାଇନ ବା ମାର୍ଗଦର୍ଶିକାଗୁଡ଼ିକ ମଧ୍ୟରୁ ଏହା ଗୋଟିଏ। ଗାଇଡ୍‌ଲାଇନ ସ୍ପଷ୍ଟ ଭାବେ ଦର୍ଶାଇଛି ଯେ, ତିନିଦିନ ପୂର୍ବରୁ ବୈଠକ ସମୟ ସ୍ଥିର କରାଯିବ, ଏହା ଏଜେଣ୍ଡା ଆଗରୁ ଦିଆଯିବ ଏବଂ ଠିକ୍ ସମୟରେ ଆରମ୍ଭ କରାଯାଇ ଏକ ଘଣ୍ଟା ମଧ୍ୟରେ ଶେଷ କରାଯିବ। ଯଦି ଉପସ୍ଥିତ ହେବା ଜରୁରୀ ନ ଥିବ ତେବେ ଜିଲା ସ୍ତରୀୟ ଅଧିକାରୀମାନେ ଭର୍ଚୁଆଲି ଯୋଗଦେଇପାରିବେ। ଏହାର ଲକ୍ଷ୍ୟ ମହତ୍, କିନ୍ତୁ ଏଭଳି ସୁଧାରର ସଫଳତା ଏହାର କାର୍ଯ୍ୟକାରିତା ଉପରେ ନିର୍ଭର କରେ। ଗାଇଡ୍‌ଲାଇନକୁ କାର୍ଯ୍ୟକାରୀ କରିବାକୁ ଏକ ଦୃଢ଼ ପ୍ରକ୍ରିୟା ନ ରହିଲେ ପୁନର୍ବାର ପୂର୍ବାବସ୍ଥାକୁ ଫେରି ଆସିବା। କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱ ଦିଆଯିବା ପ୍ରଶଂସନୀୟ। କିନ୍ତୁ ଆଲୋଚନାର ମାନ ଯେଭଳି ପ୍ରଭାବିତ ନ ହେବ ତାହା ଉପରେ ନିଶ୍ଚିତ କରାଯିବା ଦରକାର। ବୈଠକର ସମୟ ଏକ ଘଣ୍ଟାରୁ କମ୍ କରାଯିବା ଯୋଗୁ କେତେକ ଜଟିଳ ସମସ୍ୟା ଉପରେ ଗଭୀର ବିତର୍କ ସମ୍ଭବ ହୋଇ ନ ପାରେ। ଶେଷରେ ଏହି ସୁଧାରର କାର୍ଯ୍ୟଦକ୍ଷତା ପ୍ରକୃତରେ ପରିବର୍ତ୍ତନ ଚାହୁଁଥିବା ସମସ୍ତ ଅଂଶୀଦାରଙ୍କ ପ୍ରତିବଦ୍ଧତା ଉପରେ ନିର୍ଭର କରେ। ଯଦି ଏହାକୁ ଲାଗୁ କରାଯାଏ ତେବେ ଏହା ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଏକ ଦୃଷ୍ଟାନ୍ତ ହେବ ଏବଂ ସେମାନେ ଏହାକୁ ଅନୁସରଣ କରିପାରିବେ। ଯଦି ନ ହୁଏ, ତେବେ ଏହା ବାସ୍ତବରେ ପ୍ରଭାବ ପକାଇବାକୁ ବିଫଳ ହେବ।

Email: dilipcherian@gmail.com

# ଗାଦି ଛାଡ଼ିବାକୁ ପଡ଼ିବ



**ରଞ୍ଜନ କୁମାର ଦାସ**

ପ୍ରତ୍ୟେକ ମଣିଷ ପ୍ରକାରାନ୍ତରେ ଜଣେ ଜଣେ ଉପଭୋକ୍ତା। ଜଣେ ଉପଭୋକ୍ତା ହିସାବରେ ସେ ଚାହେଁ ବଜାରରୁ ଜିନିଷଟିଏ ବାଛିଲା ବେଳେ ବା କିଣିଲା ସମୟରେ ଜମା ଠକାମିରେ ନ ପଡୁ। ଯଦି ଆମେ କିଛି କିଣୁ ଓ ଭୁଲ୍‌ରେ ଖରାପ ଜିନିଷଟିଏ ଆମ କପାଳରେ ଜୁଟେ ଆମେ ତାକୁ ଦୋକାନରେ ଫେରେଇବା ଯାଏ କଥା ଯାଏ। ବେଳେବେଳେ ସେଥିପାଇଁ ପାଟିତୁଣ୍ଡ, ଗଣ୍ଡଗୋଳ ଯାଏ କଥା ଯାଏ। ଆଜିକାଲି ଅନ୍‌ଲାଇନରେ ଅନେକ ଜିନିଷର ନେଣଦେଣ, କାରବାର ହେଉଛି। ପ୍ରତ୍ୟେକଟି ସାମଗ୍ରୀ କିଣିବା ଆଗରୁ ଗ୍ରାହକ ଦେଖୁଛି ସେଥିରେ ରିଟର୍ନ ଅପ୍ସନ ଅଛି କି ନାହିଁ। ବଜାର କଥା ଛାଡ଼ ଘର ପରିବାରରେ ମଧ୍ୟ ବାହାଘର ବେଳେ ଆମେ ଭଲ ବୋହୂଟିଏ ବା ଜ୍ୱାଇଁଟିଏ ପାଇଁ କେତେ ବଛାବଛିକରୁ। ବେଳେବେଳେ ପରେ ଯେତେବେଳେ ଜଣାପଡ଼େ ବୋହୂଟି ବା ଜ୍ୱାଇଁଟିର ଚାରିତ୍ରିକ ବା ଅନ୍ୟ କିଛି ଦୋଷ ଅଛି, ପୁଅଘର ବୋହୂଟିକୁ ବାପଘରକୁ ପଠେଇବାର ନଜିର ମଧ୍ୟ ଅଛି। ଜ୍ୱାଇଁ କ୍ଷେତ୍ରରେ ଖରାପ ପଡ଼ିଲେ ଝିଅଟି ତାକୁ ପ୍ରତ୍ୟାଖ୍ୟାନ ସୂଚକ ଛାଡ଼ପତ୍ର ଦେଇ ବାପଘରକୁ ଫେରିଆସିବା ଘଟଣା ବିରଳ ନୁହେଁ। କହିବା ବାହୁଲ୍ୟ ଯେ ପ୍ରତ୍ୟେକ ମଣିଷର ନିଜ ନିଷ୍ପତ୍ତିରେ ସଂଶୋଧନ ଆଣିବାର ଅଧିକାର ଥାଏ।

ମାତ୍ର ସରକାରୀ କ୍ଷେତ୍ରରେ ଏ ଜିନିଷଟି ସେତେ ସହଜ ନୁହେଁ। ଥରେ ଜଣେ ସରକାରୀ ଚାକିରିଟିଏ ପାଇଁ ମନୋନୀତ ହୋଇଗଲେ ତା' ଠାରୁ ସହଜେ ଚାକିରିଟି ପ୍ରତ୍ୟାହାର କରିହୁଏନା। ତେତିଶ ବର୍ଷ ସେ ରାଜୁତି କରେ। ଲୋକପ୍ରତିନିଧିଟିଏ ଥରେ ନିର୍ବାଚିତ ହୋଇଗଲେ ତାଙ୍କୁ ଆଉ ପ୍ରତ୍ୟାହାର କରିବାର ଅଧିକାର ଭୋଟରଙ୍କ ପାଖରେ ନ ଥାଏ, ପାଞ୍ଚବର୍ଷ ସହିବାକୁ ପଡ଼େ। ଏଭଳି ସରକାରୀ ଚାକିରିଆ ବା ଲୋକପ୍ରତିନିଧିମାନେ ଯଦିଓ ଲୋକଙ୍କ ଟିକସରୁ ଦରମା ପାଆନ୍ତି, ଲୋକଙ୍କର ବସ୍ତୁତଃ ତାଙ୍କ ଉପରେ କୌଣସି ନିୟନ୍ତ୍ରଣ ନ ଥାଏ। ସେମାନେ ଖରାପ କାମ କଲେ ଲୋକଙ୍କୁ ସହିବାକୁ ପଡ଼େ, କିଛି ନ କଲେ ବି ତାକୁ ସହିବାକୁ ପଡେ! ତେଣୁ ନେତା ଓ ଅଧିକାରୀଙ୍କ ସ୍ୱେଚ୍ଛାଚାରିତା ଓ ମନମାନି ବଢ଼ିଚାଲେ! ଗଣତନ୍ତ୍ର ବିପନ୍ନ ହୁଏ।

ଭାରତରେ ଏ ସବୁ ସମ୍ଭବ। ଲୋକେ ଏଠି ସବୁ ଚଳେଇ ନିଅନ୍ତି। କେହି ଯଦି କିଛି ଖରାପ କାମ କରୁଛି ଭଗବାନ୍ ତା' କଥା ବୁଝିବେ ବୋଲି କହି ଆମେ ଆଶ୍ୱସ୍ତ ହୋଇଯାଉ। ମାତ୍ର ଆମେ ନିଜେ କେଉଁଠି ବାହାରି କିଛି କରୁନା। ଅତି ବେଶିରେ କେଉଁଠି କେମିତି ପ୍ରତିବାଦ ସଭାଟିଏ କରି, କୁଶପୁତ୍ତଳିକା ଦାହକରି ସନ୍ତୁଷ୍ଟ ହୋଇଯାଉ! ଆମେମାନେ ଶାନ୍ତିପ୍ରିୟ ବୋଲି ଯେ ଏମିତି ହେଉଛି ସେକଥା କହି ଆଡ଼େଇଗଲେ ହେବନାହିଁ। ପୃଥିବୀର ସବୁଠାରୁ ଶାନ୍ତିପ୍ରିୟ ଦେଶ ହେଲା ସ୍ୱିଜରଲାଣ୍ଡ। ସ୍ୱିଜରଲାଣ୍ଡର ସମ୍ବିଧାନରେ 'ରିକଲ' ନାମକ ଏକ ବ୍ୟବସ୍ଥା ଅଛି ଯାହାକୁ ଆମ ଭାଷାରେ 'ପ୍ରତ୍ୟାହାର କରିବାର ଅଧିକାର' ବୋଲି



କୁହାଯାଇପାରିବ। ୧୮୪୮ ମସିହାରୁ ଥିବା ତାଙ୍କ ବ୍ୟବସ୍ଥାନୁସାରେ ସ୍ଥାନୀୟ ପ୍ରଶାସନର କର୍ମଚାରୀ ବା ଲୋକପ୍ରତିନିଧିମାନେ ଯଦି ଦାୟିତ୍ୱରେ ଅବହେଳା କିମ୍ବା ଆପରାଧିକ ମାମଲାରେ ସମ୍ପୃକ୍ତ ହେବାର ଅଭିଯୋଗ ଆସେ ତେବେ ସେମାନଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯାଇ ପାରିବ। ଏଥି ନିମନ୍ତେ ମୋଟ ଲୋକସଂଖ୍ୟାର ଚାରି ଶତାଂଶ ଲୋକ ଯଦି ଏକ ଦସ୍ତଖତ ଅଭିଯାନ କରନ୍ତି ତାକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇପାରିବ। ପ୍ରସଙ୍ଗକୁ ନେଇ ସ୍ଥଳ ବିଶେଷରେ ଏହା ଚାରି ଶତାଂଶରୁ ଚାଳିଶ ଶତାଂଶ ହୋଇପାରେ। ସ୍ୱିଜରଲାଣ୍ଡର ଛବିଶଟି ପ୍ରଦେଶ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ପ୍ରଦେଶରେ ଏହି ବ୍ୟବସ୍ଥା ଉପଲବ୍ଧ। ଅବଶ୍ୟ ଏହାର ମାତ୍ରାଧିକ ବ୍ୟବହାର କେବେ ହେଇନାହିଁ। ମାତ୍ର ଲୋକଙ୍କ ହାତରେ ଏଭଳି ଏକ କ୍ଷମତା ରହିବାଟା ତାଙ୍କ ଗଣତନ୍ତ୍ରର ଏକ ଶକ୍ତିଶାଳୀ ଅସ୍ତ୍ର ବୋଲି କୁହାଯାଇପାରେ। କେବଳ ଅଧିକାରୀ ବା ଲୋକପ୍ରତିନିଧି ନୁହେଁ ଏପରିକି ସରକାରଙ୍କର କୌଣସି ଜନସ୍ୱାର୍ଥ ବିରୋଧୀ ନିଷ୍ପତ୍ତି ଉପରେ ଗଣଭୋଟ ହୋଇ ତାକୁ ପ୍ରତ୍ୟାହାର କରିବାକୁ ସରକାରଙ୍କୁ ବାଧ୍ୟ କରାଯାଇପାରେ। ସରକାର ଭାବି ନଥିବ କୌଣସି ପ୍ରସଙ୍ଗ ଉପରେ ମଧ୍ୟ ଜନସାଧାରଣ ପ୍ରସ୍ତାବ ରଖିପାରନ୍ତି ଏବଂ ତାହା ଉପରେ ଜନମତ ନିଆଯାଇ ନୂଆ ଆଇନର ରୂପ ଦିଆଯାଇପାରେ। ଏ ଅବସ୍ଥାକୁ ଇନିସିଏଟିଭ୍ କୁହାଯାଏ। ସରକାର ମଧ୍ୟ ଯେତେବେଳେ ନିଜ ତରଫରୁ କୌଣସି ବିଷୟରେ ଲୋକଙ୍କ ମତାମତ ନେବାକୁ ଚାହାନ୍ତି ରେଫରେଣ୍ଡମ୍ ବା ପ୍ଲେବିସାଇଟ୍ ମାଧ୍ୟମରେ ଲୋକଙ୍କ ମତାମତ ନେଇଥାନ୍ତି! ତେଣୁ କୁହାଯାଇପାରେ ଯେ ତାଙ୍କ ଦେଶରେ ଗଣତନ୍ତ୍ର ପ୍ରକୃତରେ ଶୁଦ୍ଧ ଭାବରେ ନିୟୋଜିତ।

ରିକଲ୍ ବ୍ୟବସ୍ଥାକୁ ଫେରିବା। ରିକଲ୍ ବା ପ୍ରତ୍ୟାହାର ବ୍ୟବସ୍ଥା ଯୋଗୁ ତାଙ୍କ ପ୍ରତିନିଧି ଓ ପ୍ରଶାସକମାନେ ଲୋକଙ୍କ ପାଖରେ ସିଧାସଳଖ ଉତ୍ତରଦାୟୀ। ଏ ବ୍ୟବସ୍ଥା ଅନୁସାରେ ମନମୁଖି କାର୍ଯ୍ୟ କରୁଥିବା ବା ଜନସ୍ୱାର୍ଥ ବିରୋଧୀ ଲୋକପ୍ରତିନିଧି ଓ ଅଧିକାରୀମାନଙ୍କୁ ଗଣଭୋଟ ମାଧ୍ୟମରେ ବହିଷ୍କାର କରାଯାଇପାରିବ। ସ୍ୱିଜରଲାଣ୍ଡ ପରି ଆମେରିକା ୧୯୦୩ରୁ ଏହାକୁ ଗ୍ରହଣ କରିଛି । ଲସ୍ ଏଞ୍ଜେଲସ ସହରରେ ୧୯୦୪ରେ ଜଣେ କାଉନସିଲରଙ୍କୁ ଏହି ପନ୍ଥାରେ ବହିଷ୍କାର କରାଯାଇଥିଲା। ୧୯୨୧ରେ ନର୍ଥ ଡାକୋଟାରେ ତାଙ୍କର ଗଭର୍ନର, ଆର୍ଟର୍ନି ଜେନେରାଲ ଏବଂ କୃଷି କମିଶନରଙ୍କୁ ପ୍ରତ୍ୟାହାର କରାଯାଇଥିଲା। ୧୯୨୯ରେ ଡେଟ୍ରଏଟର ମେୟର ଏବଂ ୧୯୩୮ରେ ଲସ୍ ଏଞ୍ଜେଲସ୍‌ର ମେୟରଙ୍କୁ ମଧ୍ୟ ରିକଲ୍ କରାଯାଇଥିଲା। ୨୦୧୧ରେ ୱିସ୍‌କନ୍‌ସିନରେ ସବୁଠୁ ବଡ଼ ରିକଲ୍ ହୋଇଥିଲା ଯେଉଁଥିରେ ୯ ଜଣ ସିନେଟ ସଦସ୍ୟଙ୍କ ବିରୋରେ ଅନ୍ୟ ପ୍ରସ୍ତାବ ଆସିଥିଲା ଏବଂ ସେଥିରୁ ଦୁଇଜଣ ପ୍ରତ୍ୟାହୃତ ହୋଇଥିଲେ। ୨୦୧୨ରେ ୱିସ୍‌କନ୍‌ସିନର ଗଭର୍ନର ସ୍କଟ୍ ୱାକର ନିଜେ ରିକଲ୍‌ର ସାମ୍ନା କରିଥିଲେ ମଧ୍ୟ ସୌଭାଗ୍ୟକୁ ବର୍ତ୍ତିଯାଇଥିଲେ। ୨୦୧୮ରେ କାଲିଫର୍ନିଆର ସିନେଟର ଜୋସ୍ ନିଉମ୍ୟାନଙ୍କୁ ପ୍ରତ୍ୟାହାର ସ୍ୱୀକାର କରିବାକୁ ପଡ଼ିଥିଲା। ଆମେରିକା ପରି ଭେନେଜୁଏଲା ମଧ୍ୟ ଏହିପରି ବ୍ୟବସ୍ଥାକୁ ଆପଣେଇଛି। ସେଠାରେ ରାଷ୍ଟ୍ରପତି, ଜଜ୍ ଓ ବରିଷ୍ଠ ପ୍ରଶାସକଙ୍କୁ ଏହାର ପରିସରଭୁକ୍ତ କରାଯାଇପାରିଛି। ଆମେରିକାର କେତେକ ସ୍ଥାନରେ ପ୍ରତ୍ୟାହୃତ ହେଉଥିବା ପଦାଧିକାରୀଙ୍କ ଉପରେ ଭୋଟ ନେଲା ବେଳେ କିଏ ତାଙ୍କ ଉତ୍ତରାଧିକାରୀ ହେବେ ତାହା ମଧ୍ୟ ଲୋକେ ସ୍ଥିର କରିଥାନ୍ତି। ଇଂଲଣ୍ଡରେ ପାର୍ଲାମେଣ୍ଟ ସଦସ୍ୟଙ୍କୁ ଭୋଟରମାନେ ପ୍ରତ୍ୟାହାର କରିପାରିବାର ଅଧିକାର ରଖନ୍ତି। ୨୦୧୫ରେ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥାରେ ଅଦ୍ୟାବଧି ୬ ଜଣ ପାର୍ଲାମେଣ୍ଟ ସଦସ୍ୟଙ୍କ ବିରୋଧରେ ରିକଲ୍ ପିଟିଶନ ଆସିଛି ଏବଂ ତନ୍ମଧ୍ୟରୁ ଚାରିଜଣଙ୍କୁ ଜନମତରେ ପରାଜିତ ହୋଇ ଗାଦି ଛାଡିବାକୁ ପଡିଥିଲା। ଜଣେ ଇସ୍ତଫା ଦେଇ ପଳାଇ ଯାଇଥିଲେ ଏବଂ ଜଣେ ବର୍ତ୍ତି ଯାଇଥିଲେ। ଇଂଲଣ୍ଡରେ ଏଭଳି ଏକ ପିଟିଶନ ପାଇଁ ଦଶ ଶତାଂଶ ଭୋଟରଙ୍କର ଦସ୍ତଖତ ଦରକାର ପଡିଥାଏ। ଏ ବ୍ୟବସ୍ଥା ତାଙ୍କ ନିର୍ବାଚିତ ଲୋକପ୍ରତିନିଧି ଓ ମନୋନୀତ ପ୍ରଶାସନିକ ଅଧିକାରୀମାନଙ୍କ ଉପରେ ଏକ ଶୃଙ୍ଖଳା ବା ନିୟନ୍ତ୍ରଣ ଭଳି କାମ କରିଥାଏ। ସେମାନଙ୍କ ମନରେ ଜନସାଧାରଣଙ୍କ ପ୍ରତି ଭୟ ଓ ଉତ୍ତରଦାୟିତ୍ୱ ରହିଥାଏ। ସେମାନେ ପ୍ରତିପାଦରେ ଅନୁଭବ କରିଥାନ୍ତି ଯେ କିଛି ଏପଟସେପଟ କଲେ ପାଞ୍ଚବର୍ଷ ପୂର୍ବରୁ ପଦବୀରୁ ବିଦା ହେବାକୁ ପଡିବ। ଲୋକଙ୍କ ବିଚାର ଶକ୍ତି ଯେ ଶ୍ରେଷ୍ଠ ଏବଂ ତାହା ଆଗରେ ନେତା ମନ୍ତ୍ରୀ ଅଫିସର ସମସ୍ତଙ୍କୁ ନତମସ୍ତକ ହେବାକୁ ପଡ଼େ ଏକଥା କେବଳ ସ୍ୱିଜରଲାଣ୍ଡ, ଇଂଲଣ୍ଡ ବା ଆମେରିକା ନୁହେଁ ବରଂ ସାରା ବିଶ୍ୱରେ ଚର୍ଚ୍ଚା ହେବା ଦରକାର। ତା'ହେଲେ ଯାଇ ଗଣତନ୍ତ୍ର ସୁଦୃଢ଼ ହେବ ଓ ପ୍ରଶାସନ ଉତ୍ତରଦାୟୀ ହେବ। ଯେ ପର୍ଯ୍ୟନ୍ତ ସେମାନେ ଭାବୁଥିବେ ଯେ ଥରେ ଆମେ ନିର୍ବାଚିତ ବା ମନୋନୀତ ହୋଇଗଲେ କେହି ଆଉ ଆମକୁ ହଟେଇପାରିବେନି, ସେ ଯାଏ ଗଣତନ୍ତ୍ର ଓ ଶାସନବ୍ୟବସ୍ଥା ତ୍ରିଶଙ୍କୁ ଅବସ୍ଥାରେ ଥିବ। ଏଭଳି ମନମୁଖିତାର ଅନ୍ତ ଆଣିବାପାଇଁ ଭାରତରେ ମଧ୍ୟ ଏହିପରି ଏକ ବ୍ୟବସ୍ଥାର ଯେ ଆବଶ୍ୟକତା ଅଛି ଏହା ନିଶ୍ଚୟ ନାଗରିକ ଓ ବୁଦ୍ଧିଜୀବୀମାନେ ଅନୁଭବ କରିବେ।

ଭୁବନେଶ୍ୱର, ମୋ: ୯୪୩୭୨୮୬୫୧୨

## ଏଇ ଭାରତରେ

ତାମିଲନାଡୁର ୪୧ ବର୍ଷୀୟ ଥୋକାପ୍ପିୟାନ ଶିବରାଜ ଜଣେ କନ୍‌ଷ୍ଟେବଲ। ଘର ତାମିଲନାଡୁର ଭିଲୁପୁରମା କସ୍ପୁରରେ। ଶିବରାଜ ତାଙ୍କ ଫାର୍ମଲାଣ୍ଡକୁ ଏକ ଫ୍ରି ଏକାଡେମୀରେ ପରିଣତ କରିଦେଇଛନ୍ତି। ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ପରେ ଆଗକୁ ପଢ଼ିବାକୁ ତାଙ୍କର ଇଚ୍ଛା ଥିଲେ ବି ଅର୍ଥାଭାବ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ଫଳରେ ରୋଜଗାର ଲକ୍ଷ୍ୟରେ ସେ ସରକାରୀ ଚାକିରିର ପ୍ରସ୍ତୁତି ଆରମ୍ଭ କରିଥିଲେ। ଶେଷରେ ଶିବରାଜ ୨୦୧୦ରେ ତାମିଲନାଡୁ ପୋଲିସରେ କନଷ୍ଟେବଲ ଭାବେ ଭର୍ତ୍ତି ହୋଇଥିଲେ। ସେ ଭୋଗିଥିବା କଷ୍ଟ ଓ ଅଭାବ ଆଉକାହା ଜୀବନରେ ନ ଆସୁ, ସେଥିପାଇଁ ସରକାରୀ ଚାକିରି କରିବାକୁ ଚାହୁଁଥିବା ପିଲାଙ୍କୁ ଶିକ୍ଷା ଓ ବିଭିନ୍ନ ଧନ୍ଦାମୂଳକ ଟ୍ରେନିଂ ବ୍ୟବସ୍ଥା କରିଛନ୍ତି। ସେ ୧ ଏକର ଚାଷ ଜମିକୁ ଟ୍ରେନିଂ ଗ୍ରାଉଣ୍ଡ କରିଦେଇଛନ୍ତି। ଶିବରାଜ ଏହା ପାଇଁ ତାଙ୍କ ସଞ୍ଚିତ ଅର୍ଥରୁ ୧୦ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ଶିବରାଜଙ୍କ ପୂରା ପରିବାର ପିଲାମାନଙ୍କୁ ପଢ଼ାଉଛନ୍ତି। ସେ ଟ୍ରେନିଂ ସେଣ୍ଟରର ନାମ ରଖିଛନ୍ତି ପୁଥିୟା ସିରାଗୁଗଲ ଅର୍ଥାତ୍ 'ନ୍ୟୁ ୱିଂଗସ'। ୨୦୧୩ରେ ଏହାକୁ ପ୍ରତିଷ୍ଠା କରିଥିଲେ। ଏବେ ସୁଦ୍ଧା ୪୦୦ରୁ ଊର୍ଦ୍ଧ୍ୱ ଗ୍ରାମୀଣ ଯୁବକ ଏଠାରେ ଟ୍ରେନିଂ ନେଇ ସରକାରୀ ଚାକିରି ପାଇ ସାରିଲେଣି। ତାଙ୍କ ଭାଇ ସତ୍ୟରାଜ ଶାରୀରିକ ଟ୍ରେନିଂ ଦେଉଛନ୍ତି। ଶିବରାଜଙ୍କ ଭଉଣୀ ଜୀବିତା ଟାଇପିଂ, କମ୍ପ୍ୟୁଟର ଶିକ୍ଷା ଦେଉଛନ୍ତି। ପ୍ରଥମେ ସେ ୩୩ ପିଲାଙ୍କୁ ଟ୍ରେନିଂ ଦେଉଥିଲେ। ଏବେ ୬୩ ପିଲା ଟ୍ରେନିଂ ନେଉଛନ୍ତି। ପିଲାମାନଙ୍କୁ ସେଠାରେ ରହିବାର ବ୍ୟବସ୍ଥା ମଧ୍ୟ କରାଯାଇଛି।

# ଶରୀରକୁ ଫିଟ୍ ରଖେ ଦୋଳି



**ଡା. କାନ୍ତୀ ନାୟକ**

ରଜପର୍ବ ଭିତରେ ଝିଅ ଆଉ ମହିଳାମାନଙ୍କ ସବୁଠାରୁ ଦୁର୍ବଳତା ହେଉଛି ରଜ ଦୋଳି। ରଜ ଦୋଳି ଏଯାବତ କେବଳ ବିଭିନ୍ନ ଗାଁ ଗଣ୍ଡାରେ ନୁହେଁ ସହରରେ ମଧ୍ୟ ଏହାର ଆକର୍ଷଣ ବଢୁଛି। ତେବେ ଆମେ ଏହି ରଜ ଦୋଳି ଆଲୋଚନା ସମୟରେ ଆସନ୍ତୁ ଟିକିଏ ଜାଣିବା ପ୍ରକୃତରେ ଶରୀର ପାଇଁ ଦୋଳିର ଆବଶ୍ୟକତା କେତେ।

ସାଧାରଣତଃ ସମସ୍ତେ ଭାବନ୍ତି ଛୋଟ ପିଲାମାନେ ଦୋଳି ଖେଳିବା ଦରକାର। ବୟସ୍କଙ୍କ ଏହା ଆବଶ୍ୟକତା ନାହିଁ। ହେଲେ ଧାରଣା ପୂରା ଭୁଲ୍। ଛୋଟଠାରୁ ବୟସ୍କ ସମସ୍ତେ ଦୋଳି ଖେଳିବା ଦରକାର। ଏହାଦ୍ୱାରା ମନୋରଞ୍ଜନ ହେବା ସହ ବ୍ୟାୟାମ ହୋଇଥାଏ। ଶରୀର ମଧ୍ୟ ସୁସ୍ଥ ରହେ। ଦୋଳି ଖେଳିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ସକ୍ରିୟ ହୋଇଥାଏ। ଗୋଡ଼, ହାତ, ଛାତି, ପେଟ ଓ ମସ୍ତିଷ୍କ ଆଦିର ବ୍ୟାୟାମ ହୋଇଥାଏ। ଏହାଦ୍ୱାରା ବିଭିନ୍ନ ରୋଗ ଦୂର ହୋଇଥାଏ। ଏହା ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର କରିଥାଏ। ଦୋଳି ଖେଳିବା ସମୟରେ ପାଦକୁ ଭୂମିରେ ଲଗାଇ ବଳ ପ୍ରୟୋଗ କରି ଦୋଳିରେ ଆଗକୁ ଆସିବାକୁ ପଡ଼େ। ପୁନଃ ପଛକୁ ଯିବାକୁ ହୁଏ। ଦୋଳି ଖେଳିବା ସମୟରେ ଗୋଡ଼ ସିଧା ଲମ୍ବାଇ ତଳକୁ ରଖି ପଛକୁ ଫେରିବାକୁ ହୋଇଥାଏ। ଏହାଦ୍ୱାରା ଆଣ୍ଠୁର ବ୍ୟାୟାମ ହୋଇଥାଏ ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଆଶଙ୍କା ଦୂର ହୋଇଯାଏ। ଗୋଡ଼ର ବ୍ୟାୟାମ ହେବା ଦ୍ୱାରା ଗୋଡ଼ର ମାଂସପେଶୀ ସୁଦୃଢ଼ ହୁଏ। ସେହିପରି ଏହା ବାହୁକୁ ଶକ୍ତ କରିଥାଏ। ଦୋଳି ଧରି ଖେଳିବା ସମୟରେ ନିଜ ଶରୀରକୁ ଦୋଳି ଅନୁଯାୟୀ ଆଗକୁ ଓ ପଛକୁ ନେବା ପାଇଁ ହାତରେ ଦଉଡା ହେଉ କିମ୍ବା ବାଉଁଶ ଉପରେ ଚାପ ପ୍ରୟୋଗ କରିବାକୁ ପଡ଼ିଥାଏ। ଫଳରେ ହାତର ବ୍ୟାୟାମ ହୁଏ ଓ ବାହୁ ଶକ୍ତିଶାଳୀ ହୁଏ। ହାତର ଗଣ୍ଠିରେ ମଧ୍ୟ ଯନ୍ତ୍ରଣା ହୁଏନାହିଁ।

ହୃତ୍ପିଣ୍ଡ ସୁସ୍ଥ ରହିଥାଏ। ଦୋଳି ଖେଳିବା ଦ୍ୱାରା ହୃଦ୍‌ରୋଗର ଆଶଙ୍କା ହ୍ରାସ ପାଇଥାଏ। ଦୋଳି ଖେଳିବା ସମୟରେ ଛାତିର ବ୍ୟାୟାମ ହୋଇଥାଏ। ଦୋଳିରେ ଆଗକୁ ଯିବା ସମୟରେ ଛାତିକୁ ଆଗକୁ ନେବାକୁ ଏବଂ ପଛକୁ ଆସିବା ସମୟରେ ଛାତିକୁ ମଧ୍ୟ ପଛକୁ ଆଣିବାକୁ ପଡ଼ିଥାଏ। ଏହାଦ୍ୱାରା ହୃଦ୍‌ସ୍ପନ୍ଦନ ବୃଦ୍ଧି ହୁଏ, ଯାହାକି ହୃତ୍ପିଣ୍ଡକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ପେଟ ରୋଗ ଦୂର ହୋଇଥାଏ। ଦୋଳି ଖେଳିବା ସମୟରେ ଛାତି ଆଗକୁ ପଛକୁ କରିବା ଦ୍ୱାରା ପେଟରେ ଚାପ ପଡ଼େ। ଯାହା ପେଟରୁ ଚର୍ବି ହ୍ରାସ କରେ। ଏକ୍ସରସାଇଜ ହେବା ଦ୍ୱାରା ପେଟରୁ ଅମ୍ଳ



ଦୂର ହୋଇଯାଏ, ଷ୍ଟୋନ ହୁଏ ନାହିଁ, ପାଚନ କ୍ରିୟା ସୁଦୃଢ଼ ହୁଏ ଓ ଭୋକ ଠିକ୍ ସମୟରେ କରେ। ଦୋଳି ଖେଳିବା ସମୟରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ କାର୍ଯ୍ୟ କରେ। ଫଳରେ ସମ୍ପୂର୍ଣ୍ଣ ଶରୀରର ବ୍ୟାୟାମ ହେବା ଦ୍ୱାରା ଶରୀର ସ୍ଲିମ୍ ହୋଇଯାଏ। ରକ୍ତସଞ୍ଚାଳନ ବୃଦ୍ଧି କରିଥାଏ। ଦୋଳି ଖେଳିବା ଦ୍ୱାରା ଶରୀରର ରକ୍ତସଞ୍ଚାଳନ ବୃଦ୍ଧି ହୁଏ। ରକ୍ତ ସଞ୍ଚାଳନ ବୃଦ୍ଧି ହେବା ଦ୍ୱାରା ଶରୀରର ବିଭିନ୍ନ ରୋଗ ଦୂର ହୁଏ ଓ ବ୍ୟକ୍ତି ସୁସ୍ଥ ରହେ।

ମନ ଶାନ୍ତ ରହିଥାଏ। ଦୋଳି ଖେଳିବା ଦ୍ୱାରା ମନୋରଞ୍ଜନ ହୋଇଥାଏ। ଏହା ଶରୀରରେ ଏପରି ଏକ ଶିହରଣ ସୃଷ୍ଟି କରେ, ଯାହା ମନରୁ କ୍ରୋଧ ଦୂର କରି ମନକୁ ଶାନ୍ତ କରେ। ଏହାଦ୍ୱାରା ବ୍ୟକ୍ତି ହାଲୁକା ଅନୁଭବ କରେ। ପିଲା ହୁଅନ୍ତୁ ଅବା ବୟସ୍କ ଏହାଦ୍ୱାରା ବେଶ୍ ଆରାମ ଓ ହାଲୁକା ଅନୁଭବ କରନ୍ତି। ମସ୍ତିଷ୍କ ତୀକ୍ଷ୍ଣ ହୋଇଥାଏ। ଦୋଳି ଖେଳିବା ଦ୍ୱାରା ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ଦୂର ହୋଇଯାଏ। ମସ୍ତିଷ୍କରୁ ଏପରି ଏକ ହର୍ମୋନ ନିର୍ଗତ ହୁଏ ଯାହା ଶରୀର ଓ ମନକୁ ଶାନ୍ତ କରିବାରେ ସହାୟକ ହୋଇଥାଏ। ଏହାଦ୍ୱାରା ମସ୍ତିଷ୍କ ଭାରାକ୍ରାନ୍ତରୁ ବାହାରି ହାଲୁକା ହୁଏ ଓ ଅଧିକ ସକ୍ରିୟ ହୁଏ। ଏହାଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଏ।

ତେବେ ରଜ ବ୍ୟତୀତ ଅନ୍ୟ ସମୟରେ ମଧ୍ୟ ଦୋଳି ଖେଳ ହୋଇଥାଏ। ଆଜିକାଲି ବିଭିନ୍ନ ଅନୁଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦୋଳି ଖେଳିବାର ବ୍ୟବସ୍ଥା ହେଉଛି। ଏସବୁ ଭିତରେ ଦୋଳି ଖେଳିବା ସମୟରେ ସତର୍କତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରୀ। ଦୋଳିଟି ଠିକ୍ ଭାବେ ପ୍ରସ୍ତୁତ ହୋଇଛି କି ନାହିଁ ଭଲ ଭାବେ ଦେଖନ୍ତୁ। କାରଣ ଅନେକ ସମୟରେ ଅଚାନକ ଦୋଳି ଭାଙ୍ଗିଯିବା ପରି ଅଘଟଣ ଓ ଗୁରୁତର ହେବାର ଘଟଣା ମଧ୍ୟ ଦେଖିବାକୁ ମିଳିଥାଏ। ସେହିପରି ମହିଳାମାନେ ଦୋଳି ଖେଳୁଥିବା ସମୟରେ ନିଜ ପୋଷାକ ପରିପାଟୀକୁ ନେଇ ଟିକିଏ ସତର୍କ ରହିବା ଜରୁରୀ। କାରଣ ଶାଢ଼ି କିମ୍ବା ସାଲୱାର ବେଳେ ବେଳେ ଅସହଜ ବା ଅସୁବିଧାଜନକ ହୋଇଥାଏ। ସେହିପରି ଗର୍ଭବତୀ ମହିଳାଙ୍କ ପାଇଁ ଦୋଳି ଖେଳିବା ମନା। ହୃଦ୍‌ରୋଗ, ଶ୍ୱାସରୋଗ, ମୁଣ୍ଡ ବୁଲାଇଦେବା ସମସ୍ୟା ଏପରିକି ଉଚ୍ଚରକ୍ତଚାପ ଥିବା ମହିଳାମାନଙ୍କ ପାଇଁ ଦୋଳି ଖେଳିବା ସମୟରେ ସତର୍କତା ଅତ୍ୟନ୍ତ ବାଞ୍ଛନୀୟ। ଖାଦ୍ୟ ବା କୌଣସି ପାନୀୟ ଅତ୍ୟଧିକ ଗ୍ରହଣ କରିଥିଲେ ତତ୍‌କ୍ଷଣାତ ପରବର୍ତ୍ତୀ ସମୟରେ ଦୋଳି ଖେଳିବାରୁ ନିବୃତ୍ତ ରୁହନ୍ତୁ। ଦୋଳି ଏକ ଚମତ୍କାର ବ୍ୟାୟାମ, ତେବେ ଏସବୁ ଭିତରେ ଆପଣଙ୍କର ସାମାନ୍ୟତମ ସତର୍କତା ଅବଲମ୍ବନ କଲେ ଏହା ଆପଣଙ୍କ ପାଇଁ ଆନନ୍ଦଦାୟକର ଏକ ଅନୁଭବ ହେବ।

**ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଅଧୀକ୍ଷକ, ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହସ୍ପିଟାଲ, ସିଡିଏ, କଟକ**
ମୋ:୯୪୩୭୬୬୬୪୫୨

## ଚିରନ୍ତନୀ

ଲେଖିଲେ ଏ ପାଷାଣର ଗତେ
''ସକଳ ଯେ ସମାନ ଜଗତେ''
ସବୁ ବଡ଼ ସାନଦୀନ ଧନବାନ
ନତ ମୁଣ୍ଡ ଏଥିରୁଣ୍ଡ।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 4 | | | 6 | | | | 8 |
| | | | | | 8 | | 1 | |
| 1 | | | | 3 | | | 5 | |
| 9 | | 1 | | | | 5 | | |
| | | 4 | | | | | 2 | 6 |
| 8 | | | | | 4 | | | |
| 3 | | | 7 | | | 1 | 6 | |
| | 2 | | 6 | | | 9 | 3 | |
| | | | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 8 | 5 | 2 | 9 | 7 | 4 | 3 |
| 5 | 7 | 4 | 1 | 3 | 8 | 6 | 9 | 2 |
| 9 | 3 | 2 | 6 | 4 | 7 | 1 | 5 | 8 |
| 3 | 8 | 7 | 4 | 5 | 2 | 9 | 1 | 6 |
| 2 | 1 | 9 | 7 | 6 | 3 | 5 | 8 | 4 |
| 6 | 4 | 5 | 9 | 8 | 1 | 2 | 3 | 7 |
| 8 | 5 | 3 | 2 | 9 | 6 | 4 | 7 | 1 |
| 4 | 2 | 1 | 8 | 7 | 5 | 3 | 6 | 9 |
| 7 | 9 | 6 | 3 | 1 | 4 | 8 | 2 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅଦୃଶ୍ୟ ଅପରାଧୀ

ମହାଶୟ,

ଡିଜିଟାଲ ଯୁଗରେ ଛୋଟ ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ସ୍ମାର୍ଟ ଫୋନ୍ ଓ ଇଣ୍ଟରନେଟ ବହୁଳ ବ୍ୟବହାର ହେଉଛି। ଆଉ ଏହାର ସୁଯୋଗ ନେଉଛନ୍ତି ଅଦୃଶ୍ୟ ସାଇବର ଠକ। ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବା ପରେ ମଧ୍ୟ ସାଇବର ଠକେଇ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ସାଇବର ଠକମାନେ ବିଭିନ୍ନ ପ୍ରକାର ଉପାୟରେ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ବିଭିନ୍ନ ପ୍ରକାର ଲୋଭ ଦେଖାଇ କିମ୍ବା ଭୟଭୀତ କରି ଲୋକଙ୍କଠାରୁ ଠକୁଛନ୍ତି। ସାଧାରଣ ଭାବେ ଦେଖିବାକୁ ମିଳୁଛି ଯେଉଁ ଲୋକ ଠକାମିର ଶିକାର ହେଉଛନ୍ତି ତାଙ୍କର ନିଜର ସାମାନ୍ୟ ଅସାବଧାନତା ଯୋଗୁ ଏହିପରି ଘଟଣା ଘଟୁଛି। ଯେତେବେଳେ କୌଣସି ଅପରିଚିତ ବ୍ୟକ୍ତି ଫୋନ କରି କୌଣସି ବ୍ୟକ୍ତିଗତ ତଥ୍ୟ କିମ୍ବା ଆକାଉଣ୍ଟ ସମ୍ପର୍କରେ ପଚାରୁଛନ୍ତି ସେଇ ସମୟରେ ଜଣେ ସତର୍କ ହେବା ଉଚିତ। କାରଣ କୌଣସି ଅପରିଚିତ ବ୍ୟକ୍ତିଙ୍କୁ ନିଜ ବ୍ୟକ୍ତିଗତ ତଥ୍ୟ ପ୍ରକାଶ କରିବା ଅନୁଚିତ। ସାଇବର ଠକ ପ୍ରଥମେ କଲ୍ କରି ଲୋକଙ୍କ ବିଶ୍ୱାସ ଜିତିବା ପାଇଁ ଚେଷ୍ଟା କରନ୍ତି, ଯାହା ଫଳରେ କି ତାଙ୍କ ଉପରେ ଜଣଙ୍କର ସନ୍ଦେହ ସୃଷ୍ଟି ହେବ ନାହିଁ। ଏହା ପରେ ତାଙ୍କଠାରୁ ବିଭିନ୍ନ ପ୍ରକାର ଶୈଳୀରେ ତଥ୍ୟ ହାସଲ କରିଥାନ୍ତି। ଆକାଉଣ୍ଟ ସମ୍ପର୍କରେ ତଥ୍ୟ ମାଗି ଆକାଉଣ୍ଟ ଠିକ କରିବା ପାଇଁ କହି ଫସାଉଛନ୍ତି। ଯଦି ଏମିତି କଲ୍ ଆସୁଛି ଆଉ ଏସବୁ ଜିନିଷ ଯଦି କିଏ ଆପଣଙ୍କୁ କହୁଛି ତାହେଲେ ତୁରନ୍ତ ଆପଣଙ୍କ ନିକଟସ୍ଥ ପୋଲିସ ଥାନାରେ ଯାଇ ଏ ବାବଦରେ ସୂଚନା ଦିଅନ୍ତୁ କିମ୍ବା ସାଇବର ଥାନାକୁ ଯାଇ ଅଭିଯୋଗ କରନ୍ତୁ। ଆପଣ ଚାହିଁଲେ ସାଇବର ହେଲ୍ପ ଡେସ୍କର ବି ସହାୟତା ନେଇପାରିବେ। ଠକେଇ ହେବାର ଗୋଲଡେନ ପିରିୟଡ ଭିତରେ ଅର୍ଥାତ ପ୍ରଥମ ଏକ ଘଣ୍ଟା ବେଶ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

**-ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭୁବନେଶ୍ୱରରେ ଆନ୍ତଃ ରାଜ୍ୟ ବନ୍ଧୁକ ର୍ୟାକେଟ୍



ଗିରଫ ୫ ଅଭିଯୁକ୍ତ।

## ୫ ଗିରଫ: କାର୍ ସହ ୬ ବନ୍ଧୁକ, ୧୮ ଗୁଳି ଜବତ

- ଜଟଣୀରେ ଭଡ଼ାଘରେ ରହି ଚଳାଉଥିଲେ ନେଟ୍‌ୱର୍କ
- ପୋଖରୀପୁଟରେ ଚଢ଼ାଉ କରି ଧରିଲା ପୋଲିସ

ଭୁବନେଶ୍ୱର,୧୩।୬ (ସତ୍ୟଜିତ୍ ରାଉତ)

ରାଜ୍ୟ ବାହାରୁ ଆସି ଓଡ଼ିଶାରେ ରହିଥିଲେ। ଘନିଷ୍ଠ ସହଯୋଗୀଙ୍କ ଜରିଆରେ ଚଳାଇଥିଲେ ବନ୍ଧୁକ ବିକ୍ରି ନେଟ୍‌ୱର୍କ। ଉତ୍ତରପ୍ରଦେଶ ସମେତ ବିଭିନ୍ନ ରାଜ୍ୟରୁ ଚୋରାରେ ବନ୍ଧୁକ ଆଣି ଅପରାଧୀଙ୍କ ପାଖରେ ପହଞ୍ଚାଉଥିଲେ। ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଅଞ୍ଚଳରେ ଶୁକ୍ରବାର ସକାଳେ କମିଶନରେଟ୍ ପୋଲିସ ଚଢାଉକରି ର୍ୟାକେଟର ୫ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ବାହାର ରାଜ୍ୟର ୪ଜଣ ଏବଂ ଜଣେ ଓଡ଼ିଶାର। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ବାଲିଆ ଜିଲାର ପ୍ରବୀଣ କୁମାର ସିଂ (୪୦), ଅଭିଷେକ ରାଜପୁତ (୩୧), ଇନ୍ଦ୍ରଜିତ୍ ସିଂ (୩୮), ମଧ୍ୟପ୍ରଦେଶ ଭିନ୍ଦ ଜିଲାର ରାଘବେନ୍ଦ୍ର ସିଂ (୨୮) ଓ କଟକ ଜିଲା ସାଲେପୁରର ଏସ୍‌କେ ସକିଲ୍ (୨୮)। ସେମାନଙ୍କଠାରୁ କାର୍ (ଜିଜେ୨୭ଡିଏମ୍୫୧୯୬) ସମେତ ୪ଟି୭.୬୫ ସେମି ଅଟୋମେଟିକ୍ ପିସ୍ତଲ, ଗୋଟିଏ ୬ରାଉଣ୍ଡ୍ ରିଭଲଭର୍, ଗୋଟିଏ ସିଙ୍ଗଲ୍ ଶୁଟ୍, ୧୮ଟି ଜୀବନ୍ତ ଗୁଳି ଓ ୫ଟି ମୋବାଇଲ ଜବତ ହୋଇଛି। ଏନେଇ ଏୟାରପୋର୍ଟ ଥାନା ପକ୍ଷରୁ ଆର୍ମସ ଆକ୍ଟର ବିଭିନ୍ନ ସେକ୍ସନ୍‌ରେ ମାମଲା (ନଂ.୧୮୨/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ପ୍ରବୀଣ ୨ ମାସ ହେବ ଜଟଣୀ ଗେଟ୍ ଅଞ୍ଚଳରେ ଘରଭଡା ନେଇ ରହୁଥିଲେ। ସହଯୋଗୀ ଅଭିଷେକ, ଇନ୍ଦ୍ରଜିତ୍ ଓ ରାଘବେନ୍ଦ୍ରଙ୍କ ଜରିଆରେ ବନ୍ଧୁକ ଆଣିବା ସହ ରାଜ୍ୟରେ ବିକ୍ରି କରୁଥିଲେ। ବନ୍ଧୁକ ଅନୁସାରେ ଲୋକ ଦେଖି ୪୦ ହଜାରରୁ ୧ ଲକ୍ଷ ଟଙ୍କା ଯାଏ ନେଉଥିଲେ। ଏଜେଣ୍ଟ ଭାବରେ କାମ କରୁଥିବା ସକିଲ୍ ବନ୍ଧୁକ ନେବାକୁ ସକାଳେ ଆସିଥିଲେ। ୪ଜଣ କାର୍‌ରେ ଆସି ସକିଲଙ୍କୁ ବନ୍ଧୁକ ଦେଉଥିବା ବେଳେ ସ୍ୱତନ୍ତ୍ର ପୋଲିସ ଟିମ୍ ଚଢ଼ାଉ କରିଥିଲା। ତେବେ ଏମାନେ ଉତ୍ତରପ୍ରଦେଶ ଓ ଅନ୍ୟାନ୍ୟ ରାଜ୍ୟରୁ ବନ୍ଧୁକ ଆଣୁଥିଲେ ବୋଲି ଜଣାପଡିଛି। ଏମାନଙ୍କ ର୍ୟାକେଟର ଆଉ କେତେଜଣ ଅଛନ୍ତି ତାହା ଜାଣିବାକୁ ପୋଲିସ ଖୋଳତାଡ ଚଳାଇଛି। ଏନେଇ ଅଧିକ ତଦନ୍ତ ଚାଲିଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।




# ସିବିଆଇ ଜାଲରେ ଇପିଏଫ୍‌ଓ ପିଆର୍‌ଓ

## ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କଠାରୁ ନେଉଥିଲେ ୧୦ ଲକ୍ଷ ଲାଞ୍ଚ

- ଡିଜିଟାଲ ଦସ୍ତଖତ ଅନୁମୋଦନ ପାଇଁ ଦିନ ଗଡାଉଥିଲେ
- କମ୍ପାନୀ ପିଛା ୫ ହଜାରେ ନେଉଥିବାବେଳେ ଧରାପଡିଲେ

ଭୁବନେଶ୍ୱର,୧୩।୬(ସତ୍ୟଜିତ୍ ରାଉତ)

ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ବ୍ରହ୍ମପୁର ଇପିଏଫ୍‌ଓ ଆଞ୍ଚଳିକ କାର୍ଯ୍ୟାଳୟର ପିଆର୍‌ଓ ଅନିଲ ରଥଙ୍କୁ ସିବିଆଇ ଗିରଫ କରିଛି। ସିବିଆଇ ଟିମ୍ ଅଭିଯୁକ୍ତ ଅନିଲଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ତାଙ୍କୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ରଥଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅଭିଯୋଗକାରୀ ହେଲେ ବ୍ରହ୍ମପୁର ଆସ୍କାରୋଡ୍ ଲେନ୍-୨ର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୂରଜ କୁମାର ଦାଶ। ସୂରଜ ଏମ୍/ଏସ୍ ଜୟ ଜଗନ୍ନାଥ ଇନ୍‌ଫ୍ରାଟେକ୍ ପକ୍ଷରୁ ଡିଜିଟାଲ୍ ଦସ୍ତଖତ ଅନୁମୋଦନ ପାଇଁ ଇପିଏଫ୍‌ଓ ପୋର୍ଟାଲ ଜରିଆରେ ମାର୍ଚ୍ଚ ୬ରେ ଆବେଦନ କରିଥିଲେ। ହେଲେ ଇପିଏଫ୍‌ଓ ଅଫିସ ପକ୍ଷରୁ ବିଭିନ୍ନ ତ୍ରୁଟି ଦର୍ଶାଯାଇ ଏହି ଆବେଦନକୁ ପ୍ରତ୍ୟାଖ୍ୟାନ କରିଦିଆଯାଉଥିଲା। ପ୍ରଥମ ଆବେଦନରେ ୫ଏ ଫର୍ମ ଅପଲୋଡ୍ ହୋଇ ନ ଥିବା କାରଣ ଦର୍ଶାଯାଇଥିଲା। ଫଳରେ କମ୍ପାନୀ ପକ୍ଷରୁ ସୂରଜ ବ୍ରହ୍ମପୁରସ୍ଥିତ ଇପିଏଫ୍‌ଓ ଅଫିସ ଯାଇଥିଲେ। ସେଠାରେ ଅନିଲ ତାଙ୍କୁ ଅତିରିକ୍ତ କାଗଜପତ୍ର ଆଦି ଦାଖଲ କରିବାକୁ କହିଥିଲେ। ପରେ ଜୟ ଜଗନ୍ନାଥ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦସ୍ତଖତ ଥିବା ସବୁ ଦସ୍ତାବିଜ୍‌କୁ ମେ ୧୭ରେ ସୂରଜ ଦାଖଲ କରିଥିଲେ। ହେଲେ ଦ୍ୱିତୀୟଥର ପାଇଁ ମଧ୍ୟ ଏହାକୁ ରିଜେକ୍ଟ କରିଦିଆଯାଇଥିଲା। ୫ଏ ଫର୍ମ ସହ ପ୍ୟାନ୍ ଓ ଆଧାର ଅପ୍‌ଲୋଡ କରିବାକୁ କୁହାଯାଇଥିଲା। ଜୁନ ୩ରେ ଉକ୍ତ କାଗଜପତ୍ରକୁ ସୁରଜ ପୋର୍ଟାଲ ଜରିଆରେ ତୃତୀୟଥର ପାଇଁ ଅପ୍‌ଲୋଡ କରି ଇପିଏଫ୍‌ଓ ଅଫିସ ଯାଇ ମଧ୍ୟ ଦାଖଲ କରିଥିଲେ। ସେହିପରି ଜୁନ ୪ରେ ସୁରଜ ଅନ୍ୟଏକ କମ୍ପାନୀ ଏମ୍/ଏସ୍ ଉତ୍ତମ ପାତ୍ରୀ ପକ୍ଷରୁ ପୋର୍ଟାଲ ଜରିଆରେ ଓ ଅଫିସ୍‌କୁ ଯାଇ ଡିଜିଟାଲ ଦସ୍ତଖତ ପାଇଁ ଆବେଦନ କରିଥିଲେ। ହେଲେ ସପ୍ତାହ ପରେ ମଧ୍ୟ ୨ କମ୍ପାନୀର ଆବେଦନ ପ୍ରକ୍ରିୟାଧୀନ ଦେଖାଇବାରୁ ସୂରଜ ଜୁନ ୧୧ରେ ଇପିଏଫ୍‌ଓ ଅଫିସକୁ ଯାଇ ତାହାର କାରଣ ପଚାରିଥିଲେ। ଏଥିପାଇଁ କମ୍ପାନୀ ପିଛା ୫ ହଜାର ଟଙ୍କା ଲେଖାଏ ଦେବାକୁ ପଡ଼ିବ ବୋଲି ଅନିଲ କହିଥିଲେ। ଏନେଇ ସୂରଜ ଟୋଲଫ୍ରି ନମ୍ବର ଜରିଆରେ ସିବିଆଇକୁ ଜଣାଇବା ସହ ଗୁରୁବାର ଭୁବନେଶ୍ୱର ଆସି ଲିଖିତ ଅଭିଯୋଗ କରିଥିଲେ। ଯୋଜନା ଅନୁଯାୟୀ, ଗୁରୁବାର ରାତି ପ୍ରାୟ ୧୦ଟାରେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଛକସ୍ଥିତ ଏକ ଷ୍ଟ୍ରିଟ୍‌ଫୁଡ୍ ଷ୍ଟଲ୍ ପାଖରେ ସୂରଜଙ୍କଠାରୁ ଅନିଲ ଲାଞ୍ଚ ଟଙ୍କା ନେବା ବେଳେ ସିବିଆଇ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

ବଳଙ୍ଗା,୧୩।୬ (କେଦାରେଶ୍ୱର ନନ୍ଦ)

ପୁରୀ ଜିଲା ବଳଙ୍ଗା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ମାନସିକ ଭାରସାମ୍ୟ ହରାଇ ଘରେ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୧୯/୨୫) ରୁଜୁକରିବା ସହ ଅଭିଯୁକ୍ତ ଅମୂଲ୍ୟ ପ୍ରଧାନ ଓରଫ ବିଜୁ (୨୨)ଙ୍କୁ ଗୁରୁବାର ରାତିରେ ନୟାଗଡ଼ ଅଞ୍ଚଳରୁ ଗିରଫ କରିଛି। ତାଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ପୋଲିସ ୧୬୪ ଧାରାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ମୁତାବକ, ଗୁରୁବାର ସକାଳେ ନାବାଳିକା ନିକଟସ୍ଥ ଏକ ସ୍ଥାନକୁ ନଡ଼ିଆ କତା କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ଫେରିବାବେଳେ ଶୋଷ ଲାଗିବାରୁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ପାଣି ପିଇବା ପାଇଁ ଯାଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ଇଲେକ୍ଟ୍ରିକ କାମ କରୁଥିବା ଜଣେ ଯୁବକ ତାଙ୍କୁ ଏକୁଟିଆ ଦେଖି ବଳାତ୍କାର ଉଦ୍ୟମ କରିଥିଲେ। ସେ ପାଟି କରିବାରୁ ଅଭିଯୁକ୍ତ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିବା ସହିତ ପରିବାର ଲୋକଙ୍କୁ ଜଣାଇଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ପୀଡ଼ିତା ବହୁ କଷ୍ଟରେ ଘରେ ପହଞ୍ଚିଥିଲେ। ଏହି ସମୟରେ ମା' ବାପା ଘରେ ନ ଥିଲେ। ସେ ଫୋନ କରି ସମସ୍ତ ଘଟଣା ଜଣାଇବା ସହିତ ତୁରନ୍ତ ଘରେ ପହଞ୍ଚିବାକୁ କହିଥିଲେ। ମା', ବାପା ଘରେ ପହଞ୍ଚିବା ବେଳକୁ ଝିଅ କୀଟନାଶକ ପିଇ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ପରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା।

# ଗୁଜରାଟରୁ ଆଉ ୨ ଅଭିଯୁକ୍ତ ଗିରଫ

**ବିଧାୟକଙ୍କଠାରୁ ୧.୪ କୋଟି ଟଙ୍କା ଠକେଇ ଘଟଣା**

ଭୁବନେଶ୍ୱର,୧୩।୬ (ସତ୍ୟଜିତ୍ ରାଉତ)



ଅଭିଯୁକ୍ତ କୋଟାକ କୌଶିକ ଓ କାନ୍ତରିୟା ଯୋଗେଶ ହର୍ଜିଭାଇ

ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ତୁଷାରକାନ୍ତି ବେହେରାଙ୍କଠାରୁ ୧ କୋଟି ୪୦ ଲକ୍ଷ ଟଙ୍କା ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଆଉ ଦୁଇଜଣ ଅର୍ଥାତ ୧୦ମ ଓ ୧୧ତମ ଅଭିଯୁକ୍ତଙ୍କୁ ଗୁଜରାଟରୁ ଗିରଫ କରିଛି। ସେମାନେ ହେଲେ ଗୁଜରାଟ ଭବନଗରର କାନ୍ତରିୟା ଯୋଗେଶ ହର୍ଜିଭାଇ (୨୩) ଓ ରାଜକୋଟର କୋଟାକ କୌଶିକ (୩୬)। ଅଭିଯୁକ୍ତ କାନ୍ତରିୟା ଶିବଶକ୍ତି ଏଣ୍ଟରପ୍ରାଇଜେସ୍ ଓ କୋଟାକ କେ.କେ. ଏକ୍ସପର୍ଟର ମୁଖ୍ୟ ଅଛନ୍ତି। ଅଭିଯୁକ୍ତଦ୍ୱୟଙ୍କଠାରୁ ମୋବାଇଲ, ସିମ୍‌କାର୍ଡ, ଆଧାରକାର୍ଡ, ପାନ୍‌କାର୍ଡ ଆଦି ଜବତ ହୋଇଛି। ସେମାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୯ଜଣ ଜେଲରେ ରହିଛନ୍ତି। ବିଧାୟକଙ୍କୁ ଠକେଇ ସମ୍ପର୍କରେ ଚଳିତବର୍ଷ ଜାନୁଆରୀ ୧୩ରେ କ୍ରାଇମବ୍ରାଞ୍ଚର ସାଇବର ଥାନା ଏକ ମାମଲା (ନଂ.୩/୨୦୨୫) ରୁଜୁ ହୋଇଥିଲା। କାନ୍ତରିୟା ଓ କୌଶିକ ଏବଂ ସେମାନଙ୍କ ସହଯୋଗୀ ଟ୍ରେଡ୍ ଆନାଲିଷ୍ଟ ଭାବେ ପରିଚୟ ଦେଇ ଠକେଇ କରିବା ସହ ନିଜ ଆକାଉଣ୍ଟକୁ ଟଙ୍କା ନେଇଯାଇଥିଲେ।

# ଡାକ୍ତରଙ୍କ ସନ୍ଦେହଜନକ ମୃତ୍ୟୁ

**ହୋଟେଲ ରୁମ୍‌ରୁ ଜବତ ହେଲା ମୃତଦେହ**

ବାଲେଶ୍ୱର,୧୩।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଟାଉନ୍ ଥାନା ଅଧୀନ ମୋତିଗଞ୍ଜ ସିନେମା ବଜାରସ୍ଥିତ ଏକ ହୋଟେଲରେ ପ୍ରଦୀପ ମଲ୍ଲିକ (୪୫) ନାମ ଜଣେ ଡାକ୍ତରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ହୋଟେଲର ୧୧୫ ନଂ. ରୁମ୍‌ରୁ ଶୁକ୍ରବାର ମୃତଦେହ ଜବତ ପରେ ପୋଲିସ ଅପମୃତ୍ୟୁ ମାମଲା (ନଂ.୬୦/୨୫) ରୁଜୁ କରି ତଦନ୍ତ ଚଳାଇଛି। ପ୍ରଦୀପଙ୍କ ଘର କୋଲକାତାର କାଳୀଘାଟ ଅଞ୍ଚଳରେ। ସେ ପ୍ରତିମାସରେ ବାଲେଶ୍ୱରର ନିଶା ନିବାରଣ କେନ୍ଦ୍ରଗୁଡ଼ିକୁ ଆସି ରୋଗୀ ଚିକିତ୍ସା କରିଥାନ୍ତି ବୋଲି ହୋଟେଲ ମ୍ୟାନେଜର କହିଛନ୍ତି। ୭/୮ ବର୍ଷ ଧରି ସେ ବାଲେଶ୍ୱରକୁ ଆସନ୍ତି ଏବଂ ଉକ୍ତ ହୋଟେଲରେ ରହିଥାନ୍ତି। ଶୁକ୍ରବାର ମଧ୍ୟାହ୍ନ ପର୍ଯ୍ୟନ୍ତ ପ୍ରଦୀପ ରୁମ୍ କବାଟ ନ ଖୋଲିବାରୁ ହୋଟେଲ ମ୍ୟାନେଜର ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ କବାଟ ଭଙ୍ଗା ଯାଇ ବେଡ୍ ଉପରେ ଶୋଇଥିବା ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କ ପାଟିରୁ ଧଳା ଫେଣ ବାହାରୁଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ମୃତ ଘୋଷଣା କରିଛନ୍ତି।


## ପୂର୍ବ ତଟ ରେଳପଥ

ନିଲାମ କାଟଲଗ୍ ସଂ.SBP-CATG-T-R-8, ତା.06.06.2025ରିଖ

**କ୍ରମ ସଂ.1:** ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ମହାସମୁନ୍ଦ ଷ୍ଟେସନ"D"ବର୍ଗ (MSMD)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ(GMU)) ବ୍ୟବସ୍ଥା।

**କ୍ରମ ସଂ.2:** ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ନୂଆପଡ଼ା ରୋଡ୍ ଷ୍ଟେସନ"D"ବର୍ଗ (NPD)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ(GMU)) ବ୍ୟବସ୍ଥା।

**କ୍ରମ ସଂ.3:** ସମ୍ପତ୍ତିର ବିବରଣୀ: 05 ବର୍ଷ ନିମନ୍ତେ ସମ୍ବଲପୁର ସିଟି ଷ୍ଟେସନ"D"ବର୍ଗ (SBPY)/ପ୍ଲାଟଫର୍ମ-02-03 ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ (GMU)-ମହିଳା) ବ୍ୟବସ୍ଥା।

**କ୍ରମ ସଂ.4:** ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ମୁନିଗୁଡ଼ା ଷ୍ଟେସନ "D"ବର୍ଗ (MNGD)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଗ ଦୋକାନ (ଜେନେରାଲ ମାଇନର ୟୁନିଟ (GMU)) ବ୍ୟବସ୍ଥା।

**କ୍ରମ ସଂ.5:** ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ଜୁନାଗଡ଼ ରୋଡ୍ ଷ୍ଟେସନ"D"ବର୍ଗ (JNRD)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଗ ଦୋକାନ (ସ୍ପେଶାଲ ମାଇନର ୟୁନିଟ (SMU)-ପଛୁଆ ବର୍ଗ) ବ୍ୟବସ୍ଥା।

**କ୍ରମ ସଂ.6:** ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ହରିଶଙ୍କର ରୋଡ୍ ଷ୍ଟେସନ"D"ବର୍ଗ (HSK)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଗ ଦୋକାନ (ସ୍ପେଶାଲ ମାଇନର ୟୁନିଟ (SMU)-ଅନୁସୂଚିତ ଜନଜାତି-ମହିଳା) ବ୍ୟବସ୍ଥା।

**କ୍ରମ ସଂ.7:** ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ସମ୍ବଲପୁର ସିଟି ଷ୍ଟେସନ"D"ବର୍ଗ (SBPY)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଜଳପାନ ପ୍ରକୋଷ୍ଠ (ସ୍ପେଶାଲ ମାଇନର ୟୁନିଟ(SMU)-ଅନ୍ୟ ପଛୁଆ ବର୍ଗ) ବ୍ୟବସ୍ଥା।

**କ୍ରମ ସଂ.8:** ସମ୍ପତ୍ତିର ବିବରଣୀ : 05 ବର୍ଷ ନିମନ୍ତେ ସମ୍ବଲପୁର ସିଟି ଷ୍ଟେସନ"D"ବର୍ଗ (SBPY)/ପ୍ଲାଟଫର୍ମ-02-03 ରେଳ ଷ୍ଟେସନ ଠାରେ ଗ ଦୋକାନ (ସ୍ପେଶାଲ ମାଇନର ୟୁନିଟ (SMU)-ଅନ୍ୟ ପଛୁଆ ବର୍ଗ) ବ୍ୟବସ୍ଥା।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.23.06.2025 ରିଖ 1000 ଘଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ), ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.23.06.2025 ରିଖ 1140 ଘଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)।

ବିସ୍ତୃତ ବିବରଣୀ www.ireps.gov.in ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର

PR-231/Q/25-26



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର

ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା

## ଗାଡ଼ି ନିଲାମ ନୋଟିସ୍

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଦଖଲ ନିଆଯାଇଥିବା ନିମ୍ନଲିଖିତ ଗାଡ଼ିକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଉପର ବସ୍ ଷ୍ଟାଣ୍ଡ, ପୁଟି ଗୋପାଳପୁର, ଛତ୍ରପୁର, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୨୦ ଠାରେ ତା.୨୩.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସର୍ବସାଧାରଣରେ ନିଲାମ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡ଼ିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା |
|---|---|---|---|---|
| ୧. | ପୁଟି ଗୋପାଳପୁର ଛତ୍ରପୁର ଶାଖା | ପ୍ରଦୀପ କୁମାର ପାତ୍ର | MARUTI CELERIO Zxi Regd. No.: OD07T6595 | ଟ.୨,୩୦,୦୦୦/- (ଜିଏସ୍‌ଟି ଅନ୍ତର୍ଭୁକ୍ତ) / ଟ.୨୩,୦୦୦/- |

ଗାଡ଼ି ଯାଞ୍ଚ କରିବାର ତାରିଖ ଓ ସମୟ: ନବୀନ ଡକୟାର୍ଡ଼, ଡୁରା ଗୋପାଳପୁର ଜଙ୍କସନ୍, ବ୍ରହ୍ମପୁର, ଗଞ୍ଜାମ ଠାରେ ତା.୨୧.୦୬.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ

**ନିୟମ ଏବଂ ସର୍ତ୍ତାବଳୀ:**

୧. ଗାଡ଼ି "ଯେଉଁଠାରେ ଯେପରି ଅଛି", "ସେଠାରେ ଯାହା ଅଛି" ଏବଂ "ବିନା ଆଇନଗତ ସହାୟତା" ଭିତ୍ତିରେ ୱାରେଣ୍ଟି ଏବଂ ଇଣ୍ଡେମିନିଟିଜ୍ ବିନା ବିକ୍ରୟ କରାଯିବ।
୨. ବିକ୍ରୟ ମୂଲ୍ୟ ନିମିତ୍ତ ପ୍ରଯୁଜ୍ୟ ଜିଏସ୍‌ଟି ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୩. ଟେଣ୍ଡର ସହିତ ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି ପୃଥକ୍ ଲଟ୍‌ରେ "ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ" ସପକ୍ଷରେ ଡ୍ର କରାଯାଇ ଏବଂ ବ୍ରହ୍ମପୁରକୁ ପୈଠ ଦର୍ଶାଇ ଡିମାଣ୍ଡ ଡ୍ରାଫ୍ଟ ନିମ୍ନସ୍ୱାକ୍ଷରକାରୀଙ୍କ ଠାରେ ତା.୨୧.୦୬.୨୦୨୫ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ।
୪. ନିର୍ଦ୍ଦିଷ୍ଟ ଗାଡ଼ିର ଟେଣ୍ଡରଗୁଡ଼ିକ ସମସ୍ତ ଟେଣ୍ଡରଦାତାଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ନିଲାମ ପାଇଁ ସର୍ବୋଚ୍ଚ ବିଡ୍‌କୁ ଫ୍ଲୋର୍ ପ୍ରାଇସ୍ ଭାବେ ବିବେଚନା କରାଯିବ।
୫. ସଂରକ୍ଷିତ ମୂଲ୍ୟ ଠାରୁ କମ୍ ମୂଲ୍ୟର ପ୍ରସ୍ତାବର ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ।
୬. ସଫଳ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଚୂଡ଼ାନ୍ତ ନିଲାମ ରାଶିର ୨୫% ସଙ୍ଗେ ସଙ୍ଗେ ଜମା କରିବାକୁ ପଡ଼ିବ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ **୭ଦିନ ମଧ୍ୟରେ** ଜମା କରିବାକୁ ପଡ଼ିବ।
୭. ଯଦି ବିଡ୍ ରାଶିର ୨୫% (ଅମାନତ ରାଶି ବାଦ୍ ଦେଇ) ନିଲାମ ତାରିଖ ଦିନ ଏବଂ/କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ବିଡ୍ ରାଶି ପୈଠ କରିବାକୁ ବିଫଳ ହୁଅନ୍ତି, ତେବେ ନିମ୍ନସ୍ୱାକ୍ଷରକାରୀଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ପୂର୍ବରୁ ଜମା ହୋଇଥିବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରାଶିକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡର ଥରେ ଦାଖଲ ହେବା ପରେ ନିଲାମ ସମ୍ପୂର୍ଣ୍ଣ ନହେବା ଯାଏଁ କୌଣସି ପ୍ରକାରେ ଫେରସ୍ତ କରାଯିବ ନାହିଁ।
୯. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସମସ୍ତ ପ୍ରସଙ୍ଗରେ ବ୍ୟାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୦. ଯେଉଁମାନେ କେବଳ ଅମାନତ ରାଶି ଦାଖଲ କରିଛନ୍ତି ସେମାନଙ୍କୁ ଟେଣ୍ଡର ତଥା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ।
୧୧. ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ଏହା ଏକ ନୋଟିସ୍ ଭାବେ ବିବେଚନା କରାଯିବ।
୧୨. ଅନ୍ୟ କୌଣସି ସୂଚନା ପାଇଁ ଇଚ୍ଛୁକ ନିଲାମଧାରୀମାନେ **ଶାଖା ମୁଖ୍ୟ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୁଟି ଗୋପାଳପୁର ଛତ୍ରପୁର ଶାଖା, ଫୋନ୍ ନଂ.: ୯୮୬୧୧୬୩୦୩୨**ଙ୍କ ସହ ଯୋଗାଯୋଗ କରନ୍ତୁ।
୧୩. ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ **www.unionbankofindia.com** ଦେଖନ୍ତୁ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୧୩.୦୬.୨୦୨୫ | ଶାଖା ମୁଖ୍ୟ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



ପ୍ରୋଫର୍ମା ୧୦-୦୧

## ଭାରତୀୟ ରେଳ, ପୂର୍ବତଟ ରେଳପଥ

### "ବିଦ୍ୟୁତୀକରଣ ସମ୍ବନ୍ଧୀୟ ସାର୍ବଜନୀନ ବିଜ୍ଞପ୍ତି"

ଏଠାରେ ଥିବା ରେଳ ଲାଇନ ଏବଂ ପରିସରର ସମସ୍ତ ଉପଭୋକ୍ତାଙ୍କୁ ଜଣାଇ ଦିଆଯାଉଛି ଯେ, ପୂର୍ବତଟ ରେଳବାଇର ନିମ୍ନଲିଖିତ ବିଭାଗର କାମ ସମାପ୍ତ ହୋଇଛି। ୨୫୦୦୦ ଭୋଲ୍ଟ ୫୦ହର୍ଜ, ଏସି ଓଭରହେଡ ଟ୍ରାକସନ ତାରରେ ତା୨୦।୦୬।୨୦୨୫ କିମ୍ବା ପରବର୍ତ୍ତୀ ଯେ କୌଣସି ସମୟରେ ବିଦ୍ୟୁତ୍ ସଂଯୋଗ ଦିଆଯିବ। ବିଭାଗ ପାଖରେ ନିର୍ଦ୍ଦିଷ୍ଟ ତାରିଖ ଉଲ୍ଲେଖ କରାଯାଇଛି। ଏଣୁ ତା୨୦।୦୬।୨୦୨୫ରିଖରୁ ଓଭରହେଡ ଟ୍ରାକସନ ଲାଇନ ସବୁ ସମୟରେ ଜୀବନ୍ତ ବିଦ୍ୟୁତ ସଂଯୋଗ ଭାବରେ ପରିଗଣିତ ହେବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭରହେଡ ଲାଇନର ନିକଟତର ହୁଅନ୍ତୁ ନାହିଁ କିମ୍ବା କାର୍ଯ୍ୟ କରନ୍ତୁ ନାହିଁ।

**ଷ୍ଟେସନ/ରେଳପଥ:** SKND YARD & M/S. JINDAL STAINLESS STEEL LTD. ପୂର୍ବତଟ ରେଳପଥର Khurda ଡିଭିଜନ ଅଧୀନରେ ଥିବା ପ୍ଲାଣ୍ଟୟାର୍ଡ।

**ବିଭାଗର ନାମ:** SKND - JKPR

**ସୁକିନ୍ଦା ଷ୍ଟେସନରୁ JSL PH-୨ ସାଇଡିଂର ନିମ୍ନଲିଖିତ ଅଂଶ ଗୁଡ଼ିକର ବିଦ୍ୟୁତୀକରଣ ବିବରଣୀ:**

| କ୍ରମିକ ସଂଖ୍ୟା | ବର୍ଣ୍ଣନା | କିଲୋମିଟରରେ ଚେନେଜ୍: ଲୋକେସନଠାରୁ | କିଲୋମିଟରରେ ଚେନେଜ୍: ସ୍ଥାନକୁ | କି.ମି. | ରେଳ ଡିଭିଜନ | ବିଦ୍ୟୁତୀକରଣ ତାରିଖ |
|---|---|---|---|---|---|---|
| ୧ | ଜିନ୍ଦଲ ଲିଡଲାଇନ PH-୧ରୁ ଲିଡ କ୍ରସ୍‌ଓଭର ଲାଇନ୍ PH-୨ (XO-୧) (ପାରମ୍ପରିକ OHE) | MISL/୧/୧୭ CH-୧୭୨/୬୮୦.୭୦ | ଜେଏସଏଲ/୧/୪ସିଏଚ୍-୧/୧୨୫.୫୦ | ୦.୧୭୧ | ପୂର୍ବତଟ ରେଳପଥ, ଖୋର୍ଦ୍ଧା ରୋଡ ଡିଭିଜନ | ୨୦।୦୬।୨୦୨୫ |
| ୨ | ଜିନ୍ଦଲ ଲିଡଲାଇନ PH-୧ରୁ ଲିଡ କ୍ରସ୍‌ଓଭର ଲାଇନ୍ PH-୨ (XO-୨) | ଜେଏସଏଲ/୧୦୦୫ସିଏଚ୍-୧/୨୧୮.୮୦ | ଜେଏସଏଲ/୧/୧୧ସିଏଚ୍-୧/୪୦୯.୪୦ | ୦.୧୯୦ | | |
| ୩ | ଲିଡ୍ ଲାଇନ (PH-୨) | ଜେଏସଏଲ/୧/୧ସିଏଚ୍-୧/୮.୫୦ | ଜେଏସଏଲ/୩/୨୮ସିଏଚ୍-୩/୭୯୪.୪୦ | ୩.୭୮୫ | | |
| ୪ | ପ୍ରି-ଟିପ୍ଲିଂ ଲାଇନ। ଲାଇନ-୪ | ଜେଏସଏଲ/୪/୮ସିଏଚ୍-୪/୨୯୮.୪୦ | ଜେଏସଏଲ/୫/୭-୮ସିଏଚ୍-୫/୨୨୯.୯୦ | ୦.୯୩୧ | | |
| ୫ | ପ୍ରି-ଟିପ୍ଲିଂ ଲାଇନ। ଲାଇନ-୫ | ଜେଏସଏଲ/୩/୨୮ସିଏଚ୍-୩/୭୯୪.୪୦ | ଜେଏସଏଲ/୫/୫ସିଏଚ୍-୫/୧୭୧.୪୦ | ୧.୩୭୭ | | |
| ୬ | ପୋଷ୍ଟ ଟିପଲିଂ ଲାଇନ। ଲାଇନ-୬ | ଜେଏସଏଲ/୪/୬ସିଏଚ୍-୪/୨୩୯.୯୦ | ଜେଏସଏଲ/୫/୬ବି-୭ବିସିଏଚ୍-୫/୨୯୭.୪୦ | ୧.୦୫୭ | | |
| ୭ | ଲୋଡ଼ିଂ/ଅନଲୋଡ଼ିଂ ଲାଇନ-୭ | ଜେଏସଏଲ/୪/୪ବିସିଏଚ୍-୪/୩୫୨.୪୦ | ଜେଏସଏଲ/୪/୫ସି-୬ସିସିଏଚ୍-୪/୫୧୪.୪୦ | ୦.୧୬୨ | | |
| ୮ | ଇଞ୍ଜିନ୍ ଏସ୍କେପ୍ ଲାଇନ-୮ | ଜେଏସଏଲ/୪/୨ଡିସିଏଚ୍-୪/୩୫୨.୪୦ | ଜେଏସଏଲ/୫/୮ଡିସିଏଚ୍-୫/୩୬୦.୪୦ | ୧.୦୦୮ | | |
| ୯ | ଲୋଡିଂ/ଅନଲୋଡିଂ ଲାଇନ-୯ | ଜେଏସଏଲ/୪/୨ବିସିଏଚ୍-୪/୨୯୩.୯୦ | ଜେଏସଏଲ/୪/୩ଇ-୪ଇସିଏଚ୍-୪/୪୭୮.୪୦ | ୦.୧୮୪ | | |
| ୧୦ | ବ୍ରେକ୍ ଭ୍ୟାନ୍ ସାଇଡିଂ | ଜେଏସଏଲ/୩/୩୧ସିଏଚ୍-୩/୯୩୩.୯୦ | ଜେଏସଏଲ/୪/୪ସିଏଚ୍-୪/୧୬୩.୪୦ | ୦.୨୨୯ | | |
| | ମୋଟ ରେଳ ଲାଇନ (କି.ମି.) | | | ୯.୦୯୪ | | |

ପ୍ଲାଣ୍ଟ ମୁଖ୍ୟ, ମେସର୍ସ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍






**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୩।୦୬।୨୦୨୫

| | |
|---|---|
| ୧,୫୭,୨୪୨ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଜମି ଅଧିଗ୍ରହଣ ବିନା ୱାଟ୍‌କୋ କରୁଛି ପ୍ରକଳ୍ପ

**ଚୁପ୍ ବସିଛି ରାଜସ୍ୱ ବିଭାଗ, ଉଚ୍ଚସ୍ତରୀୟ ତଦନ୍ତ ଦାବି**

କୋଣାର୍କ,୧୩।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନ୍‌ଏସିର ୪ଟି ସ୍ଥାନରେ ଜମି ଅଧିଗ୍ରହଣ ବିନା ୱାଟର କର୍ପୋରେଶନ ଅଫ୍ ଓଡ଼ିଶା (ୱାଟ୍‌କୋ) ପକ୍ଷରୁ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ନେଇ ରାଜସ୍ୱ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଫଳରେ ବିଭାଗର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ପୁରୀ ଜିଲା ୱାଟ୍‌କୋ ଡିଭିଜନ ପକ୍ଷରୁ କୋଣାର୍କ ଏନ୍‌ଏସି ଅଧିନସ୍ଥ ମାଧିପୁର ମୌଜାର ପ୍ଲଟ ନଂ-୩୩୨ରେ ୨୦ ଡିସିମିଲି, କୋଣାର୍କ ମୌଜାର ପ୍ଲଟ ନଂ-୧୩୨୧ରେ ୨୦ ଡିସିମିଲି, ପ୍ଲଟ ନଂ-୧୯୨୯ରେ ୧.୮୭ ଡିସିମିଲି, ପ୍ଲଟନଂ-୧୯୦୩ରେ



ନିର୍ମାଣାଧୀନ ପାନୀୟ ଜଳଯୋଗାଣ ପ୍ରକଳ୍ପ।

୧୩ ଡିସିମିଲି ଏବଂ ପ୍ଲଟ ନଂ-୧୬୦୪/୧୭୨୧ରେ ୧.୮୦ ଡିସିମିଲି ଜାଗାରେ ପାନୀୟଜଳ ପ୍ରକଳ୍ପ ନିର୍ମାଣ ପାଇଁ ୧୯-୧୦-୨୦୨୪ରେ ଚିଠିନଂ-୩୧୦୩ରେ ଜାଗା ପ୍ରଦାନ କରାଯିବାକୁ ଗୋପ ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ତେବେ ଏହି ପ୍ରକଳ୍ପ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଏ-୧ ଫର୍ମରେ ଗୋପ ତହସିଲଦାରଙ୍କୁ ଆବେଦନ କରିବାର ସରକାରୀ ନିୟମ ରହିଛି। ମାତ୍ର ୱାଟ୍‌କୋ ପକ୍ଷରୁ ଗୋପ ତହସିଲ କାର୍ଯ୍ୟାଳୟରେ ଜମି ଅଧିଗ୍ରହଣ ପାଇଁ ଆବେଦନ କରା ନ ଯାଇ କୋଣାର୍କ ଏନ୍‌ଏସି ଅଧୀନ ନାଗାମଠ ଗ୍ରାମର ବାଡ଼ିଆବନ୍ତ, ମହାବୀର ମଠ ସମ୍ମୁଖ ସ୍ଥାନ, କୋଣାର୍କ ବସଷ୍ଟାଣ୍ଡ ଓ କୋଣାର୍କ ପ୍ରାଣୀ ଚିକିତ୍ସାଳୟ ପରିସରରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ବେଆଇନ କାର୍ଯ୍ୟ ଉପରେ ରୋକ ଲଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଅଭିଯୋଗ ସମ୍ପର୍କରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତି କହିଛନ୍ତି, ଏ ନେଇ କୋଣାର୍କ ରାଜସ୍ୱ ନିରୀକ୍ଷକଙ୍କ ସହ ଆଲୋଚନା କରାଯିବ। ଏଥିସହ ଆଇନଗତ ପ୍ରକ୍ରିୟାରେ ୱାଟ୍‌କୋ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରାଯାଇ ସରକାରୀ ନିୟମ ଅନୁଯାୟୀ ଜମି ଅଧିଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ମହାନ୍ତି ପ୍ରକାଶ କରିଛନ୍ତି। ସେହିପରି ପୁରୀ ଉପଜିଲାପାଳ ରାଜକିଶୋର ଜେନା କହିଛନ୍ତି, ଜମି ଅଧିଗ୍ରହଣ ବିନା ପ୍ରକଳ୍ପ କାର୍ଯ୍ୟ କରିବା ଆଇନ ସମ୍ମତ ନୁହେଁ। ଏ ସମ୍ପର୍କରେ ଅନୁଧ୍ୟାନ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରଥଖଳାରୁ...

### ୩ ରଥରେ ମଝି ଭୂଇଁ ସଂଯୋଗ



ପୁରୀ,୧୩।୬(ଅଜିତ୍ କୁମାର ମହାନ୍ତି):
ରଥଖଳାରେ ରଥ ନିର୍ମାଣ ଆଗେଇ ଚାଲିଛି। ତିନିରଥରେ ୧୪ ନାହାକା ବୁଲିବା ସହ ଚାରିନାହାକାରେ ସଂଯୋଗ ହୋଇଥିବା ପ୍ରଥମ ଭୂଇଁ ଛ'କାଠିରେ ପାଖୁଡ଼ା ସଂଯୋଗ ପୂର୍ବକ ପ୍ରଥମ ଭୂଇଁ ଫ୍ରେମ ପଡ଼ିଛି। ରଥଚାଳିରେ ତିନିରଥ ଦ୍ୱିତୀୟ ଭୂଇଁ ଫ୍ରେମ୍ ନିର୍ମାଣ ପରେ ବିଭିନ୍ନ ଅଂଶର ନମ୍ବରିଂ ଶେଷ ହୋଇଥିଲା। ଶୁକ୍ରବାର ତିନିରଥରେ ମଝି ଭୂଇଁ ସଂଯୋଗ ହୋଇଛି। ପୂର୍ବାହ୍ନରେ ତିନିରଥ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ତିନିରଥରେ ଦ୍ୱିତୀୟ ଭୂଇଁ ଫ୍ରେମ ବା ମଝି ଭୂଇଁ ସଂଯୋଗ କରାଯାଇଥିଲା। ଏଥିସହ ରଥଚାଳିରେ ତୃତୀୟ ଭୂଇଁ ବା ଅଗ ଭୂଇଁ ନିର୍ମାଣ ଶେଷ ହୋଇଛି। ତୃତୀୟ ଭୂଇଁର ବିଭିନ୍ନ ଅଂଶଗୁଡିକ ନମ୍ବରିଂ ପରେ ଫ୍ରେମ୍ ଖୋଲାଯାଇ ଭୋଇ ସେବକଙ୍କ ସହାୟତାରେ ତିନିରଥରେ ସାଇତା ଯାଇଛି। ଶନିବାର ତିନି ରଥରେ ତୃତୀୟ ଭୂଇଁ ସ୍ଥାପନ ହେବ। ଶୁକ୍ରବାର ତିନିରଥରେ ଗୋଟିଏ ଲେଖାଏ ଡ଼ମକ ବାଡିଆ ଶେଷ ହୋଇଛି। ତାଳଧ୍ୱଜ ଓ ନନ୍ଦିଘୋଷ ରଥରେ ଆଗଆଣି ଓ ପଛଆଣି ଦୁଇଟି ଲେଖାଏ ଡମକ ପଡୁଥିବା ବେଳେ ଦର୍ପଦଳନ ରଥର ୩ଟି ଡମକ ପଡ଼ିଥାଏ। ଏହି ଡମକ ଉପରେ ପଟା ବାଡ଼ିଆ ଯାଇ ତିନିରଥ ବେଦୀ ସିଂହାସନ ନିର୍ମାଣ ହେବ। ତିନିରଥ ଭୂଇଁ ଫ୍ରେମ୍ ନିର୍ମାଣ ଶେଷ ପରେ ଅପରାହ୍ନରେ ମହାରଣା ସେବକମାନେ ବାଡଥାଳ ପୋଟଳ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ୮ଟି ଲେଖାଏ ନାଟଗୋଡ଼ରେ ରାହୁ ରୂପ ଖୋଦେଇ ସହ ଗୋଟିଏ ଲେଖାଏ ଧ୍ୱଜିଦଣ୍ଡାରୁ ଦର୍ପଦଳନ ରଥର ଧ୍ୱଜି ଦଣ୍ଡାର ଚିତ୍ର ଖୋଦେଇ ସାରିବା ପରେ ଦର୍ପଦଳନ ରଥର ସମ୍ମୁଖ ଭାଗ ନିରାଡି ତଳ ଭାଗରେ କଣ୍ଟା ବାଡ଼ିଆ ଯାଇ ସଂଯୋଗ ହୋଇଛି। ଏହି ଧ୍ୱଜିଦଣ୍ଡାରେ ଇଶ ସଂଯୋଗ ହୋଇ ରଥରେ ଘୋଡ଼ା ଲାଗିବା ସହାୟକ ହୋଇଥାଏ। ଚିତ୍ରକାର ସେବକମାନେ ସଫା ହୋଇ ରହିଥିବା ତିନିରଥ ପାର୍ଶ୍ୱ ଦେବଦେବୀ ମୂର୍ତ୍ତି, ସଖୀ, ଓଲଟ ଶୁଆ ଏବଂ ଦେବଦେବୀ ଆସ୍ଥାନ ଫ୍ରେମ୍‌ଗୁଡ଼ିକରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ଼, ୨ ଗୁରୁତର

ବ୍ରହ୍ମଗିରି,୧୩।୬(ସ୍ୱାଧିନ ଚମ୍ପତିରାୟ):
ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଛୋଟପୁର ଗ୍ରାମରେ ଶୁକ୍ରବାର ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୋମା ମାଡ଼ ହୋଇଛି। ଏହି ବୋମା ମାଡ଼ରେ ଦାଦା ଓ ପୁତୁରା ଗୁରତର ହୋଇଛନ୍ତି। ସୁଚନା ଅନୁଯାୟୀ, ଛୋଟପୁର ଗ୍ରାମର ବ୍ରଜବନ୍ଧୁ ମହାପାତ୍ର ଶୁକ୍ରବାର ତାଙ୍କ ରାଶନ ଦୋକାନରେ ବସିଥିବାବେଳେ ସେହି ଗ୍ରାମର ଜଣେ ଯୁବକ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବ୍ରଜବନ୍ଧୁଙ୍କ ଉପରକୁ ପ୍ରଥମେ ଏସିଡ଼ ମାଡ଼ ଓ ପରେ ବୋମା ମାଡ଼ କରିଥିଲେ। ଏହି ସମୟରେ ଉକ୍ତ ଦୋକାନ ପାଖରେ ଛିଡ଼ା ହୋଇଥିବା ତାଙ୍କ ପୁତୁରା ଆଲୋକ ମହାପାତ୍ର ବୋମାମାଡରେ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯିବା ପରେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ବ୍ରହ୍ମଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଘଟଣାସ୍ଥଳରୁ କାଗଜ ସୁତୁଲି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏନେଇ ପୋଲିସ ଦୁଇଜଣଙ୍କୁ ଥାନାରେ ଅଟକ ରଖିଛି।

### ଗଡ଼ିଲା ବିକାଶ ବାହନ ରଥ

ଅସ୍ତରଙ୍ଗ,୧୩।୬(ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ):
ଅସ୍ତରଙ୍ଗରେ ବିକାଶ ବାହନ ରଥ ଗଡ଼ିଛି। ଜାଗୁଲାଇ ପଡ଼ିଆରେ ବ୍ଲକ ଅଧକ୍ଷା ଆରତୀ ନାଏକ, ଏମ୍‌ପିଙ୍କ ପ୍ରତିନିଧି ଦିବାକର ଛାଟୋଇ ଏବଂ ବିଡିଓ ସସ୍ମିତା ବେହେରା ପ୍ରମୁଖ ଏହାର ଶୁଭାରମ୍ଭ କରିଥିଲେ। ଏହି ରଥ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ। ଭାଜପା ସରକାର ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ସମସ୍ତ ପଞ୍ଚାୟତରେ 'ବିକାଶ ବାହନ' ଯାତ୍ରା ମାଧ୍ୟମରେ ଗାଡ଼ି ବୁଲି ଜନସାଧାରଣଙ୍କୁ ଏକ ବର୍ଷର ଉପଲବ୍ଧି ଅବଗତ କରାଯିବ। ବିକାଶ ବାହନ ରଥ ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ପଞ୍ଚାୟତକୁ ଯାଇ ଜନସାଧାରଣଙ୍କୁ ଅବଗତ କରାଇବ। ଅସ୍ତରଙ୍ଗ ପଞ୍ଚାୟତରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଏମ୍‌ପିଙ୍କ ପ୍ରତିନିଧି ଦିବାକର ଛାଟୋଇ, ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର ଏବଂ ସମସ୍ତ ସରକାରୀ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ, ମହିଳା ମହାସଂଘ ଓ ଆଶାକର୍ମୀ ଯୋଗଦେଇଥିଲେ।

# ଦୟା, ଚିଲିକାର ସ୍ଥିତି ପରଖିଲେ ଜଳ ପୁରୁଷ

କଣାସ,୧୩।୬(ବିଭୂତି ଭୂଷଣ ତ୍ରିପାଠୀ)

ଦୟା ସୁରକ୍ଷା ଅଭିଯାନର ଆବାହକ ଶଶିକାନ୍ତ ପ୍ରଧାନଙ୍କ ସଂଯୋଜନାରେ ଭାରତର ଜଳ ପୁରୁଷ ଡ. ରାଜେନ୍ଦ୍ର ସିଂ, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ବିନାୟକ ରଥ, ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ, ବିଜୟ କୁମାର ପ୍ରଧାନ, ବିପିନ ବାବୁ ପ୍ରମୁଖ ଏକ ପ୍ରତିନିଧିମଣ୍ଡଳୀ ବଡ଼ଗୋଠସ୍ଥିତ ଦୟା, ଭାର୍ଗବୀ ଓ ଲୁଣା ସମ୍ମିଳିତ ତ୍ରିବେଣୀ ସଙ୍ଗମ ଓ ଚିଲିକାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଲୋଚନ ବେହେରାଙ୍କ ସଭାପତିତ୍ୱରେ ଜାମଳଗୋଡା ପଞ୍ଚାୟତର କଉନିକୁଣିଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଦୟା ଓ ମକରା ନଦୀରେ ଭୟଙ୍କର ରାଜଦଳ ସମସ୍ୟା ଯୋଗୁ ମତ୍ସ୍ୟଜୀବୀଙ୍କୁ ଜୀବିକା ହରାଇବାକୁ ପଡୁଛି ବୋଲି ସୁଦର୍ଶନ ଦାସ ମତ ଦେଇଛନ୍ତି। ଅନ୍ୟ ବର୍ଷଗୁଡ଼ିକରେ ନଦୀ ଡଙ୍ଗା ଚଳପ୍ରଚଳ ପାଇଁ ବାଟଥାଏ, କିନ୍ତୁ ଚଳିତବର୍ଷ ପ୍ରବଳ ରାଜଦଳ ଯୋଗୁ ଚିଲିକାରୁ ମାଛ ଧରିବା ସମ୍ଭବପର ହେଉନାହିଁ। ନିଜ ଅଧିକାର ଓ ଜୀବିକା ହେତୁ ସମସ୍ତେ ମିଳିମିଶି ଦୟା, ମକରା ନଦୀ ଓ ଚିଲିକା ସୁରକ୍ଷା ପାଇଁ ସଙ୍କଳ୍ପ ନେବାକୁ ଡ. ସିଂ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଜଗଦେବ କହିଛନ୍ତି, ନିରନ୍ତର ପ୍ରୟାସ ଦ୍ୱାରା ଆମ ନଦୀ ସମସ୍ୟାର ସମାଧାନ ବାଟ ବାହାରିବ ଏବଂ ସରକାରଙ୍କ ସହିତ ଆଲୋଚନା ଜରିଆରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ବିଶ୍ୱଜିତ ବଡ଼ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ତୁଷାର ଚମ୍ପତି, ମେନେକା ପ୍ରଧାନ, ଯୁଧିଷ୍ଠିର ବେହେରା, ହରମୋହନ ବେହେରା, ବିଶ୍ୱରଞ୍ଜନ ଜେନା, ଶ୍ରବଣ ପ୍ରଧାନ, ପ୍ରଭାକର ବେହେରା, ଶ୍ରୀମୁଖ ଜେନା, ରାଜକିଶୋର ପ୍ରଧାନ ଓ ଅନେକ ସଂଗଠନର ନେତୃତ୍ୱମାନେ ଏବଂ ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଅଞ୍ଚଳର ଲୋକେ ଯୋଗଦେଇଥିଲେ।

## ମାଦକଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ

ନିମାପଡ଼ା,୧୩।୬(ବିଚିତ୍ରାନନ୍ଦ ସାହୁ):
ଅବକାରୀ ବିଭାଗ ପକ୍ଷରୁ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ମାଦକଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ ଚାଲିଛି। ଏହି ପରିପ୍ରେକ୍ଷୀରେ ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ନିମାପଡ଼ା, ବଳଙ୍ଗା, ଖେଲାର ପ୍ରଭୃତି ଅଞ୍ଚଳରେ ବିଭିନ୍ନ ଜନସଚେତନତା ରଥ ପରିକ୍ରମା କରିଥିଲା। ବିଭିନ୍ନ ସ୍ଥାନରେ କଳାକାରମାନଙ୍କ ଦ୍ୱାରା ପାଲା ପରିବେଷଣ ମାଧ୍ୟମରେ ନିଶାଠାରୁ ଦୂରେଇ ରହିବାକୁ ସଚେତନ କରାଯାଇଥିଲା। ଗାୟିକା ବାଣୀକଣ୍ଠ ବୀଣାପାଣି ବାରିକ ଓ ସାଥୀମାନେ କଣ୍ଠଦାନ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଅବକାରୀ ବିଭାଗ ଏସ୍‌ଆଇ ସୀତା ପଣ୍ଡା, ନିମାପଡ଼ା ଅବକାରୀ ଥାନା ଏସ୍‌ଆଇ ସନ୍ତୋଷ କୁମାର ମହାରଣା, ତପନ ପ୍ରଧାନ ଓ ଆଲୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସୌନ୍ଦର୍ଯ୍ୟକରଣ ନାଁରେ ଐତିହ୍ୟ କୀର୍ତ୍ତିରାଜି ଉଚ୍ଛେଦ

**ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବନ୍ଦ ରହିଲା ବନ ସୁରକ୍ଷା କମିଟି ଶୌଚାଳୟ**

କୋଣାର୍କ,୧୩।୬(ଜ୍ୟୋତିରାଜ ମହାନ୍ତି):
କୋଣାର୍କଠାରୁ ୪ କି.ମି. ଦୂରରେ ଅବସ୍ଥିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାଠାରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିମନ୍ତେ ପୁରାତନ ଐତିହ୍ୟ ଓ କୀର୍ତ୍ତିରାଜି ସମ୍ପନ୍ନ ପୀଠସ୍ଥଳକୁ କୋଣାର୍କ ପୂର୍ତ୍ତବିଭାଗ ବିଭାଗ ଉଚ୍ଛେଦ କରାଯାଇଛି। ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ପୂର୍ତ୍ତବିଭାଗ ପକ୍ଷରୁ ପୁରାତନ ଐତିହ୍ୟ କୀର୍ତ୍ତିରାଜିକୁ ଉଚ୍ଛେଦ କରାଯିବା ଘଟଣାରେ ସଂସ୍କୃତି ପ୍ରେମୀ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ



ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ଚନ୍ଦ୍ରଭାଗା ଠାରେ ଥିବା କରମଙ୍ଗା-ଶ୍ରୀକଣ୍ଠପୁର ଇଡିସିର ଶୌଚାଳୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଚ୍ଛେଦ କରାଯାଇ ନ ଥିବା କୋଣାର୍କ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଦିଲୀପ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି।

## ନାବାଳିକା ଝିଅାରୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

କାକଟପୁର/ଅସ୍ତରଙ୍ଗ,୧୩।୬(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା):
କାକଟପୁର ଥାନା ଅଞ୍ଚଳର ଜଣେ ନାବାଳିକା ଝିଅାରୀଙ୍କୁ ବଡ଼ବାପା ବଳାତ୍କାର ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ବିଏନ୍‌ଏସ୍ ୬୫(୨), ୬୨, ୮/୧୨ ପୋକ୍‌ସୋ ଆଇନରେ ତାଙ୍କୁ ଗିରଫ କରାଯାଇ ଥାନା କେସ୍ ନଂ. ୧୪୩/୨୫ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଉମେଶ କୁମାର ସାହୁ ସୂଚନା ଦେଇଛନ୍ତି।

## ୧୬ରୁ ଜାତୀୟ ଲୋକମେଳା, କୃଷିମେଳା

ପୁରୀ,୧୩।୬(ଅଜିତ୍ କୁମାର ମହାନ୍ତି)

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଚଳିତବର୍ଷ ୨୩ତମ ଲୋକମେଳା (ଜାତୀୟ ଆଦିବାସୀ/ଲୋକଗୀତ ଓ ନୃତ୍ୟ ମହୋତ୍ସବ ଏବଂ ଜାତୀୟ ସ୍ତରୀୟ ପ୍ରଦର୍ଶନୀ) ଏବଂ ୧୬ତମ କୃଷିମେଳା (ଜାତୀୟ କୃଷି ପ୍ରଦର୍ଶନୀ) ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ଚଳିତ ମାସ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି କହିଛନ୍ତି, ଚଳିତ ମାସ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଜାତୀୟ କୃଷିମେଳା ଏବଂ ଲୋକମେଳା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ସମେତ ଅନ୍ୟ ୧୦ଟି ରାଜ୍ୟର କଳାକାରମାନେ ଲୋକଗୀତ ଓ ନୃତ୍ୟ ପ୍ରଦର୍ଶନ କରିବେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗଦେବେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେବେ ବୋଲି ସମ୍ପାଦକ କହିଛନ୍ତି।

**ବିଜୟ ବେହେରା ପାଇବେ ଶ୍ରୀକ୍ଷେତ୍ର ସମ୍ମାନ**

ଚଳିତବର୍ଷ ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ବିଜୟ କୁମାର ବେହେରାଙ୍କୁ ଶ୍ରୀକ୍ଷେତ୍ର ସମ୍ମାନରେ ସମ୍ମାନିତ କରାଯିବ। ଜାତୀୟସ୍ତରୀୟ କୃଷିମେଳାରେ ୨୦ଟି ରାଜ୍ୟରୁ ୪୫୦ରୁ ଊର୍ଦ୍ଧ୍ୱ କଳାକାର ଯୋଗଦେଇ ଲୋକକଳା ପ୍ରଦର୍ଶନ କରିବେ। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷ ଭରତ ନାୟକ, ଅଭ୍ୟର୍ଥନା କମିଟି ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ସାଂସ୍କୃତିକ କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ ସାମନ୍ତରାୟ, ଗଣମାଧ୍ୟମ ସମ୍ପାଦକ ପ୍ରଦ୍ୟୁମ୍ନ ସାଠୁଆ, ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର, ବିଶ୍ୱନାଥ ମିଶ୍ର, ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ଦାସ, କୋଷାଧ୍ୟକ୍ଷ ନାରାୟଣ ପାତ୍ର, ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ସୂଚନା ଓ ପ୍ରଯୁକ୍ତିବିଦ୍ୟା ସମ୍ପାଦକ ଗିତେଶ କୁମାର ମହାନ୍ତି, ଦିବ୍ୟ ପ୍ରକାଶ ସୁବୁଦ୍ଧି, ଶିବସୁନ୍ଦର ମିଶ୍ର, ମହୋତ୍ସବ ଆୟୋଜନ କମିଟି ଉପାଧ୍ୟକ୍ଷ ବିଦ୍ରୋହ କେଶରୀ ସିଂହ, ଯୁଗ୍ମସମ୍ପାଦକ ଦେବେନ୍ଦ୍ର ମହାପାତ୍ର, ସୌମ୍ୟରଞ୍ଜନ ମିଶ୍ର, ପୁଷ୍କର ସାହୁ, ସତ୍ୟନାରାୟଣ ମହାରଣା, ପ୍ରଶାନ୍ତ କୁମାର ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ଓଝା ଉପସ୍ଥିତ ଥିଲେ।

## ୨ ବାତ୍ୟା ଆଶ୍ରୟସ୍ଥଳରେ ତାଲା ପକାଇଲେ ଭାଜପା କର୍ମୀ

ଯୋଗେଶ୍ୱରପୁର,୧୩।୬(ରଶ୍ମି ରଞ୍ଜନ ସାହୁ):
ାତ୍ୟା ଦାଉରୁ ଗରିବ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ବହୁକୋଟି ଟଙ୍କା ବ୍ୟୟରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି। କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ବାତ୍ୟା ଆଶ୍ରୟସ୍ଥଳରେ ଥିବା ସାମଗ୍ରୀ ହେର୍‌ଫେର ହେବା ଘଟଣାକୁ ପ୍ରତିବାଦ କରି ୨ଟି ବାତ୍ୟା ଆଶ୍ରୟସ୍ଥଳରେ ଭାଜପା କର୍ମୀମାନେ ତାଲା ପକାଇଛନ୍ତି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ଦୁର୍ଗାପୁର, ଅଇଁଗୋଳ ଗ୍ରାମରେ ଥିବା ୨ଟି ବାତ୍ୟା ଆଶ୍ରୟସ୍ଥଳ ରକ୍ଷଣାବେକ୍ଷଣ ଅଭାବରୁ ଭୂତ କୋଠି ପାଲଟିଛି। ସେଠାରେ ଥିବା ଜେନେରେଟର, କଟର୍, ଟପ, ରଶି ଇତ୍ୟାଦି ଅନ୍ୟାନ୍ୟ ସାମଗ୍ରୀ ନ ଥିବା ଜଣାପଡ଼ିଛି। ଶୁକ୍ରବାର ନୟାହାଟ ଭାଜପା ମଣ୍ଡଳ ସଭାପତି ରତୋପଳ ନାୟକ, ପଞ୍ଚାୟତର ସମିତିସଭ୍ୟ ପ୍ରଫୁଲ ସ୍ୱାଇଁ, ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ, ପଞ୍ଚାୟତର ଭାଜପା ସଭାପତି ଜିତେନ୍ଦ୍ର ସାହୁ, ରବି ନାରାୟଣ ଦାସ, ଆଦିତ୍ୟ ରାଉତ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଉକ୍ତ ଦୁଇଟି ବାତ୍ୟା ଆଶ୍ରୟସ୍ଥଳରେ ତାଲା ପକାଇଥିଲେ। ଚୋରି ହୋଇଥିବା ଜିନିଷ ବାତ୍ୟା ଆଶ୍ରୟସ୍ଥଳକୁ ନ ଫେରିବା ଯାଏ ତାଲା ଖୋଲାଯିବ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

# ବିକଶିତ କୃଷି ସଂକଳ୍ପ ସମାବେଶ

ସାକ୍ଷୀଗୋପାଳ,୧୩।୬(ଭରତ ରାଉତ)

କୃଷି ବିକାଶ ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବିକଶିତ କୃଷି ସଂକଳ୍ପ ସମାବେଶ ପରଜାପଡ଼ା ପଞ୍ଚାୟତର ଡିହସାହି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର ପୁରୀର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡାକ୍ତର ସୂର୍ଯ୍ୟନାରାୟଣ ମିଶ୍ର ଓ ଗୃହବିଜ୍ଞାନୀ ଡ. ସୁମିତା ଆଚାର୍ଯ୍ୟ, କ୍ଷେତ୍ର ପରିଚାଳକ ରାଜେଶ କୁମାର ମହାପାତ୍ର ଓ କେନ୍ଦ୍ରରେ ଚାଲିଥିବା ପ୍ରକଳ୍ପର ସହକର୍ମୀ ରୁଦ୍ରନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶରେ ପଞ୍ଚାୟତସ୍ତରର ଅନେକ ମହିଳା ସ୍ୱେଚ୍ଛାସେବୀ ଓ ଉଦ୍ୟମୀମାନେ ସକ୍ରିୟ ଭାଗ ନେଇଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଅଞ୍ଚଳର କୃଷି ପ୍ରତିଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷକ ଉତ୍ପାଦନ ଗୋଷ୍ଠୀ ସହ ଆଲୋଚନା ଓ ମାର୍କେଟିଂ ଯୋଗାଯୋଗ ବିକାଶ ଦିଗରେ ଗୁରୁତ୍ୱାରୋପ। ସମାବେଶ ପରେ ବୈଜ୍ଞାନିକ ଦଳ ଦ୍ୱାରା ପରଜାପଡ଼ା ଅଞ୍ଚଳରେ ଅବସ୍ଥିତ ଏକ ମହିଳା ଉଦ୍ୟୋଗୀ ଅନୁଷ୍ଠାନରେ ନଡ଼ିଆରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ଉତ୍ପାଦ ଓ ଉଦ୍ୟୋଗ, ଯାହା ଓର୍‌ମାସ ଦ୍ୱାରା ସମର୍ଥିତ ସେଠାକୁ ପରିଦର୍ଶନ କରାଯାଇଥିଲା। ସେଠାରେ ତିଆରି ହେଉଥିବା ନଡ଼ିଆତେଲ ଓ ତା'ର ମୂଲ୍ୟ ସଂଯୁକ୍ତ ଉତ୍ପାଦନର ଗୁଣମାନ ବୃଦ୍ଧି, ପ୍ୟାକେଟିଂ, ବ୍ରାଣ୍ଡିଂ, ବଜାର ଯୋଗାଯୋଗ ଓ ଅନ୍‌ଲାଇନ ବିକ୍ରୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ବିଶେଷ ଭାବେ ପରଜାପଡ଼ା ପଞ୍ଚାୟତର ୱାର୍ଡମେମ୍ବର ପ୍ରତିମା ବରାଳ, ଶ୍ରୀରାଧା ଉଦ୍ୟୋଗର ସମ୍ପାଦିକା ସର୍ଜିତା ହରିଚନ୍ଦନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।



ବିକଶିତ କୃଷି ସଂକଳ୍ପ ସମାବେଶରେ ଅତିଥି ଏବଂ ଅନ୍ୟମାନେ।

# ଶ୍ରୀମନ୍ଦିର ସମ୍ମୁଖ, ରେଳଷ୍ଟେଶନରେ ମକ୍‌ଡ୍ରିଲ





ପୁରୀ ରେଳଷ୍ଟେଶନ ପରିସରରେ ଆତଙ୍କବାଦୀ ଆକ୍ରମଣ ସଂକ୍ରାନ୍ତ ମକ୍‌ଡ୍ରିଲ୍‌ର ଦୃଶ୍ୟ।

**ରଥଯାତ୍ରାରେ ସୁରକ୍ଷା ପାଇଁ ପ୍ରସ୍ତୁତି**

ପୁରୀ,୧୩।୬(ଅଜିତ୍ କୁମାର ମହାନ୍ତି)

ଚଳିତ ମାସ ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିରେ ଦେଶ ବିଦେଶର ଭକ୍ତ ସାମିଲ ହେବେ। ଭକ୍ତମାନେ ମୁଖ୍ୟତଃ ଟ୍ରେନ୍ ଓ ବସ୍ ଯୋଗ ପୁରୀ ଆସିବେ। ରଥଯାତ୍ରା ସମୟରେ ଯଦି ଆତଙ୍କବାଦୀ ଆକ୍ରମଣ ହୁଏ ତେବେ କିପରି ପ୍ରତିହତ କରାଯାଇପାରିବ ସେନେଇ ଶୁକ୍ରବାର ପୁରୀ ପୋଲିସ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖ ଓ ରେଳଷ୍ଟେଶନରେ ମକ୍‌ଡ୍ରିଲ କରଯାଇଛି। ରେଳଷ୍ଟେଶନରେ ଓଡ଼ିଶା ପୋଲିସ, ଏସ୍‌ଓଜି, ଏସ୍‌ଟିସି, ଆର୍‌ପିଏଫ୍, ଜିଆର୍‌ପି ଆଦି ରେଳ ସୁରକ୍ଷା ବାହିନୀ ଏବଂ ମହିଳା ଟିମ୍ ମିଳିତ ଭାବେ ମକ୍‌ଡ୍ରିଲ କରିଥିଲେ। ଓଡ଼ିଶା ପୋଲିସର ଛଦ୍ମବେଶଧାରୀ ୩ଜଣ ଆତଙ୍କବାଦୀ ପୁରୀ ରେଳଷ୍ଟେଶନରେ ରେଳ ସୁରକ୍ଷା ବାହିନୀକୁ ଆକ୍ରମଣ କରି ଷ୍ଟେଶନରେ ପ୍ରବେଶ କରିଥିଲେ। ସେମାନେ ୧ ନମ୍ବର ଓ ୨ ନମ୍ବର ପ୍ଲାଟଫର୍ମରେ ଥିବା ଯାତ୍ରୀଙ୍କୁ ଗୁଳି କରିଥିଲେ। ୩ ନମ୍ବର ପ୍ଲାଟଫର୍ମରେ ଥିବା ତପସ୍ୱିନୀ ଏକ୍ସପ୍ରେସ୍‌କୁ ହାଇଜାକ୍ କରିଥିଲେ। ରେଲୱେ ପୋଲିସ ଆସି ସେମାନଙ୍କୁ ଧରିବା ପାଇଁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲା। ପରେ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଏସ୍‌ଟିୟୁ କମାଣ୍ଡୋ ଲୋକଙ୍କୁ ଆତଙ୍କବାଦୀଙ୍କ କବଳରୁ ରକ୍ଷା କରିବା ସହ ୩ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲେ। ଆତଙ୍କୀଙ୍କୁ ନିହତ ପରେ ଅଗ୍ନିଶମ ବାହିନୀ ଆସି ରେଳଷ୍ଟେଶନରେ ଲାଗିଥିବା ନିଆଁକୁ ଆୟତ୍ତ କରିଥିଲା। ସେହିପରି ଓଡ୍ରାଫ ଟିମ୍ ପହଞ୍ଚି ଆହତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲା। ଏହି ମକ୍‌ଡ୍ରିଲ ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ଼ ହୋଇଥିଲା। ସନ୍ଧ୍ୟାରେ ଶ୍ରୀମନ୍ଦିର ସମ୍ମୁଖ ବାଗେଡ଼ିଆ ଧର୍ମଶାଳା ନିକଟରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ବାଗେଡ଼ିଆ ଧର୍ମଶାଳାରେ ଆତଙ୍କବାଦୀ ପଶି ଲୋକଙ୍କୁ ବନ୍ଧକ ରଖିଥିବା ବେଳେ ଯବାନମାନେ ସେମାନଙ୍କୁ କୌଶଳକ୍ରମେ ମୁକ୍ତ କରିଥିଲେ। ରଥଯାତ୍ରାକୁ ଦୃଷ୍ଟିରେ ରଖି ଏହି ମକ୍‌ଡ୍ରିଲ କରାଯାଇଥିଲା। ମକ୍‌ଡ୍ରିଲରେ ଓଡ଼ିଶା ପୋଲିସ, ଜିଆର୍‌ପି, ଆର୍‌ପିଏଫ, ଏସ୍‌ଓଜି, ଏସ୍‌ଟିଏ କମାଣ୍ଡୋ, ରେଲୱେ ମହିଳା କମାଣ୍ଡୋ, ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ଏହିପରି ୧୧ଟି ବିଭାଗ ସାମିଲ ଥିଲେ।

# ଆମିଷ ପ୍ରିୟଙ୍କ ରଜ ଘାଟା

## ସଜବାଜରେ ଖାଇଗଲେ ଅଢ଼େଇ କୋଟିର ଆମିଷ

ଭୁବନେଶ୍ୱର, ୧୩।୬ (ସୌମ୍ୟରଞ୍ଜନ ରାଉତ)

ଆମିଷ ପ୍ରିୟ ଲୋକଙ୍କ ପାଇଁ ଏଥର ରଜ ପୂରା ଘାଟା। ରଜରେ ଖାସି ମାଂସ ଆଉ ପାଟିରେ ବାଜିବନି। କାରଣ ପହିଲି ରଜ ଶନିବାର ପଡୁଥିବାବେଳେ ମଝି ରଜ ରବିବାର ପଡୁଛି ସଂକ୍ରାନ୍ତି। ସେହିପରି ଶେଷ ରଜ ସୋମବାର। ଅଧିକାଂଶ ଓଡ଼ିଆ ଲୋକ ଏହି ଦିନଗୁଡ଼ିକରେ ଆମିଷ ଖାଉ ନ ଥିବାରୁ ଏଥର ବିନା ଆମିଷରେ ରଜ ପାଳିବାକୁ ହେବ ବୋଲି ଆଲୋଚନା କରୁଛନ୍ତି। ଚକୁଳି ଓ ପୋଡ଼ ପିଠାର ଖାସିମାଂସର ମଜା ନେଇ ହେବନି ବୋଲି ରାଜଧାନୀର ଆମିଷ ପ୍ରିୟ ଲୋକମାନେ କହୁଛନ୍ତି। କିନ୍ତୁ ସଜବାଜ ଶୁକ୍ରବାର ଥିବାରୁ ଆମିଷପ୍ରେମୀଙ୍କ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି ହୋଇଥିଲା। ଆମିଷ ଟିକେ ପାଟିରେ ଦେବା ପାଇଁ ସକାଳୁ ସକାଳୁ ବିଭିନ୍ନ ଆମିଷ ମାର୍କେଟରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଦିନକରେ ମୋଟ୍ ୨କୋଟି ୪୧ଲକ୍ଷ ୬୨ ହଜାର ୫ଶହ ଟଙ୍କାର ଆମିଷ ବ୍ୟବସାୟ ହୋଇଥିବା ଅଲ୍ ଓଡ଼ିଶା ନନ୍‌ଭେଜ୍ ଟ୍ରେଡର୍ସ ଫେଡେରେଶନର ରାଜ୍ୟ ସଭାପତି ସେକ୍ ମୁନ୍ତାକିମ୍ ବକ୍ସ କହିଛନ୍ତି। ସେଥିମଧ୍ୟରୁ ୭୨ଲକ୍ଷ ଟଙ୍କାର ମଟନ୍ ବ୍ୟବସାୟ ହୋଇଥିବାବେଳେ ୭୨ଲକ୍ଷ ଟଙ୍କାର ଚିକେନ୍ ଏବଂ ୭୯ଲକ୍ଷ ୬୨ ହଜାର ୫ଶହ ଟଙ୍କାର ମାଛ ବ୍ୟବସାୟ ହୋଇଛି। ଖାସି କିଲୋ ୮ଶହ ଟଙ୍କା ରହିଥିବାବେଳେ ଛେଳିର ଦାମ୍ ୬୫୦ଟଙ୍କାରୁ ୭ଶହ ରହିଥିଲା। ସେହିପରି ବ୍ରଏଲର ଚିକେନ୍ କେଜି ୨୨୦ରୁ ୨୪୦ଟଙ୍କା, କଲର ବାର୍ଡର ଦାମ୍ ୨୫୦ଟଙ୍କା, ଦେଶୀ କିଲୋ ୫୦୦ଟଙ୍କା, ସୋନାଲୀ ଚିକେନ୍ ଦାମ୍ ୪୦୦ଟଙ୍କା, ରୋହୀ ମାଛ କେଜି ୧୮୦ରୁ ୨୦୦, ଭାକୁର ୨୦୦ରୁ ୨୪୦, ଜଲଙ୍ଗା ୧୫୦, ମିରିକାଳୀ ୨୦୦, ଛୋଟ ଚିଙ୍ଗୁଡ଼ି ୨୦୦, ୩୫୦ ଏବଂ ବଡ ଚିଙ୍ଗୁଡ଼ି ୪୦୦ଟଙ୍କା, କଙ୍କଡ଼ା ୩୫୦ରୁ ୮ଶହ ଟଙ୍କା, ପୋହଳା ୨ଶହ ଟଙ୍କା ଦର ରହିଥିବା ମୁନ୍ତାକିମ୍ ବକ୍ସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରଜ ପାଇଁ ସହରର ବିଭିନ୍ନ ବଜାରରେ ରଜ ଭିଡ଼ ଲାଗି ରହିଥିଲା। ୟୁନିଟ-୮, ଖଣ୍ଡଗିରି, ପାତ୍ରପଡ଼ା, ତମାଣ୍ଡୋ, ସୁନ୍ଦରପଦା, ବଡ଼ଗଡ଼, ବ୍ରହ୍ମେଶ୍ୱର ପାଟଣା, ହଂସପାଳ ଆଦି ମାର୍କେଟରେ ଭଲ ବେପାର ହୋଇଥିବା ସୂଚନା ଦିଆଯାଇଛି।



ଗଣପର୍ବ ରଜର ପ୍ରଥମ ଦିନ ଶୁକ୍ରବାର ସଜବାଜରେ ଭୁବନେଶ୍ୱରର ଜଣେ ମହିଳା ସେମାନଙ୍କ ପିଲାଙ୍କ ହାତରେ ମେହେନ୍ଦୀ କରୁଛନ୍ତି।

## ସଂକ୍ଷେପରେ

### ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ପକ୍ଷରୁ ରେଡ୍‌ମଡ୍ ରିପୋର୍ଟ ପ୍ରକାଶିତ

ଭୁବନେଶ୍ୱର, ୧୩।୬ (ସୁଚିସ୍ମିତା ସାହୁ): ବୈଜ୍ଞାନିକ ତଥା ଔଦ୍ୟୋଗିକ ଗବେଷଣା ପରିଷଦ ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି) ପକ୍ଷରୁ ରେଡ୍‌ମଡ୍ ରିପୋର୍ଟ ପ୍ରକାଶନ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରକଳ୍ପର ପରାମର୍ଶଦାତା ତଥା ନୀତି ଆୟୋଗର ସଦସ୍ୟ ଡ. ଭି.କେ. ସାରସ୍ୱତ ଯୋଗଦେଇ ରେଡ୍‌ମଡ୍ ରିପୋର୍ଟ ଉନ୍ମୋଚନ କରିଥିଲେ। ଏହି ପ୍ରକଳ୍ପକୁ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଭୁବନେଶ୍ୱର, ସିଏସ୍ଆଇଆର୍ -ନ୍ୟାଶନାଲ ମେଟାଲର୍ଜିକାଲ ଲାବରେଟୋରି (ସିଏସ୍ଆଇଆର୍-ଏନ୍ଏମ୍ଏଲ୍) ଜାମଶେଦପୁର, ସମନ୍ୱୟ ପରୀକ୍ଷାଗାର ଏବଂ ଜବାହରଲାଲ ନେହେରୁ ଆଲୁମିନିୟମ ରିସର୍ଚ୍ଚ ଡେଭଲପମେଣ୍ଟ ଆଣ୍ଡ ଡିଜାଇନ ସେଣ୍ଟର (ଜେଏନ୍ଏଆର୍‌ଡିଡିସି) ନାଗପୁର ଦ୍ୱାରା ପ୍ରମୁଖ ଶିଳ୍ପ ଅଂଶୀଦାର ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍, ବେଦାନ୍ତ ଲିମିଟେଡ୍ ଏବଂ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ) ସହ ମିଳିତ ଭାବରେ ହାତକୁ ନିଆଯାଇଥିଲା। ଏହି ପ୍ରକଳ୍ପଟି ଆଲୁମିନା ଉତ୍ପାଦର ଏକ ପ୍ରମୁଖ ଶିଳ୍ପ ଉପ-ଉତ୍ପାଦ ରେଡ୍‌ମଡ୍‌ର ବ୍ୟାପକ ବ୍ୟବହାର ପାଇଁ ସମନ୍ୱିତ ପ୍ରକ୍ରିୟା ଫ୍ଲୋ ସିଟ ବିକାଶ କରିବା ଉପରେ ଧ୍ୟାନ ଦେଇଥିଲା। ଲୁହା, ଆଲୁମିନା, ଟାଇଟାନିଆ ଏବଂ ରେୟାର ଆର୍ଥ ଏଲିମେଣ୍ଟ (ଆର୍ଇଇ) ଭଳି ମୂଲ୍ୟବାନ୍ ଧାତୁ ପୁନରୁଦ୍ଧାର କରିବା ହେଉଛି ଏହାର ଉଦ୍ଦେଶ୍ୟ।





ଗୁଜରାଟର ଅହମ୍ମଦାବାଦଠାରେ ଘଟିଯାଇଥିବା ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ମୃତାହତଙ୍କ ଉଦ୍ଦେଶ୍ୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ବାଲୁକା କଳା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

## ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ପାଇଁ ଦୀପଦାନ

ପୁରୁଣା ଭୁବନେଶ୍ୱର,୧୩।୬(ସୁବାସ ଚନ୍ଦ୍ର ପ୍ରଧାନ): ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୀପ ଦାନ ଓ ଶୋକସଭା ଶୁକ୍ରବାର ସୁନ୍ଦରପଦା ବ୍ରାହ୍ମଣ ସମିତି ପକ୍ଷରୁ ସୁନ୍ଦରେଶ୍ୱର ମହାଦେବ ଏବଂ ପତିତପାବନ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ସମିତି ସଭାପତି ପ୍ରଲିପ୍ତ କୁମାର ନନ୍ଦଙ୍କ ପୌରୋହିତ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଆୟୋଜିତ ଶୋକସଭାରେ ସମିତିର ସମ୍ପାଦକ ବିଷ୍ଣୁ ପ୍ରସାଦ ନନ୍ଦ, ନୀଳମଣି ମିଶ୍ର, ଜିତେନ୍ଦ୍ର କୁମାର ନନ୍ଦ, ଅର୍ଜ୍ଜୁନ ନାୟକ, ଗୋଖିବାବା ମେଳା କମିଟିର ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ସେବା ପ୍ରତିନିଧି ପକ୍ଷରୁ ବିନ୍ଦୁସାଗର ଶ୍ରାଦ୍ଧଘାଟରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିସହ ଆହତଙ୍କ ପାଇଁ ଆଶୁ ଆରୋଗ୍ୟ କାମନା କରାଯାଇଛି। କାର୍ଯ୍ୟକ୍ରମରେ ନୀଳମଣି ମିଶ୍ର, ଗିରିଜା ଶଙ୍କର ମହାପାତ୍ର, ତାରା ଚରଣ ଆଚାର୍ଯ୍ୟ, ଅଶୋକ ମହାରଣା, ହୃଷିକେଶ ବେହେରା, ସୌଦାମିନୀ ସାମଲ, ପ୍ରଶାନ୍ତ ମହାନ୍ତି, ପତିତପାବନ ପଣ୍ଡା, ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ, ସ୍ନେହଲତା ମହାପାତ୍ର ଯୋଗଦେଇଥିଲେ।

## ଆଲୋଚନା ପରେ ପ୍ରାଥମିକ ଶିକ୍ଷକ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୧୩।୬(ସୁଚିସ୍ମିତା ସାହୁ)

ଶିକ୍ଷକଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ପକ୍ଷରୁ ଆସନ୍ତା ସପ୍ତାହରେ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଥିଲା। ହେଲେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଶୁକ୍ରବାର ସଂଘକୁ ଡାକି ସେମାନଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ସଂଘର ଦାବି ହେଲା ୨୦୧୧ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ କରା ନ ଯାଉ, ଅନ୍ୟ ବିଭାଗ ଭଳି ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ଉଚ୍ଛେଦ ସହ ସ୍କିମାଟିକ ଶିକ୍ଷକଙ୍କୁ ତୁରନ୍ତ ନିୟମିତ ଶିକ୍ଷକ ମାନ୍ୟତା, ୮ ଓ ୬ ବର୍ଷର ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ କାର୍ଯ୍ୟକାଳକୁ ୬ଟି ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, ଅନ୍ୟ ଜିଲାରେ ଚାକିରି କରିଥିବା ଶିକ୍ଷକଙ୍କୁ ନିଜ ଜିଲାକୁ ବଦଳି କରିବା, ୮ମ ଓ ବାଲବାଟିକା ଶ୍ରେଣୀ ଖୋଲା ଯାଇଥିବାରୁ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କରିବା ସହିତ ଶିକ୍ଷକ ପଦବୀ ୧,୩୬,୬୬୯ରୁ ୨,୭୦,୦୦୦କୁ ବୃଦ୍ଧି କରିବା, ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିମନ୍ତେ ଶିଶୁ ଅଧିକାର ଅଧିନିୟମ ୨୦୦୯ ଏବଂ ଓଡ଼ିଶାର ଶିକ୍ଷା ଅଧିକାର ଆଇନ -୨୦୧୦କୁ କଡାକଡି ଲାଗୁକରିବା ଓ ଶିକ୍ଷକ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଲାଗୁ କରିବା। ତେବେ ଏହି ଦାବିଗୁଡିକ ପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ପାଖକୁ ପଠାଇ ଖୁବ୍‌ଶୀଘ୍ର ପୂରଣ କରିବାକୁ ଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପଦୋନ୍ନତି ବିଷୟ ଉଚ୍ଚନ୍ୟାୟାଳୟରେ ବିଚାରାଧୀନ ଥିବାରୁ ସେହି ରାୟ ଆସିବା ପରେ ୨୦୧୧ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ଆବଶ୍ୟକତା ହେବ କି ନାହିଁ ତାହା ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ସଚିବ କହିଥିଲେ। ସଚିବ ଓ ଅନ୍ୟ ଅଧିକାରୀଙ୍କ ଅନୁରୋଧ ରକ୍ଷାକରି ହେବାକୁ ଥିବା ଆନ୍ଦୋଳନକୁ ସ୍ଥଗିତ ରଖାଗଲା ବୋଲି ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି। ତାଙ୍କ ସହ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ, ଉପସଭାପତି ଅଗାଧୁ ସେଠୀ, ଗଞ୍ଜାମ ଜିଲା ସଭାପତି ହେମନ୍ତ ସେଠୀ ଓ ବାଲୁରି ବାରିକ ପ୍ରମୁଖ ୫ ଜଣିଆ ନେତୃତ୍ୱ ମଣ୍ଡଳୀ ଉପସଚିବ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ସହନିର୍ଦ୍ଦେଶକ,ଓସେପା ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରିଥିଲେ।

## ଦ୍ୱିତୀୟ ସନ୍ଧ୍ୟାରେ ପ୍ରଦର୍ଶିତ ହେଲା ଚଳଚ୍ଚିତ୍ର 'ଧରିତ୍ରୀ'



ଭୁବନେଶ୍ୱର, ୧୩।୬ (ସୌମ୍ୟରଞ୍ଜନ ରାଉତ)- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସୂଚନା ଭବନରେ ଚାଲିଥିବା ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ 'ଧରିତ୍ରୀ' ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଧୀରେନ୍ଦ୍ର ନାଥ ବିଶ୍ୱାଳଙ୍କ ପ୍ରଯୋଜିତ ଓ ନିତାଇ ପାଲିତ୍‌ଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି କ୍ଲାସିକ ଓଡ଼ିଆ ସିନେମାକୁ ଦର୍ଶକମାନେ ବେଶ ଉପଭୋଗ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଉପସ୍ଥିତ ଥିଲେ।

## ଜଳ, ଭେକ୍ଟରବାହିତ ରୋଗ ନିରାକରଣ ବ୍ୟାପକ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩।୬(ବନ୍ଦନା ସେଠୀ)

ବର୍ଷାଋତୁର ପ୍ରାରମ୍ଭରେ ଜଳ ଓ ଭେକ୍ଟର ବାହିତ ରୋଗଗୁଡ଼ିକର ନିରାକରଣ, ପ୍ରତିଷେଧ ଏବଂ ପରିଚାଳନା ପାଇଁ ସମସ୍ତ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ଲକ୍ଷ୍ୟଭେଦୀ କରିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନଠାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ ଉପସ୍ଥିତ ରହି ସଦ୍ୟତମ ତଥ୍ୟ ଓ ତତ୍ ସମ୍ବନ୍ଧୀୟ ବିଷୟ ଉପରେ ଆଲୋଚନା କରିଥିଲେ। ବର୍ଷାଦିନିଆ ରୋଗ ଯଥା ଡାଇରିଆ, ଜଣ୍ଡିସ୍, ମ୍ୟାଲେରିଆ, ଡେଙ୍ଗୁ ଆଦିର ପ୍ରତିରୋଧ ଓ ଚିକିତ୍ସା ବିଷୟରେ ଆଲୋଚନା ହୋଇଥିଲା। ଜିଲାୱାରି ସ୍ଥିତିର ସମୀକ୍ଷାକରି କ୍ଷେତ୍ର ସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ କରିବା, ଘରକୁ ଘର ସର୍ବେକ୍ଷଣ କରି ଆରମ୍ଭରୁ ରୋଗର ଚିହ୍ନଟ କରିବା, ସରକାରୀ ଡାକ୍ତରଖାନାଗୁଡ଼ିକରେ ଶଯ୍ୟା ସଂଖ୍ୟା ବୃଦ୍ଧି କରିବା, ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲଗୁଡ଼ିକରେ ଆବଶ୍ୟକ ଔଷଧ ଓ ସାଲାଇନ୍ ମହଜୁଦ ରଖିବା ଆଦି ନିଶ୍ଚିତ କରାଇବା ନେଇ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗ୍ରାମ ଓ ସହରାଞ୍ଚଳରେ ଥିବା ସମସ୍ତ ନଳକୂପ ଓ ପାନୀୟ ଜଳସ୍ରୋତକୁ ନିୟମିତ ଭାବେ ବିଶୋଧନ କରିବା ପାଇଁ ଜଳଯୋଗାଣ ବିଭାଗ ଯନ୍ତ୍ରୀମାନଙ୍କୁ କହିଥିଲେ। ସ୍କୁଲ ନଳକୂପ, କୂପ ଓ ପାଣିଟାଙ୍କି ଆଦିକୁ ବୈଜ୍ଞାନିକ ପଦ୍ଧତିରେ ଠିକ୍ ଭାବେ ବିଶୋଧିତ କରିବା ପାଇଁ ବଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ହୋଇଛି। ଦୂରଦୂରାନ୍ତ ଅଞ୍ଚଳରେ ମୋବାଇଲ ହେଲ୍‌ଥ ୟୁନିଟ୍‌ଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା, ମ୍ୟାଲେରିଆ ଓ ଡେଙ୍ଗୁପ୍ରବଣ ଅଞ୍ଚଳରେ 'ଦମନ' କାର୍ଯ୍ୟକ୍ରମକୁ ସଘନ ଓ ବ୍ୟାପକ କରିବା ପାଇଁ ମଧ୍ୟ କୁହାଯାଇଛି। ବର୍ଷାଋତୁଜନିତ ରୋଗର ସର୍ବେକ୍ଷଣ, ଚିକିତ୍ସା ଓ ପରିଚାଳନା ନିମନ୍ତେ ଜିଲାସ୍ତରରେ ୨୪ x ୭ ଘଣ୍ଟା ଭିତ୍ତିରେ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବାକୁ ଜିଲାପାଳଙ୍କୁ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

## ରାକେଶ ପଣ୍ଡା ପାଇଲେ 'ଶାନ୍ତି ସ୍ତୁପ ସମ୍ମାନ'

ଭୁବନେଶ୍ୱର, ୧୩।୬ (ସୌମ୍ୟରଞ୍ଜନ ରାଉତ) - ଲେଖନୀ ମାଧ୍ୟମରେ ସମାଜରେ ପରିବର୍ତ୍ତନ ଓ ଶାନ୍ତି ପ୍ରତିଷ୍ଠାର ଶ୍ରେଷ୍ଠ ପ୍ରୟାସ ଲାଗି ଯୁବ ସାହିତ୍ୟିକ ତଥା ସ୍ତମ୍ଭକାର ରାକେଶ ପଣ୍ଡାଙ୍କୁ ଯୁବ ଲେଖକ ବର୍ଗରେ 'ଶାନ୍ତି ସ୍ତୁପ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଗୁରୁବାର ଗୀତଗୋବିନ୍ଦ ସଦନଠାରେ ମାସିକ ଓଡ଼ିଆ ଖବରକାଗଜ 'ଶାନ୍ତି ସ୍ତୁପ'ର ୪ର୍ଥ ସ୍ୱନକ୍ଷତ୍ର ଉତ୍ସବରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ଯୁବନେତା ଅମରେଶ ଜେନା, ସାମାଜିକ କର୍ମୀ ଶୁଚିସ୍ମିତା ପୃଷ୍ଟି, ଶାନ୍ତିସ୍ତୁପ ସମ୍ପାଦକ ରଞ୍ଜନ ମହାପାତ୍ର ଯୋଗଦେଇଥିଲେ।

## ମଞ୍ଚସ୍ଥ ହେଲା ନାଟକ 'ଏ ଜାତିର ସେନାପତି'

ଭୁବନେଶ୍ୱର, ୧୩।୬(ସୌମ୍ୟରଞ୍ଜନ ରାଉତ)



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ନାଟକ କାର୍ଯ୍ୟକ୍ରମର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ଏ ଜାତିର ସେନାପତି' ମଞ୍ଚସ୍ଥ ହୋଇଛି। ଏହା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୀବନୀ ଉପରେ ଆଧାରିତ। ନାଟ୍ୟକାର ପ୍ରଫେସର ବିଜୟ ଶତପଥୀ ଏହି ନାଟକ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ନଳିନୀ ନିହାର ନାୟକ। କାର୍ଯ୍ୟକ୍ରମରେ ଲେଖକ ଡ଼. ରବି ନାରାୟଣ ସେନାପତି, ସାହିତ୍ୟିକ ଗୌରହରି ଦାସ, ଓଡ଼ିଆ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନ, ଐତିହାସିକ ନିହାର ରଞ୍ଜନ ପଟ୍ଟନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ଆଶାଏଁ ପକ୍ଷରୁ ଗ୍ରୀଷ୍ମକାଳୀନ ଶିଶୁ ଶିବିର



ଅତିଥିଙ୍କ ସହ ଶିବିରରେ ଯୋଗଦେଇଥିବା ଶିଶୁମାନେ।

ଭୁବନେଶ୍ୱର, ୧୩।୬ (ସୌମ୍ୟରଞ୍ଜନ ରାଉତ)

ପଥପ୍ରାନ୍ତ ଶିଶୁମାନଙ୍କ ସୁରକ୍ଷା ଓ ଉନ୍ନତି ଲାଗି କାର୍ଯ୍ୟ କରୁଥିବା ଯୁବ ସ୍ୱେଚ୍ଛାସେବୀ ସଙ୍ଗଠନ ଆଶାଏଁ ପକ୍ଷରୁ ଶନିବାର ଗ୍ରୀଷ୍ମକାଳୀନ ଶିଶୁ ଶିବିର ବୁଧନଗର କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ରୂପେ ଗାନ୍ଧିବାଦୀ ପ୍ରହ୍ଲାଦ ସିଂହ, ରୟାଲ ଲାଗୁନ ଲେଡିସ୍ କ୍ଲବ ସଦସ୍ୟା ଶାନ୍ତି ରାୟ, ପ୍ରଶାନ୍ତି ଏଜୁକେସନ ଡେଭେଲପମେଣ୍ଟ ଟ୍ରଷ୍ଟ ସଦସ୍ୟା ତପସ୍ୱିନୀ ପଣ୍ଡା, ସମାଜସେବୀ ଜୟଶ୍ରୀ ମହାପାତ୍ର, ସମାଜିକକର୍ମୀ ଘାସିରାମ ପଣ୍ଡା, ଶିକ୍ଷାବିତ୍ ଜାହୀଦ ଅଖତର, ସମାଜସେବୀ ପ୍ରତିମା ବେହେରା ପ୍ରମୁଖ ଯୋଗଦେଇ ଥିଲେ।

## ବାଲିଅନ୍ତା ବ୍ଲକ୍‌ରେ ଗଡ଼ିଲା ବିକାଶ ବାହନ ଯାତ୍ରା

ବାଲିଅନ୍ତା,୧୩।୬ (ନୀଳମାଧବ ସାହୁ)- ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ପରିସରରୁ ଏକ ବିକାଶ ବାହନ ଯାତ୍ରାର ଶୁଭାରମ୍ଭ ହୋଇଛି। ବିଡିଓ ବିମଳ କୁମାର ଲେଙ୍କା, ଏବିଡିଓ ଅପରାଜିତା ସ୍ୱାଇଁ, ଜିପିଓ ନୀଳଶୈଳ ସ୍ୱାଇଁ ଓ ଏମ୍‌ପିଙ୍କ ପ୍ରତିନିଧି ଭାବେ ବିଜୟ କୁମାର ମହାରଣାଙ୍କ ସମେତ ବ୍ଲକର କର୍ମଚାରୀମାନେ ଉପସ୍ଥିତ ରହି ଏହି ବିକାଶ ବାହନ ଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ କିମ୍ବା ଜୟଦେବ ନିର୍ବାଚନମଣ୍ଡଳୀର କୌଣସି ଲୋକପ୍ରତିନିଧି ଉପସ୍ଥିତ ନ ଥିଲେ। ଏହି ବିକାଶ ବାହନ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ୧୬ଟି ପଞ୍ଚାୟତରେ ଗଡ଼ିବ। ପଞ୍ଚାୟତଗୁଡ଼ିକରେ ବିଭିନ୍ନ ଗ୍ରାମକୁ ବୁଲି ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ସଚେତନ କରିବା ଓ ବିଭିନ୍ନ ଯୋଜନା ଉପରେ ଆଧାରିତ ଭିଡିଓ ମଧ୍ୟରେ ପ୍ରଦର୍ଶିତ କରାଯିବ। ବ୍ଲକ କାର୍ଯ୍ୟାଳୟରୁ ଶୁଭାରମ୍ଭ ପରେ ବିକାଶ ବାହନ ପ୍ରଥମେ ସତ୍ୟଭାମାପୁର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସରପଞ୍ଚ ରଶ୍ମିତା ଭୋଇ ଏହି ବିକାଶ ବାହନକୁ ସ୍ୱାଗତ କରିଥିଲେ। ଏହି ସ୍ୱାଗତ କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସବିତା ମୁଣ୍ଡରୀ ଓ ରୀତା ମହାନ୍ତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

## ଓସିପିଏଲ୍ ପକ୍ଷରୁ ମେଗା ରକ୍ତଦାନ ଶିବିର

ଭୁବନେଶ୍ୱର,୧୩।୬ (ଅଭୟ ଦାସ)

ଅନ୍ତର୍ଜାତୀୟ ରକ୍ତଦାନ ଦିବସ ଅବସରରେ ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ପକ୍ଷରୁ ମେଗା ରକ୍ତଦାନ ଶିବିର ଶୁକ୍ରବାର ମନୋହରପୁର ଟାଉନଶିପ୍ କମ୍ପ୍ଲେକ୍ସସ୍ଥିତ ଓସିପିଏଲ୍ ଡିସ୍‌ପେନ୍‌ସାରିଠାରେ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ରକ୍ତଦାନ ସଂସ୍ଥା କାର୍ଯ୍ୟକ୍ରମରେ ସହଯୋଗ ଏବଂ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରିଥିଲେ। ଶିବିରରେ ୬୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହା ପୂର୍ବରୁ ଓସିପିଏଲ୍‌ର ପ୍ରତିଷ୍ଠା ଦିବସ ଅବସରରେ ମଧ୍ୟ ୮୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାନ ସନ୍ଦେଶର ପ୍ରସାର ସହ ଆପତ୍‌କାଳୀନ ସମୟରେ ଆବଶ୍ୟକ ରକ୍ତ ଯୋଗାଇବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓସିପିଏଲ୍ ଏବଂ ଏହାର ସହଭାଗୀ ସଂସ୍ଥା ବିଜିଆର୍ ମାଇନିଂର କର୍ମଚାରୀମାନେ ଉପସ୍ଥିତ ଥିଲେ। ସେମାନେ ରକ୍ତଦାନ ଶିବିରରେ ସାମିଲ କର୍ମଚାରୀଙ୍କ ଉତ୍ସାହକୁ ବଢ଼ାଉଥିଲେ। ଓସିପିଏଲ୍‌ର ଏହି ସାମାଜିକ ପ୍ରୟାସ ଓ ସେବା ଭାବ ପ୍ରତି ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟାନ୍ୟ ବେସରକାରୀ ସଙ୍ଗଠନର ଅଧିକାରୀମାନେ ଗଭୀର ପ୍ରଶଂସା କରିଛନ୍ତି। ଓସିପିଏଲ୍ ଏକ ସଚେତନ ଉଦ୍ୟୋଗ ଭାବେ ସାମାଜିକ ଉନ୍ନତି ଓ ଜନସ୍ୱାସ୍ଥ୍ୟ ପ୍ରତି ତାହାର ଦୃଢ଼ ପ୍ରତିବଦ୍ଧତାକୁ ସର୍ବଦା ବଜାୟ ରଖିଛି ବୋଲି ଅତିଥିମାନେ କହିଛନ୍ତି।



## ଭାରତୀୟ ଜନସଂଖ୍ୟାର ୧୨% ୬୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସ୍କ

ଭୁବନେଶ୍ୱର, ୧୩।୬ (ବନ୍ଦନା ସେଠୀ)



'ହେଲ୍ପ ଏଜ୍ ଇଣ୍ଡିଆ' ପକ୍ଷରୁ କରାଯାଇଥିବା 'ଅଣ୍ଡରଷ୍ଟାଣ୍ଡିଂ ଇଣ୍ଟରଜେନେରେଶନାଲ ଡାଇନାମିକ୍ସ ଆଣ୍ଡ ପର୍ସେପ୍‌ସନ୍ସ ଅନ୍ ଏଜିଂ'ର ରିପୋର୍ଟକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

୨୦୨୫ ସୁଦ୍ଧା ଭାରତୀୟ ଜନସଂଖ୍ୟାର ପ୍ରାୟ ୧୨% ହେଉଛନ୍ତି ୬୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସ୍କ। ୨୦୫୦ ସୁଦ୍ଧା ଏହି ସଂଖ୍ୟା ୧୯%କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଅପରପକ୍ଷେ ଭାରତ ଏବେ ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟାର ଦେଶ ହେବାର ଗୌରବ ମଧ୍ୟ ହାସଲ କରିଛି, ଯେଉଁଠାରେ ୧୫-୨୯ ବର୍ଷ ବୟସର ୩୬୫ ନିୟୁତରୁ ଅଧିକ ବ୍ୟକ୍ତି ଅଛନ୍ତି। ଏହି ଯୁବପିଢ଼ି ମୁଖ୍ୟତଃ ବୃଦ୍ଧମାନଙ୍କୁ ୫୬% ଏକାକୀ, ୪୮% ନିର୍ଭରଶୀଳ, ୫୧% ଜ୍ଞାନୀ ଏବଂ ୪୩% ସମ୍ମାନିତ ଭାବେ ଗ୍ରହଣ କରନ୍ତି। ଏହା ଉଭୟ ସହାନୁଭୂତି ଏବଂ ପ୍ରଶଂସାର ମିଶ୍ରଣକୁ ସୂଚିତ କରୁଥିବା ଏକ ରିପୋର୍ଟରୁ ପ୍ରକାଶ ପାଇଛି। 'ହେଲ୍ପ ଏଜ୍ ଇଣ୍ଡିଆ' ପକ୍ଷରୁ କରାଯାଇଥିବା ଜାତୀୟ ଅଧ୍ୟୟନ 'ଅଣ୍ଡରଷ୍ଟାଣ୍ଡିଂ ଇଣ୍ଟରଜେନେରେସନାଲ ଡାଇନାମିକ୍ସ ଆଣ୍ଡ ପର୍ସେପସନ୍ସ ଅନ୍ ଏଜିଂ'ର ରିପୋର୍ଟରେ ଏହା ପ୍ରକାଶିତ ହୋଇଛି। ଏହି ଜାତୀୟ ଅଧ୍ୟୟନ ୧୦ଟି ମେଟ୍ରୋ ଏବଂ ଅଣ-ମେଟ୍ରୋ ସହର ଯଥା ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଅହମ୍ମଦାବାଦ, କାନପୁର, ନାଗପୁର ଏବଂ ମାଦୁରାଇରେ କରାଯାଇଥିଲା। ଶୁକ୍ରବାର ବୁଦ୍ଧମନ୍ଦିରରେ ଆୟୋଜିତ ବିଶ୍ୱ ବୟସ୍କ ନିର୍ଯାତନା ସଚେତନତା ଦିବସ କାର୍ଯ୍ୟକ୍ରମ ଅବସରରେ ଏହି ରିପୋର୍ଟ ପ୍ରକାଶ ପାଇଛି। ପରେ ଏକ ପ୍ୟାନେଲ ଆଲୋଚନା ଅନୁଷ୍ଠିତ ହୋଇଥିଲା। 'ହେଲ୍ପ ଏଜ୍ ଇଣ୍ଡିଆ'ର ଓଡ଼ିଶା ମୁଖ୍ୟ ଭାରତୀ ଚକ୍ର ଯୋଗଦେଇ କହିଲେ, ସ୍କୁଲଗୁଡ଼ିକରେ ବୟସ ସମ୍ବେଦନଶୀଳତା କାର୍ଯ୍ୟକ୍ରମ କିମ୍ବା ପାଠ୍ୟକ୍ରମ ମାଧ୍ୟମରେ ସହାନୁଭୂତି ଏବଂ ବୟସ ସମ୍ମାନକୁ ପ୍ରୋତ୍ସାହିତ କରିବା ପାଇଁ ସ୍କୁଲଭିତ୍ତିକ ହସ୍ତକ୍ଷେପକୁ ସୁପାରିସ କରିବା ନେଇ ଅନୁଷ୍ଠାନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ସେହିପରି ଯୁବ-ନେତୃତ୍ୱାଧୀନ କାର୍ଯ୍ୟକ୍ରମ ମାଧ୍ୟମରେ ଡିଜିଟାଲ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା, ପିଢ଼ି ମଧ୍ୟରେ ସଂଯୋଗ ଏବଂ ଶିଖିବା ପାଇଁ ସୁଯୋଗ ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। କୃଷି ପ୍ରତିଷ୍ଠାନ ଡିନ୍ ଡ. ସନ୍ତୋଷ କୁମାର ରାଉତ ଯୋଗଦେଇ, ବରିଷ୍ଠ ନାଗରିକମାନେ ଜେଜେଙ୍କ ଭୂମିକା ଗ୍ରହଣ କରିବା, ଯୁବପିଢ଼ିଙ୍କ ସହିତ କଥା ହେବା ଏବଂ ସେମାନଙ୍କୁ ଆବଶ୍ୟକ ସମର୍ଥନ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସହରାଞ୍ଚଳ ସ୍ୱାସ୍ଥ୍ୟ ଅତିରିକ୍ତ ନିର୍ଦ୍ଦେଶକ ଡ. ପୁଷ୍ପିତା ମହାନ୍ତି ସମସ୍ତ ବରିଷ୍ଠ ନାଗରିକ ମାନସିକ ଭାବରେ ଦୃଢ଼ ଏବଂ ଶାନ୍ତ ହେବା ଉଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେହେରୁ ଯୁବ କାର୍ଯ୍ୟକ୍ରମ ରାଜ୍ୟ ସଂଯୋଜକ ମଧୁସୂଦନ ଦାସ, ଏଏମ୍ଏନ୍ଏସ୍ ଇଣ୍ଡିଆ ସିଏସ୍ଆର୍ ମୁଖ୍ୟ ବିକାଶ ଯାଦବେନ୍ଦୁ, ସିୱାଇଏସ୍‌ଡି ପ୍ରତିଷ୍ଠାତା ଜଗଦାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୪୬ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ଖୋର୍ଦ୍ଧା,୧୩।୬(ପ୍ରଭାତ ପାଣିଗ୍ରାହୀ)

ଗ୍ରାମୀଣ ଅଗ୍ନିଶମ ସେବା କାର୍ଯ୍ୟାଳୟ ନିକଟରୁ ଶୁକ୍ରବାର ଖୋର୍ଦ୍ଧା ଅବକାରୀ ପୋଲିସ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି । ସେ ହେଲେ ଭୁବନେଶ୍ୱର ପଟିଆ ଦୋଳମଣ୍ଡପ ସାହିର ଇନ୍ଦ୍ରଜିତ୍ ସାହୁ (୩୪) । ତାଙ୍କଠାରୁ ୪୬ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଛି । ଏହାର ଆନୁମାନିକ ମୂଲ୍ୟ ୪ଲକ୍ଷ ୬୦ହଜାର ଟଙ୍କା ହେବ । ସୂଚନା ମୁତାବକ, ଇନ୍ଦ୍ରଜିତ୍ ଦୀର୍ଘଦିନ ହେବ ବ୍ରାଉନ୍‌ସୁଗାର ବେପାର ଚଳାଉଥିଲେ । ଓଆଇସି ସୁଦର୍ଶନ ବିଶୋଇଙ୍କ ନେତୃତ୍ୱରେ ଏକ ଟିମ୍ ଅଗ୍ନିଶମ ସେବା କାର୍ଯ୍ୟାଳୟ ନିକଟରେ ଇନ୍ଦ୍ରଜିତଙ୍କୁ ଧରିବା ଲାଗି ଛପି ରହିଥିଲେ । ଅନ୍ୟ ଜଣେ କର୍ମଚାରୀ ଗ୍ରାହକ ସାଜି ବ୍ରାଉନ୍‌ସୁଗାର କିଣିବାକୁ ଯାଇ ତାଙ୍କୁ କାବୁ କରିଥିଲେ । ତେବେ ସେ ବ୍ରାଉନ୍‌ସୁଗାର କେଉଁଠୁ ଆଣୁଛନ୍ତି, ସେ ନେଇ ଅବକାରୀ ବିଭାଗ ତଦନ୍ତ ଚଳାଇଛି ।

### ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ

ବେଗୁନିଆ, ୧୩।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ ମିଶ୍ରଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସ୍ୱର୍ଗତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ସ୍ୱର୍ଗତଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ସହ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠଙ୍କ ବଡ଼ବୋହୁ ସୁକାନ୍ତି ଦେବୀ, ସମାଜସେବୀ ରାଜକିଶୋର ମିଶ୍ର, ଶିକ୍ଷକ ବଂଶୀଧର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

### ସମବାୟବିତ୍ ଗୟାଧରଙ୍କ ସ୍ମୃତିଚାରଣ

ବୋଲଗଡ଼, ୧୩।୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଡାବରଧୁଆପଟଣା ପଞ୍ଚାୟତ ଅନ୍ତର୍ଗତ ଚୁଡ଼ା ଗ୍ରାମର ସମବାୟବିତ୍ ଗୟାଧର ମହାପାତ୍ରଙ୍କ ଦ୍ୱାଦଶ ତିଥି ଅବସରରେ ଶୁକ୍ରବାର ସନ୍ଧ୍ୟାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଐତିହାସିକ ରବୀନ୍ଦ୍ର ପରିଡାଙ୍କ ସଭାପତିତ୍ୱ କରି ସ୍ୱର୍ଗତ ମହାପାତ୍ରଙ୍କ ବହୁମୁଖୀ ପ୍ରତିଭାର ଅବତାରଣା କରିଥିଲେ । ସ୍ଥାନୀୟ ସରପଞ୍ଚ ବିଜୟ ସେଠୀ, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, କଲାଙ୍ଗ ପୂର୍ବତନ ସରପଞ୍ଚ କିଶୋର ହୋତା, କଲାଙ୍ଗ ସମିତିସଭ୍ୟ ରଶ୍ମି ରଞ୍ଜନ ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ୟାରୀମୋହନ ଦାସ, ଗୋପୀନାଥ ଖାଡ଼ଙ୍ଗା, ରଘୁନାଥ ଦଳବେହେରା, ନକୁଳ ରାଉତରାୟ, ଧଳାପଥର ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି, ଡାବରଧୁଆପଟଣା ସେବା ସମବାୟ ସଭାପତି ଯୋଗେନ୍ଦ୍ର କୁମାର ଶ୍ରୀଚନ୍ଦନ, ଅର୍ଜ୍ଜୁନ ପଟ୍ଟନାୟକ, ବସନ୍ତ ରାଉତ, ଦିବାକର ରାଉତଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ । ରାଜେଶ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ ।

# ଶ୍ରୀଜୀଉଙ୍କ ଓଡାବସ୍ତ୍ର ଫିଟା ନୀତି ସମ୍ପନ୍ନ

## ଅଣସରରେ ଚାଲିଛି ପୂର୍ଣ୍ଣବିଗ୍ରହଙ୍କ ଉପଚାର

ଖୋର୍ଦ୍ଧା,୧୩।୬(ପ୍ରଭାତ ପାଣିଗ୍ରାହୀ)

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ), ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା । ଜ୍ୱରରେ କଣ୍ଠୁଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ) । ଅଣସର ଗୃହରେ ଚାଲିଛି ଉପଚାର । ଶୁକ୍ରବାର ୩ୟ ଦିବସରେ ଶ୍ରୀଜୀଉଙ୍କ ଓଡାବସ୍ତ୍ର ଫିଟା ନୀତି ସମ୍ପନ୍ନ ହୋଇଛି । ସ୍ନାନବେଦିରେ ଅତ୍ୟଧିକ ସ୍ନାନ ଯୋଗୁ ଠାକୁରଙ୍କ ଶ୍ରୀଅଙ୍ଗ ଓଦା ହୋଇଯାଇଛି । ଏହି ଓଦା ବସ୍ତ୍ର ଓଲାଗି କରିଛନ୍ତି ମନ୍ଦିର ପୂଜକ । ବସ୍ତ୍ର ଓଲାଗି ପରେ ଶ୍ରୀଜୀଉମାନଙ୍କୁ ପଣାଭୋଗ ଅର୍ପଣ କରାଯାଇଛି ବୋଲି ମନ୍ଦିର ପୂଜକ କମଳଲୋଚନ ଦାସ ମହାରାଜ କହିଛନ୍ତି । ପ୍ରକାଶ ଯେ, ଏହି ମନ୍ଦିରରେ ସ୍ୱତନ୍ତ୍ର ଭାବେ କୌଣସି ସେବାୟତ କିମ୍ବା ପୂଜକ ନାହାନ୍ତି । ଏଠାରେ ରହୁଥିବା ବାବାଜୀମାନେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି କରିଆନ୍ତି । ଠାକୁରମାନଙ୍କ ସେବାରେ ମୁଖ୍ୟ ପୂଜକ କମଳଲୋଚନ ମହାରାଜ, କୃଷ୍ଣଚନ୍ଦ୍ର ଦାସ, ଅଯୋଧ ଦାସ ଏବଂ ଅନ୍ୟ ସେବକମାନେ ଏହି ନୀତି ସମ୍ପନ୍ନ କରୁଛନ୍ତି । ସମସ୍ତ ବିଧି ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ସମସ୍ତ ଗୁପ୍ତ ନୀତି ସମ୍ପନ୍ନ କରାଯାଉଥାଏ । ପଞ୍ଚମୀରେ ଫୁଲୁରି ତେଲ ଏବଂ ଅଣସର ୧୦ଦିନରେ ଓଷୁଧ ଲାଗି କରାଯିବ । ଦଶମୀରେ ଚକା ବିଜେ, ଏକାଦଶୀରେ ଖଳିଲାଗି ଏକାଦଶୀ, ଚତୁର୍ଦ୍ଦଶୀରେ ବନକଲାଗି, ଜୁନ ୨୬ରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ରହିଛି । ୨୭ତାରିଖରେ ଘୋଷଯାତ୍ରା ରହିଛି । ମନ୍ଦିର ମୁଖ୍ୟ ପୂଜକ କମଳଲୋଚନ ମହାରାଜ କୁହନ୍ତି, ଅଣସର ନୀତି ନିଷ୍ଠା ପୂର୍ବକ କରାଯାଉଥାଏ । ଗୁପ୍ତସେବାରେ ରହିଥିବା ପୂଜକମାନେ ବାହାରକୁ ଯାଆନ୍ତି ନାହିଁ । ଅଣସର ଗୃହକୁ ଥରେ ପ୍ରବେଶ କଲେ, ନୀତି ସମ୍ପନ୍ନ ନ ହେବା ପର୍ଯ୍ୟନ୍ତ ବାହାରକୁ ଆସନ୍ତି ନାହିଁ । ଠାକୁରଙ୍କ ଲାଗି ନୈବେଦ୍ୟ, ପୁଷ୍ପ ବାହାରକୁ ଯାଏ ନାହିଁ । ଏହି ସମୟରେ ଶ୍ରୀଜୀଉଙ୍କୁ ଧଳା ପୁଷ୍ପ ଲାଗି ହୋଇଥାଏ । ଶ୍ରୀଜୀଉଙ୍କ ଚକଟା ଓ ପଣାଭୋଗ ଅର୍ପଣ କରାଯାଏ । ଅଣସର ପିଣ୍ଡିରେ କେହି ପରସ୍ପର ମଧ୍ୟରେ କଥାବାର୍ତ୍ତା କରନ୍ତି ନାହିଁ । ଠାକୁରଙ୍କ ମନ୍ତ୍ରୋଚ୍ଚାର, ଧ୍ୟାନ, ଜପରେ ନିମଗ୍ନ ରୁହନ୍ତି । ଠାକୁର ଜ୍ୱରରେ ପଡ଼ିତ ହୋଇଥିବାରୁ ମନ୍ଦିର ପରିବେଶ ନିଶବ୍ଦ ପାଳିତପାଇଛି । ଆଗରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଶାଳଗ୍ରାମ ବିଜେ କରନ୍ତି । ଅଣସର ୧୪ଦିନ ରୀତିନୀତି ପ୍ରକାରେ ମଦନମୋହନଙ୍କ ନିକଟରେ ସମସ୍ତ ନୀତି ସମ୍ପନ୍ନ କରାଯାଏ । ଦ୍ୱାରଫିଟାଠାରୁ ପହଣ୍ଡ ପର୍ଯ୍ୟନ୍ତ ସମସ୍ତ ନୀତି କରାଯାଏ । ଏଠାରେ ଶ୍ରୀଜଗନ୍ନାଥ(ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ନାମରେ ପୂଜା ପାଉଛନ୍ତି) ହାତରେ ଶଙ୍ଖ ଓ ଚକ୍ର ଧାରଣ କରିଛନ୍ତି । ବଡ଼ଭାଇ ବଳଦେବ ଖଡଗ ଓ ହଳ ଧାରଣ କରିଛନ୍ତି । ଭଉଣୀ ସୁଭଦ୍ରା ଏବଂ ଶ୍ରୀସୁଦର୍ଶନ ପୂଜା ପାଉଛନ୍ତି । ଚତୁର୍ଦ୍ଧା ମୂର୍ତ୍ତି ଥାଇ ପୂର୍ଣ୍ଣ ବିଗ୍ରହ ପୂଜା ପାଉଛନ୍ତି । ଏହି ଠାକୁରଙ୍କ ମହିମା ଅପାର ବୋଲି କମଳ ମହାରାଜ କହିଛନ୍ତି ।

# ଲବଣଗିରିରେ ପୂଜା ପାଉଛନ୍ତି ପଟିଦିଅଁ

କଟଣୀ,୧୩।୬(ରବୀନ୍ଦ୍ରନାଥ ମହାକୁଡ଼)



କଟଣୀ ବ୍ଲକ ଅନ୍ତର୍ଗତ ଲବଣଗିରି ପାହାଡ଼ସ୍ଥିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନବସର ଅବସରରେ ପୂଜା ପାଉଛନ୍ତି ପଟିଦିଅଁ । ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ କଳସୀ ସୁବାସିତ ଜଳରେ ଗାଧୋଇବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଜ୍ୱର ହେବାରୁ ଅଣସର ପିଣ୍ଡିରେ ଗୁପ୍ତଭାବେ ଚାଲିଛି ଉପଚାର । ମହାପ୍ରଭୁଙ୍କ ଏହି ଉପଚାର ବିଧି ୧୫ ଦିନ ଧରି ଚାଲିବ । ସେପଟେ ରତ୍ନ ସିଂହାସନରେ ମହାପ୍ରଭୁଙ୍କ ଅନୁପସ୍ଥିତିରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ସହ ପଟିଦିଅଁ ପୂଜା ପାଉଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ପ୍ରଭୁ ଅନନ୍ତ ନାରାୟଣ, ପ୍ରଭୁ ବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଓ ଦେବୀ ସୁଭଦ୍ରାଙ୍କ ସ୍ଥାନରେ ଦେବୀ ଭୁବନେଶ୍ୱରୀଙ୍କ ପୂଜା କରାଯାଉଛି । ଲବଣଗିରି ଜଗନ୍ନାଥ ମନ୍ଦିର ପୂଜକ ମଧୁସୂଦନ ସାହୁଙ୍କ ସମେତ ପୁରୋହିତ ଆସିଥିବା ସ୍ମୃତି ରଞ୍ଜନ ଦାଶ, ବିଜୟ କୁମାର ଦାଶ, ହୃଦାନନ୍ଦ ଦ୍ୱିବେଦୀ ପ୍ରମୁଖ ସେବକମାନେ ଅଣସର ଗୁପ୍ତ ନୀତି ସହ ପଟିଦିଅଁ ପୂଜାର୍ଚ୍ଚନା ପରିଚାଳନା କରୁଛନ୍ତି ।



ଖୋର୍ଦ୍ଧା ହାବେଳି ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ବିକାଶ ମେଳାର ଦ୍ୱିତୀୟ ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

### ଚାଷଜମି ରାସ୍ତା ଅବରୋଧମୁକ୍ତ ଦାବି

ଖୋର୍ଦ୍ଧା୧୩।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ପଲଟଣ ପୋଖରୀ ଉନ୍ନତୀକରଣ ଆଳରେ ଜାଷଜମି ରାସ୍ତାକୁ ଅବରୋଧ କରାଯାଇଛି । ଏହି ରାସ୍ତାକୁ ଅବରୋଧ ମୁକ୍ତ ଲାଗି ଜିଲାପାଳଙ୍କ ନିକଟରେ ଗୁରୁଜଙ୍ଗର ବରିଷ୍ଠ ନାଗରିକ ଶଶିଭୂଷଣ ମିଶ୍ର ଦାବି କରିଛନ୍ତି । ଏଥିରେ ଦର୍ଶାଯାଇଛି ଯେ, ପୋଖରୀ ହୁଡ଼ାକୁ ଅଭିଯୋଗକାରୀଙ୍କ ଚାଷଜମି ଉପରକୁ ମଡ଼ାଯାଇ ଗ୍ରୀଲ୍ କରାଯାଇ ଅବରୋଧ କରାଯାଇଛି । ଫଳରେ ଚାଷଜମିକୁ ଯାତାୟାତ କରିବାରେ ଅସୁବିଧା ହେଉଛି । ନକ୍ସା ଅନୁସାରେ ଥିବା ରାସ୍ତା ଉପରେ କମ୍ୟୁନିଟି ଘର କରାଯାଇ ଚାଷଜମିକୁ ରାସ୍ତା ଅବରୋଧ କରାଯାଇଛି । ସ୍ଥାନୀୟ ତହସିଲ, ଉପଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ରାସ୍ତା ଅବରୋଧ ଯୋଗୁ ଗତ ୧୭ବର୍ଷ ହେବ ଚାଷଜମି ପଡ଼ିଆ ପଡିଛି । ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବା ସତ୍ତ୍ୱେ ତହସିଲଦାର ଦିନ ଗଡ଼ାଇ ଚାଲିଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି । ଏହାକୁ ଅବରୋଧ ମୁକ୍ତ କରାନଗଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବା ସହ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି ।

### ବୃଦ୍ଧାଙ୍କଠାରୁ ଝାମ୍ପିନେଲେ ସୁନାଚେନ୍

ବାଲିପାଟଣା, ୧୩।୬(ଅଭିମନ୍ୟୁ ନାୟକ)

ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଥାନା ଅଧୀନ ଶିଶୁମଠ ସାହିର ଜଣେ ବୃଦ୍ଧାଙ୍କ ବେକରୁ ସୁନାଚେନ ଶୁକ୍ରବାର ଦୁର୍ବୃତ୍ତମାନେ ଝାମ୍ପି ନେଇଯାଇଛନ୍ତି । ଲୁଟର ଶିକାର ବୃଦ୍ଧା ହେଉଛନ୍ତି ବାରିଲୋ ଗ୍ରାମର ଅସରପ୍ରାପ୍ତ ସେନା କର୍ମଚାରୀ ବୀରବର ମିଶ୍ରଙ୍କ ସ୍ତ୍ରୀ ମଞ୍ଜୁଲତା ମିଶ୍ର । ଏନେଇ ଅଭିଯୋଗ ପରେ ବାଲିପାଟଣା ପୋଲିସ ଘଟଣାର ତଦନ୍ତ ଚଳାଇଛି । ପୂର୍ବରୁ ମଧ ଏହି ଥାନା ଅଞ୍ଚଳରେ ମହିଳାଙ୍କଠାରୁ ସୁନାଚେନ ଲୁଟ୍ ହୋଇଥିବା ଜଣାପଡ଼ିଛି ।

# 'ରେଡିଓ ଅନ୍ ହ୍ୱିଲ୍' ସଚେତନତା ରଥ ଶୁଭାରମ୍ଭ

## ୧୫ଦିନ ଧରି ଚାଲିବ, ଶିଶୁ ଶ୍ରମିକ ନିରୋଧ ବାର୍ତ୍ତା ଦେବ



'ରେଡିଓ ଅନ୍ ହ୍ୱିଲ୍' ସଚେତନତା ରଥ ଶୁଭାରମ୍ଭ ଅବସରରେ ଜିଲାପାଳ ଏବଂ ଅନ୍ୟମାନେ ।

ଖୋର୍ଦ୍ଧା, ୧୩।୬(ପ୍ରଭାତ ପାଣିଗ୍ରାହୀ)

ପ୍ରତ୍ୟେକ ଶିଶୁଙ୍କ ସୁନିଶ୍ଚିତ ଭବିଷ୍ୟତ, ଶିଶୁ ଶ୍ରମିକ, ଶିଶୁ ଅଧିକାର ସୁରକ୍ଷା ସଂକ୍ରାନ୍ତରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଅବସରରେ ଶିଶୁ ଶ୍ରମ ମୁକ୍ତ ଓଡ଼ିଶା ଆମର ସଂକଳ୍ପ ସଚେତନତା ରଥ ରେଡିଓ ଅନ ହ୍ୱିଲକୁ ଜିଲାପାଳ ଚଞ୍ଚଳ ରାଣା ଶୁକ୍ରବାର ଶୁଭାରମ୍ଭ କରିଛନ୍ତି । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଆନୁକୂଲ୍ୟରେ ୧୫ ଦିନିଆ ସଚେତନତା ରଥ କାର୍ଯ୍ୟକ୍ରମ ଆୟୋଜନ କାରାଯାଇଛି । ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଜନ ସଚେତନତା ସଭା, ପଦଯାତ୍ରା, ଦସ୍ତଖତ ଅଭିଯାନ ଏବଂ ଉଦ୍ଧାର କାର୍ଯ୍ୟ କରାଯିବ । ଶିଶୁ ଶ୍ରମିକଙ୍କୁ କାମରେ ନିୟୋଜିତ କରାଉଥିବା ବ୍ୟକ୍ତିଙ୍କୁ ସଚେତନ କରାଯିବ ।

ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ, ଶିକ୍ଷାନୁଷ୍ଠାନ, ଶିଳ୍ପୋଦ୍ୟୋଗ, ବ୍ୟବସାୟିକ ପ୍ରତିଷ୍ଠାନରେ ଜନଜାଗରଣ କରାଯିବ । ୧୪ବର୍ଷରୁ କମ୍ ବୟସର ପିଲାଙ୍କୁ କୌଣସି କାମରେ ନିୟୋଜିତ ଦଣ୍ଡନୀୟ ଅପରାଧ । ୧୫ରୁ ୧୮ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାମ(ବୃତ୍ତି ଓ ପ୍ରକ୍ରିୟା) ନିୟୋଜନକୁ ବାରଣ କରାଯାଇଛି । ଏପରି କାମ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ । ଶିଶୁ ଓ କିଶୋରଙ୍କୁ ନିୟୋଜିତ କରୁଥିଲେ ୨ବର୍ଷ ଯାଏ କାରାଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ରହିଛି । ଏପରିକି ଜେଲଦଣ୍ଡ ଓ ଜରିମାନା ହୋଇପାରେ । ଦ୍ୱିତୀୟ ଥର ଭୁଲ୍ ପାଇଁ ୩ବର୍ଷ ଯାଏ କାରାଦଣ୍ଡ ମଧ ହୋଇପାରିବ । ଶିଶୁ ଓ କିଶୋରଙ୍କୁ କୌଣସି ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ନେଇ ଦୃଷ୍ଟିଗୋଚର ହେଲେ ଜିଲାର ଶ୍ରମ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲାପାଳଙ୍କୁ ଅବଗତ କରିପାରିବେ ।

ଏତଦ୍ ବ୍ୟତୀତ ନିଃଶୁଳ୍କ ସହାୟତା ହେଲ୍ପଲାଇନ ନଂ.୧୫୫୩୬୮ ଏବଂ ଚାଇଲ୍ଡ ଲାଇନ ନଂ.୧୦୯୮କୁ ଯୋଗାଯୋଗ କରିପାରିବେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ମଣ୍ଡଳ ଶ୍ରମ ,ଆୟୁକ୍ତ ଅଜୟ କୁମାର ପ୍ରଧାନ, ଜିଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ସହକାରୀ ଜିଲାପାଳ ଭୁବନେଶ୍ୱରୀ କଁଅର, ପ୍ରଧାନ ଚୁଲିଆମା, ଶ୍ରୀତପା ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ଓଡ଼ିଶା କମ୍ୟୁନିଟି ରେଡିଓ ସଂଘ ସଭାପତି ଡ. ଶିଶିର ଦାସ, ରେଡିଓ କିଷାନ ନିର୍ଦ୍ଦେଶକ ପ୍ରଦୀପ୍ତ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ମୋ ଗାଁ ଆମ୍ବ ପସରା ଷ୍ଟଲ୍ ଉଦ୍‌ଘାଟିତ

## ଓଡ଼ିଆ ଚଳଚ୍ଚିତ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣ

ଖୋର୍ଦ୍ଧା, ୧୩।୬(ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ ହାବେଳି ପଡିଆରେ ଚାଲିଥିବା ଖୋର୍ଦ୍ଧା ଜିଲାସ୍ତରୀୟ ବିକାଶ ମେଳା ଏବଂ ପାରମ୍ପାରିକ ଖାଦ୍ୟମେଳାର ଶୁକ୍ରବାର ଦ୍ୱିତୀୟ ଦିବସରେ ମୋ ଗାଁ ଆମ୍ବ ପସରା ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଥିଲେ ଯେ, ପାରମ୍ପରିକ ଓଡ଼ିଆ ଖାଦ୍ୟରେ ଆମ୍ବର ଚାହିଦା ରହିଛି । ଉଦ୍ୟାନ କୃଷି ଏବଂ ଓରମାସ ସହାୟତାରେ ଖୋର୍ଦ୍ଧା ପୌରାଞ୍ଚଳ ଗୋଡିପୋଖରୀ ସ୍ଥିତ ସାଇବାବା ଉତ୍ପାଦ ଗୋଷ୍ଠୀ ଆନୁକୂଲ୍ୟରେ ଏହି ପସରା ଖୋଲିଛି । ଏହି ଗାଁ ଆମ୍ବ ପସରା ଷ୍ଟଲରେ ବାଇଗଣ ପଲେଇ ଆମ୍ବ ସହ ବିଭିନ୍ନ ପ୍ରକାର ଆମ୍ବ ରହିଛି । ଉଦ୍ୟାନ କୃଷିକୁ ପ୍ରୋତ୍ସାହନ ଦେବା ସହ ଚାଷୀମାନେ ନିଜର ବାଡ଼ିରେ ଆମ୍ବ ଚାଷକୁ ଗୁରୁତ୍ୱ ଦେଲେ ନିଶ୍ଚିତ ଭାବେ ଲାଭବାନ ହେବେ ବୋଲି ଅତିରିକ୍ତ ଜିଲାପାଳ ବେଉରା କହିଛନ୍ତି । ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା, ଓରମାସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ରାଜ୍ୟ ଗୋପାଳ ଦାସ, ବରିଷ୍ଠ କାର୍ଯ୍ୟକ୍ରମ ପରିଚାଳକ ଦୀପକ କୁମାର ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଓରମାସ ଏବଂ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ପୁରୁଣା ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ ହୋଇଥିଲା । ଶଙ୍କର ବେହେରା ଏବଂ ଦଳ ସମ୍ବଲପୁରୀ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପରିଚାଳନା କରିଥିଲେ ।



ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୋ ଗାଁ ଆମ୍ବ ପସରା ଷ୍ଟଲ୍ ଉଦ୍‌ଘାଟନ କରୁଛନ୍ତି ।

# ଥଇଥାନ ଦାବିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ଖୋର୍ଦ୍ଧା, ୧୩।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନାଳିପଡ଼ା ଅର୍ଜ୍ଜୁନପୁର ପଞ୍ଚାୟତର ହଳଦୀପଦା ମୌଜାରେ ବୃହତ ଶିଳ୍ପ ପ୍ରତିଷ୍ଠା ହେବ । ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିଥିଲେ । ହଳଦୀପଦା ମୌଜାରେ ଦୀର୍ଘ ବର୍ଷ ହେବ କାଜୁ ଜଙ୍ଗଲ ରକ୍ଷଣାବେକ୍ଷଣ ପାଇଁ ସରକାରଙ୍କଠାରୁ ଲିଜ୍ ସୂତ୍ରରେ ନେଇ ପରିବାର ପୋଷଣ କରୁଛନ୍ତି । ଶିଳ୍ପ ପ୍ରତିଷ୍ଠା ପାଇଁ ଏମାନଙ୍କୁ ସେଠାରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି । ସେମାନଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ ଦାବିରେ ଶୁକ୍ରବାର ଏକାଧିକ ମହିଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଖବରପାଇ ତହସିଲଦାର ବିଭାସ ପାଣିଗ୍ରାହୀ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

ଶୁକ୍ରବାର ଅପରାହ୍ନରେ ସମ୍ପୃକ୍ତ ଶିଳ୍ପ ସଂସ୍ଥା ପକ୍ଷରୁ କାଜୁ ଜଙ୍ଗଲ ସଫା କରାଯିବାକୁନେଇ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ । ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ମହିଳାମାନେ ସେଠାରୁ ତହସିଲ କାର୍ଯ୍ୟାଳୟକୁ ଆସିଥିଲେ । ତହସିଲଦାରଙ୍କୁ ନ ପାଇ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ଏଠାରେ ବାସବାସ କରୁଥିବା ସମସ୍ତ ପରିବାର ଗରିବ, ଦିନ ମଜୁରିଆ ଶ୍ରେଣୀର ହୋଇଥିବାରୁ ଏଠାରୁ ଉଚ୍ଛେଦ କରାଗଲେ, କେଉଁଠି ରହିବେ, କିପରି ଚଳିବେ ବୋଲି ପ୍ରଶ୍ନ କରିଛନ୍ତି । ଏସୟୁସିଆଇ ଜିଲା ସମ୍ପାଦକ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ଚିନ୍ମୟୀ ନାୟକ, ଅରୁଣ ନାୟକ, ପ୍ରଭାତି ଦେହୁରି, ସୁମା ନାୟକଙ୍କ ସମେତ ଏକାଧିକ ମହିଳା ଉପସ୍ଥିତ ଥିଲେ ।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହିଳାମାନେ ଧାରଣାରେ ବସିଛନ୍ତି ।

# ଜିଲାସ୍ତରୀୟ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଉଦ୍‌ଯାପିତ

ଖୋର୍ଦ୍ଧା, ୧୩।୬ (ପ୍ରଭାତ ପାଣିଗ୍ରାହୀ)




କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଉଦ୍‌ବୋଧନ ଦେଉଛନ୍ତି ।

କୃଷି ବିଜ୍ଞାନ କେନ୍ଦ୍ର ଖୋର୍ଦ୍ଧା, ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ ଏବଂ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଗତ ମେ' ୨୯ରୁ ଖୋର୍ଦ୍ଧା ଜିଲାର ବିଭିନ୍ନ ବ୍ଲକସ୍ତରରେ ଚାଲିଥିବା 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଗୁରୁବାର ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ୍‌ଠାରେ ଜିଲାସ୍ତରୀୟ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ମୁଖ୍ୟ କୃଷି ଅଧିକାରୀ ତଥା ଆତ୍ମା ନିର୍ଦ୍ଦେଶକ ରବି ନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ । ଲୋକଙ୍କ ସରକାରରେ ଲୋକଙ୍କ ଦୁଃଖ ଦୂର ହୋଇଛି । ଚାଷୀଙ୍କୁ ଧାନର ସହାୟକ ମୂଲ୍ୟ ବୃଦ୍ଧିଠାରୁ ଆରମ୍ଭ କରି ଶୀତଳଭଣ୍ଡାର ସ୍ଥାପନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ପିଏମ୍ କିଷାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, କୃଷକ ପଞ୍ଜୀକରଣ, ସମୃଦ୍ଧ କୃଷକ ଯୋଜନା, ସିଏମ୍ କିଷାନ, କୃଷି ବିଦ୍ୟାନିଧି ଯୋଜନା, ଶ୍ରୀଅନ୍ନ ଅଭିଯାନ, ଧାନ ଫସଲ ଅମଳ ପରବର୍ତ୍ତୀ ପରିଚାଳନା ଉପରେ ବ୍ୟାପକ ପ୍ରକଳ୍ପ, ଆଳୁ ଚାଷ, ମିଲେଟ ମିଶନକୁ ପ୍ରୋତ୍ସାହନ, କୃଷି ଉତ୍ପାଦନ କ୍ଲଷ୍ଟର(ଏପିସି), ଜଳଧାରା ଆଦି ଜନକଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି । କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ।

ସମ୍ମାନିତ ଅତିଥି ମତ୍ସ୍ୟ ବିଜ୍ଞାନ ଉପନିର୍ଦ୍ଦେଶକ ଡ.ଯେ.କେ ଜେନା ଚାଷୀଙ୍କ ବିଭିନ୍ନ ସମସ୍ୟା, ମାଟି ପରୀକ୍ଷଣଠାରୁ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଚାଷ, ଜୈବିକ ପଦ୍ଧତିରେ ଚାଷ, ମାଟିର ଉର୍ବରତା ବଢ଼ାଇବା, ଜଳବାୟୁ ପରିବର୍ତ୍ତନ ଜନିତ ଚାଷ କାର୍ଯ୍ୟ, ଖରିଫ ଓ ରବି ଚାଷ, ମତ୍ସ୍ୟ ଓ ଗୋପାଳ, କୁକୁଡା, ଉଦ୍ୟାନ କୃଷି, ମଧୁର ମତ୍ସ୍ୟ ଚାଷ ଆଦିରେ କିଭଳି ଲାଭାନ୍ୱିତ ହେବେ, ତାହା ଉପରେ ଆଲୋଚନା କରିଥିଲେ । ସେହିପରି ବରିଷ୍ଠ କୃଷି ବିଜ୍ଞାନୀ ତଥା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ.ହରପ୍ରିୟା ନାୟକ, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ସ୍ମିତା ମହାନ୍ତି, କୃଷି ଗବେଷଣା ଅନୁସନ୍ଧାନ ପ୍ରତିଷ୍ଠାନ ଭୁବନେଶ୍ୱରର ଡ. ପିକେ ସାହୁ ପ୍ରମୁଖ ବିକଶିତ କୃଷି ସଂକଳ୍ପ ଅଭିଯାନକୁ ସଫଳ କରିବାକୁ ହେଲେ ସମସ୍ତେ ନିଜ ବିଭାଗରେ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ସଭାପତିତ୍ୱରେ ଭାଷଣରେ ସିଡିଏଓ ସେନାପତି ଏହି ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଖୋର୍ଦ୍ଧା ଜିଲାରେ ଏହି ଅଭିଯାନରେ ୬୦ରୁ ଉର୍ଦ୍ଧ୍ୱ ଗ୍ରାମରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ୩ଟି କୃଷି ରଥ ମାଧ୍ୟମରେ ୩୦ହଜାରରୁ ଅଧିକ ଚାଷୀଙ୍କୁ ବିଭିନ୍ନ ସରକାରୀ ସହାୟତା, ଚାଷ ସମ୍ବନ୍ଧିତ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ୫ଶହରୁ ଉର୍ଦ୍ଧ୍ୱ ଚାଷୀ, ଚାଷୀ ସଙ୍ଗଠନଙ୍କ ସମେତ କୃଷି ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ । ଡ.ମନୋରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

**ଚୌଦ୍ୱାରରେ ଗଡ଼ିଲା ବିକାଶ ବାହନ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାରରେ ଗଡ଼ିଲା ବିକାଶ ବାହନ। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ପୌରପାଳିକା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ଟିମ ଲିଡର ଅକ୍ଷୟ ମିଶ୍ର, ସଞ୍ଜୟ ସାମନ୍ତ, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ ପ୍ରମୁଖ ପୌର କାର୍ଯ୍ୟାଳୟରେ ଉପସ୍ଥିତ ରହି ବିକାଶ ବାହନ ଉଦ୍‌ଘାଟନ କରିଥିଲେ। ବାହନ ପୌରପାଳିକାର ୧୯ଟି ୱାର୍ଡ ପରିକ୍ରମା କରି ଲୋକଙ୍କୁ ରାଜ୍ୟ ସରକାରଙ୍କ ଯୋଜନା ଉପରେ ଅବଗତ କରାଇବ। ଚୌଦ୍ୱାର ପୌରପାଳିକା ସାନିଟେସନ ଏକ୍ସପର୍ଟ ପିୟୁଷ କୁମାର ସାହୁ, ବିଚିତ୍ରା ନନ୍ଦ ସ୍ୱାଇଁ, ପ୍ରଭାତ ପତିଙ୍କ ସମେତ ସମସ୍ତ ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ନନ୍‌ଟ୍ରମା କାଜୁଆଲ୍‌ଟିରେ ଅବ୍ୟବସ୍ଥା

କଟକ,୧୩।୬(ଶିଳ୍ପା ପ୍ରିୟଦର୍ଶିନୀ)




ଏସ୍‌ସିବି ନନ୍‌ଟ୍ରମା କାଜୁଆଲଟିର ପ୍ରବେଶ ଫାଠକ ଚଟାଣ ଭାଙ୍ଗିଯାଇଛି, ନାମଫଳକ ନ ଲଗାଯାଇ ବାହାରେ ପକାଯାଇଛି।

**ଏସ୍‌ସିବି ମେଡିକାଲ**
- ଠିକ୍ ଭାବେ ହେଉନି ରକ୍ଷଣାବେକ୍ଷଣା
- ଚଟାଣ ଭାଙ୍ଗିଛି, ଷ୍ଟ୍ରେଚରରେ ଯାଇପାରୁନାହିଁ ରୋଗୀ
- ବାହାରେ ପଡ଼ିଛି ସାଲାଇନ ବୋତଲ

ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ନନ୍‌ଟ୍ରମା କାଜୁଆଲଟିରେ ଅବ୍ୟବସ୍ଥା ଦେଖାଦେଇଛି। ଡାକ୍ତର ଦେଖାଇବା ପାଇଁ ଲମ୍ବା ଧାଡ଼ିରେ ଅପେକ୍ଷା କରୁଛନ୍ତି ରୋଗୀ ଓ ସମ୍ପର୍କୀୟ। କେବଳ ଏତିକି ନୁହେଁ ଡାକ୍ତର ଦେଖାଇବା ପୂର୍ବରୁ ଟିକେଟ କାଉଣ୍ଟରରେ ଟିକେଟ ପାଇଁ ଧାଡ଼ିରେ ସମୟ ବିତୁଛି। ଫଳରେ ଗୁରୁତର ରୋଗୀ ପ୍ରାୟତଃ ଚିକିତ୍ସା ନ ପାଇ ମୃତ୍ୟୁବରଣ କରୁଛନ୍ତି। ସେହିପରି ନନ୍‌ଟ୍ରମା କାଜୁଆଲଟି ନୂତନ କରାଯାଇଥିବାବେଳେ ଏହାର ରକ୍ଷଣାବେକ୍ଷଣ କରାଯାଉ ନାହିଁ। କେଉଁଠି ସାଲାଇନ ବାହାରେ ପଡ଼ି ରହିଛି ତ କେଉଁଠି ପ୍ରବେଶ ଫାଟକ ପଥ ଦରଭଙ୍ଗା ହୋଇଯାଇଛି, ଏପରିକି ପ୍ରାୟତଃ ସ୍ଥାନରୁ ମାର୍ବଲ ଉଠି ଯାଇଛି। ଫଳରେ ଏହି ବାଟ ଦେଇ ଷ୍ଟ୍ରେଚରରେ ରୋଗୀଙ୍କୁ ନେବାରେ ବହୁ ସମସ୍ୟା ହେଉଛି।

ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲରେ ନନ୍‌ଟ୍ରମା କାଜୁଆଲଟିକୁ ଗତ ଡିସେମ୍ବରରେ ଆନାଟମୀ ବିଭାଗ ନିକଟକୁ ସ୍ଥାନାନ୍ତର କରାଯାଇଥିଲା। ଏଠାରେ ବେଡ୍ ସଂଖ୍ୟା ୭୦କୁ ବୃଦ୍ଧି କରାଯାଇଥିଲା। ଉକ୍ତ କାଜୁଆଲଟିରେ ଜଣେ ସିଏମ୍‌ଓଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ତିନୋଟି ସିଫ୍ଟରେ ଏସ୍‌ଆର, ପିଜି, ଏଚ୍‌ଏସ୍ ଓ ହୃଦ୍‌ରୋଗ ବିଭାଗର ପ୍ରାୟ ୪ରୁ୫ ଜଣ ଲେଖାଏଁ ଡାକ୍ତର ନିୟୋଜିତ କରାଯାଇଛି । ହେଲେ ଏଠାରେ ରୋଗୀ ସଂଖ୍ୟା ଅଧିକ ଥିବାରୁ ପ୍ରାୟତଃ ରୋଗୀ ଚିକିତ୍ସା ନ ପାଇଁ ମୃତ୍ୟୁବରଣ କରୁଛନ୍ତି। ସେହିପରି ଟିକେଟ କାଉଣ୍ଟରରେ ବହୁ ଅବ୍ୟବସ୍ଥା ରହିଛି, କର୍ମଚାରୀ ଥାଇ ମଧ୍ୟ ଗୋଟିଏ ଟିକେଟ ଦେବାକୁ ପ୍ରାୟ ୧୦ ମିନିଟ୍ ସମୟ ନେଉଛନ୍ତି । ସେହିପରି ଉକ୍ତ କାଜୁଆଲଟିରେ ବେଡ୍ ସଂଖ୍ୟା ବୃଦ୍ଧି କରାଯାଇଥିବାବେଳେ ସେଠାରେ ଡାକ୍ତର ଅନ୍ୟ ବିଭାଗକୁ ରୋଗୀଙ୍କୁ ସ୍ଥାନାନ୍ତର କରିବାକୁ କହିବା ମାତ୍ରେ ସୁରକ୍ଷା କର୍ମୀ କ୍ଷଣିକ ସମୟ ପାଇ ଉକ୍ତ କାଜୁଆଲଟି ପରିସରରେ ରହିବାକୁ ଦେଉନାହାନ୍ତି। ଫଳରେ ରୋଗୀ ଉକ୍ତ କାଜୁଆଲଟି ବାହାରେ ଆଶ୍ରୟ ନେଉଛନ୍ତି। ସେହିପରି କାଜୁଆଲଟିକୁ ନୂତନ ଭାବେ କାର୍ଯ୍ୟକ୍ଷମ କରାଯାଇଥିବାବେଳେ ମାତ୍ର ପାଞ୍ଚ ମାସ ମଧ୍ୟରେ ପ୍ରବେଶ ଫାଟକ ପଥ ଓ ଭିତର ଚଟାଣ ଭାଙ୍ଗି ହୋଇ ଦରଭଙ୍ଗା ଅବସ୍ଥାରେ ପଡ଼ି ରହିଛି। ଏପରିକି ବର୍ଷା ହେବା ମାତ୍ରେ ବାହାର ପଟ କାଦୁଅରେ ଭରି ଯାଉଛି। କାଜୁଆଲଟିକୁ କେନ୍ଦୁଝରରୁ ଆସିଥିବା ରୋଗୀ ସତ୍ୟଭାମା ପାଲଟାଙ୍କ ସମ୍ପର୍କୀୟ କହିଛନ୍ତି ଯେ, କାଜୁଆଲଟିରେ ଆସିବାର ପ୍ରାୟ ୧ଘଣ୍ଟା ପରେ ଡାକ୍ତର ଦେଖାଇଛି ଏବଂ ଡାକ୍ତର ଅର୍ଥପୋଡିକ ବିଭାଗରେ ଭର୍ତ୍ତି ହେବାକୁ କହିଥିଲେ। ହେଲେ ଡାକ୍ତର କହିବାର ମାତ୍ର ୫ ମିନିଟ ମଧ୍ୟରେ ଏଠାରେ ଥିବା ସୁରକ୍ଷା କର୍ମୀ ବାହାରକୁ ବିଦା କରି ଦେଇଛନ୍ତି। ବହୁ ଅବ୍ୟବସ୍ଥା ରହିଛି ମେଡିକାଲରେ। ସମସ୍ତ ଘଟଣା ସମ୍ପର୍କରେ ମେଡିକାଲ କୁଳସଚିବ ସୁବାସ ରାଏ କହିଛନ୍ତି, ନନଟ୍ରମା କାଜୁଆଲଟି ବିଷୟରେ ଅବଗତ ରହିଛୁ। କାଜୁଆଲଟି ପରିଦର୍ଶନ କରିବା ସହ ଆରଆଣ୍ଡବି ବିଭାଗକୁ ଏବିଷୟରେ ଅବଗତ କରାଯାଇଛି। ଖୁବଶୀଘ୍ର ଏହାର କାମ କରାଯିବା ବୋଲି ରାଏ କହିଛନ୍ତି।

## ଗୁଜରାଟରୁ ଗିରଫ ହେଲେ ୩ ଅଭିଯୁକ୍ତ

**୨ ସାଇବର ଠକେଇ ମାମଲା**

କଟକ,୧୩।୬(କାର୍ତ୍ତିକ ସାହୁ)

୨ଟି ସାଇବର ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ଗୁଜରାଟରୁ ଆଉ ୩ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିବା ପରେ କୋର୍ଟରେ ହାଜର କରାଯାଇଛି। ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କୁ ଡିଜିଟାଲ ଆରେଷ୍ଟ ଜରିଆରେ ୧.୦୬ କୋଟି ଟଙ୍କା ଲୁଟ୍ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ଆଉ ୨ଜଣଙ୍କୁ ଗୁଜରାଟରୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଗୁଜୁରାଟ ଭାବନଗର ଜିଲା ସୋନଗଧ ଥାନା ଅନ୍ତର୍ଗତ ଦରବାରଗଡ଼ର ଭାଗେଲା ଅରବିନ୍ଦ ସିଂ (୨୪) ଓ ଗୋହଲି ବିଶ୍ୱଭରଜସିଂ ଭରତ ସିଂ(୨୪)। ସେମାନେ ନିଜକୁ ମୁମ୍ବାଇ କ୍ରାଇମବ୍ରାଞ୍ଚ, ସିବିଆଇ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀ କହି ଲୋକଙ୍କୁ ଠକୁଥିଲେ। ଦୁଇ ଅଭିଯୁକ୍ତଙ୍କ ନିକଟରୁ ୨ଟି ଆଇଫୋନ୍, ସିମ୍ କାର୍ଡ, ଆଧାର କାର୍ଡ, ପାନ କାର୍ଡ ଓ ପାସବୁକ୍ ଜବତ କରାଯାଇଛି। ଠକାମିର ଶିକାର ହୋଇଥିବା ଭୁବନେଶ୍ୱରର ଅଭିଯୋଗକାରୀଙ୍କ ଏତଲା ଆଧାରରେ ମାମଲା (ନଂ.୪୭/୨୦୨୪) ରୁଜୁ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଗିରଫ ଅଭିଯୁକ୍ତମାନଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ୫୦ ଲକ୍ଷ ଟଙ୍କା ସାଇବର ଠକେଇର ଶିକାର ହୋଇଥିବା ଛତ୍ରପୁରର ଜଣେ ବ୍ୟକ୍ତିଙ୍କ ମାମଲାରେ ଗୁଜରାଟରୁ ଆଉ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ବୋର୍ଡାଲାଭ ଡି ଡିଭିଜନ ଥାନା ଅନ୍ତର୍ଗତ ରାମଦେବ ନଗରର ଖିକାନୀ ଧ୍ରୁବ ବିଜୟଭାଇ (୨୨)। ଅଭିଯୁକ୍ତଙ୍କ ନିକଟରୁ ୧ଟି ମୋବାଇଲ ଫୋନ୍, ସିମ କାର୍ଡ, ଆଧାର କାର୍ଡ ଓ ପାନ କାର୍ଡ ଆଦି ଜବତ କରାଯାଇଛି। ଅଭିଯୁକ୍ତନ ନିଜକୁ ଟ୍ରେଡ୍ ଆନାଲିଷ୍ଟ ଓ ଏକ ଅର୍ଥ ଲଗାଣକାରୀ ସଂସ୍ଥାର ଅଧିକାରୀ ଭାବେ ପରିଚୟ ଦେଇ ପୁଞ୍ଜି ଲଗାଣରେ ଅଧିକ ଲାଭ ପାଇବାର ଆଶା ଦେଖାଇଥିଲେ।

## ସୂର୍ଯ୍ୟ ଗୁରୁକୁଳ ମହୋତ୍ସବ ଉଦ୍‌ଯାପିତ



ଅତିଥିମାନେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରୁଛନ୍ତି।

ଫୁଲନଖରା,୧୩।୬(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗପ୍ରଧାନ ଗ୍ରାମପଞ୍ଚାୟତ ଗୁଆଳିସ୍ଥିତ ସୂର୍ଯ୍ୟ ଗୁରୁକୁଳର ବାର୍ଷିକ ମହୋତ୍ସବ ଉଦଯାପିତ ହୋଇଯାଇଛି। ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଉଦଘାଟକ ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସହ ସଚିବ ସଞ୍ଜୟ କୁମାର ଛୁଆଳସିଂହ, ମୁଖ୍ୟଅତିଥି ଭାବେ ଗୁରୁ ଧନେଶର ସ୍ୱାଇଁ, ସମ୍ମାନିତ ଅତିଥି ଗାୟକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଗାୟକ ବାଗ୍ମୀ ନାରାୟଣ ମହାରଣା, ଗାୟକ ଗୌରବ ଯୋଗେନ୍ଦ୍ର ମାର୍ଥା, ଇଞ୍ଜିନିୟର ଶ୍ରୀସନ୍ୟାସୀ ଜୀ, ସଂସ୍କୃତି ସେବକ ଲକ୍ଷ୍ମୀଧର ବେହେରା, ଚଳଚ୍ଚିତ୍ର ନିର୍ଦ୍ଦେଶକ କେ.ମୁରଲୀ କ୍ରୀଷ୍ଣା, ପ୍ରଦୀପ ଦାଶ, ସାମାଜିକ କର୍ମୀ ଅଞ୍ଜନ କୁମାର ଜେନା, ଗାୟକ ନିରଞ୍ଜନ ସ୍ୱାଇଁ, ଗାୟକ ମୁରଲୀଧର ପଣ୍ଡା ଓ ଉଲ୍ଲାସ ଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଅଧାପକ ଡାକ୍ତର ଅନୁପ ମାର୍ଥାଙ୍କୁ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସମ୍ମାନ', ବେଙ୍ଗାଲୁରୁର ନୃତ୍ୟଗୁରୁ କେ.ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କୁ 'ସୂର୍ଯ୍ୟ ଗୁରୁକୁଳ ସମ୍ମାନ' ଓ ଶିଶୁ ପ୍ରତିଭା ଯଶରାଜ ଜେନାଙ୍କୁ 'ସୂର୍ଯ୍ୟ ଗୁରୁକୁଳ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ଗୁରୁକୁଳ ଅଧକ୍ଷ ହୃଷୀକେଶ ଛୋଟରାୟ ଓ ନିର୍ଦ୍ଦେଶକ ସୌଭାଗ୍ୟ ନାରାୟଣ ଛୋଟରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୁରୁକୁଳର ସମ୍ପାଦିକା ଗୁରୁ ସଙ୍ଗୀତା ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପା ସରକାର ସମୟରେ ନାରୀ ଅସୁରକ୍ଷିତ: ସୋଫିଆ

କଟକ,୧୩।୬(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପା ସରକାର ଲୋକଙ୍କ କାମ କରିବା ନାଁରେ କେବଳ ପ୍ରଚାର ଚଳାଇଛି। ଭାଜପା ସରକାର ସମୟରେ ନାରୀ ଅସୁରକ୍ଷିତ। ଯେଉଁଠି ନାରୀ ଅସୁରକ୍ଷିତ, ସେଠାରେ ଭାଜପା ସରକାର ଏକବର୍ଷ ପୂର୍ତ୍ତି ପାଳନରେ ନାରୀ ଶକ୍ତି ସମାବେଶ କରିବା ନିନ୍ଦନୀୟ ବୋଲି ଶୁକ୍ରବାର କଟକ ଶେଖବଜାରଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବାରବାଟୀ–କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି। ନାରୀ ଶକ୍ତି ସମାବେଶ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବା ଘଟଣାରେ ଖବରଦାତାଙ୍କ ପ୍ରଶ୍ନରେ ଏଭଳି ପ୍ରତିକ୍ରିୟା ଦେଇଛନ୍ତି ବିଧାୟିକା। ବିଧାୟିକା କହିଛନ୍ତି, ନାରୀଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ବଳାତ୍କାର ଦିଗରେ ରୋକ ଲଗାଇ ନ ପାରି ଏଭଳି କାର୍ଯ୍ୟକ୍ରମ କରିବା ଭାଜପା ସରକାରକୁ ଶୋଭା ଦେଉନି। କେବଳ ୫ ହଜାର ଟଙ୍କା କିସ୍ତି ଅନୁଯାୟୀ ସୁଭଦ୍ରା ଯୋଜନାରେ ଦେଲେ ନାରୀ କେବେ ସଶକ୍ତ ହେବେ ନାହିଁ। ସରକାର ନାରୀଙ୍କୁ ସୁରକ୍ଷା ସହ ନିଯୁକ୍ତି ଦିଅନ୍ତୁ ବୋଲି ସୋଫିଆ କହିଛନ୍ତି।

## ସ୍ଥିତାବସ୍ଥା ରଖିବା ପାଇଁ କୋର୍ଟଙ୍କ ଆଦେଶ

**ମଙ୍ଗୁଳି ସ୍ଥିତ ବ୍ୟବସାୟ ପ୍ରତିଷ୍ଠାନ ଉଚ୍ଛେଦ ମାମଲା**

**୧୭ରେ ଉଚ୍ଛେଦ ପାଇଁ ତହସିଲ ପକ୍ଷରୁ ନୋଟିସ ଜାରି ହୋଇଥିଲା**

ମଙ୍ଗୁଳି–ଜଗତପୁର,୧୩।୬(ମାନସ ସାମଲ)

ଟାଙ୍ଗୀ–ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଅଧୀନ ମଙ୍ଗୁଳିସ୍ଥିତ ତହସିଲ ପକ୍ଷରୁ ୧୭ରେ ହେବାକୁ ଥିବା ବ୍ୟବସାୟ ପ୍ରତିଷ୍ଠାନ ଉଚ୍ଛେଦକୁ କୋର୍ଟ ରୋକ ଲଗାଇବା ସହ ଉକ୍ତ ଜାଗାକୁ ସ୍ଥିତାବସ୍ଥା ରଖିବା ପାଇଁ ଆଦେଶ ଦେଇଛନ୍ତି। ସୂଚନା ମୁତାବକ, ମଙ୍ଗୁଳି ରେଲୱେ ଷ୍ଟେଶନ ନିକଟରେ ଦୀର୍ଘ ୩୦ହେବ ବ୍ୟବସାୟ ପ୍ରତିଷ୍ଠାନ ଗଢି ଉଠିଛି। ଉକ୍ତ ବ୍ୟବସାୟ ପ୍ରତିଷ୍ଠାନ ପରିସରରେ ଜଣେ ବ୍ୟକ୍ତିଙ୍କ ସ୍ଥିତିବାନ ଜମି (୩ ଡିସିମିଲ) ରହିଛି। ଉକ୍ତ ଜମିକୁ ଅନ୍ୟ ଜଣଙ୍କୁ ୩ମାସ ପୂର୍ବେ ବିକ୍ରି କରିଦେଇଥିଲେ। ବିକ୍ରିର ମାସକ ମଧରେ କୌଣସି ଏକ କାରଣରୁ ବିକ୍ରେତା ଉକ୍ତ ଜମିର ଚାରି ପାର୍ଶ୍ୱରେ ଥିବା ଏକାଧିକ ବ୍ୟବସାୟ ପ୍ରତିଷ୍ଠାନ ସରକାରୀ ଜମି ବୋଲି ଦର୍ଶାଇ ମାଡି ବସିଛନ୍ତି। ସରକାରୀ ଜମିକୁ ଜବରଦଖଲ କରିବା କାରଣରୁ ନିଜ ଜମିକୁ ଯାତାୟାତ କରି ପାରୁନାହାନ୍ତି କି ବାସଗୃହ ନିର୍ମାଣ କରିବା ସକ୍ଷମ ହୋଇପାରୁନାହାନ୍ତି। ତେଣୁ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ତହସିଲ ପ୍ରଶାସନ ସେମାନଙ୍କୁ ନୋଟିସ ଜାରି କରିଥିଲେ। ପ୍ରଶାସନ ଏହାକୁ ଚ୍ୟାଲେଞ୍ଜ କରି ଜଣେ ମହିଳା (ବ୍ୟବସାୟୀ ପ୍ରତିଷ୍ଠାନ ମାଲିକ) କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହି ଉଚ୍ଛେଦ ଏକ ରାଜନୈତିକ ଷଡ଼ଯନ୍ତ୍ର। ଏହି ବ୍ୟବସାୟ ପ୍ରତିଷ୍ଠାନ ଅଧିକାଂଶ ସ୍ଥିତିବାନ ଜମି। ଯେଉଁ ବ୍ୟକ୍ତି ଅଭିଯୋଗ ଆଣିଛନ୍ତି ତାଙ୍କ ଜମିକୁ ଯାତାୟାତ ପାଇଁ ବ୍ୟବସାୟୀମାନେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଦୁଇ ପଟେ ପୋଲ ଓ ରାସ୍ତା ନିର୍ମାଣ କରିଛନ୍ତି। ତହସିଲ ପକ୍ଷରୁ କୌଣସି ତଦନ୍ତ ନ କରି ତରବରିଆ ଭାବେ ଉଚ୍ଛେଦ ନୋଟିସ ଜାରି କରିବା ବୋଲି ମଙ୍ଗୁଳି ବଜାର କମିଟି ପ୍ରଶ୍ନ ଉଠାଇଛନ୍ତି। କୋର୍ଟଙ୍କ ଆଦେଶ କପି ତହସିଲ ପ୍ରଶାସନକୁ ଦିଆଯାଇଛି।

## ରଜ ଉତ୍ସବ ଉଦ୍‌ଘାଟିତ



ରଜ ଉତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

କଟକ ସଦର ,୧୩।୬(ସୁଶାନ୍ତ କୁମାର ଜେନା)

କଟକ ସଦର ରଜ ମହୋତ୍ସବ କମିଟି ଆନୁକୂଲ୍ୟରେ ୫ ଦିନିଆ ରଜ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ କିଶନନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ ସାଧୁ ଜେନା, ଡ. ବାଞ୍ଛୁ ମାରାଣ୍ଡି, କିଶୋର ନଗର ସରପଞ୍ଚ ସୁଜାତା ସେଠୀ, ଆମ୍ବା ସଭାପତି ରମା ପ୍ରସାଦ ବିଶାଳ, ଅଧାପକ ଦେବେନ୍ଦ୍ର ବାରିକ, ଚିତ୍ତରଞ୍ଜନ ସାହୁ ଯୋଗଦେଇଥିଲେ। ପ୍ରାରମ୍ଭରେ ଅଧାପକ ଧରଣୀ ଧର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ରଘୁନାଥ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମମତା ସର୍ଟ ଷ୍ଟେ ହୋମ୍‌ରେ ରଜ ଉତ୍ସବ

କଟକ,୧୩।୬(କାର୍ତ୍ତିକ ସାହୁ)

ବିଡ଼ାନାସୀ ଛକସ୍ଥିତ ମମତା ସର୍ଟ ଷ୍ଟେ ହୋମର ଅନ୍ତେବାସୀଙ୍କ ଗହଣରେ ସୁଭଦ୍ରା ସ୍ୱାବଲମ୍ବୀ ମହିଳା ଶିକ୍ଷାନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଅନ୍ତେବାସୀମାନଙ୍କୁ ନୂତନ ବସ୍ତ୍ର ଓ ସଜବାଜ ପାଇଁ ବିଭିନ୍ନ ସାମଗ୍ରୀ ଦିଆଯାଇଥିଲା। ଏହି ଉପଲକ୍ଷେ ମହିଳା ଓ ଝିଅମାନଙ୍କ ମଧରେ ପାରମ୍ପରିକ ପୋଡ଼ ପିଠା, ରଜପାନ ପ୍ରତିଯୋଗିତା ହୋଇଥିଲା। କିଶୋରୀ ବାଳିକାମାନଙ୍କ ଭିତରେ ପାରମ୍ପରିକ ନୃତ୍ୟ, ସଙ୍ଗୀତ ଚେୟାର, ପୁଚି ଖେଳ ଆଦି କରାଯାଇ ଅନୁଷ୍ଠାନ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ସରୋଜିନୀ ରଥ ଓ ସମ୍ମାନିତ ଅତିଥି ସାହିତ୍ୟିକା ମହିଳା ଦଳବେହେରା ଓ ବ୍ୟଙ୍ଗ କବି ଲକ୍ଷ୍ମୀ ଛଡ଼ା ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ କହିଥିଲେ। ସଭାନେତ୍ରୀ ମୀରା ବେଉରା ସଭାରେ ଅଧକ୍ଷତା କରି ପ୍ରତିକୂଳ ପରିସ୍ଥିତି ସହ ଲଢ଼େଇ କରି ସଫଳ ହେବାର କୌଶଳ କହିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଦିନେଶ ଗୁପ୍ତା ରଜ ପର୍ବର ତାତ୍ପର୍ଯ୍ୟତା ସମ୍ପର୍କରେ କହିଥିଲେ। ସମ୍ପାଦିକା ଗୀତାଞ୍ଜଳୀ ସାହୁ, କାର୍ଯ୍ୟକାରୀ ସଭାପତି ମଞ୍ଜୁଲତା ଜେନା, ମାନସୀ ଦାସ, ବିଜୟା ମଣ୍ଡଳ, ମମତା ହୋମର ଅଧୀକ୍ଷକ ଚୈତେଳି ସ୍ୱାଇଁ, ଉପଦେଷ୍ଟା ଶ୍ରୀନିବାସ ମିଶ୍ର ପ୍ରତିଯୋଗିତା ପରିଚାଳନା କରିଥିଲେ। ଚଣ୍ଡିଖୋଲ ଶାଖା ଅନୁଷ୍ଠାନ ପ୍ରତିଷ୍ଠାତା ସଭାପତି ଅନିଲ କୁମାର ଦାସ ରଜ ଉତ୍ସବ ପାଳନର ତାତ୍ପର୍ଯ୍ୟ ଜଣାଇଥିଲେ। କୀର୍ତ୍ତି ସାହୁ ଧନ୍ୟବାଦ ଦେଇଥିଲେ।

## ଆଦିବାସୀ ବାଳିକାବାଳକଙ୍କୁ ପୋଷାକ ବଣ୍ଟନ



ଜଣେ ମହିଳା ଓ ଛୋଟ ପିଲାଙ୍କୁ ପୋଷାକ ସହ ଅନ୍ୟାନ୍ୟ ରଜ ସାମଗ୍ରୀ ପ୍ରଦାନ କରାଯାଉଛି।

ଖୁଣ୍ଟୁଣୀ,୧୩।୬(ସଚ୍ଚିଦାନନ୍ଦ ପଣ୍ଡା)

**ପ୍ରଗତି ଫାଉଣ୍ଡେଶନ ପକ୍ଷରୁ ରଜ ପାଇଁ ଅଭିନବ କାର୍ଯ୍ୟକ୍ରମ**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ କଣ୍ଡରେଇ ପଞ୍ଚାୟତ ଆଦିବାସୀ ବହୁଳ ଗ୍ରାମ କଂସରଠାରେ ଶୁକ୍ରବାର ପ୍ରଗତି ଫାଉଣ୍ଡେଶନ ପକ୍ଷରୁ ରଜ ଉତ୍ସବ ପାଳନ କରାଯାଇଛି। ଏଥିରେ କଂସର, ଧଣ୍ଡିସାହିର ଆଦିବାସୀ ଓ ମୁଣ୍ଡା ପରିବାରର ଶତାଧିକ ଝିଅପୁଅ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇଥିଲେ। ରଜ ପର୍ବରେ ବାଳିକାବାଳକଙ୍କୁ ଫାଉଣ୍ଡେଶନ ପକ୍ଷରୁ ନୂତନ ପୋଷାକ, ଚପଲ ଓ ରଜରେ ସଜେଇ ହେବାକୁ ଝିଅମାନଙ୍କ ଆବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଆୟୋଜିତ ଉତ୍ସବରେ ଫାଉଣ୍ଡେଶନ ସଭାପତି ପ୍ରଦୀପ କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ବିଷ୍ଣୁଚରଣ ପରିଡା, ମୁଖ୍ୟବକ୍ତା ଓଡିଶା ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ତଥା ପୂର୍ବତନ ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ, ସମ୍ମାନିତ ଅତିଥି ଭାବେ ଶିଳ୍ପପତି ପ୍ରବୋଧ କୁମାର ଜେନା, ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, କବିରାଜ ଉଲ୍ଲାସ କୁମାର ପଣ୍ଡା, ଖୁଣ୍ଟୁଣୀ ଥାନା ଏଏସଆଇ ଶେଷଦେ ରାଜ ଓ ଫାଉଣ୍ଡେଶନ କାର୍ଯ୍ୟକାରୀ ସଭାପତି ଦିଲୀପ କୁମାର ଛତାର ପ୍ରମଖ ଯୋଗଦେଇ ଆଦିବାସୀ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବା ଖବରଦାତା ପଣ୍ଡା ଓ ଫାଉଣ୍ଡେଶନ ସଭାପତି ନାୟକଙ୍କୁ ପ୍ରଶଂଶା କରିଥିଲେ। ଏହି ଉପଲକ୍ଷେ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ସମସ୍ତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ହରିହର ବେଉରା, ନୀଳକଣ୍ଠ ମହାନ୍ତି, ଅଙ୍କିତ ଜେନା, ଶାଶ୍ୱତ ରାଉତରାୟ, ପ୍ରକାଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ମନୋଜ ବେହେରା, ସୁରଜ ସାହୁ, ଭବିକାଶ ଦଳେଇ, ତ୍ରିନାଥ ନାରାୟଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଫଟୋ ରେ ଖବର



କଟକ ବାଲିଯାତ୍ରା ତଳପଡ଼ିଆରେ ଅନୁଷ୍ଠିତ ନାରୀ ଶକ୍ତି ସମବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ବିକାଶ ବାହନକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେ.ଭି. ସିଂଦେଓ।



**ରଜ ପାଇଁ ସଜବାଜ:** କଟକ ଡଗରପଡ଼ା ଷ୍ଟୋନି ରୋଡ୍ ଅଞ୍ଚଳର ଝିଅମାନେ ସଜବାଜ ହେଉଛନ୍ତି ।

# ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କୁ ଅପହରଣ

## ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ, କାର ଜବତ

ଭୁବନେଶ୍ୱର,୧୩।୬(ସତ୍ୟଜିତ୍ ରାଉତ)



ଗିରଫ ୩ ଅଭିଯୁକ୍ତଙ୍କ ସହ ଜବତ କାର୍।

ତ୍ରିକୋଣୀୟ ପ୍ରେମ ପାଇଁ ଜଣେ ଯୁବକଙ୍କୁ ଖଣ୍ଡା ଦେଖାଇ ଅପହରଣ ପରେ ଆକ୍ରମଣ କରାଯାଇଛି। ସେ ହେଲେ ନୟାପଲ୍ଲୀରେ ରହି ଏକ ଫିନସର୍ଭ କମ୍ପାନୀରେ ଏରିଆ ମ୍ୟାନେଜର ଭାବେ କାମ କରୁଥିବା ବାଲେଶ୍ୱରର ସୁନୀଲ କୁମାର ବେହେରା। ଅଭିଯୋଗ ପରେ ନୟାପଲ୍ଲୀ ଥାନା ପୋଲିସ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ ପାୱାର ହାଉସ କଲୋନୀରେ ରହୁଥିବା ଅଭିଜିତ ଜୟନାରାୟଣ ଓରଫ ବବୁଲ (୨୩), କଟକ ଜିଲା ମାହାଙ୍ଗାର ଶାନ୍ତି ସ୍ୱରୁପ ଓରଫ ବାପୁ (୧୯) ଓ ଜଗତପୁରର ଏସ୍‌କେ ସରଫରାଜ୍ ଓରଫ ରୋହନ (୧୯)। ସେମାନଙ୍କଠାରୁ କାର୍ (ଓଡି୦୨ସିକ୍ୟୁ୬୮୫୨) ଓ ଖଣ୍ଡା ଜବତ ହୋଇଛି। କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନାନୁସାରେ, ସୁନୀଲଙ୍କ ଫିନସର୍ଭ କମ୍ପାନୀରେ କାମ କରୁଥିବା ଜଣେ ଯୁବତୀଙ୍କୁ ଅଭିଯୁକ୍ତ ଅଭିଜିତ୍ ପ୍ରେମ କରୁଥିଲେ। ତେବେ ସୁନୀଲ କିଛିଦିନ ହେଲା ଉକ୍ତ ଯୁବତୀଙ୍କ ସହ ଅଧିକ ନିକଟତର ହେବା ସହ ସମ୍ପର୍କରେ ଘନିଷ୍ଠତା ବଢ଼ାଇଥିଲେ। ଏହା ଜାଣିପାରି ସୁନୀଲଙ୍କୁ ମାଡ଼ମାରିବାକୁ ଅଭିଜିତ୍ ଯୋଜନା କରିଥିଲେ। ଗୁରୁବାର ରାତି ପ୍ରାୟ ୮ଟା ୩୦ରେ ସୁନୀଲ ବାଇକରେ ସିଆର୍‌ପି ଛକରୁ ଡିଏଭି ପାର୍ଶ୍ୱକୁ ଯାଉଥିଲେ। ଡିଏଭି ଛକ ନିକଟରେ ଅଭିଯୁକ୍ତମାନେ କାରରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ସେମାନେ ସୁନୀଲଙ୍କୁ ଗାଳିଗୁଲଜ କରି ଖଣ୍ଡା ଦେଖାଇ କାର୍‌ରେ ଅପହରଣ କରିନେଇ ମାଡ଼ ମାରିଥିଲେ। ଉକ୍ତ ଯୁବତୀଙ୍କ ସହ ଯୋଗାଯୋଗ ନ କରିବାକୁ ସେମାନେ ଚେତାବନୀ ଦେଇ ନମ୍ବର ଡିଲିଟ୍ କରିଦେଇଥିଲେ। ତେବେ କାର୍‌ରେ ସୁନୀଲ ଚିତ୍କାର କରିବାରୁ ସେମାନେ ତାଙ୍କୁ ୟୁନିଟ୍-୮ସ୍ଥିତ ଡିଏସ୍‌ବିଏମ୍ ନିକଟରେ ଛାଡ଼ି ପଳାଇଥିଲେ। ଏନେଇ ତାଙ୍କ ଏତଲା ଆଧାରରେ ନୟାପଲ୍ଲୀ ପୋଲିସ (ନଂ.୨୯୨/୨୦୨୫) ମାମଲା ରୁଜୁ କରିବା ସହ ଏକାମ୍ର ପାର୍କ ନିକଟରେ କାର୍ ଅଟକାଇ ଅଭିଯୁକ୍ତମାନଙ୍କୁ ଉଠାଇ ଆଣିଥିଲା।

# ବୃଦ୍ଧାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

ବାଲିପାଟଣା,୧୩।୬(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଧୀନ ଶିଶୁମଠ ସାହିର ଜଣେ ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଶୁକ୍ରବାର ଦୁର୍ବୃତ୍ତମାନେ ଝାମ୍ପି ନେଇଯାଇଛନ୍ତି। ଲୁଟର ଶିକାର ବୃଦ୍ଧା ହେଉଛନ୍ତି ବାରିଲୋ ଗ୍ରାମର ଅସରପ୍ରାପ୍ତ ସେନା କର୍ମଚାରୀ ବୀରବର ମିଶ୍ରଙ୍କ ସ୍ତ୍ରୀ ମଞ୍ଜୁଲତା ମିଶ୍ର। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ସବୁଦିନ ଭଳି ମଞ୍ଜୁଲତା ଶୁକ୍ରବାର ଭୋର ୫ଟାରେ ଘର ନିକଟରେ ଫୁଲ ତୋଳୁଥିଲେ। ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଗ୍ରାମ ଦେଇ ବଜାର ଅଭିମୁଖେ ଯାଉଥିଲେ। ଏହା ପରେ ପୁଣି ଦୁର୍ବୃତ୍ତମାନେ କୁଶଭଦ୍ରା ନଦୀପଟକୁ ଫେରିଥିଲେ। ପରେ ମଞ୍ଜୁଲତାଙ୍କୁ ଏକାକି ଦେଖି ଦୁର୍ବୃତ୍ତମାନେ ତାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ପଳାଇଥିଲେ।

# ୨ ନାବାଳିକାଙ୍କୁ ଘରେ ଖଟାଇ ନିର୍ଯାତନା

## ଖସି ଆସିଲେ, ଉଦ୍ଧାରକଲା ପୋଲିସ

ଭୁବନେଶ୍ୱର,୧୩।୬(ସତ୍ୟଜିତ ରାଉତ)

ମଞ୍ଚେଶ୍ୱର ଥାନା ଅଞ୍ଚଳରୁ ୨ ନାବାଳିକା ଶିଶୁ ଶ୍ରମିକଙ୍କୁ ଶୁକ୍ରବାର ରାତିରେ ପୋଲିସ ଓ ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ଆକ୍ସେସ୍ ଟୁ ଜଷ୍ଟିସ୍ ପ୍ରକଳ୍ପ କର୍ମୀମାନେ ଉଦ୍ଧାର କରିଛନ୍ତି। ନାବାଳିକା ଦ୍ୱୟଙ୍କୁ ଇନ୍‌ଫୋସିଟି ଅଞ୍ଚଳର ମନି ତ୍ରିଭୁବନ ଆପାର୍ଟମେଣ୍ଟରେ ରହୁଥିବା ଏକ ଦମ୍ପତି ଘରୋଇ ଚାକରାଣୀ ଭାବେ ନିଯୁକ୍ତି ଦେଇଥିଲେ। ବଡ଼ ଝିଅର ବୟସ (୧୩) ବର୍ଷ ଏବଂ ସାନ ଝିଅର ବୟସ ମାତ୍ର (୧୦) ବର୍ଷ। ଏହି ଦମ୍ପତି ବଡ଼ ଝିଅକୁ ଯାଜପୁର ଜିଲାର ଚଣ୍ଡିଖୋଲ ଅଞ୍ଚଳରୁ ଏବଂ ସାନ ଝିଅକୁ ଜାରକା ଅଞ୍ଚଳରୁ ଚାଲାଣକରି ଆଣି ନିଜ ଘର କାମରେ ନିଯୁକ୍ତି ଦେଇଥିଲେ। ବଡ଼ ଝିଅଟିକୁ ମାସିକ ୫୦୦ ଟଙ୍କା ପାରିଶ୍ରମିକ ଦେଉଥିବାବେଳେ ସାନ ଝିଅକୁ ମାସିକ ୧୦୦୦ ଟଙ୍କା ଦେଉଥିଲେ। କାମରେ ଟିକିଏ ଅବହେଳା ହେଲେ ସ୍ୱାମୀସ୍ତ୍ରୀ ନିସ୍ଥୁକ ପିଟୁଥିଲେ ବୋଲି ସେମାନେ କହିଛନ୍ତି। ତାଙ୍କ ଦେହରେ ଥିବା ମାଡ଼ ଚିହ୍ନକୁ ଦେଖାଇଛନ୍ତି। ଅକଥନୀୟ ଅତ୍ୟାଚାର ସହି ନ ପାରି ଆଜି ନାବାଳିକାଦ୍ୱୟ ଘରୁ ଖସିଆସିଥିଲେ। ବିଳମ୍ବିତ ରାତିରେ ସେମାନଙ୍କୁ ଏକୁଟିଆ ପଳାଶୁଣୀ ଓଭରବ୍ରିଜ୍ ଉପରେ ଚାଲିଚାଲି ଯାଉଥିବାର ଦେଖି ସ୍ଥାନୀୟ ଲୋକମାନେ ରୁଚିକା କର୍ମକର୍ତ୍ତା ଓ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ପିଲାମାନଙ୍କୁ ଉଦ୍ଧାରକରି ମଞ୍ଚେଶ୍ୱର ଥାନାକୁ ଆଣିଥିଲା। ରୁଚିକା କର୍ତ୍ତୃପକ୍ଷ ପିଲାମାନଙ୍କୁ ସେଠାରୁ ଆଣି ଭୁବନେଶ୍ୱର ଅତିରିକ୍ତ ଶିଶୁ ମଙ୍ଗଳ ସମିତିରେ ଉପସ୍ଥିତ କରାଇଛନ୍ତି। ସମିତିର ନିର୍ଦ୍ଦେଶକ୍ରମେ ପିଲାମାନଙ୍କୁ ଭିଜେଏସ୍‌ଏସ୍ ଓପନ ସେଲ୍ଟରରେ ରଖାଯାଇଛି। ଏନେଇ ଶନିବାର ଇନ୍‌ଫୋସିଟି ଥାନାରେ ଏତଲା ହେବ ବୋଲି ରୁଚିକାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତି କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

RECRUITMENT ALERT!
Join a leading MNC as a Business Leader or Part-Time Professional in All Odisha (Bankers | Retired/ VRS Employees, Housewives, Real Estate & Insurance Professionals | Business Owners, Teachers, Sales Staff and other Corp Employee are also Welcome.
Flexible Work | High Earnings | Career Growth
Mob: 8763019090

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking 4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in.
M: 9840335849

### कार्यपालक अभियंता का कार्यालय, लघु सिंचाई प्रमण्डल, गढ़वा

निविदा रद्द करने से संबंधित सूचना पत्र

पत्रांक –गढ़वा/दिनांक –

दैनिक समाचार पत्रों में प्रकाशित Advertisement P.R. No- 353000 Received on 20.05.2025 (WRD/ MID/GARHWA/B.D./S.L.I.-03/2025-26) तेवाली सोलर उदवह सिंचाई योजना का निर्माण कार्य ग्राम– तेवाली, पंचायत– जनेवा, प्रखण्ड– भण्डरिया को अपरिहार्य कारणवश अगले आदेश तक रद्द किया जाता है।

कार्यपालक अभियंता,
लघु सिंचाई प्रमण्डल,गढ़वा

PR 354963 Minor Irrigation(25-26).D

# ଧର୍ମ ଲୁଚାଇ ଶାରୀରିକ ସମ୍ପର୍କ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୩।୬ (ସତ୍ୟଜିତ୍ ରାଉତ): ଧର୍ମ ଲୁଚାଇ ଜଣେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଏବଂ ମାରଧର କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଶୁକ୍ରବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ହେଲେ ଜଟଣୀ ଅଞ୍ଚଳର ଏସ୍‌କେ ଜସିମ୍ (୨୮। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ପୋଲିସ ସୂଚନା ଅନୁଯାୟୀ, ପୀଡିତା ମହିଳା ଜଣକ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଦୁଇ ପିଲାଙ୍କ ସହ ଭଡାରେ ରହି ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରନ୍ତି। ଦୁଇବର୍ଷ ହେବ ଜସିମଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଜସିମ୍ ପ୍ରାୟ ସମୟରେ ଭଡାଘରକୁ ଆସି ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ଜସିମ୍ ପ୍ରଥମେ ନିଜକୁ ହିନ୍ଦୁ ବୋଲି ପରିଚୟ ଦେଇଥିଲେ। କିନ୍ତୁ ପ୍ରକୃତରେ ସେ ଅନ୍ୟ ଧର୍ମର ବୋଲି ମହିଳା ଜଣକ ଜାଣିବାକୁ ପାଇଥିଲେ। ଜୁନ ୬ରେ ମହିଳା ଜଣକ ମାର୍କେଟରୁ ଫେରିବା ବେଳେ ଜସିମ୍ ଅନ୍ୟ ଦୁଇ ସମ୍ପର୍କୀୟଙ୍କ ସହ ମିଶି ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ମାମଲା (ନଂ.୨୦୮/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ଜମି ବିକ୍ରି ଆଳରେ ୨୪ ଲକ୍ଷ ଠକେଇ

## ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୩।୬(ସତ୍ୟଜିତ୍ ରାଉତ): ଜମି ବିକ୍ରି ଆଳରେ ୨୪ ଲକ୍ଷ ଟଙ୍କା ଠକେଇ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବଡ଼ଗଡ ଥାନା ପୋଲିସ ଶୁକ୍ରବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ବାଙ୍କୁଆଳରେ ରହୁଥିବା ଚିତ୍ରସେନ ବେହେରା (୪୦)। ତାଙ୍କ ନାମରେ ଲକ୍ଷ୍ମୀସାଗର ଓ ଶହୀଦନଗର ଥାନାରେ ଗୋଟିଏ ଲେଖାଏ ଠକେଇ ମାମଲା ରହିଛି। କୋର୍ଟଚାଲାଣ ପରେ ଚିତ୍ରସେନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ୨୦୨୨ ଜୁନ ୯ରେ ମନୋରଞ୍ଜନ ମିଶ୍ର କେଶୁରା ମୌଜାରେ ଏକ ଜମି କିଣିବାକୁ ଚିତ୍ରସେନଙ୍କ ସହ ନୋଟାରି ଚୁକ୍ତି କରିଥିଲେ। ଏଥିପାଇଁ ଚିତ୍ରସେନ ଅଗ୍ରିମ ୩୦ ଲକ୍ଷ ଟଙ୍କା ନେଇଥିଲେ। ୩ ମାସ ଭିତରେ ମନୋରଞ୍ଜନଙ୍କ ନାମରେ ଜମି ପଞ୍ଜୀକୃତ କରିବାକୁ ଚୁକ୍ତି ହୋଇଥିଲା। ହେଲେ ଅଭିଯୁକ୍ତ ଦିନ ପରେ ଦିନ ଗଡାଇ ଚାଲିଥିଲେ। ପୋଲିସ ହସ୍ତକ୍ଷେପ ପରେ ଅଭିଯୁକ୍ତ ୬ ଲକ୍ଷ ଟଙ୍କା ଫେରାଇବା ସହ ବାକି ଟଙ୍କାର ଚେକ୍ ଦେଇଥିଲେ। ହେଲେ ଆକାଉଣ୍ଟରେ ଟଙ୍କା ନ ଥିବାରୁ ଉକ୍ତ ଚେକ୍ ବାଉନ୍ସ ହୋଇଯାଇଥିଲା। ଏତଲାକ୍ରମେ ପୋଲିସ ଗୁରୁବାର ମାମଲା (ନଂ.୩୧୮/୨୦୨୫)ରୁଜୁ କରିଥିଲା।

# ଘର ତାଲା ଭାଙ୍ଗି ଚୋରି

## ଅଭିଯୁକ୍ତ ଚୋର ସହ ବଣିଆ ଗିରଫ

ଭୁବନେଶ୍ୱର,୧୩।୬ (ସତ୍ୟଜିତ୍ ରାଉତ): ଘର ତାଲା ଭାଙ୍ଗି ଚୋରି କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଯାଜପୁର ସଦର ଥାନା ଅଞ୍ଚଳର ପ୍ରୀତିରଞ୍ଜନ ସାମଲ (୨୨) ଓ କଟକ ମଙ୍ଗଳାବାଗର ଅମର ମହାରଣା (୩୩)। ସେମାନଙ୍କଠାରୁ ବିଭିନ୍ନ ସୁନା ଅଳଙ୍କାର ସହ ୪୦ ହଜାର ଟଙ୍କା ଜବତ ହୋଇଛି। ଅଭିଯୋଗକାରୀ ଜ୍ଞାନରଞ୍ଜନ ସେନାପତି ତାଙ୍କ ମା'ଙ୍କ ସହ କୈଳାସ ବିହାରରେ ରୁହନ୍ତି। ଜ୍ଞାନ ଘରେ ତାଲା ପକାଇ ଜୁନ ୮ରେ ମା'ଙ୍କୁ ନେଇ ଭଦ୍ରକ ଯାଇଥିଲେ। ୧୦ ତାରିଖରେ ଫେରିବା ପରେ ତାଙ୍କ ଘରେ ନୂଆ ତାଲା ଲାଗିଥିଲା ଓ ଘରୁ ବିଭିନ୍ନ ସୁନା ଅଳଙ୍କାର, ୭ ହଜାର ନଗଦ ଟଙ୍କା ଏବଂ ଏଲଆଇସି ବଣ୍ଡ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ସେଠାରେ ଲାଗିଥିବା ସିସିଟିଭିରୁ ପ୍ରୀତିରଞ୍ଜନଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଥିଲା। ପ୍ରୀତିରଞ୍ଜନ ଗିରଫ ହେବା ପରେ ସେ ସୁନା ଅଳଙ୍କାରଗୁଡ଼ିକୁ ଅମରଙ୍କୁ ବିକ୍ରି କରିଥିବା କହିଥିଲେ। କଟକ ବଣିଆ ସାହିରୁ ଅମରଙ୍କୁ ଗିରଫ କରାଯାଇଥିଲା। ଅଳଙ୍କାର ପାଇଁ ୧ଲକ୍ଷ ୩୦ ହଜାର ଟଙ୍କା ପ୍ରୀତିରଞ୍ଜନଙ୍କୁ ଦେଇଥିବା କହିଥିଲେ। ଜବତ ସମସ୍ତ ସୁନା ଓ ଟଙ୍କାକୁ ଆଇନଗତ ପ୍ରକ୍ରିୟା ପରେ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଚୋରି ନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୩୨୫/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

### झारखण्ड सरकार
### सांस्कृतिक कार्य निदेशालय
(पर्यटन, कला संस्कृति, खेलकूद एवं युवा कार्य विभाग)
Phone: 0651-2401917, E-mail: dirjharkhandculture@gmail.com

पत्रांक–167, रॉंची, दिनांक–12.06.2025

–: अति अल्पकालीन Request For Proposal (RFP) आमंत्रण सूचना :–

रॉंची जिला के जगन्नाथपुर, धुर्वा में आयोजित होने वाले ऐतिहासिक जगन्नाथपुर रथ मेला 2025(27 जून से 06 जुलाई 2025) के अंतर्गत सांस्कृतिक कार्य निदेशालय (पर्यटन, कला संस्कृति, खेलकूद एवं युवा कार्य विभाग), झारखण्ड, रॉंची के द्वारा प्रस्तावित **जगन्नाथ महोत्सव 2025** के आयोजन के लिए इवेंट मैनेजमेंट एजेंसी के चयन हेतु एतद् द्वारा इच्छुक एवं योग्य इवेंट मैनेजमेंट एजेंसियों से प्रस्ताव आमंत्रित की जाती है।

उक्त RFP से संबंधित विवरणिका निदेशालय के वेबसाईट https://jharkhandculture.com पर उपलब्ध है। इच्छुक एवं योग्य एजेंसी/निविदादाता, अपना प्रस्ताव बंद लिफाफे में निदेशालय कार्यालय (सांस्कृतिक कार्य निदेशालय, एम.डी.आई. भवन, तृतीय तल, एच.ई.सी., धुर्वा, रॉंची–4) में निबंधित डाक/कुरियर/हाथों–हाथ दिनांक 24.06.2025 को अप० 3.00 बजे तक समर्पित कर सकते हैं। निर्धारित तिथि/समय से विलम्ब से प्राप्त आवेदनों पर कोई विचार नहीं किया जायेगा। इस निविदा से संबंधित अनुवर्ती सभी सूचनाऐं/संशोधन निदेशालय के उक्त वेबसाईट पर हीं उपलब्ध होगी। निविदा को किसी भी स्तर पर संशोधित/रद्द करने का सर्वाधिकार अधोहस्ताक्षरी को सुरक्षित रहेगा।

ह०/–
निदेशक, संस्कृति,सांस्कृतिक कार्य निदेशालय,झारखण्ड, रॉंची

PR 354997 (Tourism, Art Culture Sports And Youth Affairs )25-26*D

### ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ଏଚ୍.କ୍ୟୁ., କାର୍ମିକ ବିଭାଗ, ରେଳବାଇ ନିଯୁକ୍ତି କୋଷ, ଆର୍.ଟି.ଏସ୍. କଲୋନୀ, ବିଳାସପୁର (ଛ.ଗ.)-୪୯୫୦୦୪

**ଅନ୍‌ଲାଇନ୍ ଅଧିସୂଚନା**
**କର୍ମନିଯୁକ୍ତି ବିଜ୍ଞପ୍ତି ସଂ. ପି-ଏଚ୍‌କ୍ୟୁ/ଆର୍‌ଆର୍‌ସି/୭୬୨/୨୦୨୫-୨୬**
**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ ବର୍ଷ ୨୦୨୫-୨୬ ପାଇଁ**
**ସ୍କାଉଟ୍ସ ଓ ଗାଇଡ୍ସ କୋଟାରେ ନିଯୁକ୍ତି ପାଇଁ କେନ୍ଦ୍ରୀକୃତ ଅନ୍‌ଲାଇନ୍ ଅଧିସୂଚନା**
**ଜାରି ତାରିଖ/ଖୋଲାଯିବା ତାରିଖ: ୧୪।୦୬।୨୦୨୫**
**ସମାପ୍ତି ତାରିଖ: ୧୩।୦୭।୨୦୨୫ (ସମୟ ୨୩.୫୯ ଘଟିକା)**

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ ସ୍କାଉଟ୍ସ ଓ ଗାଇଡ୍ସ କୋଟା–୨୦୨୫–୨୬ରେ ବେତନ ମାଟ୍ରିକ୍ସ ସ୍ତର–୨; ୭ମ ସିପିସିରେ ୦୨ (ଦୁଇଟି) ପଦବୀ ଏବଂ ବେତନ ମାଟ୍ରିକ୍ସ ସ୍ତର–୧; ୭ମ ସିପିସିରେ ୦୬ (ଛଅଟି) ପଦବୀ ପୂରଣ କରିବା ପାଇଁ ଯୋଗ୍ୟ ଏବଂ ମେଧାବୀ ସ୍କାଉଟ୍ସ ଓ ଗାଇଡ୍ସ ପ୍ରାର୍ଥୀମାନଙ୍କଠାରୁ **ଅନ୍‌ଲାଇନ୍** ଦରଖାସ୍ତ ଆହ୍ୱାନ କରାଯାଉଛି।

**୧. ପଦବୀର ବିବରଣୀ:**

| କ୍ର.ସଂ. | ପଦବୀ | ପଦବୀ ସଂଖ୍ୟା | ବିତରଣ |
|---|---|---|---|
| ୧. | ଗ୍ରୁପ୍ 'ସି' ସ୍ତର ୨ (୭ମ ସିପିସି) | ୦୨ (ଦୁଇ) | ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ |
| ୨. | ପୂର୍ବବର୍ତ୍ତୀ ଗ୍ରୁପ୍ 'ଡି', ସ୍ତର–୧ (୭ମ ସିପିସି) | ୦୬ (ଛଅ) | ବିଳାସପୁର, ରାୟପୁର ଓ ନାଗପୁର ଡିଭିଜନର ପ୍ରତ୍ୟେକ ୦୨ ପଦବୀ |

ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ର ତା୧୪।୦୬।୨୦୨୫ରୁ ୨୧।୦୬।୨୦୨୫ରିଖର ସଂସ୍କରଣ ଦେଖନ୍ତୁ ଏବଂ ଏସ୍‌ଇସି ରେଳପଥ ୱେବ୍‌ସାଇଟ୍: **www.secr.indianrailways.gov.in**ରେ ଲଗ୍ ଅନ୍ କରନ୍ତୁ।

ଅଧ୍ୟକ୍ଷ
ଆର୍‌ଆର୍‌ସି/ଏସ୍‌ଇସିଆର୍/ବିଳାସପୁର

CPR/10/FL/100

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

### Government of Odisha
### Higher Education Department

**Remaining Timeline for Admission into 2 year B.Ed., B.H.Ed., M.Ed. Courses for the Academic Session 2025-26 under SAMS**

No. N-: The remaining timeline for 2 Year B.Ed., B.H.Ed., M.Ed. Courses e-Admission for the year 2025-26 under "Student Academic Management System (SAMS)" is given below. Any change in the timeline will be published on the website **https://te.samsodisha.gov.in/.** The applicants are advised to read the Information Brochure carefully.

| Sl # | Activities | Timeline |
|---|---|---|
| 1 | Publication of Entrance Test Score on SAMS TE Portal | 13 June 2025 (Friday) (10.00 A.M.) |
| 2 | **Students Activity:** Updation of 1) Choice locking for the institutions by the applicants in their student login, 2) Graduation/Equivalent marks | 13 June 2025 (12.10 P.M.) (Friday) to 19 June 2025 (11.45 P.M.) (Thursday) |
| 3 | Publication of Provisional Allotment of Seats (For First Round Selection) | 25 June 2025 (Wednesday) (02.00 P.M.) |
| 4 | **Students Activity:** Selection of Slide/Freeze option and Online payment of admission fees by the selected students through SAMS (Student's login) portal | 25 June 2025 (04.00 P.M.) (Wednesday) to 01 July 2025 (03.00 P.M.) (Tuesday) |
| 5 | **Students Activity:** Reporting of applicants at allotted institutions for taking admission (for First Round Selection) (Applicants who have chosen the Freeze option will only be required to report for admission) | 26 June 2025 (10.00 A.M.) (Thursday) to 01 July 2025 (05.00 P.M.) (Tuesday) (Excluding Holiday) |
| 6 | **Institution Activity:** Data updation of admitted Students in the e-space (for First Round Admission) by the respective Institutions | 26 June 2025 (10.00 A.M.) (Thursday) to 01 July 2025 (11.45 P.M.) (Tuesday) (Excluding Holiday) |
| 7 | Publication of Provisional Allotment of Seats (for Second Round Selection) | 07 July 2025 (Monday) (02.00 P.M.) |
| 8 | **Students Activity:** Selection of Slide/Freeze option and Online payment of admission fees by the selected students through SAMS (Student's login) portal | 07 July 2025 (04.00 P.M.) (Monday) to 11 July 2025 (03.00 P.M.) (Friday) |
| 9 | **Students Activity:** Reporting of applicant at allotted institutions for taking admission (for Second Round Selection) (Applicants who have chosen the Freeze option will only be required to report for admission) | 08 July 2025 (10.00 A.M.) (Tuesday) to 11 July 2025 (05.00 P.M.) (Friday) |
| 10 | **Institution Activity:** Data updation of admitted students in the e-space (for Second Round Admission) by the respective Institutions | 08 July 2025 (10.00 A.M.) (Tuesday) to 11 July 2025 (11.45 P.M.) (Friday) |
| 11 | Publication of Provisional Allotment of Seats (For Third Round Selection) | 17 July 2025 (Thursday) (02.00 P.M.) |
| 12 | **Students Activity:** (Selection of FREEZE OPTION) & Online payment of admission fees by the selected students through SAMS (Student's login) portal | 17 July 2025 (04.00 P.M.) (Thursday) to 22 July 2025 (03.00 P.M.) (Tuesday) (Excluding Holiday) |
| 13 | **Students Activity:** Reporting of the applicant at allotted Institutions for taking admission (for Third Round Selection) | 18 July 2025 (10.00 A.M.) (Friday) to 22 July 2025 (05.00 P.M.) (Tuesday) (Excluding Holiday) |
| 14 | **Institution Activity:** Data updation of admitted students in the e-space (for Third Round of Selection) by the respective Institutions | 18 July 2025 (10.00 A.M.) (Friday) to 22 July 2025 (11.45 P.M.) (Tuesday) (Excluding Holiday) |
| 15 | **Students Activity:** Reporting of (Not admitted or not selected) applicants through [Student's Login] in online mode (Applicants have to select their remaining higher preference HEIs by ticking the checkbox provided next to each HEI where they want to participate in the waiting list round) | 28 July 2025 (11.00 A.M.) (Monday) to 31 July 2025 (11.45 P.M.) (Thursday) |
| 16 | Publication of merit wise list among the reported waitlisted applicants at HEIs e-space | 04 August 2025 (02.00 P.M.) (Monday) |
| 17 | **Institution Activity:** Publication of selected and waitlisted applicant's list by the HEIs at their Notice Board/Website and the HEIs will also communicate to the applicants via phone call/SMS/whatsapp/e-mail etc. | 05 August 2025 (04.00 P.M.) (Tuesday) |
| 18 | Reporting of selected applicants of waitlisted round to take admission in one of the selected HEIs, where the total/ differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 06 August 2025 (10.00 A.M.) (Wednesday) & 07 August 2025 (05.00 P.M.) (Thursday) |
| 19 | Reporting of waiting applicants of waitlisted round to take admission in one of the selected HEIs, where the total/ differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 08 August 2025 (10.00 A.M.) (Friday) to 11 August 2025 (05.00 P.M.) (Monday) (Excluding Holiday) |
| 20 | Admission updation of the selected waitlisted Student's data by the HEIs in their e-Space | 06 August 2025 (10.00 A.M.) (Wednesday) to 11 August 2025 (11.45 P.M.) (Monday) |
| 21 | Commencement of 1st year classes for B.Ed., B.H.Ed. & M.Ed. for the AY: 2025-26 | 24 July 2025 (Thursday) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

OIPR-11001/11/0065/2526 Sd./- Joint Secretary to Govt., PTC Section

### Government of Odisha
### Higher Education Department

**Remaining Timeline for e-Admission into U.G. Courses under SAMS in the Higher Education Institutions for the Academic Session 2025-26**

No. N-85: The remaining timeline for e-Admission in all (+3) Degree Colleges including Self Financing (Degree)/Sanskrit (Shastri) Colleges participating under Student Academic Management System (SAMS) is given below. Any changes in the timeline will be published in the Newspapers as well as in the website **www.samsodisha.gov.in**. Kindly refer the Common Prospectus (CP) to know about the remaining activites.

| Sl # | Activities | Timeline |
|---|---|---|
| 1 | Publication of Provisional Allotment of Seats (For First Round Selection) | 12 June 2025 (11.00 A.M.) |
| 2 | Selection of Slide/Freeze/Float Option and Online payment of admission fees by the selected students through SAMS [Student's Account] portal | 12 June 2025 (12.00 P.M.) to 17 June 2025 (03.00 P.M.) |
| 3 | Reporting of the applicants at allotted Institutions for taking admission (for First Round Selection) (Applicants who have chosen the Freeze option will only be required to report for admission) | 13 June 2025 & 16 June 2025 & 17 June 2025 (10.00 A.M. to 5.00 P.M.) |
| 4 | Data updation of admitted students in the e-space by the respective Institutions (for Frist Round Admission) | 13 June 2025 (10.00 A.M.) to 17 June 2025 (07.00 P.M.) |
| 5 | Publication of Provisional Allotment of Seats (for Second Round Selection) | 22 June 2025 (11.00 A.M.) |
| 6 | Selection of Slide/Freeze/Float Option and Online payment of admission fees by the selected students through SAMS [Student's Account] portal | 22 June 2025 (12.00 P.M.) to 25 June 2025 (03.00 P.M.) |
| 7 | Reporting of applicants at allotted institutions for taking admission (for Second Round Selection) (Applicants who have chosen the Freeze option will only be required to report for admission) | 23 June 2025 (10.00 A.M.) to 25 June 2025 (05.00 P.M.) |
| 8 | Data updation of admitted studnets in the e-space by the respective Institutions (for Second Round Admission) | 23 June 2025 (10.00 A.M.) to 25 June 2025 (07.00 P.M.) |
| 9 | Publication of Provisional Allotment of Seats (for Third/ Final Round Selection) | 01 July 2025 (11.00 A.M.) |
| 10 | Online payment of admission fees by the selected students through SAMS [Studnent's Account] portal | 01 July 2025 (12.00 P.M.) to 04 July 2025 (03.00 P.M.) |
| 11 | Reporting of applicants at allotted institutions for taking admission (for Third/Final Round Selection) (All the selected applicants have to report mandatorily to take admission) | 02 July 2025 (10.00 A.M.) to 04 July 2025 (05.00 P.M.) |
| 12 | Data updation of admitted students in the e-space by the respective Institutions (for Third/Final Round Admission) | 02 July 2025 (10.00 A.M.) to 04 July 2025 (07.00 P.M.) |
| 13 | Reporting of applicants through [Student's Login] online mode for their remaining upper choice options (Student must choose the HEI/subject's name from the check box provided where S/he want to participate in waiting list round) | 07 July 2025 (02.00 P.M.) to 10 July 2025 (11.45 P.M.) |
| 14 | Publication of merit wise waiting list among the reported waitlisted applicants at HEIs e-space as well as in the Student's login | 12 July 2025 (02.00 P.M.) |
| 15 | Publication of selected and waitlisted applicant's list by the HEIs at their Notice Board/Website and will also communicate to the applicants via phone call/SMS | 13 July 2025 (02.00 P.M.) |
| 16 | Reporting of selected applicants in the waiting list round to take admission in one of the selected HEIs, where to total or differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 14 July 2025 (10.00 A.M. to 02.00 P.M.) |
| 17 | Reporting of waitlisted applicants to take admission in one of the selected HEIs, where the total/differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 15 July 2025 (10.00 A.M. to 02.00 P.M.) |
| 18 | Admission Updation of the Student's data by the HEIs in their e-Space | 14 July 2025 & 15 July 2025 (10.00 A.M. to 07.00 P.M.) |
| 19 | Commencement of Classes (Degree 1st year) | 10th July 2025 (Thursday) |
| 20 | Phase-II Admission Process shall be started | After publication of Instant/ Supplementary result of CHSE |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

OIPR-11001/11/0066/2526 Sd./- Deputy Director, PTC Section

# ଭଗିପୁର ହତ୍ୟାକାଣ୍ଡ: ନ୍ୟାୟ ଦାବିରେ ରାସ୍ତାରୋକୋ

**ବାଙ୍କୀ, ୧୩।୬ (ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର ):**

ଢାବା ଖାଇବା ସମୟରେ ବଚସା ହେବାରୁ ବାଙ୍କୀ ଥାନା ଡମପଡ଼ା ବ୍ଲକ ଅନ୍ତର୍ଗତ ଭଗିପୁର ଗ୍ରାମର ସୁଦାମ ନାୟକଙ୍କୁ ଗୁରୁବାର ଅପରାହ୍ନରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ନ୍ୟାୟ ଦାବିରେ ଶୁକ୍ରବାର କଟକ-ବାଙ୍କୀ ମୁଖ୍ୟ ରାସ୍ତାର ଭଗିପୁର ଛକରେ ଗ୍ରାମବାସୀ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ସେମାନଙ୍କ ଦାବି ଅନୁଯାୟୀ, ମୃତ ସୁଦାମ ନାୟକଙ୍କ ପରିବାରକୁ ପ୍ରଶାସନ ତରଫରୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଏଥିସହ ତାଙ୍କ ରୋଗାଗ୍ରସ୍ତ ଭାଇ, ବିଧବା ମା'ଙ୍କ ଚଳିବା ପାଇଁ ସୁବିଧା କରାଯାଉ। ଭଗିପୁର ଗ୍ରାମରେ ଦେଶୀ ଏବଂ ବିଦେଶୀ ମଦ ବନ୍ଦ କରାଯାଉ। ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ। ଖବରପାଇ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ, ବାଙ୍କୀ ଏସ୍‌ଡିପିଓ ବାଳକୃଷ୍ଣ କହଁର, ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂଇଁ, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଛି। ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହାପରେ ଗ୍ରାମ ଶ୍ମଶାନରେ ସୁଦାମଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।


କଟକ-ବାଙ୍କୀ ମୁଖ୍ୟ ରାସ୍ତାର ଭଗିପୁର ଛକରେ ଗ୍ରାମବାସୀ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗ୍ରାମରେ ୫ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନାଯୋଗ୍ୟ, ଭଗିପୁର ପେଟ୍ରୋଲ ପମ୍ପ ନିକଟସ୍ଥ ଏକ ଢାବାରେ ଖାଇବାକୁ ନେଇ ସୁଦାମ ଓ ଢାବା ମାଲିକ ସନ୍ତୋଷ ସାହୁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସନ୍ତୋଷ ଉତ୍‌କ୍ଷିପ୍ତ ହୋଇ ଏକ ଲୁହାରଡ୍‌ରେ ସୁଦାମଙ୍କ ମୁଣ୍ଡକୁ ମାଡ଼ ମାରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ମୃତକଙ୍କ ପରିବାର ଲୋକେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ଢାବା ଜାଳିଦେବା ସହ ଟାୟାର ଜାଳି କଟକ-ବାଙ୍କୀ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଫଳରେ ଶହ ଶହ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ଖବରପାଇ ବାଙ୍କୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ରାସ୍ତା ଅବରୋଧ ହଟି ନ ଥିଲା। ଅପରପକ୍ଷେ ହୋଟେଲ ମାଲିକ ଓ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ମାତ୍ର ପରେ ସନ୍ତୋଷ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ଏହାପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ସନ୍ତୋଷଙ୍କୁ ଗିରଫ କରିବା ସହ ଥାନାରେ ମାମଲା (ନଂ. ୨୦୩/୨୫) ରୁଜୁ କରିଥିଲା। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହାପରେ ପରିବାର ଲୋକଙ୍କୁ ଶୁକ୍ରବାର ମୃତଦେହ ହସ୍ତାନ୍ତର କରାଯିବା ପରେ ମଧ୍ୟ ପୁନର୍ବାର ରାସ୍ତା ଅବରୋଧ କରାଯାଇଥିଲା।

# ଟ୍ରକ୍ ସହ ପିଟି ହୋଇ ବାଇକ୍ ଚାଳକ ମୃତ

**ସାଲେପୁର, ୧୩।୬(ଅରବିନ୍ଦ ଭୂୟାଁ ):**

କଟକ-ସାଲେପୁର ରାସ୍ତାର ନାନ୍ଦୋଳ ବଜାର ନିକଟ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ପିଟି ହୋଇଯିବାରୁ ଶୁକ୍ରବାର ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳର ସୁନ୍ଦରମୋହନ ସୋରେନ୍। ସକାଳ ପ୍ରାୟ ୭ଟାରେ ସୋରେନ ଏକ ବାଇକ୍‌ରେ କଟକରୁ ସାଲେପୁର ଅଭିମୁଖେ ଆସୁଥିବା ବେଳେ ଭାରସାମ୍ୟ ହରାଇ ଟ୍ରକ୍ ପଛରେ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୋରେନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଜେଲ ଗଲେ ୪ ଅଭିଯୁକ୍ତ

**ନିଶ୍ଚିନ୍ତକୋଇଲି, ୧୩।୬(ଅଶୋକ କୁମାର ମହାପାତ୍ର):**

## ବିବାହ ଶୋଭାଯାତ୍ରାରେ ମାରପିଟ ଘଟଣା

ନିଶ୍ଚିନ୍ତକୋଇଲି ଥାନା କେଣ୍ଡାଳୋ ପଞ୍ଚାୟତ ଅନ୍ତର୍ଗତ ମଲ୍ଲୀପୁରସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ପୀଠକୁ ଆସୁଥିବା ବିବାହ ଶୋଭାଯାତ୍ରାରେ ମାର୍‌ପିଟ ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେଣ୍ଡାଳୋ ଗ୍ରାମର ଖଗେଶ୍ୱର ମଲିକ(୩୮), ପ୍ରଶାନ୍ତ କୁମାର ମଲିକ(୨୨), ଅସୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଦିକ୍ଷିତପଡା ଗ୍ରାମର ଶକ୍ତିଶ୍ୱର ସେଠୀ(୨୫) କେନ୍ଦ୍ରାପଡା ସଦର ଥାନା ଅଧୀନ ଡାବଳ ଗ୍ରାମର ସୌଭାଗ୍ୟ ମଲିକ(୨୦)। ସେମାନଙ୍କ ଜାମିନ ନା ମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

| 11 | Publication of Provisional Allotment of Seats (For Third Round Selection) | 17 July 2025 (Thursday) (02.00 P.M.) |
| 12 | **Students Activity:** (Selection of FREEZE OPTION) & Online payment of admission fees by the selected students through SAMS (Student's login) portal | 17 July 2025 (04.00 P.M.) (Thursday) to 22 July 2025 (03.00 P.M.) (Tuesday) (Excluding Holiday) |
| 13 | **Students Activity:** Reporting of the applicant at allotted Institutions for taking admission (for Third Round Selection) | 18 July 2025 (10.00 A.M.) (Friday) to 22 July 2025 (05.00 P.M.) (Tuesday) (Excluding Holiday) |
| 14 | **Institution Activity:** Data updation of admitted students in the e-space (for Third Round of Selection) by the respective Institutions | 18 July 2025 (10.00 A.M.) (Friday) to 22 July 2025 (11.45 P.M.) (Tuesday) (Excluding Holiday) |
| 15 | **Students Activity:** Reporting of (Not admitted or not selected) applicants through [Student's Login] in online mode (Applicants have to select their remaining higher preference HEIs by ticking the checkbox provided next to each HEI where they want to participate in the waiting list round) | 28 July 2025 (11.00 A.M.) (Monday) to 31 July 2025 (11.45 P.M.) (Thursday) |
| 16 | Publication of merit wise list among the reported waitlisted applicants at HEIs e-space | 04 August 2025 (02.00 P.M.) (Monday) |
| 17 | **Institution Activity:** Publication of selected and waitlisted applicant's list by the HEIs at their Notice Board/Website and the HEIs will also communicate to the applicants via phone call/SMS/whatsapp/e-mail etc. | 05 August 2025 (04.00 P.M.) (Tuesday) |
| 18 | Reporting of selected applicants of waitlisted round to take admission in one of the selected HEIs, where the total/ differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 06 August 2025 (10.00 A.M.) (Wednesday) & 07 August 2025 (05.00 P.M.) (Thursday) |
| 19 | Reporting of waiting applicants of waitlisted round to take admission in one of the selected HEIs, where the total/ differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 08 August 2025 (10.00 A.M.) (Friday) to 11 August 2025 (05.00 P.M.) (Monday) (Excluding Holiday) |
| 20 | Admission updation of the selected waitlisted Student's data by the HEIs in their e-Space | 06 August 2025 (10.00 A.M.) (Wednesday) to 11 August 2025 (11.45 P.M.) (Monday) |
| 21 | Commencement of 1st year classes for B.Ed., B.H.Ed. & M.Ed. for the AY: 2025-26 | 24 July 2025 (Thursday) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

OIPR-11001/11/0065/2526 Sd./- Joint Secretary to Govt., PTC Section

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

ଏଚ୍.କ୍ୟୁ., କାର୍ମିକ ବିଭାଗ, ରେଳବାଇ ନିଯୁକ୍ତି କୋଷ, ଆର୍.ଟି.ଏସ୍. କଲୋନୀ, ବିଲାସପୁର (ଛ.ଗ.)-୪୯୫୦୦୪

**ଅନ୍‌ଲାଇନ୍ ଅଧିସୂଚନା**
**କର୍ମନିଯୁକ୍ତି ବିଜ୍ଞପ୍ତି ସଂ. ପି-ଏଚ୍‌କ୍ୟୁ/ଆର୍‌ଆର୍‌ସି/୭୬୨/୨୦୨୫-୨୬**
**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ ବର୍ଷ ୨୦୨୫-୨୬ ପାଇଁ**
**ସ୍କାଉଟ୍ସ ଓ ଗାଇଡ୍ସ କୋଟାରେ ନିଯୁକ୍ତି ପାଇଁ କେନ୍ଦ୍ରୀକୃତ ଅନ୍‌ଲାଇନ୍ ଅଧିସୂଚନା**
**ଜାରି ତାରିଖ/ଖୋଲାଯିବା ତାରିଖ: ୧୪।୦୬।୨୦୨୫**
**ସମାପ୍ତି ତାରିଖ: ୧୩।୦୭।୨୦୨୫ (ସମୟ ୨୩.୫୯ ଘଟିକା)**

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ ସ୍କାଉଟ୍ସ ଓ ଗାଇଡ୍ସ କୋଟା–୨୦୨୫–୨୬ରେ ବେତନ ମାଟ୍ରିକ୍ସ ସ୍ତର–୨; ୭ମ ସିପିସିରେ ୦୨ (ଦୁଇଟି) ପଦବୀ ଏବଂ ବେତନ ମାଟ୍ରିକ୍ସ ସ୍ତର–୧; ୭ମ ସିପିସିରେ ୦୬ (ଛଅଟି) ପଦବୀ ପୂରଣ କରିବା ପାଇଁ ଯୋଗ୍ୟ ଏବଂ ମେଧାବୀ ସ୍କାଉଟ୍ସ ଓ ଗାଇଡ୍ସ ପ୍ରାର୍ଥୀମାନଙ୍କଠାରୁ **ଅନ୍‌ଲାଇନ୍** ଦରଖାସ୍ତ ଆହ୍ୱାନ କରାଯାଉଛି।

**୧. ପଦବୀର ବିବରଣୀ:**

| କ୍ର.ସଂ. | ପଦବୀ | ପଦବୀ ସଂଖ୍ୟା | ବିତରଣ |
|---|---|---|---|
| ୧. | ଗ୍ରୁପ୍ 'ସି' ସ୍ତର ୨ (୭ମ ସିପିସି) | ୦୨ (ଦୁଇ) | ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ |
| ୨. | ପୂର୍ବବର୍ତ୍ତୀ ଗ୍ରୁପ୍ 'ଡି', ସ୍ତର–୧ (୭ମ ସିପିସି) | ୦୬ (ଛଅ) | ବିଳାସପୁର, ରାୟପୁର ଓ ନାଗପୁର ଡିଭିଜନର ପ୍ରତ୍ୟେକ ୦୨ ପଦବୀ |

ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ର ତା୧୪।୦୬।୨୦୨୫ରୁ ୨୧।୦୬।୨୦୨୫ରିଖର ସଂସ୍କରଣ ଦେଖନ୍ତୁ ଏବଂ ଏସ୍‌ଇସି ରେଳପଥ ୱେବ୍‌ସାଇଟ୍: **www.secr.indianrailways.gov.in**ରେ ଲଗ୍ ଅନ୍ କରନ୍ତୁ।

ଅଧ୍ୟକ୍ଷ
ଆର୍‌ଆର୍‌ସି/ଏସ୍‌ଇସିଆର୍/ବିଳାସପୁର

CPR/10/FL/100

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

**Government of Odisha**
**Higher Education Department**

**Remaining Timeline for e-Admission into U.G. Courses under SAMS in the Higher Education Institutions for the Academic Session 2025-26**

No. N-85: The remaining timeline for e-Admission in all (+3) Degree Colleges including Self Financing (Degree)/Sanskrit (Shastri) Colleges participating under Student Academic Management System (SAMS) is given below. Any changes in the timeline will be published in the Newspapers as well as in the website **www.samsodisha.gov.in**. Kindly refer the Common Prospectus (CP) to know about the remaining activites.

| SI # | Activities | Timeline |
|---|---|---|
| 1 | Publication of Provisional Allotment of Seats (For First Round Selection) | 12 June 2025 (11.00 A.M.) |
| 2 | Selection of Slide/Freeze/Float Option and Online payment of admission fees by the selected students through SAMS [Student's Account] portal | 12 June 2025 (12.00 P.M.) to 17 June 2025 (03.00 P.M.) |
| 3 | Reporting of the applicants at allotted Institutions for taking admission (for First Round Selection) (Applicants who have chosen the Freeze option will only be required to report for admission) | 13 June 2025 & 16 June 2025 & 17 June 2025 (10.00 A.M. to 5.00 P.M.) |
| 4 | Data updation of admitted students in the e-space by the respective Institutions (for Frist Round Admission) | 13 June 2025 (10.00 A.M.) to 17 June 2025 (07.00 P.M.) |
| 5 | Publication of Provisional Allotment of Seats (for Second Round Selection) | 22 June 2025 (11.00 A.M.) |
| 6 | Selection of Slide/Freeze/Float Option and Online payment of admission fees by the selected students through SAMS [Student's Account] portal | 22 June 2025 (12.00 P.M.) to 25 June 2025 (03.00 P.M.) |
| 7 | Reporting of applicants at allotted institutions for taking admission (for Second Round Selection) (Applicants who have chosen the Freeze option will only be required to report for admission) | 23 June 2025 (10.00 A.M.) to 25 June 2025 (05.00 P.M.) |
| 8 | Data updation of admitted studnets in the e-space by the respective Institutions (for Second Round Admission) | 23 June 2025 (10.00 A.M.) to 25 June 2025 (07.00 P.M.) |
| 9 | Publication of Provisional Allotment of Seats (for Third/ Final Round Selection) | 01 July 2025 (11.00 A.M.) |
| 10 | Online payment of admission fees by the selected students through SAMS [Studnent's Account] portal | 01 July 2025 (12.00 P.M.) to 04 July 2025 (03.00 P.M.) |
| 11 | Reporting of applicants at allotted institutions for taking admission (for Third/Final Round Selection) (All the selected applicants have to report mandatorily to take admission) | 02 July 2025 (10.00 A.M.) to 04 July 2025 (05.00 P.M.) |
| 12 | Data updation of admitted students in the e-space by the respective Institutions (for Third/Final Round Admission) | 02 July 2025 (10.00 A.M.) to 04 July 2025 (07.00 P.M.) |
| 13 | Reporting of applicants through [Student's Login] online mode for their remaining upper choice options (Student must choose the HEI/subject's name from the check box provided where S/he want to participate in waiting list round) | 07 July 2025 (02.00 P.M.) to 10 July 2025 (11.45 P.M.) |
| 14 | Publication of merit wise waiting list among the reported waitlisted applicants at HEIs e-space as well as in the Student's login | 12 July 2025 (02.00 P.M.) |
| 15 | Publication of selected and waitlisted applicant's list by the HEIs at their Notice Board/Website and will also communicate to the applicants via phone call/SMS | 13 July 2025 (02.00 P.M.) |
| 16 | Reporting of selected applicants in the waiting list round to take admission in one of the selected HEIs, where to total or differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 14 July 2025 (10.00 A.M. to 02.00 P.M.) |
| 17 | Reporting of waitlisted applicants to take admission in one of the selected HEIs, where the total/differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 15 July 2025 (10.00 A.M. to 02.00 P.M.) |
| 18 | Admission Updation of the Student's data by the HEIs in their e-Space | 14 July 2025 & 15 July 2025 (10.00 A.M. to 07.00 P.M.) |
| 19 | Commencement of Classes (Degree 1st year) | 10th July 2025 (Thursday) |
| 20 | Phase-II Admission Process shall be started | After publication of Instant/ Supplementary result of CHSE |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

OIPR-11001/11/0066/2526 Sd./- Deputy Director, PTC Section

# ଗାଡ଼ି ଧକ୍କାରେ ଦିବ୍ୟାଙ୍ଗଙ୍କ ମୃତ୍ୟୁ

ଯୋଗେଶ୍ୱରପୁର, ୧୩।୬ (ରଶ୍ମିରଞ୍ଜନ ସାହୁ)

ପୁରୀ ଜିଲା ନୟାହାଟ-ନାଗପୁର ରାସ୍ତାର ଜୋରକୁଲଠାରେ ଶୁକ୍ରବାର ଗାଡ଼ି ଧକ୍କାରେ ଜଣେ ଦିବ୍ୟାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାରିଛକ ଥାନା ଅଧୀନ ବାହାରଣା ଗ୍ରାମର ଅରବିନ୍ଦ ଗିରି (୫୩)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅରବିନ୍ଦ ନିଜ ଭଉଣୀ ଘର ଜୋରକୁଲକୁ ତିନିଚକିଆ ସାଇକେଲରେ ଆସିବା ବାଟରେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲିକ ଉଦ୍ଧାର କରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗୋପ ଥାନାରେ ଏକ କେସ୍ (ନଂ.୧୫୮/୨୫) ରୁଜୁ କରାଯାଇଛି।

# ରାଜ୍ୟରେ ଆୟୁଷ୍ମାନ କାର୍ଡ ବଣ୍ଟନ ୧କୋଟି ଟପିଲା

ଭୁବନେଶ୍ୱର, ୧୩।୬ (ବନ୍ଦନା ସେଠୀ)

**କାର୍ଡ ପାଇ ନ ଥିଲେ ଆଧାର କାର୍ଡ/ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ ଦେଖାଇ ଦେୟମୁକ୍ତ ଚିକିତ୍ସା ପାଇପାରିବେ**

ଚଳିତ ବର୍ଷ ଏପ୍ରିଲ ୧୧ରେ ଶୁଭାରମ୍ଭ ହୋଇଥିବା ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଏବିପିଏମ୍‌ଜେଏୱାଇ-ଜିଜେଏୱାଇ)ରେ ଯୁଗ୍ମ କାର୍ଡ ବଣ୍ଟନ ୧କୋଟି ଟପିଛି। ଏଥିସହ ଆର୍ଥିକ ଓ ସାମାଜିକ ବର୍ଗ ନିର୍ବିଶେଷରେ ସମସ୍ତ ୭୦ବର୍ଷ ବା ତଦୂର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ କାର୍ଡ ପାଇଁ ବିକାଶ ବାହନ ଯାତ୍ରା କାଳରେ ଶତ ପ୍ରତିଶତ ଇ-କେୱାଇସି ଶେଷ କରିବାକୁ ବିଭାଗ ତରଫରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନକୁ ପୂର୍ଣ୍ଣମାତ୍ରାରେ ସଫଳ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ତଥା ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତି (ସାସ୍) ଅଧ୍ୟକ୍ଷ ଅଶ୍ୱତୀ ଏସ୍ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବୟୋ ବନ୍ଦନା ଯୋଜନାରେ ପ୍ରତି ପରିବାର ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକରେ ବାର୍ଷିକ ୫ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ପାଇବେ। ଏହି ଟଙ୍କା ତାଙ୍କ ମୂଳ ପରିବାରର ୫ଲକ୍ଷ ଟଙ୍କା ପାଣ୍ଠିଠାରୁ ଅଲଗା ହେବ। ଯେଉଁ ଯୋଗ୍ୟ ବ୍ୟକ୍ତି ବର୍ତ୍ତମାନ ସୁଦ୍ଧା ନୂଆ ଯୁଗ୍ମ କାର୍ଡ ପାଇନାହାନ୍ତି ସେମାନେ ନିଜ ଆଧାର କାର୍ଡ/ପୁରୁଣା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ଦେଖାଇ ତାଲିକାଭୁକ୍ତ ହସ୍ପିଟାଲଗୁଡ଼ିକରେ ଦେୟମୁକ୍ତ ଚିକିତ୍ସା ପାଇପାରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ସୁଦ୍ଧା ରାଜ୍ୟର ସମସ୍ତ ଜିଲାରେ ସମୁଦାୟ ୧କୋଟି ୪୧ହଜାର ୮୬୩ଟି ଏବିପିଏମ୍‌ଜେଏୱାଇ-ଜିଜେଏୱାଇ ଯୁଗ୍ମ କାର୍ଡ ବଣ୍ଟାଯାଇଛି। କାର୍ଡ ବଣ୍ଟନରେ ଗଞ୍ଜାମ, ମୟୂରଭଞ୍ଜ, କଟକ ଓ ବଲାଙ୍ଗୀର ଜିଲା ଆଗୁଆ ରହିଛି। ଗଞ୍ଜାମ ଜିଲାରେ ୭.୯୬ ଲକ୍ଷ କାର୍ଡ ବଣ୍ଟାହୋଇଥିବାବେଳେ ମୟୂରଭଞ୍ଜରେ ୭.୩୩ ଲକ୍ଷ, କଟକରେ ୬.୮୮ ଲକ୍ଷ ଏବଂ ବଲାଙ୍ଗୀରରେ ୫.୩୪ ଲକ୍ଷରୁ ଅଧିକ କାର୍ଡ ବଣ୍ଟାଯାଇଛି। ସେହିପରି ୭୦ବର୍ଷ ବା ତଦୂର୍ଦ୍ଧ୍ୱ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୩.୨୧ଲକ୍ଷ ବରିଷ୍ଠ ନାଗରିକଙ୍କ ଇ-କେୱାଇସି କରି କାର୍ଡ ପ୍ରସ୍ତୁତ କରାଯାଇଛି। ଅବଶିଷ୍ଟ ୧୯.୭୯ ଲକ୍ଷ ବରିଷ୍ଠ ନାଗରିକଙ୍କ ଇ-କେୱାଇସି ବିକାଶ ବାହନ ଯାତ୍ରା ଅନ୍ତର୍ଗତ ଜୁନ୍ ୨୨ସୁଦ୍ଧା ଶେଷ କରିବାକୁ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଗ୍ରାମ ଓ ପଞ୍ଚାୟତ ୱାରି ଅଣୁ କାର୍ଯ୍ୟସୂଚୀ ସହ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରିବା ପାଇଁ ସାସ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡା. ବୃନ୍ଦା. ଡି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଯାନ୍ତ୍ରିକ ତ୍ରୁଟି, ଚିଲିକାରେ ଫସିଲା ଡଙ୍ଗା



କୃଷ୍ଣପ୍ରସାଦ, ୧୩।୬ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଏବଂ କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶତାଧିକ ଲୋକେ ଚିଲିକାରେ ଯାତ୍ରା କରିଥାନ୍ତି। ପ୍ରତିଦିନ ଭଳି ଶୁକ୍ରବାର ଅପରାହ୍ନରେ ସାତପଡ଼ାରୁ ଏକ ଯାତ୍ରୀବାହୀ ଡଙ୍ଗା ୩୦ଯାତ୍ରୀ ଏବଂ ୧୫ରୁ ଅଧିକ ବାଇକ୍ ନେଇ ଜହ୍ନିକୁଦା ଅଭିମୁଖେ ଯାତ୍ରା କରିଥିଲା। ଡଙ୍ଗାଟି ଚିଲିକାରେ କିଛିବାଟ ଯିବା ପରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଡଙ୍ଗା ଚାଳକ ମରାମତି କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ମୋଟର ନ ଚାଲିବାରୁ ଡଙ୍ଗାଟି ଚିଲିକାର ମହିଁଷା ନିକଟରେ ଫସି ରହିଥିଲା। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିବା ସହ ଚିତ୍କାର କରିଥିଲେ। ଯାତ୍ରୀମାନେ ୧ଘଣ୍ଟାରୁ ଅଧିକ ସମୟ ଚିଲିକାରେ ଫସି ରହିବା ପରେ ଅନ୍ୟ ଏକ ଡଙ୍ଗା ସହାୟତାରେ ଜହ୍ନିକୁଦା ଜେଟିକୂଳରେ ପହଞ୍ଚିଥିଲେ।

# ବିଚାର ବିଭାଗୀୟ ତଦନ୍ତ ଦାବି କଲା ରାଜ୍ୟ ଆଇନଜୀବୀ ପରିଷଦ

କଟକ, ୧୩।୬ (କାର୍ତ୍ତିକ ସାହୁ)

**ବାଲେଶ୍ୱର ଓକିଲ ସଂଘ ସଦସ୍ୟ ପୁରୁଷୋତ୍ତମ ଦାସଙ୍କୁ ପୋଲିସ ନିର୍ଯାତନା ଦେବା ଘଟଣା**

ବାଲେଶ୍ୱର ଓକିଲ ସଂଘ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସ ଗତ ୬ ତାରିଖରେ ଅମାନୁଷିକ ଭାବେ ପୋଲିସ ନିର୍ଯାତନାର ଶିକାର ହୋଇଛନ୍ତି। ଏହି ଘଟଣାକୁ ନେଇ ଆଗାମୀ ୧୦ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଏକ ପ୍ରେସ୍ ଇସ୍ତାହାରରେ ଶୁକ୍ରବାର ସୂଚନା ଦିଆଯାଇଛି। ଏଥିସହ ସମସ୍ତ ଘଟଣାର ଠିକ୍ ପ୍ରମାଣ ନିମନ୍ତେ ଏକ ବିଚାର ବିଭାଗୀୟ ତଦନ୍ତ, ସହଦେବ ଖୁଣ୍ଟା ମଡେଲ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ, ସଂପୃକ୍ତ ମହିଳା ଆଇଏଏସ୍ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ବାଲେଶ୍ୱର ଓକିଲ ସଂଘ ଏହି ଘଟଣାରେ ବାଲେଶ୍ୱରର ପୋଲିସ ଅଧିକାରୀଙ୍କୁ ଘଟଣାରେ ହସ୍ତକ୍ଷେପ କରିବା ତଥା ସମ୍ପୃକ୍ତ ଭାରପ୍ରାପ୍ତ ଅଧିକାରୀଙ୍କୁ ଦାସଙ୍କ ଦ୍ୱାରା ଦିଆଯାଇଥିବା ସୂଚନାକୁ ରେଜିଷ୍ଟର କରିବା ପାଇଁ ଅନୁରୋଧ କରିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଆଇନ ସେବା ତଥା ଆଇନ ପେସାର ସର୍ବୋଚ୍ଚ ନିୟାମକ ସଂସ୍ଥା ଭାବେ ଉକ୍ତ ଘଟଣାକୁ ନେଇ ଗୁରୁବାର ଏକ ଜରୁରିକାଳୀନ ବୈଠକ କରାଯାଇଛି। ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ଉକ୍ତ ଘଟଣାକୁ ନିନ୍ଦା କରାଯାଇଛି।

# ଗୋଚାଲାଣ ବେଳେ ପିକ୍‌ଅପ ଭ୍ୟାନ୍ ଜବତ

ନିମାପଡ଼ା, ୧୩।୬ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅଞ୍ଚଳରୁ ଗୋଚାଲାଣ ବେଳେ ପୋଲିସ ହରିଶପୁର ଛକଠାରେ ଗୁରୁବାର ଗୋଟିଏ ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ୍ (ନଂ ଓଡି୨୨-୬୧୮୯)କୁ ଜବତ କରିଛି। ଗାଡ଼ିରୁ ପୋଲିସ ୪ଟି ଗାଈ ଓ ଗୋଟିଏ ଷଣ୍ଢକୁ ଉଦ୍ଧାର କରି ପୁରୀ ଗୋଶାଳାରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ପୋଲିସ ଚଢ଼ାଉବେଳେ ଗାଡ଼ି ଚାଳକ ଓ ବ୍ୟବସାୟୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ପୋଲିସ ଏ ସମ୍ପର୍କରେ କେସ୍ ନଂ. ୧୭୦/୨୫ ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗୋଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତାମାନେ ଦାବି କରିଛନ୍ତି।

# ନଦୀର ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ରାଜ୍ୟ ଠିକ୍ ରହିବ ନାହିଁ

**ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ**

ଭୁବନେଶ୍ୱର, ୧୩।୬ (ବନ୍ଦନା ସେଠୀ)

ଏବେ ଓଡ଼ିଶାର ନଦୀଗୁଡ଼ିକର ସ୍ୱାସ୍ଥ୍ୟ ଗମ୍ଭୀର ଅବସ୍ଥାରେ ରହିଛି। ଅନେକ ନଦୀ ମରିବାକୁ ବସିଲାଣି। ନଦୀର ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ରାଜ୍ୟର ସ୍ୱାସ୍ଥ୍ୟ ଠିକ୍ ରହିବ ନାହିଁ ବୋଲି ଜଳମାନବ ଡ. ରାଜେନ୍ଦ୍ର ସିଂ ଚେତାବନୀ ଦେଇଛନ୍ତି। ଶୁକ୍ରବାର ମହାନଦୀ ବଞ୍ଚାଓ ଆନ୍ଦୋଳନ ଏବଂ ଓଡ଼ିଶା ନଦୀ ସୁରକ୍ଷା ସମିତି ପକ୍ଷରୁ ରେଡ୍‌କ୍ରସ୍ ଭବନରେ ଓଡିଶା ନଦୀ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ. ସିଂ ଏହାକୁ ଉଦ୍‌ଘାଟନ କରି ସରକାର ତୁରନ୍ତ ଜଳ ସମ୍ପଦ ବିଭାଗ, ବିଶେଷଜ୍ଞ, ନଦୀ ଆନ୍ଦୋଳନ କର୍ମୀ ତଥା ନାଗରିକ ସମାଜର ମିଳିତ କନ୍‌ଭେନଶନ ଆୟୋଜନ କରି ନଦୀଗୁଡିକର ସମସ୍ୟା ନିରୂପଣ





ସମ୍ମିଳନୀରେ ଜଳମାନବ ଡ. ରାଜେନ୍ଦ୍ର ସିଂଙ୍କ ସହ ଅନ୍ୟ ଅତିଥିମାନେ।

କରିବା ସହିତ ସମାଧାନର ରାସ୍ତା ବାହାର କରିବାକୁ ଦାବି ରଖିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଶାସକ ଅରବିନ୍ଦ ବେହେରା କହିଲେ, ବିକାଶ ନାମରେ ବିନାଶ ଯେମିତି ଗ୍ରହଣୀୟ ନୁହଁ, ଠିକ୍ ସେମିତି ଅସ୍ମିତା ନାମରେ ନିଜର ଅସ୍ତିତ୍ୱ ହରାଇଲା ଭଳି ପଦକ୍ଷେପ ଆଦୌ ସ୍ପୃହଣୀୟ ନୁହଁ। ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ ଓଡ଼ିଶାର ସମସ୍ତ ନଦୀ ଆନ୍ଦୋଳନଗୁଡ଼ିକୁ ସଂଯୋଜିତ କରି ଏକ ବ୍ୟାପକ ଜନ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଓଡ଼ିଶାରେ ନଦୀ ଆନ୍ଦୋଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସୁଦର୍ଶନ ଦାସଙ୍କୁ 'ନଦୀ ପ୍ରଭାରୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ନଦୀ ସଂକ୍ରାନ୍ତରେ ଶ୍ୱେତପତ୍ର ପ୍ରକାଶ କରିବା ସହ ନଦୀ ନୀତି ପ୍ରଣୟନ ପାଇଁ ସରକାରଙ୍କଠାରେ ଦୃଢ଼ ଦାବି କରାଯାଇଛି। ସ୍କୁଲ ଓ କଲେଜଗୁଡ଼ିକରେ ନଦୀ ସୁରକ୍ଷା ବିଷୟକୁ ନେଇ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ଶିଳ୍ପ ସଂସ୍ଥା ଓ ସହରର ଆବର୍ଜନ ଆଦିକୁ ସିଧା ନଦୀରେ ନ ପକାଇବା, ନଦୀ ସଂକ୍ରାନ୍ତରେ ଶ୍ୱେତପତ୍ର ଓ ନଦୀ ନୀତି ପ୍ରଣୟନ, ସ୍କୁଲ କଲେଜଗୁଡିକରେ ନଦୀ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ସୃଷ୍ଟି, ଗଙ୍ଗୁଆ, ସାଳନ୍ଦୀ ଆଦି ନଦୀର ପୁନରୁଦ୍ଧାର ଆଦି ପ୍ରସ୍ତାବ ସମ୍ମିଳନୀରେ ପାରିତ ହୋଇଥିଲା। ଲେଖକ ସଞ୍ଜୀବ ହୋତା, ଇଞ୍ଜିନିୟର ମନୋରଞ୍ଜନ ମିଶ୍ର, ବିଜୟ ପ୍ରଧାନ, ଡ. ଜୟକୃଷ୍ଣ ପାଣିଗ୍ରାହୀ, ପ୍ରକାଶ ରଥ ଯୋଗଦେଇଥିଲେ। ଦୟା ସୁରକ୍ଷା ଅଭିଯାନର ଆବାହକ ସଚ୍ଚିକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସନାତନ



@ ସୁନୀତା



@ ଭକ୍ତେଶ୍ୱର



@ ଅଶୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଟିଦିଅଁ ଶାନ୍ତିର ସଙ୍କେତ

ମହାପ୍ରଭୁଙ୍କ ଉପାସନା ଏକ ସମୀକରଣ ଉପାସନା। ସମୀକରଣ ଚେତନାରେ ସେ ଗଣଦେବତା ଭାବେ ଭାରତବର୍ଷରେ ଗୃହୀତ ହୋଇଛନ୍ତି। ସମୀକରଣ ଉପାସନାର ଗୋଟିଏ ଦିଗରୁ ପ୍ରତିଭୂ ହେଉଛନ୍ତି ଶ୍ରୀନାରାୟଣ। ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ଦେବତା ଭାବେ ଶ୍ରୀନାରାୟଣ ସ୍ୱୀକୃତ। ତାଙ୍କର ଧାତୁମୂର୍ତ୍ତି ଶ୍ରୀମନ୍ଦିରର ଦକ୍ଷିଣୀଘରେ ବର୍ଷସାରା ଉପାସିତ ହୁଅନ୍ତି। ମହାପ୍ରଭୁଙ୍କ ଆଜ୍ଞାରେ ସେ ଜଗତମଙ୍ଗଳ ଲୀଳା କରନ୍ତି, କିନ୍ତୁ ଅଣସର ସମୟରେ ମହାପ୍ରଭୁଙ୍କ ସ୍ଥାନରେ ଧାତୁବିଗ୍ରହ ପୂଜିତ ନ ହୋଇ ଶ୍ରୀନାରାୟଣ ପଟିଚିତ୍ରରେ ଶୋଭା ପାଆନ୍ତି। ମହାପ୍ରଭୁ ନିଜେ ଅନନ୍ତ, ଯାହାଙ୍କର ଆଦି-ଅନ୍ତ ନାହିଁ ବୋଲି ଶାସ୍ତ୍ରରେ କୁହାଯାଇଛି। ତେଣୁ ଅଣସରରେ ମହାପ୍ରଭୁଙ୍କ ସ୍ଥାନରେ ଶ୍ରୀନାରାୟଣ ପୂଜା ହୁଅନ୍ତି। 'ଶ୍ରୀଅନନ୍ତ ନାରାୟଣ' ରୂପରେ ସେ ଚାରିବାହୁଯୁକ୍ତ ହୁଅନ୍ତି। ଭକ୍ତବତ୍ସଳ ଭାବନାରେ ସେ ବକ୍ଷରେ ଧାରଣ କରନ୍ତି ଶ୍ରୀବତ୍ସଙ୍କ ପାଦଚିହ୍ନ। ବାମ ପାର୍ଶ୍ୱରେ ଦଣ୍ଡାୟମାନ ହୁଅନ୍ତି ସାତ ଋଷି। ଚାଳି ସଦୃଶ ତାଙ୍କ ମନ୍ଦିର ଉପରେ ରହନ୍ତି ଚାରୋଟି ପାରା। ଏଇମାନେ ହେଉଛନ୍ତି ଶାନ୍ତିର ସଙ୍କେତ, ଶାନ୍ତିର ସଙ୍ଗମନୀ, ଶାନ୍ତିର ସୂର୍ଯ୍ୟୋଦୟ ଓ ଶାନ୍ତିର ସମ୍ଭାବନା।



ପଟି ଦିଅଁ ପାଇଁ ପ୍ରସ୍ତୁତି ଚାଲିଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ପଟିରେ ମୈତ୍ରୀର ମୂଲ୍ୟବୋଧ

ପଟିଦିଅଁ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀଅନନ୍ତ ନାରାୟଣ ଏବଂ ଶ୍ରୀବଳଭଦ୍ରଙ୍କ ସ୍ଥାନରେ ଉପାସିତ ହୁଅନ୍ତି ଶ୍ରୀଅନନ୍ତ ବାସୁଦେବ। ଅଲୱାର ଧାରାର 'ବାସୁଦେବ ସର୍ବମିତି', ଏ ଜଗତରେ ସମସ୍ତ କିଛି ବାସୁଦେବମୟ ବିଚାରଧାରା ଶ୍ରୀବଳଭଦ୍ରଙ୍କ ସହିତ ସମୀକରଣ ହୁଏ ଅଣସର ଉପାସନା ସମୟରେ। ଏ ଜଗତ ହେଉଛି ଶ୍ରୀବାସୁଦେବମୟ। ଏହି ଚେତନା ବିଶିଷ୍ଟାଦ୍ୱୈତ ଧାରାରେ ଶ୍ରୀରାମାନୁଜାଚାର୍ଯ୍ୟଙ୍କ ସମୟରେ 'ନାରାୟଣ ସର୍ବମିତି'ରେ ପରିଣତ ହେବା ପରେ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀନାରାୟଣ ଅନନ୍ତ ଚେତନାଯୁକ୍ତ ହୋଇ ଉପାସିତ ହେଉଥିବାବେଳେ ଶ୍ରୀବଳଭଦ୍ର ଅନନ୍ତ ଚେତନାଯୁକ୍ତ ହୋଇ 'ଶ୍ରୀଅନନ୍ତବାସୁଦେବ' ରୂପେ ଉପାସିତ ହୁଅନ୍ତି। ଏଠାରେ ଦୁଇଟି ଧାରାର ମିଳନ ହୋଇଛି। ଗୋଟିଏ ବୈଷ୍ଣବ ଏବଂ ଅନ୍ୟଟି ଶୈବଧାରା। ଶିବ ଉପାସନାରେ ଅନନ୍ତ ଚେତନା ଅଙ୍ଗୀକୃତ। ଶିବ ବି ଅନନ୍ତ। ବୈଷ୍ଣବମାନେ ଏକରୁ ଚାରି ଓ ଚାରିରୁ ଏକ ବିଚାରଧାରାରେ ଶ୍ରୀବଳଭଦ୍ରଙ୍କୁ ଅନନ୍ତ ବାସୁଦେବ ଭାବେ ଗ୍ରହଣ କରିବାରେ କୌଣସି ଅସୁବିଧା ହେଲା ନାହିଁ। ମସ୍ତକରେ ତାଙ୍କର ସପ୍ତଫଣାଯୁକ୍ତ ବାସୁକୀ ଶୋଭା ପାଇବା ଓ ଦକ୍ଷିଣ ପାର୍ଶ୍ୱରେ ଯୋଡ଼ହସ୍ତରେ ଠିଆ ହୋଇଥିବା ଶିବ ଶୋଭା ପାଇବା ପରେ ଶିବ ଉପାସକମାନେ ହରିହର ଉପାସନାର ଏ ଚମତ୍କାର ଚାତୁରିରେ ବିମୋହିତ ହେବା ସ୍ୱାଭାବିକ। ହଜାର ବର୍ଷ ତଳେ ହର ଓ ହରି ଉପାସକଙ୍କ ଯେଉଁ ଉଦାସୀନତାର ଅମାରାତି ଘୋଟି ଆସିଥିଲା, ଉତ୍ତପ୍ତ ଓ ଉତ୍ତରଳ ଦରବାରୀ ରୀତିରେ ଉପାସନା ଧାରାରେ ଯେଉଁ ନଗ୍ନ ନିର୍ଜନ ନମୁନା ମୁଣ୍ଡ ଟେକିଥିଲା, ଶ୍ରୀକ୍ଷେତ୍ର ମୈତ୍ରୀର ମୂଲ୍ୟବୋଧରେ ତାହା ମଧୁବସନ୍ତର ମହାବିଷୁବରେ ପରିଣତ ହୋଇଯାଇଥିଲା। ଓଡ଼ିଆ ଶିଳ୍ପୀ ତା' ତୂଳୀମୁନରେ ପାରମ୍ପରିକ ଚିତ୍ର ଆଙ୍କି ଭାରତରେ ଏକ ସହାବସ୍ଥାନର ବାର୍ତ୍ତା ଦେଇଦେଲା। ଦ୍ୱନ୍ଦ୍ୱର ଯେଉଁ ଦୁନ୍ଦୁଭି ଦକ୍ଷିଣ ଭାରତରୁ ପୂର୍ବ ଭାରତ ଦେଇ ହିମାଳୟ ପର୍ଯ୍ୟନ୍ତ ବାଜି ଉଠିଥଲା, ତାହାକୁ ଶାନ୍ତ କରିଦେଲା ପଟିଦିଅଁର ଶିଳ୍ପୀ, ଯାହାକୁ ଆଜି ଐତିହ୍ୟ ପଟଚିତ୍ରର ଓଁକାର ବୋଲି ଆମେ କହୁ। ଦାର୍ଶନିକ ସମୀକରଣ ହୋଇଗଲା, ଯେବେ ତାଙ୍କ ମନ୍ଦିର (ଚାଳି) ଉପରେ ଷଡ଼ରିପୁର ସଙ୍କେତ ଛ'ଟି ପାରା ଓ ଦୁଇଟି ଓଲଟପାରା ଜୀବ ପରମ ରୂପରେ ଶୋଭା ପାଇଲେ। ଷଡ଼ରିପୁର ବିନାଶ ନ ହେଲେ ଜୀବ ଓ ପରମର ମିଳନ ଅସମ୍ଭବ। ଛଅଟି ନେଇ ବିଚାରବିମର୍ଶ ହେବା ପରେ ଶାଣିତ ହୋଇଗଲା ଦାର୍ଶନିକ ଇତିହାସ। ଚାଳଛପର ଘରର ଚିହ୍ନା ମଣିଷଟି ପାଇଁ ଚଟୁଳ ଭାଷାର ସାରସ୍ୱତ ସମ୍ବୋଧନ ଆଉ ଦରକାର ହେଲାନି। ମହାପୁରୁଙ୍କ ପୂଜା କାଇଦାରେ ତା' ଅଜାଣତରେ ଶାନ୍ତିର ଅଜଣାରେ ସେ ପ୍ରବେଶ କରିଗଲା।

**-ଡ. ସୁରେନ୍ଦ୍ର କୁମାର ମିଶ୍ର**

# ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଖୋଲାହେଲା ଓଦାବସ୍ତ୍ର

ପୁରୀ, ୧୩।୬ (ଅଜିତ୍ କୁମାର ମହାନ୍ତି)

ପବିତ୍ର ସ୍ନାନପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ଚତୁର୍ଦ୍ଧାବିଗ୍ରହ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇଛନ୍ତି। ଏବେ ଅଣସର ଘରେ ଦାରୁବିଗ୍ରହଙ୍କ ଗୁପ୍ତ ନୀତି ଚାଲିଛି। ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନଙ୍କ ସହ ପତିମହାପାତ୍ର ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ଗୁପ୍ତନୀତି ଜାରି ରଖିଛନ୍ତି। ଶୁକ୍ରବାର ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗରୁ ଓଦାବସ୍ତ୍ର ଓଲାଗି ବା ବାହାର କରାଯାଇଛି।

ଅପରପକ୍ଷରେ ମହାପ୍ରଭୁଙ୍କ ନିକଟରେ ଚକଟା ଓ ପଣାଭୋଗ ଲାଗି କରାଯାଉଛି। ଅଣସର ପିଣ୍ଡିର ଘନ ଅନ୍ଧକାର ମଧ୍ୟରେ ଚାଲିଛି ଗୁପ୍ତ ନୀତି। ଦଇତାପତି ସେବାୟତମାନେ ପ୍ରତିଦିନ ଅଣସର ଘରକୁ ଯାଇ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗ ସେବା କରୁଛନ୍ତି। ନିୟମ ଅନୁଯାୟୀ, ପଣା ଓ ଚକଟା ଭୋଗ ସହ ଧଳାଫୁଲ ମହାପ୍ରଭୁଙ୍କୁ ଲାଗି କରାଯାଉଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ସ୍ନାନଯାତ୍ରା ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଓଦାବସ୍ତ୍ର ବାହାର



କରାଯାଇଥାଏ। ପରମ୍ପରା ଅନୁଯାୟୀ, ଅଣସର ସମୟରେ ଶ୍ରୀମନ୍ଦିରରେ ପୂଜା ପାଉଥିବା ପଟିଦିଅଁଙ୍କ ନିକଟରେ ସମସ୍ତ ନୀତି ହୋଇଥାଏ। ଶୁକ୍ରବାର ମଧ୍ୟାହ୍ନ ଧୂପ ପରେ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇଥିଲା। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ ଦ୍ୱାର ଖୋଲାଯାଇଥିଲା। ଦଇତାପତି ସେବକମାନେ ଏକବସ୍ତ୍ର ହୋଇ ଅଣସର ପିଣ୍ଡିରେ ଥିବା ମହାପ୍ରଭୁଙ୍କ ନିକଟକୁ ଯାଇ ଗୁପ୍ତନୀତି ସମ୍ପାଦନ କରିଥିଲେ। ଚକଟା ଓ ପଣା ଭୋଗ ଅର୍ପଣ କରାଯାଇଥିଲା। ରାଜବୈଦ୍ୟଙ୍କ ପରାମର୍ଶକ୍ରମେ ଜ୍ୱର ପୀଡ଼ିତ ଶ୍ରୀବିଗ୍ରହଙ୍କୁ ସୁସ୍ଥ କରିବା ପାଇଁ ପଥି ଦିଆଯାଉଛି। ରୀତି ଅନୁଯାୟୀ ସମ୍ପ୍ରତି ଶ୍ରୀମନ୍ଦିରରେ ସଙ୍ଗୀତ, ଭଜନ, କୀର୍ତ୍ତନ, ଗୀତ, ଘଣ୍ଟଘଣ୍ଟା, ବାଜା ଆଦି ବନ୍ଦ ରହିଛି।

## ପାଣିକୁଣ୍ଡରେ ପଡ଼ି ଶିଶୁ ମୃତ

ଦିଗପହଣ୍ଡି,୧୩।୬(ଅଶେଷ ନାଥ ମିଶ୍ର): ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସିଙ୍ଗପୁର ଗ୍ରାମର ଜଣେ ଶିଶୁପୁତ୍ରଙ୍କ ଶୁକ୍ରବାର ପାଣିକୁଣ୍ଡରେ ପଡି ମୃତ୍ୟୁ ଘଟିଛି। ସେ ହେଲେ ବଡ଼ଦାଣ୍ଡ ସାହିର ରଞ୍ଜନ ବିଷୋୟୀଙ୍କ ବଡ଼ପୁଅ ଚନ୍ଦନ(୭)। ସକାଳେ ରଞ୍ଜନ ତାଙ୍କ ପୁଅକୁ ସାଙ୍ଗରେ ନେଇ ରାଜନାପଲ୍ଲୀ ଗ୍ରାମ ନିକଟରେ ଥିବା ନିଜ କୁକୁଡ଼ା ଫାର୍ମକୁ ଯାଇଥିଲେ। ସେଠାରେ ସେ କାମରେ ଲାଗିଥିବା ବେଳେ ଚନ୍ଦନ ଖେଳୁ ଖେଳୁ ନିକଟରେ ଥିବା ପାଣିକୁଣ୍ଡରେ ପଡ଼ିଯାଇଥିଲେ। ରଞ୍ଜନ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।

**ଜାତୀୟ/ଅନ୍ତର୍ଜାତୀୟ**

# ଅନ୍ତର୍ଜାତୀୟ ବଜାରରେ ତୈଳ ଦର ୭% ବୃଦ୍ଧି

**ନ୍ୟୁୟର୍କ,୧୩।୬**

ଇରାନର ଆଣବିକ ସ୍ଥଳ ଓ ମିଶାଇଲ୍ ଫ୍ୟାକ୍ଟ୍ରି ଉପରେ ଇସ୍ରାଏଲ୍ ଜୋର୍‌ଦାର ଆକ୍ରମଣ କରିବା ପରେ ମଧ୍ୟପ୍ରାଚ୍ୟର ୨ ଦେଶ ମଧ୍ୟରେ ଯୁଦ୍ଧ ଆଶଙ୍କା ଦେଖାଦେଇଥିବାରୁ ବିଶ୍ୱରେ ତୈଳ ଯୋଗାଣ ବାଧାପ୍ରାପ୍ତ ହେବା ସହ ବୈଶ୍ୱିକ ଅର୍ଥନୀତି ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ଏହାର ପ୍ରଭାବରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବା ସହ ଶେୟାର ବଜାର କାରବାର ଦୁର୍ବଳ ହୋଇଛି। ଅଶୋଧିତ ତୈଳ ଦର ବ୍ୟାରେଲ୍ ପ୍ରତି ଦର ୭.୧ ପ୍ରତିଶତ ବୃଦ୍ଧି ପାଇ ୭୨.୮୮ ଡଲାର ହୋଇଥିବାବେଳେ ଅନ୍ତର୍ଜାତୀୟ ମାନର ବ୍ରେଣ୍ଟ ଅଶୋଧିତ ତୈଳ ଦର ୭.୨% ବୃଦ୍ଧି ପାଇଁ ୭୪.୩୨ ଡଲାରରେ ପହଞ୍ଚିଛି। ପ୍ରାରମ୍ଭିକ କାରବାରରେ ଏସ୍ ଆଣ୍ଡ ପି ୦.୭% ହ୍ରାସ ପାଇଥିବାବେଳେ ଡୋ ଜୋନ୍ସ ଇଣ୍ଡଷ୍ଟ୍ରିଆଲ ଆଭରେଜ୍‌ର କାରବାର ୫୦୮ ପଏଣ୍ଟ ବା ୧.୨% କମିଛି। ଇରାନ ବିଶ୍ୱର ଅନ୍ୟତମ ବୃହତ୍ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ହୋଇଥିବାବେଳେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର କଟକଣା ଯୋଗୁ ଏହାର ତୈଳ ବିକ୍ରି ସୀମିତ ରହିଛି। ଯଦି ଯୁଦ୍ଧ ବଢ଼େ ତେବେ ଇରାନ ତୈଳ ଯୋଗାଣ କମାଇଦେଇପାରେ। ଫଳରେ ବିଶ୍ୱବ୍ୟାପୀ ତୈଳ ଓ ଗ୍ୟାସୋଲିନ୍ ଦର ବଢ଼ିଯିବ।

# ଆସାମର ଧୁବ୍ରୀରେ ସାମ୍ପ୍ରଦାୟିକ ଉତ୍ତେଜନା

**ଦେଖିଲା ମାତ୍ରେ ଗୁଳି ନିର୍ଦ୍ଦେଶ**

**ଗୁଆହାଟୀ,୧୩।୬**

ଆସାମର ଧୁବ୍ରୀ ସହରରେ ସାମ୍ପ୍ରଦାୟିକ ଉତ୍ତେଜନା ବଢ଼ିଥିବାରୁ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଉପଦ୍ରବୀଙ୍କୁ ଦେଖିବା ମାତ୍ରେ ଗୁଳି ଚଳାଇବାକୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶ ସୀମାକୁ ଲାଗିଥିବା ଏହି ମୁସଲମାନବହୁଳ ଜିଲାରେ ରାପିଡ୍ ଆକ୍ସନ ଫୋର୍ସ ଏବଂ ସିଆର୍‌ପିଏଫ୍ ସମେତ ଅର୍ଦ୍ଧସାମରିକ ବଳକୁ ନିୟୋଜିତ କରାଯାଇଛି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପକ୍ଷରୁ ବାଂଲାଦେଶ ସପକ୍ଷ ପୋଷ୍ଟର ଅଭିଯାନ ଏବଂ ଏକ ହନୁମାନ ମନ୍ଦିରରୁ ଗୋରୁମୁଣ୍ଡ ମିଳିବାକୁ ନେଇ ଉତ୍ତେଜନା ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ ଶୁକ୍ରବାର ଧୁବ୍ରୀ ସହର ଗସ୍ତରେ ଯାଇ ଉତ୍ତେଜନା ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଆମ ମନ୍ଦିରକୁ କ୍ଷତି କରିବା ଉଦ୍ଦେଶ୍ୟରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଧୁବ୍ରୀରେ ସକ୍ରିୟ ହୋଇଛନ୍ତି। ସନ୍ଧ୍ୟା ୬ଟା ପରେ ସେମାନଙ୍କୁ ଦେଖିବା ମାତ୍ରେ ଗୁଳି କରାଯିବ। ଟେକା ଫିଙ୍ଗୁଥିବା ସମୟରେ କେହି ଧରାପଡ଼ିଲେ, ଘଟଣାସ୍ଥଳରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଶ୍ୱଶର୍ମା କହିଛନ୍ତି।

# ଏୟାର ଇଣ୍ଡିଆର ସବୁ ବୋଇଂ ୭୮୭ ବିମାନର ସୁରକ୍ଷା ଯାଞ୍ଚ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୩।୬(ପି.ଟି.)**

ଅହମଦାବାଦ ବିମାନ ଦୁର୍ଘଟଣାରେ ୨୪୧ ଜଣଙ୍କ ମୃତ୍ୟୁ ଘଟିବାର ଦିନକ ପରେ ଜିଇଏନ୍‌ଏକ୍ସ ଇଞ୍ଜିନ୍ ଥିବା ଏୟାର ଇଣ୍ଡିଆର ସମସ୍ତ ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନର ସୁରକ୍ଷା ଯାଞ୍ଚ ବଢ଼ାଇବାକୁ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଶୁକ୍ରବାର ନିର୍ଦ୍ଦେଶ ଦେଇଛି। ଏୟାର ଇଣ୍ଡିଆ ପାଖରେ ୨୬ଟି ବୋଇଂ ୭୮୭-୮ ଏବଂ ୭ଟି ବୋଇଂ ୭୮୭-୯ ବିମାନ ରହିଛି। ଏହି ବିମାନଗୁଡ଼ିକର ବିଭିନ୍ନ ସିଷ୍ଟମ୍‌କୁ ଯାଞ୍ଚ କରାଯିବା ସହ ଉଡ଼ାଣ ଆରମ୍ଭ ବେଳର ମାନଦଣ୍ଡ ସମୀକ୍ଷା କରାଯିବ।

# ରୂପାନୀଙ୍କ ଲକି ନମ୍ବର ୧୨୦୬ ତାଙ୍କ ଶେଷ ଯାତ୍ରାର ତାରିଖ ପାଲଟିଲା

**ଅହମଦାବାଦ,୧୩।୬**




ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ୧୨୦୬କୁ ତାଙ୍କର ଲକି ନମ୍ବର ବିବେଚନା କରୁଥିଲେ ଏବଂ ବହୁବର୍ଷ ଧରି ତାଙ୍କ ମାଲିକାନାରେ ଥିବା ଗାଡ଼ିଗୁଡ଼ିକର ରେଜିଷ୍ଟ୍ରେଶନ ନମ୍ବର ୧୨୦୬ ରହିଥିଲା। ଜୁନ୍ ୧୨ ତାରିଖ (୧୨।୦୬)ରେ ଅହମଦାବାଦରେ ବିମାନ ଦୁର୍ଘଟଣାରେ ତାଙ୍କ ସମେତ ୨୪୧ ଜଣଙ୍କ ମୃତ୍ୟୁ ଘଟିଲା। ଫଳରେ ରୂପାନୀଙ୍କ ଲକି ନମ୍ବର ତାଙ୍କ ଅନ୍ତିମ ଯାତ୍ରାର ତାରିଖ ପାଲଟିଲା ବୋଲି କୁହାଯାଉଛି। ପ୍ରକୃତରେ ଜୁନ୍ ୫ରେ ଲଣ୍ଡନ ଯିବା ପାଇଁ ରୂପାନୀ ପୂର୍ବରୁ ସ୍ଥିର କରିଥିଲେ। ତେବେ ପଞ୍ଜାବର ଭାଜପା ପ୍ରଭାରୀ ଥିବାରୁ ସେ ଲୁଧିଆନା (ପଶ୍ଚିମ) ଉପନିର୍ବାଚନକୁ ଦୃଷ୍ଟିରେ ରଖି ତାଙ୍କ ଲଣ୍ଡନ ଗସ୍ତ ତାରିଖ ଜୁନ୍ ୧୨କୁ ବଦଳାଇଥିଲେ।

# ବିମାନର ପୋଡ଼ା ଭଗ୍ନାବଶେଷ ମଧ୍ୟରୁ ମିଳିଲା ଅକ୍ଷତ ଭଗବଦ୍ ଗୀତା

**ନୂଆଦିଲ୍ଲୀ,୧୩।୬**



ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆ ବିମାନରେ ୧.୨୫ ଲକ୍ଷ ଲିଟର ଇନ୍ଧନ ରହିଥିଲା। ଏହା ଜଳିବା ବେଳେ ୧,୦୦୦ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ସୃଷ୍ଟି ହୋଇଥିଲା, ଯେଉଁଥିରେ ୨୬୫ ଜଣଙ୍କ ମୃତ୍ୟୁ ଘଟିବା ସହ ବିମାନର ଅନେକ ଅଂଶ ତରଳିଯାଇଥିଲା। ତେବେ ଅତି ଆଶ୍ଚର୍ଯ୍ୟ ବିଷୟ ପୋଡ଼ା ଭଗ୍ନାବଶେଷ ମଧ୍ୟରୁ ଏକ ଭଗବଦ୍ ଗୀତା ମିଳିଛି, ଯାହା ପ୍ରାୟତଃ ଅକ୍ଷତ ଅବସ୍ଥାରେ ଛିଛି। ଉକ୍ତ ହିନ୍ଦୁ ଧର୍ମଗ୍ରନ୍ଥର ପୃଷ୍ଠା ଓ ଫଟୋଗୁଡ଼ିକୁ ନିଆଁ ସ୍ପର୍ଶ କରିନାହିଁ, ଯାହାକୁ ଉଦ୍ଧାରକାରୀ କର୍ମୀ ଓ ସୋସିଆଲ ମିଡିଆ ୟୁଜରମାନେ ଏକ ସଂଯୋଗ ବୋଲି କହିଛନ୍ତି।

# ଟ୍ରାଫିକ୍ ଜାମ୍ ବଞ୍ଚାଇଦେଲା ଜୀବନ

**ଅହମଦାବାଦ, ୧୩।୬**


ଭୂମି ଚୌହାନ

ବିମାନ ଦୁର୍ଘଟଣାରୁ ଗୁଜରାଟର ଭାରୁଚ ନିବାସୀ ଭୂମି ଚୌହାନ ବର୍ତ୍ତି ଯାଇଛନ୍ତି। ବୋଇଂ ୭୮୭-୮ ବିମାନରେ ଲଣ୍ଡନ ଯିବାପାଇଁ ସେ ଟିକେଟ କରିଥିଲେ। ଗୁରୁବାର ସେ ଏୟାରପୋର୍ଟକୁ ଆସୁଥିବା ବେଳେ ଟ୍ରାଫିକ୍‌ରେ ଫସିଯାଇଥିଲେ। ତାଙ୍କୁ ଚେକ୍‌ଇନ୍ ପାଇଁ ୧୨.୧୦ ସମୟ ଦିଆଯାଇଥିଲା। ସେ ୧୦ ମିନିଟ୍ ବିଳମ୍ବରେ ପହଞ୍ଚିଥିବା ଯୋଗୁ ଯାଇପାରିବେ ନାହିଁ ବୋଲି ଏୟାରପୋର୍ଟ କର୍ମଚାରୀ ତାଙ୍କୁ କହିଥିଲେ। ସ୍ୱାମୀଙ୍କୁ ଭେଟିବାକୁ ଲଣ୍ଡନ ଯାଉଥିବାବେଳେ ଫ୍ଲାଇଟ୍ ମିସ୍ ହେବାରୁ ସେ ନିରାଶ ହୋଇଥିଲେ। ଘରକୁ ଫେରୁଥିବା ସମୟରେ ଉକ୍ତ ବିମାନ ଦୁର୍ଘଟଣା ଘଟିଥିବା ନେଇ ଭୂମି ଜାଣିବାକୁ ପାଇଥିଲେ। ବୋଧହୁଏ କିଛି ଭଲ କାମ ଯୋଗୁ ଈଶ୍ୱର ତାଙ୍କୁ ବଞ୍ଚାଇ ଦେଇଛନ୍ତି ବୋଲି ଭୂମି କହିଛନ୍ତି।



ରଜ ପାଇଁ ଭୁବନେଶ୍ୱର ମାର୍କେଟ ବିଲ୍ଡିଂରେ ଭିଡ଼।

# ଓଡ଼ିଶା ସମେତ ୬ ରାଜ୍ୟରେ ନିଯୁକ୍ତ ହେବେ ଟିଆର୍‌ଆଇଏଫ୍‌ଇଡି ବରିଷ୍ଠ ପରିଚାଳକ

**ଭୁବନେଶ୍ୱର,୧୩।୬(ରବିନାରାୟଣ ଜେନା)**

ଓଡ଼ିଶା ସମେତ ୬ ରାଜ୍ୟରେ ଟ୍ରାଇବାଲ୍ କୋପରେଟିଭ ମାର୍କେଟିଂ ଡେଭଲପମେଣ୍ଟ ଫେଡେରେଶନ (ଟିଆର୍‌ଆଇଏଫ୍‌ଇଡି) ବରିଷ୍ଠ ପରିଚାଳକ ନିଯୁକ୍ତ ହେବେ। ଏଥିଲାଗି କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଗୁରୁବାର ପତ୍ର ଲେଖି ଅବଗତ କରାଯାଇଛି।

ମନ୍ତ୍ରଣାଳୟ ପକ୍ଷରୁ ଉପସଚିବ ଏ. କାନ୍ନିନୀ ଜୟ ଦେଇଥିବା ପତ୍ର ଅନୁଯାୟୀ, କେନ୍ଦ୍ର ସରକାରଙ୍କ ପକ୍ଷରୁ ଟିଆର୍‌ଆଇଏଫ୍‌ଇଡିରେ ୬ଜଣ ବରିଷ୍ଠ ପରିଚାଳକ ନିଯୁକ୍ତ କରିବା ଲାଗି ନିଷ୍ପତ୍ତି ହୋଇଛି। ସେଥିମଧ୍ୟରେ ରାଜସ୍ଥାନର ଜୟପୁର, ପଶ୍ଚିମବଙ୍ଗର କୋଲକାତା, ଓଡ଼ିଶାର ଭୁବନେଶ୍ୱର, ଛତିଶଗଡ଼ର ରାୟପୁର, ଗୁଜରାଟର ଅହମଦାବାଦ୍ ଏବଂ ଦିଲ୍ଲୀ ରହିଛି। ଏହି ବରିଷ୍ଠ ପରିଚାଳକ ପଦ ଲାଗି ସର୍ବଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ବର୍ଗର ଉପସଚିବ ପାହ୍ୟାର ଅଧିକାରୀ ନିଯୁକ୍ତ ହେବେ। ଏହି ପଦରେ ଅତି କମ୍‌ରେ ୪ବର୍ଷ ପାଇଁ ଡେପୁଟେଶନରେ ଆସିବାକୁ ପଡ଼ିବ। ତେଣୁ କେଉଁ ଅଧିକାରୀ ଏହି ପଦ ପାଇଁ ଉପଯୁକ୍ତ ଓ ଆଗ୍ରହୀ ଅଛନ୍ତି, ତାଙ୍କର ପୂର୍ଣ୍ଣାଙ୍ଗ ବିବରଣୀ ଦେବାକୁ ମନ୍ତ୍ରଣାଳୟ ପକ୍ଷରୁ ଉପସଚିବ ଏ. କାନ୍ନିନୀ ଜୟ ମୁଖ୍ୟସଚିବଙ୍କୁ ପତ୍ରରେ ଦର୍ଶାଇଛନ୍ତି।

# ଖରିଫରେ ୨ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଜଳସେଚନ ଲକ୍ଷ୍ୟ

**୩୭.୬୬ଲକ୍ଷ ହେକ୍ଟର ପାଇଁ ଜଳ ସମ୍ପଦ ବିଭାଗର ପ୍ରସ୍ତୁତି**

**ଭୁବନେଶ୍ୱର,୧୩।୬(ରବିନାରାୟଣ ଜେନା)**

ଅନ୍ନଦାତାଙ୍କ ସମନ୍ୱିତ ଉନ୍ନତିରେ ରାଜ୍ୟର ଉନ୍ନତି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ତେବେ କୃଷିକ୍ଷେତ୍ର ଲାଗି ଜଳସେଚନ ମୁଖ୍ୟ ଆୟୁଧ ହୋଇଥିବାବେଳେ ଚଳିତବର୍ଷ ଖରିଫଋତୁ ଲାଗି ଜଳସମ୍ପଦ ବିଭାଗ ୩୭ଲକ୍ଷ ୬୬ହଜାର ୭୬୦ ହେକ୍ଟର ପରିମିତ ଜମିକୁ ଜଳସେଚନ କରିବାକୁ ଲକ୍ଷ୍ୟ ରଖିଛି, ଯାହା କି ୨୦୨୪ ଖରିଫ ତୁଳନାରେ ୨ଲକ୍ଷ ହେକ୍ଟର ଅଧିକ ବୋଲି ଜଣାଯାଇଛି।

ଏନେଇ ଚଳିତମାସ ୧୦ତାରିଖରେ ଜଳସମ୍ପଦ ବିଭାଗ ପକ୍ଷରୁ କୃଷି ବିଭାଗକୁ ଅବଗତ କରାଯାଇଛି। ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ମୁକୁଲ ଚନ୍ଦ୍ର ବେରା କୃଷି ବିଭାଗ ଅତିରିକ୍ତ ସଚିବଙ୍କୁ ଦେଇଥିବା ତଥ୍ୟ ଅନୁଯାୟୀ, ଚଳିତବର୍ଷ ଖରିଫ ଲାଗି ବୃହତ୍ ଓ ମଧ୍ୟମ ଉଠାଜଳସେଚନ ଜରିଆରେ ୧୪ଲକ୍ଷ ୮୭ହଜାର ୯୪୦ ହେକ୍ଟର ଜମି ଜଳସେଚନ କରାଯିବାକୁ ରହିଥିବାବେଳେ ଏମ୍‌ଆଇପି ଜରିଆରେ ୪ଲକ୍ଷ ୮୧ହଜାର ୩୬୦ ହେକ୍ଟର, ଚେକ୍ ଡ୍ୟାମ ଜରିଆରେ ୧ଲକ୍ଷ ୨୦ହଜାର ୮୯୪ହେକ୍ଟର, କ୍ଷୁଦ୍ର ଜଳସେଚନ ମାଧ୍ୟମରେ ୧୪ଲକ୍ଷ ୨୨ହଜାର ୬୧୮ ହେକ୍ଟର, ବୃହତ୍ ଉଠାଜଳସେଚନ ଜରିଆରେ ୨ଲକ୍ଷ ୫୩ହଜାର ୯୪୮ ହେକ୍ଟର ଜମିକୁ ଜଳସେଚନ କରାଯିବାକୁ ରହିଛି। ତେବେ ସରକାରଙ୍କ ଚଳିତବର୍ଷ ଖରିଫ ଜଳସେଚନ ଲକ୍ଷ୍ୟ ୨୦୨୪ ଖରିଫ ତୁଳନାରେ ପ୍ରାୟ ୨ଲକ୍ଷ ହେକ୍ଟର ଜମି ଅଧିକ ବୋଲି ଜଣାଯାଇଛି।

ସୂଚନାଯୋଗ୍ୟ, ୨୦୨୪ ମେ’ ୨୫ରେ ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ୨୦୨୪ବର୍ଷ ଖରିଫ ଋତୁ ପାଇଁ ୩୫.୭୦ଲକ୍ଷ ହେକ୍ଟର ଜମି ଜଳସେଚନ କରାଯିବାକୁ ବ୍ୟବସ୍ଥା କରାଯାଇଥିଲା। ତେବେ ଚଳିତବର୍ଷ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, କନ୍ଧମାଳ, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀରେ ବୃହତ୍ ଉଠାଜଳସେଚନ ବ୍ୟବସ୍ଥା ହୋଇପାରି ନ ଥିବାବେଳେ ଅନ୍ୟ ସମସ୍ତ ଜିଲାରେ ଏହି ବ୍ୟବସ୍ଥା କରାଯାଇପାରିଛି। ବରଗଡ଼ ଜିଲାରେ ସର୍ବାଧିକ ୩ଲକ୍ଷ ୫୨ହଜାର ୫୦୨ ହେକ୍ଟର ଜମିକୁ ଜଳସେଚନ କରାଯିବାକୁ ଜଳସମ୍ପଦ ବିଭାଗ ଲକ୍ଷ୍ୟ ରଖିଛି। ସେଥିମଧ୍ୟରେ ବୃହତ୍ ଓ ମଧ୍ୟମ ଜଳସେଚନ ଜରିଆରେ ୧ଲକ୍ଷ ୨୧ହଜାର ୮୮୭ ହେକ୍ଟର, ଏମ୍‌ଆଇପି ଜରିଆରେ ୨୫ହଜାର ୭୩୭ ହେକ୍ଟର, ଚେକ ଡ୍ୟାମ ଜରିଆରେ ୧୧ହଜାର ୬୮୦ ହେକ୍ଟର, କ୍ଷୁଦ୍ର ଉଠାଜଳସେଚନ ଜରିଆରେ ୧ଲକ୍ଷ ୮୭ହଜାର ୨୭୮ହେକ୍ଟର ଏବଂ ବୃହତ୍ ଉଠାଜଳସେଚନ ଜରିଆରେ ୫୯୨୦ ହେକ୍ଟର ଜମିକୁ ଜଳସେଚନ କରାଯିବାକୁ ରହିଛି। ସେହିପରି ଗଞ୍ଜାମରେ ୩ଲକ୍ଷ ୩ହଜାର ୨୮୯ହେକ୍ଟର ଜମିକୁ ଜଳସେଚନ କରିବାପାଇଁ ବିଭାଗ ପ୍ରସ୍ତୁତି କରିଥିବାବେଳେ କଳାହାଣ୍ଡି ପାଇଁ ୨ଲକ୍ଷ ୪୮ହଜାର ୭୮୩ ହେକ୍ଟର, ବଲାଙ୍ଗୀରରେ ୨ଲକ୍ଷ ୨୨ହଜାର ୪୯୧ ହେକ୍ଟର, ମୟୂରଭଞ୍ଜ ପାଇଁ ୨ଲକ୍ଷ ୨୬ହଜାର ୧୧୯ହେକ୍ଟର ପ୍ରସ୍ତୁତି କରିଛି। ଏହାବାଦ୍ ଅନ୍ୟାନ୍ୟ ଜିଲାକୁ ସମସ୍ତ ପ୍ରକାର ଜଳସେଚନ ଜରିଆରେ ଅବଶିଷ୍ଟ ହେକ୍ଟର ଜମି ଜଳସେଚନ କରିବାକୁ ଲକ୍ଷ୍ୟ ରଖିଥିବା ସର୍ବୋଚ୍ଚଯନ୍ତ୍ରୀଙ୍କ ରିପୋର୍ଟରୁ ଜଣାଯାଇଛି।

# ପ୍ରଥମେଶ ଅରବିନ୍ଦ ବିଇଏମ୍‌ସିର ନୂଆ କମିଶନର


ପ୍ରଥମେଶ ଅରବିନ୍ଦ ରାଜେସିର୍କେ

**ବ୍ରହ୍ମପୁର,୧୩।୬(ସ୍ମୃତିରଞ୍ଜନ ମହାଲିକ)**

ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି)ରେ ନୂତନ କମିଶନର ଭାବେ ୨୦୨୧ ର୍ୟାଙ୍କର ଆଇଏଏସ୍ ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କୁ ଶୁକ୍ରବାର ନିଯୁକ୍ତି ମିଳିଛି। ସେ ଏହାପୂର୍ବରୁ ବାଲେଶ୍ୱର ଉପଜିଲାପାଳ ସହ ବାଲେଶ୍ୱର ମ୍ୟୁନିସିପାଲିଟିରେ ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ବିଇଏମ୍‌ସିରେ ପୂର୍ବରୁ କମିଶନର ଥିବା ଭବାନୀ ପ୍ରସାଦ ମିଶ୍ରଙ୍କ ପିଏମ ପୋଷଣ ଓ ଏମଏମ ପୋଷଣ ବିଭାଗର ରାଜ୍ୟ ନୋଡାଲ ଅଧିକାରୀ ଭାବେ ଗତ ୩୦ ତାରିଖରେ ବଦଳି ହୋଇଥିଲା। ଡେପୁଟି କମିଶନର ଦାୟିତ୍ୱରେ ଥିବା ଆଶୀର୍ବାଦ ପରିଡ଼ା ଅତିରିକ୍ତ ଭାବେ କମିଶନର ଦାୟିତ୍ୱ ତୁଲାଉଥିଲେ।

# ଭଦ୍ରକରେ ସ୍ୱାଭାବିକ ହେଲା ଇଣ୍ଟରନେଟ୍ ସେବା

**ଶାନ୍ତି ବଜାୟ ରଖିବାକୁ ଜିଲାପାଳଙ୍କ ନିବେଦନ**

**ଭଦ୍ରକ,୧୩।୬(ସନାତନ ରାଉତ)**


ଖବରଦାତା ସମ୍ମିଳନୀରେ ଜିଲାପାଳ ଦିଲୀପ କୁମାର ରାଉତରାଏ ଓ ଅନ୍ୟ ଅଧିକାରୀ।

ଦୀର୍ଘ ୩୬ ଘଣ୍ଟା ପରେ ଶୁକ୍ରବାର ସନ୍ଧ୍ୟାରେ ଭଦ୍ରକରେ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଛି। ଶାନ୍ତି ବଜାୟ ରଖିବା ସହ ବିଭ୍ରାନ୍ତିକର ଖବରଠାରୁ ଦୂରେଇ ରହିବାକୁ ଜିଲାପାଳ ଦିଲୀପ କୁମାର ରାଉତରାଏ ନିବେଦନ କରିଛନ୍ତି। ସନ୍ଧ୍ୟା ୬ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ରାଉତରାଏ ସୂଚନା ଦେଇ କହିଛନ୍ତି, ଭଦ୍ରକ ଏକ ଭାଇଚାରାର ସହର। ଏଠାରେ ରାମନବମୀ, ବକ୍ରିଦ୍, ଗଣେଶ ପୂଜା ଉଭୟ ସମ୍ପ୍ରଦାୟର ଲୋକେ ମିଳିମିଶି ପାଳନ କରନ୍ତି। ୨ଦିନ ଇଣ୍ଟରନେଟ୍ ସେବା ବନ୍ଦ ରହିବାରୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ତେବେ ଇଣ୍ଟରନେଟ୍ ସେବା ବନ୍ଦ ନିଷ୍ପତ୍ତି ସକାରାତ୍ମକ ହୋଇଛି। ସମସ୍ତେ ସହଯୋଗ କରିଥିବାରୁ ଜିଲାବାସୀ ଓ ଗଣମାଧ୍ୟମକୁ ଜିଲାପାଳ ଧନ୍ୟବାଦ ଦେଇଛନ୍ତି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଗୋରୁ ବେପାରୀଙ୍କ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ତିହିଡ଼ି ଥାନା ଅଧୀନ କୁବେରା ପଞ୍ଚାୟତ କଷଟି ଗ୍ରାମର ଗୋରକ୍ଷକ ସନ୍ତୋଷ ପରିଡ଼ା(୪୦)ଙ୍କ ବୁଧବାର ମୃତ୍ୟୁ ପରେ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଭଦ୍ରକ ବ୍ଲକ, ପୌରପାଳିକା, ତିହିଡ଼ି, ଧାମନଗର ବ୍ଲକ୍ ଓ ଏନ୍‌ଏସିରେ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା। ପ୍ରଥମେ ଗୁରୁବାର ସକାଳ ୬ଟାରୁ ଶୁକ୍ରବାର ସକାଳ ୬ଟା ପର୍ଯ୍ୟନ୍ତ ୨୪ ଘଣ୍ଟା ଏହି ସେବା ବନ୍ଦ ରହିଥିଲା। ପରେ ଆଉ ୧୨ ଘଣ୍ଟା ବୃଦ୍ଧି କରାଯାଇ ଶୁକ୍ରବାର ସନ୍ଧ୍ୟା ୬ଟା ଯାଏ ବନ୍ଦ କରାଯାଇଥିଲା।

# ସଡ଼କ ଦୁର୍ଘଟଣାରେ ୩ ମୃତ

**କେନ୍ଦୁଝର,୧୩।୬(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ସଦର ଥାନା ଅଧୀନ ଶୁଆକାଟି ଫାଣ୍ଡି ଠାକୁରଡ଼ିହୀ ବୁଲାଣି ଛକ ନିକଟ ଏନ୍‌ଏଚ୍ ୪୯ରେ ଅପରାହ୍ନ ସମୟରେ ଅଜଣା ଗାଡ଼ି ଧକ୍କାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଶୁଆକାଟି ଅଞ୍ଚଳର ବିଜୁ ବାରିକ(୧୫), ବାଦଲ ନାଏକ(୨୨), ସନତ ନାଏକ(୨୧)। ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଯାତାୟାତ ଠପ୍ ହୋଇଯାଇଥିଲା। ପୋଲିସ ବୁଝାଶୁଝା କରିବା ପରେ ପରିସ୍ଥିତି ସାମାନ୍ୟ ହୋଇଥିଲା। ପ୍ରକାଶ ଯେ, ୩ ଜଣ ଗୋଟିଏ ବାଇକରେ ଶୁଆକାଟି ପଟୁ କେନ୍ଦୁଝର ଅଭିମୁଖେ ଆସୁଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେବାରୁ ୩ ଜଣ ରାସ୍ତାରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଥିଲେ। ଗୁରୁତରଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଟ୍ରକ୍ ଫେରାର ହୋଇଯାଇଛି। ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଯାଜପୁର ଝାଡ଼ାବାନ୍ତିକୁ ନେଇ ତାରା କ୍ଷୁବ୍ଧ

**ଭୁବନେଶ୍ୱର,୧୩।୬(ରବିନାରାୟଣ ଜେନା)**

ଯାଜପୁର ଜିଲାରେ ସୃଷ୍ଟି ହୋଇଥିବା ଝାଡ଼ାବାନ୍ତି ଏବେ ସାଂଘାତିକ ସ୍ଥିତିରେ ପହଞ୍ଚିଲାଣି ବୋଲି କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। ଇତିମଧ୍ୟରେ ସରକାରଙ୍କ ହିସାବ ଅନୁଯାୟୀ ୧୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବେସରକାରୀ ଭାବେ ଏହି ସଂଖ୍ୟା ଅଧିକ ହେବ। ହେଲେ ସରକାର ଏଥିପ୍ରତି ନିଦାବିଷ୍ଟ ସାଜିଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଯେଉଁଭଳି ଗୁରୁତ୍ୱ ଦିଆଯିବା କଥା ଦିଆଯାଉ ନାହିଁ। ସରକାର ତାଙ୍କର ଉତ୍ସବରେ ମାତିଛନ୍ତି ବୋଲି ତାରା କହିଛନ୍ତି। ତାରା କହିଛନ୍ତି, ଯାଜପୁର ସମେତ ୫ ଜିଲାକୁ ଝାଡ଼ାବାନ୍ତି ବ୍ୟାପିଲାଣି। ଚିକିତ୍ସା ଅବହେଳା ଯୋଗୁ ସ୍ଥିତି ଜଟିଳ ହେଲାଣି। ଏହି ପରିପ୍ରେକ୍ଷୀରେ ସରକାର ତୁରନ୍ତ ସମ୍ପୃକ୍ତ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେବା ସହିତ ଲୋକଙ୍କ ଜୀବନ ରକ୍ଷା କରିବା ଲାଗି ତାରା ପ୍ରସାଦ କହିଛନ୍ତି। ଏହି ଅବସରରେ ସେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ନିନ୍ଦା କରିଛନ୍ତି। ଅହମଦାବାଦରେ ବିମାନ ଦୁର୍ଘଟଣା ସାରା ବିଶ୍ୱବାସୀଙ୍କୁ ସ୍ତମ୍ଭୀଭୂତ କରିଥିବାବେଳେ ସରକାର ମିଛ ଉତ୍ସବ ପାଳନ କରୁଛନ୍ତି ବୋଲି ସେ କହିଛନ୍ତି।

# ଝାଡ଼ାବାନ୍ତି: ଘଷିପୁରାରେ ଦମ୍ପତି ମୃତ

**ଆନନ୍ଦପୁର,୧୩।୬ (ସୁଶାନ୍ତ କୁମାର ସାହୁ)**

ଯାଜପୁର ଜିଲା ପରେ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିଛି। ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି ହୋଇଥିବା ୨ ଆକ୍ରାନ୍ତଙ୍କ ମୃତ୍ୟୁ ପରେ ଭୟର ବାତାବରଣ ସୃଷ୍ଟିହୋଇଛି। ମୃତକ ହେଲେ ଘସିପୁରା ବ୍ଲକ ରାମଚନ୍ଦ୍ରପୁର ଥାନା ବୋଡୋ ଗ୍ରାମର ସୁମୀ ଜେନା(୪୩), ତାଙ୍କ ସ୍ୱାମୀ ଯୋଗେନ୍ଦ୍ର ଜେନା(୫୧)। ଗ୍ରାମର ଆହୁରି ୫ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ପଡ଼ୋଶୀ ଜିଲା ଯାଜପୁରରେ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ୩ ଦିନ ପୂର୍ବେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ୩୬ ଜଣ ଭର୍ତ୍ତି ହୋଇଥିଲେ। ସେହିପରି ରାମଚନ୍ଦ୍ରପୁର ଥାନା ବୋଡୋ ଗ୍ରାମରେ ମଧ ୨ ଦିନରେ ୭ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ବୁଧବାର ସୁମୀଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଯୋଗେନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ସେଠାରେ ଶୁକ୍ରବାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅଞ୍ଚଳରେ କେଉଁ କାରଣରୁ ଝାଡ଼ାବାନ୍ତି ବ୍ୟାପୁଛି ଜଣାପଡ଼ି ନ ଥିବା ବେଳେ ଏକ ଉଚ୍ଚସ୍ତରୀୟ ମେଡିକାଲ ଟିମ୍ ପହଞ୍ଚି ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବ୍ରିଜ୍ ମରାମତି ବେଳେ ନଦୀକୁ ଖସି ଶ୍ରମିକ ମୃତ

**ଢେଙ୍କାନାଳ, ୧୩।୬ (ରତନ ନାୟାର)**

ଢେଙ୍କାନାଳ ଜିଲା ସଦରଥାନା ଗେଙ୍ଗୁଟିଆ ଓ ପଣ୍ଡୁଆ ପାଣ୍ଡି କମଗରା ମଧ୍ୟରେ ଥିବା ବ୍ରାହ୍ମଣୀ ନଦୀ ସାରଙ୍ଗଧର ସେତୁ ବ୍ରିଜ ମରାମତି କାର୍ଯ୍ୟ ଚାଲୁଥିବା ବେଳେ ନଦୀକୁ ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତାଙ୍କ ନାମ ଦିଲ୍ଲୀପ କୁମାର (୨୪)। ତାଙ୍କ ଘର ବିହାରର ମୁଟିଆରି ଜିଲା ଚାଉଥଲା ଥାନା ମହମଗଡ଼ା ଗ୍ରାମରେ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ବ୍ରିଜ ମରାମତି କରୁଥିବା ବେଳେ ୫ଜଣ ଶ୍ରମିକ ଅସାବଧାନତା ବଶତଃ ନଦୀକୁ ଖସିପଡ଼ିଥିଲେ। ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ୪ଜଣଙ୍କୁ ଉଦ୍ଧାର କରିଥିଲେ। ତେବେ ବହୁ ସମୟ ଧରି ଖୋଜିବା ପରେ ଦିଲ୍ଲୀପଙ୍କ ମୃତଦେହ ଉଦ୍ଧାର କରିଥିଲେ। ଖବର ଲେଖାହେବା ବେଳକୁ ଏହାର ପ୍ରକୃତ କାରଣ ଜଣାପଡ଼ିନାହିଁ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ସବୁ ବୈଷୟିକ ନିର୍ଦ୍ଦେଶାଳୟରେ ନିଯୁକ୍ତ ହେବେ ସ୍ୱତନ୍ତ୍ର ଅଧିକାରୀ

**ଜିଲାପାଳଙ୍କ ହାତକୁ ଯିବ ୯୦ଦିନ ଛୁଟି କ୍ଷମତା**

**ଭୁବନେଶ୍ୱର,୧୩।୬ (ରବିନାରାୟଣ ଜେନା)**

ରାଜ୍ୟରେ ଥିବା ବିଭିନ୍ନ ବୈଷୟିକ ନିର୍ଦ୍ଦେଶାଳୟଗୁଡ଼ିକର ପ୍ରଶାସନିକ କାର୍ଯ୍ୟ ଠିକଣା ଭାବେ ସମ୍ପାଦିତ ହୋଇପାରୁନାହିଁ। ନିର୍ଦ୍ଦେଶାଳୟଗୁଡ଼ିକରେ ଥିବା ବୈଷୟିକ ଅଧିକାରୀମାନେ ଉପନିର୍ଦ୍ଦେଶକ ଏବଂ ଯୁଗ୍ମନିର୍ଦ୍ଦେଶକ ଦାୟିତ୍ୱରେ ରହିବା ସହିତ ପ୍ରଶାସନିକ କାର୍ଯ୍ୟ ଦେଖାଶୁଣା କରୁଛନ୍ତି। ଫଳରେ ପ୍ରଶାସନିକ କାର୍ଯ୍ୟ ଶୃଙ୍ଖଳିତ ଭାବେ ହୋଇପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ବୈଷୟିକ ନିର୍ଦ୍ଦେଶାଳୟରେ ସ୍ୱତନ୍ତ୍ର ଅଧିକାରୀ ସରକାର ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ରାଜ୍ୟ ସରକାରଙ୍କ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକର ନିର୍ଯ୍ୟାସକୁ ନେଇ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ସଚିବ ମଧୁସ୍ମିତା ସାମଲ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ମେ’ ୨୮ରେ ପ୍ରଦାନ କରିଥିବା ପତ୍ର ଅନୁଯାୟୀ, ସମସ୍ତ ବୈଷୟିକ ନିର୍ଦ୍ଦେଶାଳୟଗୁଡ଼ିକରେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ ହେବେ। ସଂପୃକ୍ତ ଅଧିକାରୀମାନେ ଏଷ୍ଟାବ୍ଲିଶ୍‌ମେଣ୍ଟ କାର୍ଯ୍ୟକୁ ତଦାରଖ କରିବେ। ଏହାଦ୍ୱାରା ନିର୍ଦ୍ଦେଶାଳୟଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ତେବେ ମତ୍ସ୍ୟ ନିର୍ଦ୍ଦେଶାଳୟ, ପ୍ରାଣୀଧନ ଓ ପଶୁ ସମ୍ପଦ ନିର୍ଦ୍ଦେଶାଳୟ ଭଳି ଯେତେସବୁ ନିର୍ଦ୍ଦେଶାଳୟ ରହିଛି ସେଠାରେ ତୁରନ୍ତ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବା ଲାଗି ନିର୍ଦ୍ଦେଶନାମା ଜାରି କରିବାକୁ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ କୁହାଯାଇଛି। ତେବେ ଏହି ସ୍ୱତନ୍ତ୍ର ଅଧିକାରୀମାନେ ନିହାତି ଭାବେ ଜଣେ ଲେଖାଏ ବରିଷ୍ଠ ଓଏଏସ୍ କ୍ୟାଡର୍‌ର ଅଧିକାରୀ ହୋଇଥିବା ଆବଶ୍ୟକ ବୋଲି ବୈଠକର ନିଷ୍ପତ୍ତିରୁ ଜଣାଯାଇଛି।

ସେହିପରି କର୍ମଚାରୀଙ୍କ ଛୁଟି ମଞ୍ଜୁର କ୍ଷେତ୍ରରେ ନିର୍ଦ୍ଦେଶାଳୟର କ୍ଷମତାକୁ ଜିଲା ମୁଖ୍ୟ ତଥା ଜିଲାପାଳଙ୍କୁ ହସ୍ତାନ୍ତର କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସଂପ୍ରତି ସରକାରଙ୍କ ନିୟମ ଅନୁଯାୟୀ, ଜିଲାସ୍ତରରେ କର୍ମଚାରୀଙ୍କ ଲଗାତର ୯୦ଦିନ ଛୁଟି ସଂପୃକ୍ତ ନିର୍ଦ୍ଦେଶାଳୟ ପ୍ରଦାନ କରୁଛି। ଯଦି ଏହାଠାରୁ ଅଧିକ ଦିନର ଛୁଟି ଆବଶ୍ୟକ ପଡୁଛି, ତେବେ ସେକ୍ଷେତ୍ରରେ ସରକାରଙ୍କୁ ଫାଇଲ ପ୍ରେରଣ କରାଯାଉଛି। ଏହାଦ୍ୱାରା ନିର୍ଦ୍ଦେଶାଳୟ ଉପରେ କାର୍ଯ୍ୟ ଚାପ ପଡୁଛି। ନିର୍ଦ୍ଦେଶାଳୟକୁ ଏହି ଚାପରୁ ମୁକ୍ତ କରିବା ଲାଗି ୯୦ଦିନର ଛୁଟି ଅନୁମୋଦନ କ୍ଷମତା ସଂପୃକ୍ତ ଜିଲାମୁଖ୍ୟ ତଥା ଜିଲାପାଳଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଯଦି ଏହାଠାରୁ ଅଧିକ ଦିନ ଛୁଟି ମଞ୍ଜୁର କରିବା ଆବଶ୍ୟକ ପଡ଼ିବ ତେବେ ନିର୍ଦ୍ଦେଶାଳୟକୁ ପ୍ରେରଣ କରିବାକୁ ପଡ଼ିବ। ଏନେଇ ତୁରନ୍ତ ନିର୍ଦ୍ଦେଶନାମା ଜାରି କରିବାକୁ ଅର୍ଥ ବିଭାଗକୁ ଉନ୍ନୟନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି।



### ସରିଲା ସଜବାଜ

# ଆଜି ପହିଲି ରଜ..

ବନସ୍ତେ ଡାକିଲା ଗଜ... ବରଷକେ ଥରେ ଆସିଛି ରଜ...। ବର୍ଷକ ପରେ ପୁଣି ଆସିଛି ଗଣପର୍ବ ରଜ। ଶନିବାର ପହିଲି ରଜ। ତେଣୁ ଘରେ ଘରେ ପୋଡପିଠାର ମହକ ସାଙ୍ଗକୁ ପାନର ରଙ୍ଗରେ କୁଆଁରୀମାନଙ୍କ ଓଠ ଝଲସିବ। ରଜପାଇଁ ସଭିଁଙ୍କ ମନରେ ଆନନ୍ଦ ଓ ଉତ୍ସାହ ଭରିଯାଇଛି। ସବୁଠି ବିଭିନ୍ନ ପ୍ରକାରର ପିଠା, ପାନଭଙ୍ଗା ପ୍ରସ୍ତୁତି ସାଙ୍ଗକୁ ଦୋଳି ଲାଗିସରିଲାଣି। ଶୁକ୍ରବାର ଝିଅବୋହୂମାନେ ସଜବାଜ ଦିନକୁ ବେଶ୍ ଉତ୍ସାହର ସହିତ ପାଳନ କରିଛନ୍ତି। ସେହିପରି ରଜକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ଭୁବନେଶ୍ୱରର ପାତ୍ରପଡ଼ା ସ୍ଥିତ ଭଗବାନପୁର ପଡ଼ିଆ, ନୟାପଲ୍ଲୀ ସ୍ଥିତ ରାବଣପୋଡ଼ି ପଡ଼ିଆ, ଜାଗମରା ପଡ଼ିଆ ଭଳି ବିଭିନ୍ନ ସ୍ଥାନରେ ଦୋଳି ଲଗାଯିବା ସହ କେତେକ ଅନୁଷ୍ଠାନ ପକ୍ଷରୁ ରଜ ଦୋଳି, ପାନ, ପିଠା ଷ୍ଟଲ୍ ଲାଗିଛି। ପାନ୍ଥନିବାସ ଓ ରାଜ୍ୟ ସଂଗ୍ରହାଳୟଠାରେ ରଜ ପାଇଁ ବିଶେଷ ବ୍ୟବସ୍ଥା ହୋଇଛି। ରଜ ପ୍ରସ୍ତୁତି ନେଇ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା...।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ 'ରଜ ଉତ୍ସବ'

ପହିଲି ରଜରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ଗୀତଗୋବିନ୍ଦ ସଦନ ଠାରେ 'ରଜ ମଉଜ' ଅନୁଷ୍ଠିତ ହେବ। ଓଡ଼ିଆଣୀମାନଙ୍କୁ ନେଇ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଆ ମାଟିର ମହକ ଥିବା ପରମ୍ପରା, ସଙ୍ଗୀତ ଓ ନୃତ୍ୟ ପରିବେଷିତ ହେବ। ଦର୍ଶକମାନେ ପୋଡ଼ପିଠା ଓ ରଜ ପାନ ସହ ରଜ କବିତା ପାଠୋତ୍ସବ, ସଂଗୀତ ଓ ନୃତ୍ୟ ଆଦିର ମଜା ଉଠାଇବେ। ସୋସାଇଟି ଫର୍ ନେଚର୍ ଏଜୁକେସନ୍ ଆଣ୍ଡ୍ ହେଲ୍ଥ (ସ୍ନେହ) ପକ୍ଷରୁ କବି ସମ୍ମିଳନୀ, ମହିଳାଙ୍କ ସମସ୍ୟା ଓ ସମାଧାନ ଉପରେ କର୍ମଶାଳା, ଝୋଟି ଚିତା, ରଙ୍ଗୋଲି ପ୍ରତିଯୋଗିତା ହେବ। ଏଥିସହ ବିଜେତାଙ୍କୁ ସମ୍ମାନିତ





## ପାତ୍ରପଡ଼ା: ଦୋଳିରେ ପୂଜା ପାଇବେ ରାଧାକୃଷ୍ଣଙ୍କ ମୂର୍ତ୍ତି

୧୪ ରୁ ୧୭ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ରଜ ମହୋତ୍ସବରେ ପ୍ରଥମ କରି ରାଧାକୃଷ୍ଣଙ୍କ ମୂର୍ତ୍ତି ଏକ ପ୍ରମୁଖ ଦୋଳିରେ ପୂଜା ପାଇବେ। ଏଥିସହ ପୋଡ଼ପିଠା ସାଙ୍ଗକୁ ରଜପାନ, ଝିଅମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପାରମ୍ପରିକ ପୁଚି, ମେହେନ୍ଦି, ଶଙ୍ଖ ଫୁଙ୍କା, ହୁଳହୁଳି, ଦୌଡ଼ିଡିଆଁ, ମ୍ୟୁଜିକ୍ ଚେୟାର, ମେହେନ୍ଦି ଓ ପ୍ରତି ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



## ନୟାପଲ୍ଲୀ: ଖେଳକୁଦ ପ୍ରତିଯୋଗିତାର ଆକର୍ଷଣ

ନୟାପଲ୍ଲୀ କଳିଙ୍ଗ କ୍ରୀଡ଼ା ଓ ବିକାଶ ପରିଷଦ ପକ୍ଷରୁ ରଜ ମହୋତ୍ସବରେ ମହିଳାମାନେ ନିଜ ହାତ ପ୍ରସ୍ତୁତି ପିଠାପଣା ସାଙ୍ଗକୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କାର୍ଯ୍ୟକ୍ରମ ରହିବ। ଏହା ସାଙ୍ଗକୁ ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ଅନେକ ପ୍ରକାରର ଖେଳକୁଦ ପ୍ରତିଯୋଗିତା ସହ ପୁରସ୍କାର ପ୍ରଦାନର ବ୍ୟବସ୍ଥା ହେବ। ରାମ ଦୋଳି, ବ୍ରେକ୍‌ଡାନ୍ସ, ବେଲୁନ ଦୋଳି, ଡ୍ରାଗନ ଦୋଳି ସାଙ୍ଗକୁ ମୀନାବଜାରର ବ୍ୟବସ୍ଥା ହୋଇଛି। ଚଳିତ ବର୍ଷ ୮୦ରୁ ଅଧିକ ଷ୍ଟଲ ସାଙ୍ଗକୁ ୨୦ରୁ ଉର୍ଦ୍ଧ୍ୱ ଦୋଳି ଲାଗିବ। ସାଂସ୍କୃତିକ ସନ୍ଧ୍ୟାରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କଠାରୁ ଆରମ୍ଭ କରି ବିଷ୍ଣୁମୋହନ କବି, ହାସ୍ୟ ଅଭିନେତା ପପୁ ପମ୍‌ପମ୍‌ଙ୍କ ଓ ସିନେ କଳାକାର ଏହି ମହୋତ୍ସବରେ ଯୋଗଦେବେ।

## ଜାଗମରା: ବଲିଉଡ୍, ଓଲିଉଡ୍ କଳାକାରଙ୍କ ନୃତ୍ୟ

ଭୁବନେଶ୍ୱର ସାଉଥ୍ ୱେଲଫେୟାର ଆସୋସିଏଶନ ପକ୍ଷରୁ ଖଣ୍ଡଗିରି ପାଦଦେଶ ଜାଗମରା ପଡ଼ିଆରେ 'ଜାଗମରା ରଜ ମହୋତ୍ସବ' ଆୟୋଜିତ ହେଉଛି। ପହିଲି ରଜରୁ ଶେଷରଜ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏଥିସହ ମୀନାବଜାର, ବିଭିନ୍ନ ଦୋଳି, ପୋଡ଼ପିଠା, ମିଠା ଏବଂ ରଜପାନ ସାଙ୍ଗକୁ ବଲିଉଡ,ଓଲିଉଡ୍ କଳାକାରଙ୍କ ଦ୍ୱାରା ସଙ୍ଗୀତ ଏବଂ ନୃତ୍ୟ କାର୍ଯ୍ୟକ୍ରମ ଜମିବ। ସେହିପରି କଣ୍ଠଶିଳ୍ପୀ ସ୍ୱୟଂ ପାଢ଼ୀ ଏବଂ ଗ୍ରୁପ୍, କୁଲଦୀପ ଏବଂ ଗ୍ରୁପ୍, ଦିପ୍ତିରେଖା ପାଢ଼ୀ ଏବଂ ଗ୍ରୁପ୍‌ଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ସେହିପରି ମହିଳା ଏବଂ ଯୁବତୀମାନେ ପାରମ୍ପରିକ କ୍ରୀଡ଼ ପ୍ରତିଯୋଗିତାର ଆନନ୍ଦ ନେବେ।



## ଓଟିଡିସିରେ ପିଠା ପସରା

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ପାନ୍ଥନିବାସରେ ରଜ ମହୋତ୍ସବ ଆୟୋଜନ କରାଯାଇଛି। ରଜଦୋଳି ସାଙ୍ଗକୁ ସ୍ୱାଦିଷ୍ଟ ପିଠା ଓ ମେହେନ୍ଦି ଷ୍ଟଲ ଖୋଲାଯାଇଛି। ସେହିପରି 'ନିମନ୍ତ୍ରଣ' ରେସ୍ତୋରାଁ ଓ ପାନ୍ଥନିବାସରେ ପିଠା ବିକ୍ରି ପାଇଁ ସତନ୍ତ୍ର କାଉଣ୍ଟର ଖୋଲା ଯାଇଛି। ପାନ୍ଥନିବାସରେ ପୋଡ଼ପିଠା, ଆରିସା, କାକରା, ଛଣା ଓ ସିଝା ମଣ୍ଡା, କ୍ଷୀରଗଜା, ଲବଙ୍ଗଲତା ଓ ଛେନାପୋଡ଼ ପ୍ରସ୍ତୁତ ହୋଇଛି। ସେହିପରି ରଜପାନ ସାଙ୍ଗକୁ ପିଠା ବାସ୍କେଟ୍ କରାଯାଇଛି। ରଜ ୩ଦିନ ଓଟିଡିସି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକ, ଚନ୍ଦ୍ରଶେଖରପୁର ଓ ନନ୍ଦନକାନନ ପର୍ଯ୍ୟନ୍ତ 'ପିଠା ଅନ୍ ହ୍ୱିଲ' ଗାଡ଼ି ବୁଲିବା ନେଇ ସୂଚନା ଦିଆଯାଇଛି।

## ରାଜ୍ୟ ସଂଗ୍ରହାଳୟରେ ରଜ ମହୋତ୍ସବ

ରାଜ୍ୟ ସଂଗ୍ରହାଳୟରେ ଶନିବାର ପହିଲି ରଜରେ ବିଶ୍ୱ ଓଡ଼ିଶା ପରିବାର ପକ୍ଷରୁ ରଜ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ପୁଚି, ହୁଳହୁଳି, ରଜ ସ୍ଲୋଗାନ ଆବୃତ୍ତି ପ୍ରତିଯୋଗିତା, କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳ,ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ଏମ୍‌ପି, ବିଧାୟକ, ପ୍ରଶାସନିକ ଅଧିକାରୀ, କଳାକାର ଏବଂ ଅନ୍ୟ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି।

## ପାନ ତୋଷିବ ମନ...

ରଜରେ ପାନର ଭିନ୍ନ ସ୍ୱାତନ୍ତ୍ର ରହିଛି। ପୋଡପିଠା ବିନା ଯେମିତି ରଜ ଅଧୁରା, ପାନ ବିନା ସେମିତି ରଜ ଫିକାଫିକା। ବର୍ଷସାରା ପାନଠାରୁ ଯେତେ ଦୂରେଇ ରହିଲେ ବି ରଜ ତିନିଦିନ ପାଇଁ ସବୁ ମାଫ୍। ପାନ ଖାଇ ପାଟି ନାଲି କରିବାକୁ ଝିଅମାନଙ୍କୁ ଏହି ଦିନରେ ଅନୁମତି ମିଳିଯାଏ। ତେଣୁ ରଜରେ ପାନର ଚାହିଦା ବଢିଯାଏ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ପାନ ବ୍ୟବସାୟୀଙ୍କ ପକ୍ଷରୁ ବିଭିନ୍ନ ପାନର ବ୍ୟବସ୍ଥା କରାଯାଇଛି। ଏହି ଦୌଡରେ ସାମିଲ ହୋଇଛି ସହିଦ ନଗର ବନାରସ ପାନ ଭଣ୍ଡାର। ବନାରସୀ ମିଠା ପାନ, ଲଡୁ ମିଠା ପାନ, ଆୟୁର୍ବେଦିକ ପାନ, ଡାଏଟ୍ ସାଧା ପାନ, ଲଭର୍ସ ଗିଫ୍ଟ ପାନ, ମହାରାଜା ପାନ, କୋହେନୁର୍ ପାନ ଭଳି ୧୩୪ ପ୍ରକାରରୁ ଊର୍ଦ୍ଧ୍ୱ ପାନ ଏଠାରେ ମିଳୁଛି। ତେବେ ଚଳିତ ଥର ଗ୍ରାହକଙ୍କୁ ଭେଟି ଦେବାକୁ ଆସିଛି 'ସୋନା ଚାନ୍ଦି' ପାନ। ଏଗୁଡିକର ଦାମ୍ ୨୫ଟଙ୍କା ଠାରୁ ଆରମ୍ଭ ହୋଇ ୧୧୧୧ଟଙ୍କା ପର୍ଯ୍ୟନ୍ତ ରହିଛି। ଏନେଇ ପାନ ଭଣ୍ଡାରର ମାଲିକ ରମାକାନ୍ତ ସେନାପତି କହିଛନ୍ତି ସଜବାଜ ଦିନରୁ ହିଁ ପାନର ଚାହିଦା ଦେଖିବାକୁ ମିଳିଛି। ସନ୍ଧ୍ୟାସୁଦ୍ଧା ପ୍ରାୟ ୩୫୦୦ ପାନ ବିକ୍ରି ହୋଇସାରିଛି ବୋଲି ରମାକାନ୍ତ କହିଛନ୍ତି।

ସାଲିଆ ସାହିଠାରେ ରଜ ପର୍ବ ପାଳନ କରାଯିବ। ଏଥିରେ ପ୍ରାୟ ୩ଶହ ଶିଶୁ, କିଶୋରୀ ଏବଂ ମହିଳା ସାମିଲ ହେବେ। ସେହିପରି ନୂଆ ଗାଁ ବିକାଶ ମଞ୍ଚ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ ପାଳନ କରାଯାଇଛି।

## ବୁଲାବୁଲିର ଆସର

ରଜ ପାଇଁ ୩ଦିନ ଛୁଟି ପଡୁଥିବାରୁ ବୁଲାବୁଲିର ଆସର ଜମିବ। ବିଶେଷକରି ନନ୍ଦନକାନନ, ଖଣ୍ଡଗିରି, ଉଦୟଗିରି, ରାଜ୍ୟ ସଂଗ୍ରହାଳୟ, ପ୍ଲାନେଟାରିୟମ, ଧଉଳି, ଶିଖରଚଣ୍ଡୀ ଭଳି ସ୍ଥାନରେ ଭିଡ ହେବାର ସମ୍ଭାବନା ରହିଛି।

–ରିପୋର୍ଟ: **ସୌମ୍ୟରଞ୍ଜନ ରାଉତ**, ଭୁବନେଶ୍ୱର
ଫଟୋ: **ବିକାଶ ନାୟକ**

# ଖାନନଗରରେ ତିଆରି ହେଉଛି ୪ କୁଇଣ୍ଟାଲ ଓଜନର ପୋଡ଼ପିଠା

ଆନନ୍ଦ ଉଲ୍ଲାସର ପର୍ବ ରଜ। ଯାହାକୁ ପ୍ରତ୍ୟେକ ଓଡ଼ିଆ ଅପେକ୍ଷା କରି ରହିଥାନ୍ତି। ପୋଡ଼ପିଠାଠାରୁ ଆରମ୍ଭ କରି ରଜ ପାନଖିଆ ଓ ଦୋଳି ଖେଳ ପର୍ବକୁ ଆହୁରି ଆକର୍ଷଣୀୟ କରିଥାଏ। ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ମିଶି ଏହାକୁ ପାଳନ କରୁଥିବାରୁ ଓଡିଶାର ଏହା ଏକ ପ୍ରସିଦ୍ଧ ଗଣପର୍ବ ଭାବେ ପରିଚିତ। ରଜ ତିନିଦିନ ଘରେ ବନ୍ଧୁବାନ୍ଧବଙ୍କ ଗହଳି ଲାଗିଥାଏ। ଗାଁଠାରୁ ସହର ସବୁଠି ଖୁସିର ମାହୋଲ ଦେଖିବାକୁ ମିଳେ। ଇତିମଧ୍ୟରେ ଶୁକ୍ରବାର ସଜବାଜ ସରିଥିବାବେଳେ ଶନିବାର ପହିଲି ରଜ ପାଳନ ପାଇଁ କଟକବାସୀ ଉତ୍ସାହିତ ଅଛନ୍ତି। ବିଶେଷ କରି ଘରେ ପୋଡପିଠା ପ୍ରସ୍ତୁତ କରାଯାଇଛି। ଏଥିସହ ସହରର ଦୋକାନଗୁଡିକରେ ପୋଡ଼ପିଠା ବିକ୍ରି ହେଉଛି। ରଜ ପାଇଁ ସହରର ବଡ଼ବଡ଼ ସପିଂ ମଲ ସମ୍ମୁଖରେ ବ୍ୟବସାୟୀମାନେ ମେହେନ୍ଦି ପସରା ମେଲାଇ ବସିଛନ୍ତି। ଗୋଟିଏ ହାତ ପିଛା ମେହେନ୍ଦି ଦର ୨୦୦ ଟଙ୍କା ରହିଥିବାବେଳେ ଡିଜାଇନ ଅନୁଯାୟୀ ଦର ରହିଛି। କଟକରେ ଥିବା ସପିଂ ମଲ ସମ୍ମୁଖରେ ଏକ ମେହେନ୍ଦି ବ୍ୟବସାୟୀ ବ୍ୟବସାୟ କରୁଛନ୍ତି। ସେଠାରେ ଯୁବତୀଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଛି। ସେହିପରି ରଜ ପାଇଁ କଟକ ସହରର ବକ୍ସିବଜାର, ରାଣୀହାଟ, ମଙ୍ଗଳାବାଗ, ବାଦାମବାଡ଼ିଠାରେ ରଜପାନ ଦୋକାନ ଖୋଲିଛି ଏବଂ ଦୋଳମୁଣ୍ଡାଇ ଠାରେ ବନାରାସୀ ପାନ ଦୋକାନ ଖୋଲିଛି। ଯେଉଁଥିରେ ୫୦ରୁ ୮୦ ପ୍ରକାରର ମସଲା ବ୍ୟବହାର କରାଯାଇଛି। ପାନ ଦର ୧୦ରୁ ଆରମ୍ଭ ହୋଇ ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଯେଉଁଥିରେ ମିଠା ପାନ ଗୋଟା ୧୦ଟଙ୍କା, କାଜୁ-ପିସ୍ତା ପାନ ୩୦ଟଙ୍କା, ଚକୋଲେଟ ପାନ ୫୦ ଟଙ୍କା, ଫାୟାର ପାନ ଓ ବନାରସୀ ପାନ ୨୦ ଟଙ୍କା, ଏ-୧ ସ୍ପେସାଲ ପାନ ୧୦୦ ଟଙ୍କା ରହିଛି। ସେହିପରି ରଜ ପାଇଁ ଖାନନଗର ଅଞ୍ଚଳର ଦିଲୀପ ସାହୁ ଓ ପରିବାର ବର୍ଗ ମିଶି ପୋଡ଼ପିଠା ତିଆରି କରୁଛନ୍ତି। ଏହାକୁ ଖାନନଗର ଦୁର୍ଗାଘର ନିକଟରେ ଥିବା ନାଥସାହୁ ସୁଇଟ ଷ୍ଟଲରେ ବିକ୍ରି କରାଯିବ। ପୋଡ଼ ପିଠା ଦର କିଲୋ ପିଛା ୨୫୦ ରୁ ୩୦୦ ଟଙ୍କା ରହିଛି। ରଜ ପାଇଁ ପାଖାପାଖି ୪ କୁଇଣ୍ଟାଲ ପୋଡ଼ପିଠା ପ୍ରସ୍ତୁତି କରାଯିବାକୁ ଯୋଜନା ରହିଛି। ପୋଡ଼ ପିଠା ପ୍ରସ୍ତୁତି ପାଇଁ ଚାଉଳ ଚୁନା, ଚିନି, କାଜୁ, କିସମିସ, ନଡ଼ିଆ, ଗୁଜୁରାତି ଗୁଣ୍ଡ, ଗୁଆଘିଅ ଓ ଖୁଆ ବ୍ୟବହାର କରାଯାଇଛି। ସେହିପରି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କଟକରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ରହିଥିବା ପାନ୍ଥନିବାସ, ସିଲିଭରସିଟି ବୋଟି କ୍ଲବଠାରେ ରଜ ପର୍ବରେ ପିଠା ପ୍ରସ୍ତୁତି ଜୋରଦା କରାଯାଇଛି। ପାନ୍ଥନିବାସ ପକ୍ଷରୁ ଚଳିତବର୍ଷ ରଜ ପର୍ବରେ ପୋଡ଼ପିଠା କେଜି ୪ଶହ ଟଙ୍କା ଥିବାବେଳେ ମଣ୍ଡା, ଆରିସା, କାକରା, ଗଜା ଆଦି ପିଠା ଗୋଟିଏ ପିସ୍ ପିଛା ୨୦ ଟଙ୍କା ଦର ରହିଛି। ଏଠାରେ ସ୍ୱତନ୍ତ୍ର ଭାବେ ପିଠାର କମ୍ବୋ ବକ୍ସର ବ୍ୟବସ୍ଥା କରାଯାଇଥିବା ବେଳେ ଏହାର ଦର ଶହେ ଟଙ୍କା ରହିଛି। ସେହିପରି ସିଲଭରସିଟି ବୋଟି କ୍ଲବ ରଜ ଦୋଳିର ମଜା ନେବେ ଲୋକ। ଏହାସହ ଏଠାରେ ଏହି ପିଠାର ପସରା ରହିଛି। ଉଭୟ ସ୍ଥାନରେ ପିଠା ବିକ୍ରି ପାଇଁ କାଉଣ୍ଟରରେ ଧାଡ଼ି ଲାଗିବ ଏବଂ ଏଠାରେ ଗ୍ରାହକ ବସି ଖାଇବା ସହ ଘରକୁ ପିଠା କିଣି ନେଇ ପାରିବେ ବୋଲି ପାନ୍ଥନିବାସର ପରିଚାଳକ ଦେବାଶିଷ ସାହୁ କହିଛନ୍ତି।



ଆଦୃତ ଶିଶୁ ସଦନରେ ପିଲାଙ୍କ ମେଳରେ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋସ।



## କୁନି ପିଲାଙ୍କ ସହ ରଜ ପାଳିଲେ ବିଧାୟିକା ସୋଫିଆ

ଶେଖବଜାରସ୍ଥିତ ଆଦୃତ ଶିଶୁ ସଦନରେ କୁନି ପିଲାଙ୍କ ସହ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଶୁକ୍ରବାର ରଜ ଉତ୍ସବ ପାଳନ କରିଛନ୍ତି। ରଜ ସଜବାଜ ଅବସରରେ ବିଧାୟିକା ସୋଫିଆ ପିଲାମାନଙ୍କୁ ଡ୍ରେସ, ଚୁଡ଼ି, ମେହେନ୍ଦି, ଅଳତା ଆଦି ସମସ୍ତ ପ୍ରକାର ସଜବାଜ ସାମଗ୍ରୀ ପ୍ରଦାନ କରିଛନ୍ତି। ଏହି ଅବସରରେ ପିଲାମାନେ ନାଚ ଓ ଗୀତ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକି ଚକ୍ରବର୍ତ୍ତୀ, ସୋନୁ ସ୍ୱାଇଁ, ସତ୍ୟଶ୍ରୀ ବେହେରା, ଅନିତା ବେହେରା, ମାମାନୀ ମିଶ୍ର, ରୌପ୍ୟ ରଞ୍ଜନ ମହାପାତ୍ର ସହଯୋଗ କରିଥିଲେ।

–ରିପୋର୍ଟ: **ଶିଳ୍ପା ପ୍ରିୟଦର୍ଶିନୀ**, କଟକ
ଫଟୋ: **ରାଜକିଶୋର ମହାନ୍ତି**

# ନିଆରା ଢଙ୍ଗରେ ପାଳନହେବ ରଜ

### ଗଣପର୍ବ ସହ 'ଅଦ୍‌ଭିକା କିଶୋରୀ ସୁଭଦ୍ରା' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୩।୬ (ରବିନାରାୟଣ ଜେନା)

ଓଡ଼ିଶାର ଗଣପର୍ବ ରଜକୁ ଚଳିତବର୍ଷ ନିଆରା ଢଙ୍ଗରେ ପାଳନ କରିବା ଲାଗି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତବର୍ଷ ରଜ ପର୍ବ ସହିତ 'ଅଦ୍‌ଭିକା କିଶୋରୀ ସୁଭଦ୍ରା' ପାଳନ କରିବା ଲାଗି ବିଭାଗ ପକ୍ଷରୁ ସବୁ ଜିଲା ସମାଜ ମଙ୍ଗଳ ଅଧିକାରୀ(ଡିଏସ୍‌ଡବ୍ଲ୍ୟୁଓ)ଙ୍କୁ ପତ୍ର ଲେଖି ଅବଗତ କରାଯାଇଛି। ବିଭାଗୀୟ ଯୁଗ୍ମ ସଚିବ ଗୋପୀନାଥ କୁଅଁର ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଏହି ଉତ୍ସବ ୩୦ ଜିଲାରେ ସହର, ଜିଲା ମୁଖ୍ୟାଳୟ ଏବଂ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭାଗ ପକ୍ଷରୁ ଏକ ଷ୍ଟାଣ୍ଡାର୍ଡ ଅଫ୍ ପ୍ରୋସିଡ୍ୟୁର(ଏସ୍‌ଓପି) ଜାରି କରାଯାଇଛି। ଏହାକୁ ସମସ୍ତ ଜିଲା ସାମାଜିକ କଲ୍ୟାଣ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ)ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆବଶ୍ୟକ ଅର୍ଥ ଜିଲା କୋଷାଗାର ମାଧ୍ୟମରେ ମଞ୍ଜୁର କରାଯାଇଛି। ସମସ୍ତ ଜିଲା ସାମାଜିକ କଲ୍ୟାଣ ଅଧିକାରୀଙ୍କୁ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଏବଂ କାର୍ଯ୍ୟକ୍ରମର ଏକ ବିସ୍ତୃତ ରିପୋର୍ଟ ସହିତ ଫଟୋଗ୍ରାଫ ବିଭାଗକୁ ଯଥାଶୀଘ୍ର ପ୍ରଦାନ କରିବାକୁ କୁହାଯାଇଛି। ଏହା ରଜ ଉତ୍ସବ ସହିତ ମିଳିତ ଭାବେ ପାଳନ କରାଯିବ, ଯାହା ସାଂସ୍କୃତିକ ସମ୍ପୃକ୍ତି ଏବଂ ଯୁବ ଅଂଶଗ୍ରହଣକୁ ବୃଦ୍ଧି କରିବ। ଚଳିତ ଜୁନ୍ ମାସରେ ୩୦ଟି ଜିଲାରେ 'ଅଦ୍‌ଭିକା କିଶୋରୀ ସୁଭଦ୍ରା' ଅଧୀନରେ ୧୦୦ଟି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସଶକ୍ତ କିଶୋରୀ, ସଶକ୍ତ ଓଡ଼ିଶା ଥିମ୍ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମଗୁଡ଼ିକରେ ରଜ ମୁକୁଟ ଡିଜାଇନ୍ ପ୍ରତିଯୋଗିତା ଆୟୋଜନ କରାଯିବ। ଝିଅ ଓ ପୁଅମାନେ ପ୍ରାକୃତିକ ଓ ପରିବେଶ ଉପକରଣ ବ୍ୟବହାର କରି ନିଜର ମୁକୁଟ ଡିଜାଇନ୍ କରିବେ ଏବଂ ପରିଧାନ କରିବେ। ସର୍ବୋତ୍କୃଷ୍ଟ ଡିଜାଇନକୁ ପୁରସ୍କାର ପ୍ରଦାନ କରାଯିବ। ସେଥିରେ କିଶୋରୀ କିଓସ୍କ ଜୀବନ ଦକ୍ଷତା ଖେଳ ଓ ଋତୁସ୍ୱାସ୍ଥ୍ୟ ଷ୍ଟଲ, ସ୍ଥାନୀୟ ଖାଦ୍ୟ ପ୍ରଦର୍ଶନୀ,ସ୍ୱାସ୍ଥ୍ୟ ପରୀକ୍ଷା ଓ ଫିଟ୍‌ନେସ୍ ଜୋନ୍, ମୁଁ ଅଦ୍‌ଭିକା ସେଲ୍‌ଫି ବୁଥ୍, ଓଡ଼ିଶା ପାଇଁ ସ୍ୱପ୍ନ ଲେଖିବା ପ୍ରତିଯୋଗିତା ଆୟୋଜନ କରାଯିବ। ସେହିଭଳି ରଜ ରିଲ୍ସ ଚ୍ୟାଲେଞ୍ଜ ଋତୁସ୍ୱାସ୍ଥ୍ୟ, ଶିକ୍ଷା, ସ୍ୱପ୍ନ, ବାଲ୍ୟ ବିବାହ ପ୍ରତିରୋଧ ଆଦି ବିଷୟରେ ୩୦ ସେକେଣ୍ଡର ଇନ୍‌ଷ୍ଟାଗ୍ରାମ ରିଲ୍ସ ପ୍ରତିଯୋଗିତା କରାଯିବା ସହିତ କଳା ସହିତ କଥା (ଆଧୁନିକ ମୋଡ୍‌ରେ ପାରମ୍ପରିକ ନାଟକ), ସ୍ଥାନୀୟ ଲୋକକଳା ଯଥା ଯାତ୍ରା, ପାଲା, ଦାସକାଠିଆ ଆଦିରେ ବାଲ୍ୟ ବିବାହ, ଜେଣ୍ଡର ସମାନତା ଓ ଆତ୍ମସମ୍ମାନ ବିଷୟକୁ ଯୁବ ଗୋଷ୍ଠୀ ଦ୍ୱାରା ପୁନରୁଦ୍ଧାର କରିବାକୁ ବିଭାଗ ଲକ୍ଷ୍ୟ ରଖିଛି।

# ଲକ୍ଷେ ଉପରେ ସୁନା ଦର

ନୂଆଦିଲ୍ଲୀ,୧୩।୬

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ବଜାରରେ ସୁନା ଦର ଉଚ୍ଚା ରହିଛି। ଏପରିକି ଶୁକ୍ରବାର ଶୁଦ୍ଧ ସୁନାରେ ଦର ବୃଦ୍ଧି ଯୋଗୁ ସୁନା ଦର ଲକ୍ଷେ ଅତିକ୍ରମ କରିଛି। ସେହିଭଳି ନୂଆଦିଲ୍ଲୀରେ ସୁନା ଦର ପ୍ରାୟ ୨୨୦୦ ଟଙ୍କା ବୃଦ୍ଧି ପାଇ ପ୍ରତି ୧୦ ଗ୍ରାମ ସୁନାର ମୂଲ୍ୟ ୧,୦୧,୫୪୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ପଟରେ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଜାରି ରହିଥିବାବେଳେ ଭୂ ରାଜନୈତିକ ଘଟଣାବଳୀ ଏବଂ ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ଇତିମଧ୍ୟରେ ସୁନାର ଦର ବୃଦ୍ଧି ଉଭୟ ବଜାର ଓ ବ୍ୟବସାୟଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସେହିପରି ଘରୋଇ ବଜାରରେ ମଧ୍ୟ ରୁପା ଦର ୧ ଲକ୍ଷେ ଟପି ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଜାତୀୟ ବଜାରରେ ରୁପା ଦର ୧୧୦୦ ଟଙ୍କା ବଢ଼ି କିଲୋ ପିଛା ୧,୦୮,୧୦୦ ଟଙ୍କାରେ ରହିଛି।

ଅପରପକ୍ଷରେ ଶୁଦ୍ଧ ସୁନାର ଦର ବୃଦ୍ଧି ଘଟି ପ୍ରତି ୧୦ ଗ୍ରାମ ୯୯.୫% ସୁନାର ମୂଲ୍ୟ ୧,୦୦,୭୦୦ ଟଙ୍କାରେ କାରବାର ହେଉଛି ବୋଲି ଅଲ ଇଣ୍ଡିଆ ସରାଫ ଆସୋସିଏଶନ ପକ୍ଷରୁ ବିବୃତ ଭାବେ ସୂଚନା ଦିଆଯାଇଛି। ବିଶ୍ୱବ୍ୟାପୀ ଅସ୍ଥିରତା ବୃଦ୍ଧି ପାଉଥିବାରୁ ସୁରକ୍ଷିତ ସମ୍ପତ୍ତି ଆଡକୁ ଧାଉଁଛନ୍ତି। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ସୁନାର ମୂଲ୍ୟ ଆଉନ୍ସ ପ୍ରତି ୩,୪୪୦ ଡଲାର ଅତିକ୍ରମ କରିଥିବାବେଳେ ସୁନାର ମୂଲ୍ୟ ଏକ ନୂତନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏପରିକି ପ୍ରତି ୧୦ ଗ୍ରାମ ସୁନାର ଦର ୧ ଲକ୍ଷ ଟଙ୍କା ଅତିକ୍ରମ କରିଛି ବୋଲି ମେହେତା ଇକ୍ୱିଟିଜ କମୋଡିଟିଜ୍ ଉପାଧ୍ୟକ୍ଷ ରାହୁଲ କାଲାନ୍ତ୍ରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ସର୍ବାଧିକ କାରବାର ହେଉଥିବା ଅଗଷ୍ଟ ଡେଲିଭରି କଣ୍ଟ୍ରାକ୍ଟ ୨,୦୧୧ ଟଙ୍କା ବୃଦ୍ଧି ପାଇ ପ୍ରଥମ ଥର ପାଇଁ ୧ ଲକ୍ଷ ଟଙ୍କା ଅତିକ୍ରମ କରିଛି। ସକାଳ କାରବାର ସମୟରେ ଏହା ୧୦ ଗ୍ରାମ ପିଛା ୧,୦୦,୪୦୩ ଟଙ୍କାରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାରରେ ସ୍ପଟ୍ ସୁନାର ମୂଲ୍ୟ ୨୮.୩୦ ଡଲାର କିମ୍ବା ୦.୮୪% ବୃଦ୍ଧି ପାଇ ଆଉନ୍ସ ପ୍ରତି ୩,୪୫୫.୧୩ ଡଲାରରେ ପହଞ୍ଚିଛି। ବିଶେଷଜ୍ଞଙ୍କ ମଧ୍ୟପ୍ରାଚ୍ୟରେ ସଂଘର୍ଷର ଭୟ ଏବଂ ଆମେରିକାର ବାଣିଜ୍ୟ ନୀତି ଓ ମୁଦ୍ରା ବିଗକୁ ନେଇ ବଜାର ଚିନ୍ତା ବୃଦ୍ଧି ପାଇବା ମଧ୍ୟରେ ନିରାପଦ ସ୍ଥାନ ଚାହିଦା ବୃଦ୍ଧି ଯୋଗୁ ବିଶ୍ୱସ୍ତରରେ ଏହି ବୃଦ୍ଧି ଘଟିଛି।



# ଦାବି ସମାଧାନକୁ ତ୍ୱରାନ୍ୱିତ କରିବ ଏଲ୍‌ଆଇସି

ମୁମ୍ବାଇ,୧୩।୬(ଅଭୟ ଦାସ)

**ଏଲ୍‌ଆଇସି ପକ୍ଷରୁ ରିହାତି ଘୋଷଣା**

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଓ ପୀଡ଼ିତ ସଦସ୍ୟଙ୍କ ଦାବି ସମାଧାନ ପାଇଁ ରିହାତି ଘୋଷଣା କରିଛି। ବିଶେଷକରି ଏୟାର ଇଣ୍ଡିଆ ବିମାନ ଏଆଇ ୧୭୧ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କ ମୃତ୍ୟୁ ଏବଂ ସମ୍ପୃକ୍ତ ଅଞ୍ଚଳରେ ଥିବା ଲୋକଙ୍କ ମୃତ୍ୟୁ ପାଇଁ ଏହି ରିହାତି ସୁବିଧା ଘୋଷଣା ହୋଇଛି। ଏଲ୍‌ଆଇସି ଉପରୋକ୍ତ ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ସଦସ୍ୟଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିଛି। ସେହିଭଳି ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସଦସ୍ୟଙ୍କ ପରିବାର ଲୋକଙ୍କୁ ଆବଶ୍ୟକ ସମର୍ଥନ କରିବାକୁ ଏଲ୍‌ଆଇସି ପ୍ରତିବଦ୍ଧ ରହିଛି। ଏପରିକି ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ବୀମାଧାରୀଙ୍କ ଦାବି ସମାଧାନକୁ ଏଲ୍‌ଆଇସି ତ୍ୱରାନ୍ୱିତ କରିବ ବୋଲି କୁହାଯାଇଛି। ଏଲ୍‌ଆଇସି ପଲିସିର ଦାବିଦାରଙ୍କ କଷ୍ଟକୁ କମ କରିବା ପାଇଁ ଏଲ୍‌ଆଇସି ପକ୍ଷରୁ ଅନେକ ରିହାତି ଘୋଷଣା କରାଯାଇଛି। ଏହି ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ସଦସ୍ୟଙ୍କ ମୃତ୍ୟୁ ପ୍ରମାଣପତ୍ର ବଦଳରେ ବିମାନ ଦୁର୍ଘଟଣା ଯୋଗୁ ପଲିସିଧାରୀଙ୍କ ମୃତ୍ୟୁ କିମ୍ବା କେନ୍ଦ୍ର/ରାଜ୍ୟ ସରକାର/ଏୟାରଲାଇନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷତିପୂରଣର ସରକାରୀ ରେକର୍ଡରେ ଥିବା ଯେକୌଣସି ପ୍ରମାଣକୁ ମଧ୍ୟ ମୃତ୍ୟୁ ପ୍ରମାଣ ଭାବେ ଗ୍ରହଣ କରାଯିବ। ଏପରିକି ଦାବିଦାରଙ୍କ ନିକଟରେ ପହଞ୍ଚିବା ଏବଂ କ୍ଷତିଗ୍ରସ୍ତ ପରିବାରଙ୍କ ଦାବିକୁ ଶୀଘ୍ର ସମାଧାନ କରିବା ପାଇଁ ଏଲ୍‌ଆଇସି ପକ୍ଷରୁ ସମସ୍ତ ପ୍ରୟାସ କରାଯିବ। ଅଧିକ ସହାୟତା ପାଇଁ ଏଲ୍‌ଆଇସି ଦାବିଦାରମାନେ ନିକଟତମ ଏଲ୍‌ଆଇସି ଶାଖା/ବିଭାଗ/ଗ୍ରାହକ ଜୋନ୍ ସହ ଯୋଗାଯୋଗ କରିପାରିବେ। ଏପରିକି ଦାବିଦାରମାନେ ଏଲ୍‌ଆଇସିର କଲ୍ ସେଣ୍ଟର- ୦୨୨୬୮୨୭୬୮୨୭ ନମ୍ବରରେ ମଧ୍ୟ କଲ୍ କରିପାରିବେ।

# ଅରୁନ୍ଧତୀର 'ଖୁଲ୍ ଜା ସିମ୍ ସିମ୍'

**ସୁନାର ଗଢ଼ାମଜୁରି ଉପରେ ୭୯୯ ଟଙ୍କା**

**ହୀରା ମୂଲ୍ୟ ଉପରେ ୨୦,୦୦୦ ଟଙ୍କାର ରିହାତି**

ଭୁବନେଶ୍ୱର,୧୩।୬

ଅରୁନ୍ଧତୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ନୂତନ ଅଫର ଖୁଲ୍ ଜା ସିମ୍ ସିମ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଚଳିତ ବର୍ଷର ରଜପର୍ବ ଓ ରଥଯାତ୍ରାକୁ ଆଖିଆଗରେ ରଖି ଗ୍ରାହକଙ୍କ ଚାହିଦା ମୁତାବକ ଏହି ନୂତନ ଅଫରକୁ ସମସ୍ତ ଷ୍ଟୋରରେ ଆରମ୍ଭ କରାଯାଇଛି। ଉକ୍ତ ଅଫର ମାଧ୍ୟମରେ ଗ୍ରାହକ ଚେନ୍ ଆଣ୍ଡ ବ୍ୟାଙ୍ଗଲେ ଫେଷ୍ଟିଭାଲରେ ନୂଆ ଡିଜାଇନ ପ୍ରଦର୍ଶନୀ ସହ ସୁନା ଗହଣାର ଗଢ଼ାମଜୁରି ଉପରେ କେବଳ ୭୯୯ ଟଙ୍କା, ହୀରା ଗହଣାର ପ୍ରତି କ୍ୟାରେଟ ହୀରା ମୂଲ୍ୟ ଉପରେ ୨୦,୦୦୦ ଟଙ୍କାର ରିହାତି ସାଙ୍ଗକୁ ରୁପା ଗହଣାର ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିହାତି ଏବଂ ଜିରୋ ମେକିଂ ଚାର୍ଜର ସ୍ପେଶିଆଲ ଅଫର ପ୍ରଦାନ କରାଯାଉଛି। ଏହି ଅଫର ଓଡ଼ିଶା ବ୍ୟାପୀ ଅରୁନ୍ଧତୀର ସମସ୍ତ ଶାଖାରେ ସୀମିତ ସମୟ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଏପରିକି ଗ୍ରାହକମାନେ ନିକଟସ୍ଥ ଅରୁନ୍ଧତୀ ଶାଖାକୁ ଯାଇ ଏହି ଅଫରର ସୁବିଧା ନେଇପାରିବେ।

ସେହିଭଳି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସର୍ବଦା ସବୁବର୍ଗର ଗ୍ରାହକଙ୍କୁ ସୁହାଇଲା ଭଳି ଅଫର ମାନ ପ୍ରଦାନ କରାଯାଇଥାଏ ବୋଲି ଅରୁନ୍ଧତୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଗ୍ରାହକଙ୍କ ଆବଶ୍ୟକତା ମୁତାବକ ଏହି ଅଫରର ଶୁଭାରମ୍ଭ କରାଯାଇଛି। ଏହି ଅଫର ସହ ବ୍ୟାଙ୍ଗଲେ ଆଣ୍ଡ ଚେନ୍‌ର ନୂଆ ଡିଜାଇନ ଏବଂ ବେଷ୍ଟ କଲେକ୍ସନଗୁଡ଼ିକୁ ଶୁଭାରମ୍ଭ କରାଯାଇଛି। ଆପଣ ସମସ୍ତଙ୍କୁ ଏହି ଅବସରକୁ ସାଦର ନିମନ୍ତ୍ରଣ ସହ ଉକ୍ତ ଐତିହାସିକ ଚେନ୍ ଆଣ୍ଡ ବ୍ୟାଙ୍ଗଲେ ଫେଷ୍ଟିଭାଲରେ ଭାଗ ନେଇ ନିଜ ସ୍ୱପ୍ନର ଅଳଙ୍କାରକୁ ଆକର୍ଷଣୀୟ ଅଫର ସହ ପାଇପାରିବେ।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୩।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୭୩ (୫୭୩.୩୮) ପଏଣ୍ଟ ହ୍ରାସ ଘଟି ୮୧,୧୧୯ (୮୧,୧୧୮.୬୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୭୦ (୧୬୯.୬୦) ପଏଣ୍ଟ କମି ୨୪,୭୧୯ (୨୪,୭୧୮.୬୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ତନିଷ୍କର ସର୍ବବୃହତ୍ ଗୋଲ୍ଡ ଏକ୍ସଚେଞ୍ଜ ଅଫର



ତନିଷ୍କର ଅଧିକାରୀଙ୍କ ସମେତ ଫ୍ରାଞ୍ଚାଇଜ୍ କର୍ତ୍ତୃପକ୍ଷ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୩।୬

ତନିଷ୍କର ବହୁ ପ୍ରତୀକ୍ଷିତ ତଥା ସର୍ବବୃହତ୍ ଗୋଲ୍ଡ ଏକ୍ସଚେଞ୍ଜ ଅଫରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଅଫର ୨୦୨୫ ଜୁନ୍ ୩୦ ପର୍ଯ୍ୟନ୍ତ ତନିଷ୍କର ସମସ୍ତ ଷ୍ଟୋରରେ ଉପଲବ୍ଧ ରହିଛି। ଏହି ଅବଧି ମଧ୍ୟରେ ଗ୍ରାହକ ପୁରୁଣା ସୁନା ବଦଳ ଉପରେ ୨କ୍ୟାରେଟ୍ ପର୍ଯ୍ୟନ୍ତ ଅତିରିକ୍ତ ମୂଲ୍ୟ ପାଇପାରିବେ। ସେହିଭଳି ଏହି ସୀମିତ ସମୟ ଅଫର ମଧ୍ୟରେ ଗ୍ରାହକ ସୁନାଗହଣା କିଣୁଥିଲେ ପୁରୁଣା ସୁନା ମୂଲ୍ୟ ଉପରେ ଅଧିକ ୧କ୍ୟାରେଟ୍ ପାଇବେ। ଏପରିକି ହୀରା ଗହଣା କିଣୁଥିଲେ, ପୁରୁଣା ସୁନା ମୂଲ୍ୟ ଉପରେ ଅତିରିକ୍ତ ୨କ୍ୟାରେଟ୍ ପାଇବେ।

ଉଦାହରଣ ସ୍ୱରୂପ ଜଣେ ଗ୍ରାହକ ନୂଆ ଏବଂ ପ୍ଲେନ୍ ସୁନା ଗହଣା କିଣୁଥିଲେ ୨୦ କ୍ୟାରେଟର ପୁରୁଣା ସୁନା ବଦଳରେ ସେମାନେ ୨୧ କ୍ୟାରେଟ୍ ସୁନା ପାଇବେ। ସେହିପରି ନୂଆ ହୀରାଖଚିତ ଗହଣା କିଣୁଥିଲେ ୨୦ କ୍ୟାରେଟ୍ ପୁରୁଣା ସୁନା ପାଇଁ ୨୨ କ୍ୟାରେଟ୍ ସୁନା ପାଇବେ। ଫଳରେ ପ୍ରତ୍ୟେକ କ୍ୟାରେଟ୍ ବଦଳ ଉପରେ ଅଧିକ ମୂଲ୍ୟ ମିଳିବ। ଅଣ-ତନିଷ୍କ ଗହଣା ଦୋକାନରୁ କିଣାଯାଇଥିବା ପୁରୁଣା ସୁନା ଉପରେ ହିଁ ଏହି ଅଫର ଉପଲବ୍ଧ। ଏଥିସହ ଆଧୁନିକ ତଥା ଅତି ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ତନିଷ୍କ ଗହଣାକୁ ଅପ୍‌ଗ୍ରେଡ୍ ହେଉଥିବା ଗ୍ରାହକଙ୍କୁ ମଧ୍ୟ ତନିଷ୍କ ଅଧିକ ମୂଲ୍ୟ ପ୍ରଦାନ କରୁଛି।

ତନିଷ୍କର ସୁନା ବଦଳ ନୀତି ଉକ୍ତ ୩୦ ଲକ୍ଷ ଗ୍ରାହକଙ୍କ ପାଇଁ ଏକ ଭରସାଯୋଗ୍ୟ ସଲ୍ୟୁଶନ ପାଲଟିଛି, ଯେଉଁମାନେ ସେମାନଙ୍କ ପୁରୁଣା ଗହଣାକୁ ବଦଳ କରି ତନିଷ୍କର ଷ୍ଟାଇଲିଶ୍ ଗହଣାକୁ ଅପ୍‌ଗ୍ରେଡ୍ ହୋଇଛନ୍ତି। ଏହା ବର୍ତ୍ତମାନ ସେମାନଙ୍କ ଷ୍ଟାଇଲ ଏବଂ ଆବଶ୍ୟକତାକୁ ଭଲ ଭାବେ ପ୍ରତିଫଳିତ କରୁଛି। ସମ୍ପୂର୍ଣ୍ଣ ପ୍ରକ୍ରିୟା ଅତ୍ୟନ୍ତ ସ୍ୱଚ୍ଛ ଭାବେ କରାଯାଇଥାଏ। ସୁନାର ଶୁଦ୍ଧତା ମାପିବା ପାଇଁ ତନିଷ୍କ ଷ୍ଟୋରରେ କ୍ୟାରେଟମିଟରର ବ୍ୟବହାର ହୋଇଥାଏ। ଗ୍ରାହକ ସେମାନଙ୍କ ପୁରୁଣା ସୁନା ବଦଳାଇ ଯେପରି ସର୍ବୋତ୍ତମ ମୂଲ୍ୟ ପାଇବେ, ତାହାକୁ ବ୍ରାଣ୍ଡ ପକ୍ଷରୁ ସୁନିଶ୍ଚିତ କରାଯାଇଥାଏ।

# ଜିଓ ବ୍ଲାକ୍‌ରକ୍‌କୁ ସେବିର ଅନୁମୋଦନ

ମୁମ୍ବାଇ,୧୩।୬




ଜିଓ ବ୍ଲାକ୍‌ରକ୍ ନିବେଶ ପରାମର୍ଶଦାତା ପ୍ରାଇଭେଟ୍ ଲିମିଟେଡ୍ ଭାରତରେ ଏକ ନିବେଶ ପରାମର୍ଶଦାତା ସଂସ୍ଥା ଭାବେ ବ୍ୟବସାୟ ଆରମ୍ଭ କରିବା ପାଇଁ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଏବଂ ବିଏସ୍‌ଇ ଲିମିଟେଡ୍‌ଠାରୁ ଅନୁମୋଦନ ଲାଭ କରିଛି। ଅପରପକ୍ଷରେ ଜିଓବ୍ଲାକ୍‌ରକ ନିବେଶ ପରାମର୍ଶଦାତା ପ୍ରାଇଭେଟ୍ ଲିମିଟେଡ୍ ହେଉଛି ଜିଓ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ (ଜେଏଫ୍‌ଏସ୍‌ଏଲ୍) ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ବ୍ଲାକ୍‌ରକ୍ ଇଙ୍କର ଏକ ମିଳିତ ଯୌଥ ଉଦ୍ୟୋଗ। ବିଶ୍ୱସ୍ତରରେ ଆର୍ଥିକ ସେବା ପ୍ରଦାନ କ୍ଷେତ୍ରରେ ଦୀର୍ଘ ୨୫ ବର୍ଷରୁ ଅଧିକ ଅଭିଜ୍ଞତା ଥିବା ମାର୍କ ପିଲଗ୍ରେମ୍‌ଙ୍କୁ କମ୍ପାନୀର ଏମ୍‌ଡି ତଥା ସିଇଓ ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ମେ ୨୭ରେ ଜିଓବ୍ଲାକ୍‌ରକ୍ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଦେଶରେ ମ୍ୟୁଚୁଆଲ୍ ଫଣ୍ଡ ବ୍ୟବସାୟ ପାଇଁ ସେବି ଅନୁମୋଦନ ଲାଭ କରିଥିଲା।

ଏ ସମ୍ପର୍କରେ ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ହିତେଶ ସେଠିଆ କହିଛନ୍ତି, ଆମେ ଘୋଷଣାକରି ଖୁସି ଯେ ଜିଓବ୍ଲାକ୍‌ରକ୍ ନିବେଶ ପରାମର୍ଶଦାତାଙ୍କୁ ନିୟାମକ ଅନୁମୋଦନ ମିଳିଛି, ଯାହା ବ୍ଲାକ୍‌ରକ୍ ସହିତ ଆମର ସହଭାଗିତାରେ ଏକ ମାଇଲଖୁଣ୍ଟ। ଭାରତୀୟ ନିବେଶକମାନେ ବ୍ୟକ୍ତିଗତ ଆର୍ଥିକ ସମାଧାନ ଖୋଜୁଥିବାରୁ ଏହି ମିଳିତ ଉଦ୍ୟମ ବିଶ୍ୱସ୍ତରୀୟ ପରାମର୍ଶଦାତା ସେବାଗୁଡ଼ିକ ଉପଲବ୍ଧ କରାଇବା ସୁନିଶ୍ଚିତ କରିବ। ଆମେ ବିଶ୍ୱାସ କରୁଛୁ ଯେ ଜିଓବ୍ଲାକ୍‌ରକ୍ ବିଶ୍ୱସ୍ତରୀୟ ବିଶେଷଜ୍ଞତା ଏବଂ ସ୍ଥାନୀୟ ପ୍ରାସଙ୍ଗିକତା ସହ ନିବେଶକମାନଙ୍କୁ ସଶକ୍ତକରି ଭାରତରେ ସମ୍ପତ୍ତି ସୃଷ୍ଟିର ଭବିଷ୍ୟତକୁ ନୂତନ ଭାବେ ପରିଭାଷିତ କରିବ।

ବ୍ଲାକ୍‌ରକ୍‌ର ସିଓଓ ରବ୍ ଗୋଲ୍ଡଷ୍ଟାଇନ୍ କହିଛନ୍ତି, ଭାରତ ବିଶ୍ୱର ଦ୍ରୁତତମ ବୃଦ୍ଧି ପାଉଥିବା ନିବେଶ ବଜାର ମଧ୍ୟରୁ ଅନ୍ୟତମ। ଜିଓବ୍ଲାକ୍‌ରକ୍ ନିବେଶ ପରାମର୍ଶଦାତାଙ୍କୁ ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍‌ର ଉପଲବ୍ଧତା ସହ ବ୍ଲାକ୍‌ରକ୍‌ର ବିଶ୍ୱସ୍ତରୀୟ ନିବେଶ ବିଶେଷଜ୍ଞତା ଏବଂ ବଜାରର ଅଗ୍ରଣୀ ପ୍ରଯୁକ୍ତିବିଦ୍ୟାରୁ ଲାଭ ମିଳିବ। ଏହି ଅନନ୍ୟ ମିଳିତ ଶକ୍ତି ଆମକୁ ବିଶ୍ୱସ୍ତରୀୟ, ବ୍ୟକ୍ତିଗତ ନିବେଶ ପରାମର୍ଶ ପ୍ରଦାନ କରିବାକୁ ସକ୍ଷମ କରିବ।

ଜିଓବ୍ଲାକ୍‌ରକ୍ ଇନ୍‌ଭେଷ୍ଟମେଣ୍ଟ ଆଡଭାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ ମାର୍କ ପିଲଗ୍ରେମ୍ କହିଛନ୍ତି, ଡିଜିଟାଲ୍-ଫାଷ୍ଟ ମାଧ୍ୟମରେ ଉଚ୍ଚ-ଗୁଣବତ୍ତା ନିବେଶ ପରାମର୍ଶକୁ ସୁଲଭ ଏବଂ ସହଜଲବ୍ଧ କରିବା ପାଇଁ ଜିଓବ୍ଲାକ୍‌ରକ୍ ନିବେଶ ପରାମର୍ଶଦାତା ବ୍ୟବସାୟର ନେତୃତ୍ୱ ନେବାକୁ ନେଇ ମୁଁ ଉତ୍ସାହିତ ଏବଂ ସମ୍ମାନିତ ମନେକରୁଛି।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-I, MALKANGIRI**
NATIONAL COMPETITIVE BIDDING THROUGH e-Procurement
1st Corrigendum to Online Tender 01/RWD-I, MKG/2025-26, dt.23.05.2025
No.O-284:In partial modification to this office tender call notice Online Tender 04/RWD-I, MKG/2024-25, dt.09.10.2024 availability of Tender on-line for bidding have been rescheduled as follows.

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date and Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender-01/ RWD-I, MKG/ 2025-26 | Total 7 Nos. (Single Cover & Double Cover) | 23.06.2025 from 11.00 AM | 07.07.2025 upto 5.00 PM | 30.06.2025 upto 5.00 P.M. | Tech. Bid opening: (Single Cover & Double Cover Tech.Bid) 08.07.2025 at 11.00 AM |

All other terms and conditions will remain unaltered.
OIPR-25058/11/0013/2526 Sd./- Executive Engineer, R.W.Division-I, Malkangiri

**OFFICE OF THE SUPERINTENDING ENGINEER, RURAL WORKS DIVISION, SUNDARGARH**
E.Mail- rw_sundargarh@yahoo.co.in, Ph-06622-272280 (off)
1st Corrigendum to Bid Identification No.Online-SESNG-03 of 2025-26
No.O-281:In Continuation to this office bid identification No: Online-SESNG-03 of 2025-26 invited vide this office notice no.3237, dt.29.05.2025 is partial modified in TCN has been made as follows:-

| Sl. No. | | Time Schedule as per original TCN | Time Schedule as per 1st Corrigendum Notice |
|---|---|---|---|
| 1 | Availability of tender online for bidding | 04.06.2025 at 11.00 A.M. to 18.06.2025 upto 06.00 P.M. | Extended upto 24.06.2025 upto 5.00 P.M. |
| 2 | Last date of seeking clarification | 17.06.2025 at 11.00 A.M. | Extended upto 23.06.2025 upto 11.00 A.M. |
| 3 | Date of Opening of Tender | 19.06.2025 at 10.00 A.M. | Extended upto 24.06.2025 at 05.15 P.M. |

All other terms & conditions remain unchanged.
Sd./- Superintending Engineer, R.W.Division, Sundargarh
OIPR-25046/11/0058/2526

**ଚକ୍ରଧରପୁର ଡିଭିଜନରେ ବିଭିନ୍ନ ପରିସମ୍ପତ୍ତିଗୁଡ଼ିକ ପାଇଁ ଇ-ନିଲାମ ବିଜ୍ଞପ୍ତି**
ନଂ.: ସିଓଏମ୍.୧୮/ଏନ୍‌ଏଫ୍‌ଆର୍/ଇ-ଅକ୍ସନ୍ କାଟାଲଗ୍/ଜୁନ୍/୨୫ ତାରିଖ: ୧୩।୦୬।୨୦୨୫
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନରେ ନିମ୍ନଲିଖିତ ପରିସମ୍ପତ୍ତି ବର୍ଗଗୁଡ଼ିକ ପାଇଁ ଇ-ନିଲାମ ପ୍ରଣାଳୀ ଅଧୀନରେ ଇ-ନିଲାମ ଲିଙ୍କିଂ ଆହ୍ୱାନ କରୁଛନ୍ତି । ଏ ବାବଦୀୟ ଚିଠା ଇ-ନିଲାମ ବିଜ୍ଞପ୍ତି ସଂଲଗ୍ନ ଅଟେ, ଯାହାକୁ **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ଇ-ନିଲାମର ବିବରଣୀ ନିମ୍ନ ଅନୁଯାୟୀ ଅଟେ: **କ୍ର.ସଂ. ଓ ବର୍ଗ; କାଟାଲଗ୍ ନଂ.; ନିଲାମର ତାରିଖ; ନିଲାମ ଆରମ୍ଭ ସମୟ; ନିଲାମ ସମାପ୍ତି ସମୟ ଯଥାକ୍ରମେ:** (୧) ବିବିଧ; ଏମ୍‌ଏସ୍‌ଏସ୍-ସିକେପି-ଜୁନ୍-୨୫; ୨୦।୦୬।୨୦୨୫; ୧୨.୦୦ ଘଟିକା; ୧୩.୫୦ ଘଟିକା । (୨) ବିଜ୍ଞାପନ; ଏଡିଭିଟି-ସିକେପିଡିଆଇଭି-୨୫; ୨୬।୦୬।୨୦୨୫; ୧୧.୩୦ ଘଟିକା; ୧୫.୦୦ ଘଟିକା । (୩) ହାଇବ୍ରିଡ୍ ଏନ୍‌ଏଫ୍‌ଆର୍; ହାଇବ୍ରିଡ୍-ଟିଏସ୍‌ଭି-୨୫; ୨୬।୦୬।୨୦୨୫; ୧୨.୦୦ ଘଟିକା; ୧୨.୩୦ ଘଟିକା । ଆଗ୍ରହୀ ପକ୍ଷମାନେ ଏହାକୁ ଧ୍ୟାନରେ ରଖିବା ଏବଂ ସାଇଟ୍ ବିବରଣୀ ଓ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରଦର୍ଶିତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର
ଦକ୍ଷିଣ ପୂର୍ବ ରେଳପଥ (PR-272)
ହର୍ଷର ସହିତ ଆମେ ସେବାରତ

**GOVERNMENT OF ODISHA, e- PROCUREMENT NOTICE**
**WORKS DEPARTMENT**
Bid Identification No.S.E.CBT (R&B) 07/2025-26
No.B-205: charbatiadivision1@gmail.com
i. Name of the Work : Civil Work-01 No.
ii. Estimated Cost : Rs.82,20,613.00
iii. Period of Completion : 04 Months (120 days)
iv. Date & Time of availability of bid documents in the portal : **From 10.00 AM of 17.06.2025 to 24.06.2025 upto 5.00 PM for "online" bidding**
v. Last date/time for receipt of Bids in the portal : **24.06.2025 upto 5.00 PM**
vi. Name and address of the Officer Inviting Bid : **Superintending Engineer, Charbatia (R&B) Division, Choudwar**
Further details can be seen from the e-Procurement portal http://www.tendersorissa.gov.in. Any addendum/corrigendum/ cancellation of tender can also be seen in the said website.
Sd./-Superintending Engineer
OIPR-34092/11/0020/2526 Charbatia (R&B) Division, Choudwar

**DIRECTORATE OF HORTICULTURE**
**KRUSHI BHAVAN, ODISHA, BHUBANESWAR**
**GOVT. OF ODISHA**
Advt. No. DHO-SEC II- MISC-0006-2025-63 Dt. 12.06.2025
**REQUEST FOR PROPOSAL**
**No.L-22** : The Director of Horticulture-cum-Ex-Officio Additional Secretary to Govt., Odisha invites RFP in sealed cover from eligible bidders (agencies/ organizations) for engagement of professional agencies for setting up of Project Management Unit in Odisha. The sealed application along with all documents mentioned in the RFP should be submitted to this Directorate on or before **17.07.2025 by 5.00 P.M.** through Regd. Post/Speed Post (P&T Deptt.) only. The sealed envelope should be superscribed with "**Application for engagement of professional agencies for setting up of Project Management Unit in Directorate of Horticulture, Odisha**" with proper details of the Bidder as mentioned in the Section-2 of the RFP. The detail along with TOR is available in the website. https://agri.odisha.gov.in/, www.odisha.gov.in
Sd./- Director of Horticulture-Cum- Ex-officio Addl. Secretary to Govt.
OIPR-01425/11/0006/2526 Odisha, Bhubaneswar

**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ : ବଣାଇଁ ବନଖଣ୍ଡ**
**OFFICE OF THE DIVISIONAL FOREST OFFICER : BONAI FOREST DIVISION**
At/PO. - Bonaigarh, Dist. : Sundargarh-770038
Email - dfo.bonai@odisha.gov.in, Landline : 06626-244454
**WALK IN INTERVIEW**
**No.MM-90** : Bonai Forest Division invites Applications from interested legal personnel such as Advocate for engagement as legal experts in the Offence Cell under SSWLCP, in Bonai Forest Division. The Interested candidates may apply directly or by e-mail to the office of the undersigned. The complete application along with relevant documents should reach this office on or before 25.06.2025. The application form along with detailed role and responsibilities shall be available on the website www.sundargarh.odisha.gov.in/ www.odishaforest.in.
Sd./- Divisional Forest Officer
OIPR-08040/11/0016/2526 Bonai Division

No.A-285
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଆଖୁଆପଦା ଜଳସେଚନ ବିଭାଜନ**
ଇମେଲ-akp.irrigationdivision@gmail.com
**'e'- Procurement Notice No.06/2025-26**
1. କାର୍ଯ୍ୟର ନାମ : କେନାଲ ଓ ନଦୀ ବନ୍ଧ ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୦୭ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୦୭.୭୭ ଲକ୍ଷରୁ ୫୫.୨୪ ଲକ୍ଷ
4. ଇ.ଏମ.ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN.
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :
I. Procurement Officer : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
II. ଅନ୍‌ଲାଇନ Biddingର ସମୟସୀମା: ତା.୧୩.୦୬.୨୦୨୫ ଦିବା ୧୦ ଘଟିକାରୁ ତା.୨୧.୦୬.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ
III. Technical ଏବଂ Financial bid ଖୋଲାଯିବାର ତାରିଖ ଓ ସମୟ: ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୨୩.୦୬.୨୦୨୫ ଦିବା ୧୧.୩୦
IV. Transparent Lotteryର ତାରିଖ ଓ ସମୟ : ଅଧୀକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା.୦୨.୦୭.୨୦୨୫ ଦିବା ୧୧.୦୦ ଘଟିକା ସମୟରେ ।
ଅନ୍ୟାନ୍ୟ ତଥ୍ୟ ଏହି ୱେବସାଇଟରେ ପ୍ରଦାନ କରାଯାଇଛି www.tendersorissa.gov.in
ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
OIPR-32548/11/0006/2526

**OFFICE OF THE NOTIFIED AREA COUNCIL: G.UDAYAGIRI**
**E-Procurement Notice**
Bid Identification No: GUDGR-NAC-01/2025-26
Letter No: 1530 Date. 11.06.2025
**No.C-518:**Name of the work for which e-Tender invited - Supply of labour, Vehicles, machineries & equipments for Sanitation Works including collection of solid waste from Door to Door, Road sweeping, Night Sweeping, Drain Cleaning, Bush Cutting, Bed level de-silting & Water Logging from Ward No. 1 to 13 of G.UDAYAGIRI NAC area for the F.Y. 2025-26.
Estimated cost of work (Annually) - **Rs. 1,42,71,036/-**
1. Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.Os having similar nature of work experience of at least Five years and fulfilling the other criteria as given in the D.T.C.N.
2. The Bid documents will be available in the web-site i.e http://www.tendersodisha.gov.in from **11.00 A.M of 13.06.2025 to 5.00 P.M of 25.06.2025** for online bidding.
3. Bid identification No:
4. Last date & time of receipt of Bid through online: **25/06/2025 of 5.00 P.M**
5. Deposit original financial documents online: **11.00 A.M of 13/06/2025 up to 25/06/2025 of 5 P.M**
6. Opening of Bid on **26/06/2025 at 11.00 AM** at G.UDAYAGIRI NAC.
7. The bidder has to participate in online bidding only.
8. For further detail information any one can visit the-procurement portal of the Govt. of Odisha i.e. **http://www.tendersodisha.gov.in.**
Sd./- Executive Officer
OIPR-13202/11/0001/2526 G. Udayagiri NAC

**MUNICIPAL OFFICE : PATTAMUNDAI**
EOI Notice No. 1598 Date. 12.06.25
**EXPRESSION OF INTEREST FOR SELECTION OF AGENCY for preparation of DPR and Estimate for different Development work of Pattamundai Municipality**
**No.C-513** : Executive Officer, Pattamundai Municipality, on behalf of Municipal Council Pattamundai, invites expression of interest for the work "Preparation of Plan and Estimate for different Development work of Pattamundai Municipality. The Registered Firm/Reputed Consultants/Architect desires to participate in this EOI notice must submit all documents as per Notice and must submit in two bid system and the envelop must superscribed "Submission of proposal for preparation of DPR and Estimate for different Development Project".
The filled in EOI must submit along with non refundable paper cost of Rupees 10000.00 should be drawn in the shape of Demand Draft drawn in favour of Executive Officer, Pattamundai Municipality, Payable at Pattamundai & EMD amount of 10000.00 in the shape of TDR duly pledged to Executive Officer, Pattamundai Municipality. The EOI paper can be downloaded from District Website https://kendrapara.odisha.gov.in from 13-06-2025 11 A.M. to 5 P.M. of 26-06-2025 and same should submitted by Regd. Post/Speed Post to the undersigned by 5 P.M. of 27-06-2025 and same will be opened at 11A.M. of 28-06-2025 at Office of the Executive Officer, Pattamundai Municipality. The Tender Inviting Authority reserves the right to cancel the EOI at any point of time without assigning any reason thereof.
Sd./- Executive Officer
OIPR-13220/11/0015/2526 Pattamundai Municipality

**OFFICE OF THE PANCHAYAT SAMITI BHUBAN, DHENKANAL**
**PR & DW DEPARTMENT**
**Re-Tender Call Notice**
Bid Identification No. BDO, Bhuban-02/2025-26
Bhuban, Dhenkanal-759017, E-mail:ori-bhuban@nic.in
**No.i-154:**The Block Development Officer, Bhuban on behalf of Government of Odisha inviting percentage rate from eligible contractors for construction of ACR building work detail in the table below.
1. Nature of Work : Building Works
2. Number of Work : 02 (Two) Nos.
3. Tender Cost & EMD : As mentioned in DTCN
4. Class of Contractor : As mentioned in DTCN
5. Available Bid document in the District Website : From 16.06.2025 10.00 AM to 30.06.2025 upto 5.00 PM
6. Last date/Time of receipt of the original bid documents : 30.06.2025 5.00 PM (only Regd.Post/Speed Post)
7. Date of Opening of Bid : 02.07.2025, 11.00 AM
8. Name & Address of the Office : Office of the **Block Development Officer, Bhuban.**
9. Further details can be seen from the Dhenkanal Portal **www.dhenkanal.nic.in.** Any Addendum/Corrigendum/Cancellation of tender can also be seen in the said website.
Sd./- Block Development Officer, Bhuban
OIPR-19323/11/0003/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଷ୍ଟ୍ରେଲିଆକୁ ଭେଟିବ ଭାରତ

**ଲଣ୍ଡନ, ୧୩।୬ (ପି.ଟି.)**

### ଏଫ୍ଆଇଏଚ୍ ମହିଳା ପ୍ରୋ ଲିଗ୍

ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳିବା ପାଇଁ ଭାରତୀୟ ମହିଳା ହକି ଦଳ ଏବେ ୟୁରୋପ ଗସ୍ତରେ ରହିଛି। ଏହି ଗସ୍ତରେ ଭାରତୀୟ ଦଳ ଏହାର ପ୍ରଥମ ମ୍ୟାଚ ଶନିବାର ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ। ସମ୍ପ୍ରତି ୯ ପଏଣ୍ଟ ସହିତ ବିଶ୍ୱ ର‌୍ୟାଙ୍କିଂର ୬ଷ୍ଠ ସ୍ଥାନରେ ଥିବା ଭାରତ ୧୪ ଓ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷରେ ୨ଟି ମ୍ୟାଚ ଖେଳିବା ପରେ ୧୭ ଓ ୧୮ରେ ଆର୍ଜେଣ୍ଟିନାକୁ ଭେଟିବ। ଏହାପରେ ଦଳ ଆଣ୍ଟୱର୍ପ ଗସ୍ତ କରି ବେଲଜିୟମ ବିପକ୍ଷରେ ୨ଟି ମ୍ୟାଚ ଯଥାକ୍ରମେ ଆସନ୍ତା ୨୧ ଓ ୨୨ ତାରିଖରେ ଖେଳିବ। ବର୍ଲିନରେ ଚାଇନା ବିପକ୍ଷରେ ୨୮ ଓ ୨୯ ତାରିଖରେ ୨ଟି ମ୍ୟାଚ ଖେଳି ଭାରତ ଏହାର ୟୁରୋ ଗସ୍ତ ଶେଷ କରିବ।

''ଆମେ ସବୁ ବିଭାଗ ଉପରେ ଫୋକସ ରଖି ଟ୍ରେନିଂ କରୁଛୁ। ତେବେ ଫଳାଫଳ ପାଇଁ ୨ଟି ବିଭାଗ ଉପରେ ଅଧିକ ଗୁରୁତ୍ୱ ଦେଉଛୁ। ତାହା ହେଲା ଗୋଲକିପିଂ ଓ ଡ୍ରାଗ୍‌ଫ୍ଲିକିଂ। ଟୁର୍ ପୂର୍ବରୁ ଦୀପିକା ଓ ମନୀଷା ୧୦ ଦିନପାଇଁ ନେଦରଲାଣ୍ଡ୍ସର ଡ୍ରାଗ୍ ଫ୍ଲିକ୍ ବିଶେଷଜ୍ଞ ଟୁନ୍ ସିପମାନଙ୍କ ଅଧୀନରେ ସ୍ୱତନ୍ତ୍ର ଟ୍ରେନିଂ କରିଛନ୍ତି'' ବୋଲି ଭାରତୀୟ ଦଳର କୋଚ୍ ହରେନ୍ଦ୍ର ସିଂ ପ୍ରକାଶ କରିଛନ୍ତି। ସିପମାନ ବିଶ୍ୱର ଅନେକ ଶ୍ରେଷ୍ଠ ଖେଳାଳିଙ୍କୁ ଟ୍ରେନିଂ ଦେବାର ଅଭିଜ୍ଞତା ରଖିଛନ୍ତି। ଏହା ବ୍ୟତୀତ ଇନ୍‌ଜେକ୍ଟର୍ସ ଓ ଷ୍ଟପର୍ସଙ୍କ ପ୍ରଦର୍ଶନରେ ଉନ୍ନତି ଉପରେ ମଧ୍ୟ କାମ କରୁଛୁ। ପୂର୍ବରୁ ୫ ମହିଳା ଖେଳାଳି ରୋଟେଟ ହୋଇ ଏହି ଭୂମିକା ତୁଲାଉଥିଲେ। ଏବେ ତାହା ୩କୁ ହ୍ରାସ ପାଇଛି ବୋଲି ସେ କହିଛନ୍ତି। ଗତ ଫେବୃଆରୀରେ ଭୁବନେଶ୍ୱର ଚରଣର ଅନ୍ତିମ ମ୍ୟାଚରେ ଭାରତ ବିଶ୍ୱର ନମ୍ବର ୱାନ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚକୁ ୨-୨ରେ ଡ୍ର ରଖିବାପରେ ଶୁଟ୍ ଆଉଟରୁ ଏକ ବୋନସ ପଏଣ୍ଟ ପାଇଥିଲା। ସେହି ମୋମେଣ୍ଟମକୁ ଧରି ରଖିବା ଲକ୍ଷ୍ୟରେ ରହିଛି ଭାରତୀୟ ଦଳ। ପ୍ରୋ ଲିଗ୍ ଖେଳିବାକୁ ଆସିବା ପୂର୍ବରୁ ଭାରତ ପର୍ଥରେ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ ସିରିଜ ଖେଳିଥିଲା। ଏଥିରୁ ମିଶ୍ରିତ ଫଳାଫଳ ମିଳିଥିଲେ ହେଁ ଖେଳାଳିଙ୍କୁ ବହୁତ କିଛି ଶିଖିବାକୁ ମିଳିଥିଲା। ଅଷ୍ଟ୍ରେଲିଆ ଦଳ କଡ଼ା ଟକ୍କର ଦେଇଥିଲା। ଏହି ସିରିଜରୁ ପିଲାମାନଙ୍କୁ କାଉଣ୍ଟର-କଣ୍ଟ୍ରୋଲ ଏବଂ ଷ୍ଟିକ୍-ଟୁ-ଷ୍ଟିକ୍ ହକି ଖେଳିବା ଅଭିଜ୍ଞତା ମଧ୍ୟ ମିଳିଲା ବୋଲି ହରେନ୍ଦ୍ର ପ୍ରକାଶ କରିଛନ୍ତି।

ହକି ବିଶ୍ୱକପ ପାଇଁ ଆୟୋଜକ ଦେଶଭାବେ ବେଲଜିୟମ ଓ ନେଦରଲାଣ୍ଡ୍ସ ଯୋଗ୍ୟତା ହାସଲ କରିଛନ୍ତି। ଗତବର୍ଷ ପ୍ରୋ ଲିଗ୍ ଚାମ୍ପିୟନ ହୋଇଥିବାରୁ ଜର୍ମାନୀ ମଧ୍ୟ ସ୍ୱାଭାବିକ ଭାବେ ଯୋଗ୍ୟତା ପାଇ ସାରିଛି। ତେଣୁ ପଏଣ୍ଟ ଟେବୁଲରେ ଇଂଲଣ୍ଡ ଓ ସ୍ପେନ୍ ଉପରେ ରହିଲେ ଭାରତ ପାଇଁ ବିଶ୍ୱକପ ଯୋଗ୍ୟତା ସୁଯୋଗ ସୃଷ୍ଟି ହେବ। ''ଆମେ ଯଦି ୫ମ ସ୍ଥାନରେ ରହି ଲିଗ୍ ଫିନିଶ୍ କରିବୁ ତେବେ ସୁଯୋଗ ସୃଷ୍ଟି ହୋଇପାରିବ। କାରଣ ଓସେନିଆରୁ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆମେରିକାରୁ ଆର୍ଜେଣ୍ଟିନା ଯୋଗ୍ୟତା ଅର୍ଜନ କରିପାରିବ। ଏସିଆ କପ୍‌ରୁ ଆମ ମଧ୍ୟରୁ କେହି କିମ୍ବା ଚାଇନା ଯୋଗ୍ୟତା ପାଇବ। ତେଣୁ ଏହି ପ୍ରୋ ଲିଗ୍‌ରୁ ଆମପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବାର ସୁଯୋଗ ରହିଛି'' ବୋଲି ହରେନ୍ଦ୍ର କହିଛନ୍ତି। ଇଂଲଣ୍ଡ ଏବେ ୫ ପଏଣ୍ଟ ସହିତ ଟେବୁଲର ଶେଷ ସ୍ଥାନରେ ଥିବାବେଳେ ସ୍ପେନ୍ ୧୨ ମ୍ୟାଚରୁ ୧୪ ପଏଣ୍ଟ ସହିତ ୫ମ ସ୍ଥାନ ଅଧିକାର କରିଛି।

# ଅନିମେଶଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡ଼ାମନ୍ତ୍ରୀ



ଅନିମେଶ କୁଜୁରଙ୍କୁ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୧୩।୬ (ତପନ ସ୍ୱାଇଁ)**

ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଏଚ୍‌ପିସି ଧାବକ ଅନିମେଶ କୁଜୁର ଶନିବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଠାରେ ତାଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗର ଉପସଚିବ ସୌମ୍ୟ ସାର୍ଥକ ମିଶ୍ର ଓ ଅନ୍ୟ ସିନିୟର ଅଫିସିଆଲମାନେ ସ୍ୱାଗତ କରିଛନ୍ତି। ପରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ୨.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଅନିମେଶ ତାଇୱାନ ଆଥ୍‌ଲେଟିକ୍ସ ମିଟ୍‌ର ୪x୧୦୦ ମିଟର ରିଲେ ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ଦଳର ସଦସ୍ୟ ଥିଲେ।

# ବେଲଜିୟମ ବିପକ୍ଷରେ ଭାରତର କ୍ରମାଗତ ୩ୟ ବିଜୟ

**ଆଣ୍ଟୱର୍ପ, ୧୩।୬ (ପି.ଟି.)**

### ଜୁନିୟର ମହିଳା ହକି

ୟୁରୋପ ଟୁର ଅବସରରେ ଭାରତୀୟ ଜୁନିୟର ମହିଳା ହକି ଦଳ ଶୁକ୍ରବାର ବେଲଜିୟମକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି। ଘରୋଇ ଦଳ ବିପକ୍ଷରେ ଭାରତର ଏହା ହେଉଛି କ୍ରମାଗତ ତୃତୀୟ ବିଜୟ। ଖେଳର ଚତୁର୍ଥ ମିନିଟ୍‌ରେ ଭାରତ ତରଫରୁ ସୋନମ ପ୍ରଥମ ଗୋଲ୍ ସ୍କୋର କରିଥିବା ବେଳେ ଅନ୍ୟ ଦୁଇଟି ଗୋଲ୍ ଲାଲ୍‌ଥାଣ୍ଟଲୁଆଙ୍ଗି (୩୨ତମ ମିନିଟ୍) ଓ କନିକା ସିୱାଚ୍(୫୧ତମ) ଦେଇଥିଲେ। ଅନ୍ୟପକ୍ଷରେ ବେଲ୍‌ଜିୟମ ତରଫରୁ ଗୋଲ୍ ସ୍କୋରର ଥିଲେ ମ୍ୟାରି ଗୋଏନ୍ସ (୩୭ତମ) ଓ ମାର୍ଟେ ମ୍ୟାରି (୪୦ତମ)। ଭାରତ ଶନିବାର ଏହାର ପରବର୍ତ୍ତୀ ଗେମ୍ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ।

## ଜନ୍ମବାର୍ଷିକ ଶୁଭେଚ୍ଛା



**ପ୍ରିୟାଂଶୀ ପାତ୍ର (ଖୁସି)**
ପିତା: ପ୍ରକାଶ କୁମାର ପାତ୍ର
ମାତା: ଭାଗ୍ୟଶ୍ରୀ ସାମଲ
ଗ୍ରାମ: ନୂଆପାଟଣା, ମଙ୍ଗଳପୁର, ଯାଜପୁର
ଆଜି ତୁମର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ କରିବା ସହିତ ତୁମ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ- ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୯୩୦

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଅଭିଜିତ ଗୁପ୍ତା ଏକକ ଅଗ୍ରଣୀ

**ନୂଆଦିଲ୍ଲୀ, ୧୩।୬**

### ଦିଲ୍ଲୀ ଜିଏମ୍ ଓପନ ଚେସ୍

ଏଠାରେ ଚାଲିଥିବା ୨୧ତମ ଦିଲ୍ଲୀ ଅନ୍ତର୍ଜାତୀୟ ଓପନ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟର ୯ମ ରାଉଣ୍ଡ ଖେଳ ଶୁକ୍ରବାର ଶେଷ ହୋଇଛି। ଭାରତୀୟ ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତା ବେଲାରୁଷ ଗ୍ରାଣ୍ଡମାଷ୍ଟର ମିହାଇଲ ନିକିତେଙ୍କୋଙ୍କୁ ହରାଇ ଏକକ ଅଗ୍ରଣୀ ଲାଭ କରିଛନ୍ତି। ୯ ରାଉଣ୍ଡ ଶେଷରେ ସେ ୮ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଛନ୍ତି। ପ୍ରତିଯୋଗିତାରେ ଆଉ ଗୋଟିଏ ରାଉଣ୍ଡ ଖେଳ ବାକି ଥିବାବେଳେ ସେ ଟାଇଟଲ ଜିତିବା ସମ୍ଭାବନା ବଢ଼ାଇଛନ୍ତି। ଅନ୍ତର୍ଜାତୀୟ ମାଷ୍ଟର ଆରଣ୍ୟକ ଘୋଷ ଓ ଗ୍ରାଣ୍ଡମାଷ୍ଟର ଆଦିତ୍ୟ ସାମନ୍ତ ୭.୫ ପଏଣ୍ଟ ଲେଖାଏ ପାଇଛନ୍ତି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇ 'ସି' ବର୍ଗର ଅଷ୍ଟମ ରାଉଣ୍ଡ ଖେଳକୁ ଉଦ୍‌ଘାଟନ କରିଛନ୍ତି। ପ୍ରତିଯୋଗିତାରେ ୨୦ଟି ଦେଶର ୨,୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୨୪ ଗ୍ରାଣ୍ଡମାଷ୍ଟର ସାମିଲ ଅଛନ୍ତି। କେବଳ 'ସି' ବର୍ଗରେ ୧,୨୫୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ଶନିବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ।




'ସି' ବର୍ଗ ଅଷ୍ଟମ ରାଉଣ୍ଡ ଖେଳର ଶୁଭାରମ୍ଭ କରୁଛନ୍ତି ସତ୍ୟରଞ୍ଜନ ପଟ୍ଟନାୟକ।

# ପୁଲ୍ 'ସି'ରେ ଭାରତ

**ଲାଉସାନେ, ୧୩।୬ (ପି.ଟି.)**

### ଜୁନିୟର ମହିଳା ହକି ବିଶ୍ୱକପ୍

ଏଫ୍ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍ ଚଳିତବର୍ଷ ଡିସେମ୍ବରରେ ଚିଲିର ସାଣ୍ଟିଆଗୋରେ ଅନୁଷ୍ଠିତ ହେବ। ଶୁକ୍ରବାର ଅନୁଷ୍ଠିତ ଡ୍ର' ଅନୁସାରେ ଭାରତ ଦୁଇ ଶକ୍ତିଶାଳୀ ଦଳ ଜର୍ମାନୀ ଓ ଆୟର୍ଲାଣ୍ଡ ବ୍ୟତୀତ ନାମ୍ବିଆ ସହ ପୁଲ୍ 'ସି'ରେ ସ୍ଥାନ ପାଇଛି। ଏହି ଦ୍ୱିବାର୍ଷିକୀ ଟୁର୍ନାମେଣ୍ଟର ୧୧ଶ ସଂସ୍କରଣରେ ଅଂଶଗ୍ରହଣକାରୀ ଦଳ ସଂଖ୍ୟା ୨୪କୁ ବୃଦ୍ଧି କରାଯାଇଛି। ଏହାକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି। ୫ଥର ଚାମ୍ପିୟନ ନେଦରଲାଣ୍ଡ୍ସ ପୁଲ 'ଏ'ରେ ସ୍ଥାନ ପାଇଥିବା ବେଳେ ଦୁଇଥର ବିଜେତା ଆର୍ଜେଣ୍ଟିନା ପୁଲ୍ 'ବି'ରେ ରହିଛି। ଟୁର୍ନାମେଣ୍ଟ ଡିସେମ୍ବର ୧ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପୂର୍ବ ସଂସ୍କରଣ ୨୦୨୩ରେ ସାଣ୍ଟିଆଗୋରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ଭାରତ ଥରେ ହେଲେ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଜିତିପାରି ନାହିଁ। ଜର୍ମାନୀର ମଞ୍ଚେନଗ୍ଲାଡବ୍ୟାଚ୍‌ଠାରେ ଅନୁଷ୍ଠିତ ୨୦୧୩ ସଂସ୍କରଣରେ ଭାରତ ୩ୟ ସ୍ଥାନ ଅଧିକାର କରିଥିଲା। ୨୦୨୨ରେ ଦକ୍ଷିଣ ଆଫ୍ରିକାର ପୋଚେଫଷ୍ଟ୍ରୁମ୍‌ଠାରେ ଭାରତ ଚତୁର୍ଥ ହୋଇଥିଲା। ଟୁର୍ନାମେଣ୍ଟର ୬ଟି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଦଳଗୁଡ଼ିକ ହେଲା **ପୁଲ୍** 'ଏ': ନେଦରଲାଣ୍ଡ୍ସ, ଜାପାନ, ଚିଲି, ମାଲେସିଆ; **ପୁଲ୍** 'ବି': ଆର୍ଜେଣ୍ଟିନା, ବେଲଜିୟମ, ଜିମ୍ବାୱେ, ୱେଲ୍ସ; **ପୁଲ୍** 'ସି': ଜର୍ମାନୀ, ଭାରତ, ଆୟର୍ଲାଣ୍ଡ, ନାମ୍ବିଆ; **ପୁଲ୍** 'ଡି': ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଚାଇନା, ଅଷ୍ଟ୍ରିଆ; **ପୁଲ୍** 'ଇ':ଅଷ୍ଟ୍ରେଲିଆ, ସ୍ପେନ, କାନାଡା, ସ୍କଟଲାଣ୍ଡ; **ଗ୍ରୁପ୍** '**ଏଫ୍**': ଯୁକ୍ତରାଷ୍ଟ୍ର ଆମେରିକା, କୋରିଆ, ନ୍ୟୁଜିଲାଣ୍ଡ ଓ ଉରୁଗୁଏ।

## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ କବିନ୍ଦ୍ର ସାମଲ**
ରଥଗଡ଼ା, ହୋଟେଲ ଦେବକନ୍ୟା ନିକଟ, ଢେଙ୍କାନାଳ
ଆବିର୍ଭାବ: ୦୮।୦୪।୧୯୫୯
ତିରୋଧାନ: ୧୪।୦୬।୨୦୨୧
ଜନ୍ମସ୍ଥାନ- କଳିଙ୍ଗ
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କ: ହତଭାଗ୍ୟ: ପତ୍ନୀ-ବୀଣାପାଣୀ, ପୁତ୍ର- ଆଶିଷ, ଜଗଦିଶ, ବୋହୂ- ସ୍ୱାତି ଓ ରୋଜାଲିନ, ନାତିନାତୁଣୀ- ଶିବାଂଶ, ଶ୍ରେୟାନଭି ଓ ଆତ୍ମୀୟସ୍ୱଜନ।
ଧ-୯୩୫

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଦେବ ଦାଶ**
ଆବିର୍ଭାବ: ୦୫।୦୯।୧୯୭୦
ତିରୋଧାନ: ୦୨।୦୭।୧୯୯୯
୨୬ତମ ଶ୍ରାଦ୍ଧବାର୍ଷିକ ଦିବସ ଅବସରରେ ତୁମର ଅମ୍ଳାନ ଆତ୍ମା ବିଷ୍ଣୁ ପାଦତଳେ ଚିରଶାନ୍ତି ଲାଭ କରୁ ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା।
ହତଭାଗା: ଭାଇ, ମା, ଭାଇବୋହୂ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୯୧୯

### ୧୮ତମ ଶ୍ରାଦ୍ଧବାର୍ଷିକୀ



**୰ବିମଳ ପ୍ରସାଦ ପଟ୍ଟନାୟକ**
ଗ୍ରାମ: ଯାଆଁଳା, ଭୁବନେଶ୍ୱର
ଆବିର୍ଭାବ:୦୧।୦୭।୧୯୩୮
ତିରୋଧାନ:୦୩।୦୭।୨୦୦୭
ସମୟ ସ୍ରୋତରେ ୧୮ବର୍ଷ ବିତିଗଲାଣି। ଆପଣଙ୍କ ଅନୁପସ୍ଥିତି ତଥା ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଧାର୍ମିକ ଚିନ୍ତାଧାରାକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଆସୁଛୁ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।-:ଶୋକସନ୍ତପ୍ତ:- ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୬୧୯୭୪

## Classified Everyday
0674-2580101, 9692975378



REAL ESTATE
**SALE**

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9 0 9 0 7 4 6 4 4 5, 7008067338.** D-76275

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338481309. D-71398

### ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Prime location Jaydev Vihar infront of Chhapan Bhog 5-story commercial building 2nd floor 4000sqft hall type well furnished available for rent tutorial centre office setup etc. Contact- 9861443992. D-76831




Newly open SPA positively health benefits (expert therapist). Contact- 7327030529. D-76918

Newly open health benefits SPA by expert therapist. Contact- 8280961126. D-76920

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open Jyoti SPA positively health benefits (expert therapist). 8458067955. D-870

Full body massage by Odia therapist in homely atmosphere. 9556498382. D-75390

### AFFIDAVIT

By virtue of an affidavit sworn before the Notary Public, Birmaharajpur dated- 12.06.25, I Niranjan Meher, R/o. Village- Kendupali, P.O.- Kamalpur, P.S.- Birmaharajpur, Dist.- Subarnapur declare that, I have changed my son's name from Krishna Meher to Anshuman Meher. Henceforth, he shall be known as Anshuman Meher for all purposes.
Niranjan Meher
D-931



By virtue of an affidavit in the Court of Executive Magistrate, Khaira, I declare that in my Aadhaar Card my name has been mentioned as Padmalaya Behera, D/o- Krushna Chandra Das of Village Galanga. But in my T.C. issued by Saheed Memorial Govt High School, Eram my name has been recorded as Baijayanti Das, D/o- Krushna Chandra Das. Both the above name belongs to one & same parson.
D-933

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### LEGAL NOTICE

In the Court of the Additional Commissioner, Settlement & Consolidation, Bargarh
Settlement Revision Case No.-233 of 2024
Nityananda Dash ... Petitioner
Vrs.
Srimati Bhue @ Beherani and another ....Opp. Parties
To,
All Legal Heirs of (if any)
1. Late Srimati Bhue @ Beherani, W/o-Biharilal Sahara, D/o-Ratha Bhue @ Behera, 2. Late Khiramati Bhue @ Beherani, D/o- Late Ratha Bhue @ Behera Both are R/o-Lakhanpur, P.S./Tahasil-Ambabhona, Dist.- Bargarh

NOTICE THROUGH PAPER PUBLICATION U/O 5 RULE 20 CIVIL PROCEDURE CODE, 1908

The above petitioner has filed the above noted case against Late Srimati Bhue @ Beherani and Late Khiramati Bhue @ Beherani for recording of the case land mentioned below on the strength of Regd. Sale Deed bearing No.-4223, Dt.19.12.1956. However, Srimati Bhue and Khiramati Bhue are reported to be dead. Thus, all of their legal heirs are required to represent the case. The case land consists Hal Plot No.287, Area-Ac.1.54 dec, Kissam-Ma Sa/6 under Hal Khata No.-197 of Mouza-Lakhanpur, PS/Tah.-Ambabhona, Dist.- Bargarh.

Hence, legal heirs of late 1 & 2 (if any) are directed to appear in this Court in person or through your Advocate on 02.09.2025 at 11.00 AM by filing Counter in response to the said revision petition failing which the said revision case will be heard and determined Ex-Party in your absence as per law.

Given under my hand and seal of the Court on this 13th June, 2025.
Sd./- ADDL. COMMISSIONER SETTLEMENT & CONSOLIDATION, BARGARH
D-936

# ପ୍ରିୟା

## ଗଳ୍ପ

### ସୁଦର୍ଶନ ମହାପାତ୍ର



ଯାହାର ଦେହ ଉଲୁସା କଥା ପ୍ରିୟା ହୃଦୟରେ ଖେଳାଇ ଦେଇଥିଲା ପ୍ରେମର ତରଙ୍ଗ, ଖୁସିର ଉଚ୍ଛ୍ୱାସ, କିଆରି କିଆରି ସପନର ମହକରେ ମହକିତ କରିଥିଲା ମନ ଉପବନ; ସେଇ ପ୍ରେମିକଟିକୁ ବରିବାକୁ ଠିକ୍ କରିଥିଲା ପ୍ରିୟା ତା' ମା'ବାପାଙ୍କ ଇଚ୍ଛା ବିରୋଧରେ।

ମାଆ ବୁଝାଇଲା– ''ତୁ ଆମର ଗୋଟିଏ ବୋଲି ଅଲିଅଳ ଝିଅ। କେତେ ଆରାମ ଅୟସରେ ବଢ଼ିଛୁ। ଯାହାକୁ ପସନ୍ଦ କରିଛୁ ସେ'ତ ନିଃସ୍ୱ। ତୋ' ପାଇଁ ସେ କାନରେ ନାକରେ ନିମକାଠି ଦେବାକୁ ଅସମର୍ଥ। ବର୍ଷକୁ ଦୁଇଖଣ୍ଡ ଶାଢ଼ି କିଣିଦେବାକୁ ତା'ର ଯୁ' ନାହିଁ। ସେ ତୋ' ଭଳି ସୁକୁମାରୀ ଝିଅକୁ ନେଇ ହନ୍ତସନ୍ତ କରିବ ସିନା! ତୁ ତାକୁ ଭୁଲିଯା। ବାପା ଠିକ୍ କରିବେ ତୋ' ମନଲାଖି ରାଜକୁମାରଟିଏ।''

ଝିଅ କହିଲା– ''ନା ମା'। ମୋର ଦରକାର ନାହିଁ ରାଜକୁମାର। ଦରକାର ନାହିଁ ସୁନା, ହୀରା, ନୀଳା, ମୋତି ମାଣିକ୍ୟ। ମୋ' ପାଇଁ ବଡ଼ ପ୍ରେମ। ମୋ' ପାଇଁ ବଡ଼ ସପନ ଯାହା ସେ ହିଁ ଦେଇପାରିବ। ମୋ' ପାଇଁ ଧନଠୁ ବଡ଼ ନିଚ୍ଛକ ଭଲପାଇବା।''

ବାପା ବୁଝାଇଲେ– ''ଝିଅ, ସପନରେ ପେଟ ପୂରେ ନାହିଁ। ସପନ ଭାଙ୍ଗିଲେ ପେଟର ଜ୍ୱାଳା ଅନୁଭବ ହୁଏ। ଯାହାକୁ ତୁ ଭଲପାଉଛୁ ସେ ତୁଚ୍ଛା ଅଭିନୟ କରୁଥିବା କଳାକାରଟିଏ। ତା' ଉପରେ ଭରସା କରନା। ମିଠାମିଠା କଥା କହି ତୋତେ ସପନ ରାଇଜରେ ବୁଲଉଛି। ସପନ ଦେଖିବା ଆଉ ସଂସାର ପାତିବା ଏକା କଥା ନୁହେଁ। ଖିଆଲରେ ଆକାଶରୁ ଚାନ୍ଦ ତୋଳାଯାଇପାରେ, ମାତ୍ର ବାସ୍ତବିକତା ସେଇଟା ନୁହେଁ। ତୋ' ସୁଖ, ଭବିଷ୍ୟତ ପାଇଁ ଆମେ ଯାହା କହୁଛୁ ମାନିନେ। ତୋର ମଙ୍ଗଳ ହେବ।''

ଝିଅ କୌଣସି ପ୍ରକାର ବୁଝିବାର ନାହିଁ। ପ୍ରେମର ପରିଭାଷା ତାକୁ ପରା ଜଣା। ଆଉ କିଏ କେମିତି ଅନୁଭବ କରିବ ତା' ମନକଥା? ଗୁମ୍‌ସୁମ୍ ରହିଲା ସେ। ଆଖିରୁ ଲୁହ ଝରାଇ କାନ୍ଦିଲା। ମା'ବାପା ଥରକୁଥର ଝିଅକୁ ବୁଝେଇବାକୁ ପ୍ରୟାସ କଲେ। ସବୁ ନିଷ୍ଫଳ! ଅତଏବ ମା'ବାପାଙ୍କ ନଜରବନ୍ଦୀରେ ରହିଲା ଝିଅ।

ଝିଅର ଦିନେ ମନେହେଲା ନିଃଶବ୍ଦ ରାତିରେ କିଏ ଆସିଛି। ପ୍ରୀତି ପ୍ରଣୟର ବାସ୍ନାଟେ ଚହଟିଗଲା ତା' ଚାରିପାଖରେ। ଉଲୁସି ଉଠିଲା ସେ। ମନ ଉଚ୍ଛାଟିତ, ଉଲ୍ଲସିତ!

''ପ୍ରିୟା...!'' ଝରକା ସେପଟେ ଫିସ୍‌ଫିସ୍ ସ୍ୱର। ପ୍ରେମିକର।

ପ୍ରିୟା ଛାତିରେ ଛନକା। ମନରେ ଭୟ। ଧୀରେ ଝର୍କା ଖୋଲିଲା ସେ। ବାହାରେ ବିଛେଇ ହୋଇ ପଡ଼ିଛି ଜୋଛନାରାଶି। ଆକାଶଭର୍ତ୍ତି ତାରା। ଠିଆ ହୋଇଛି ତା'ର ସପନର ରାଜକୁମାର। କଥା ଦେଇ କଥା ରଖିଛି। ଆସିଛି ତାକୁ ବଞ୍ଚିବାର ରାହା ଦେଖାଇବାକୁ।

''ପ୍ରିୟା ଚାଲିଆସ। ମୁଁ ତୁମ ପାଇଁ ଛାଡ଼ିଆସିଛି ଘରଦ୍ୱାର, ମା'ବାପା ସବୁକିଛି। ତୁମକୁ ନ ପାଇଲେ ମୁଁ ବଞ୍ଚିପାରିବିନି।''

ପ୍ରିୟା କ୍ଷଣେ ଚାହିଁଲା ପ୍ରେମିକର ଶ୍ୟାମଘନ ଅପଘନକୁ। ଧୀରେ ପାଦ ରଖିଲା ଏରୁଣ୍ଡି ବାହାରେ। ପ୍ରେମିକ ହାତରେ ହାତ ଥାପିଲା। ପ୍ରିୟାର ହାତମୁଠାରେ ତା'ର ଇପ୍‌ସିତ ସ୍ୱର୍ଗ।

ପ୍ରେମିକ ହାତରେ ହାତ ଛନ୍ଦି ପ୍ରେମରେ ବୁଡ୍‌ବୁଡୁ ପ୍ରିୟା ଚାଲିଛି ନିଶାର୍ଦ୍ଧରେ। ପ୍ରେୟସୀର ମନକୁ ରସାଣିତ କରିବା ପାଇଁ ପ୍ରେମିକ ଶୁଣଉଛି ମନବୋଧ ଚଉତିଶା।

''ପ୍ରେମ ଦୁର୍ଲଭ। ପ୍ରେମ ଅମୂଲ ମୂଲ। ପ୍ରେମକୁ ସମସ୍ତେ ବୁଝିପାରନ୍ତି ନାହିଁ। ପ୍ରେମ ବିନା ଜୀବନ ରଙ୍ଗହୀନ। ପ୍ରେମ ରହିଲେ ହିଁ ଜୀବନ ହୁଏ ଇନ୍ଦ୍ରଧନୁମୟ। ପ୍ରେମରେ ହିଁ ନିହିତ ଜୀବନର ସାର୍ଥକତା।''

ପ୍ରିୟା ବୁଝୁଥିଲା ପ୍ରେମିକର କଥା। ପ୍ରେମକୁ ଅର୍ଜନ କରାଯାଏ। ପ୍ରେମରେ ହିସାବନିକାଶ ଅବା ଜୟ ପରାଜୟର ସ୍ଥାନ ନାହିଁ। ପ୍ରେମ ଅମର। ସଜଳ ସକାଳ ପରି ମିଠା ଅନୁଭବ।

ସକାଳ ହେଲାବେଳକୁ ପ୍ରିୟା ତା'ର ପ୍ରେମିକ ସହିତ ଥିଲା କେଉଁ ଏକ ଅଜଣା ଜାଗାରେ। ଘନ ଜଙ୍ଗଲ ପରିବେଷ୍ଟିତ ଜାଗା। କୋଳାହଳଠାରୁ ଦୂରରେ। ଗୋଟିଏ ପାନ୍ଥଶାଳାରେ ଦୁହେଁ ପ୍ରବେଶ କଲେ। ପାନ୍ଥଶାଳାର ମାଲିକ ହୃଦୟବାନ୍। ନିକଟସ୍ଥ ମନ୍ଦିରରେ ବିବାହ କାର୍ଯ୍ୟ ବି ସମ୍ପାଦନ କରିଦେଲେ। ଏବେ ଦୁହେଁ ପତିପତ୍ନୀ। ପ୍ରେମର ବିଜୟ ହୋଇଛି ବୋଲି କହିଲା ପ୍ରେମିକ।

ପ୍ରେମିକ ଛାତିରେ ମଥା ରଖିଲା ପ୍ରିୟା। ଦୁହେଁ ରୋମାଞ୍ଚିତ। ଆଖିଭର୍ତ୍ତି ସପନ। ମୁଠା ଭର୍ତ୍ତି ସ୍ୱର୍ଗ। ଦୁହେଁ ଦୁହିଁଙ୍କୁ ଚାହିଁଲେ। ଦେହରେ ଶିହରଣ। ପ୍ରିୟା ଶୁଣୁଛି ପ୍ରେମିକ କଣ୍ଠରୁ ମଧୁପର ଗୁଞ୍ଜନ। ଦେହରୁ ଖୋଲିଯାଇଛି ଅଳଙ୍କାରମାନ। ପ୍ରେମିକ ଭାଷାରେ ସେଗୁଡ଼ା ପ୍ରେମ ପ୍ରଣୟରେ ପ୍ରତିବନ୍ଧକ। ପ୍ରିୟା ଦେହକୁ ବୋଝ। ବିନା ଅଳଙ୍କାରରେ ଅପ୍‌ସରା ପ୍ରତୀତ ହୁଏ ପ୍ରିୟା।

ରାତି ପାହିଲାବେଳକୁ ପ୍ରିୟା ଆଖିରେ ଲୁହ। ଏଇ କ'ଣ ତା' ସ୍ୱପ୍ନର ରାଜକୁମାର? ପ୍ରେମ କ'ଣ ଧର୍ଷଣ ପ୍ରସୂତ...! ନୀରବିଯାଇଛି ପ୍ରିୟା। ପରରାତିକୁ ବି ସେ ସହିଛି ପାଶବିକ ଅତ୍ୟାଚାର। ଦେହ ମନରେ ଏମିତି ଦହଗଞ୍ଜ କେହି କେବେ ଭୋଗି ନ ଥିବ। କୌଣସି ସ୍ତ୍ରୀ ସ୍ୱାମୀ ଦ୍ୱାରା ଏମିତି ଧର୍ଷିତା ହେବାକୁ ଚାହିଁ ନ ଥିବ।

ପ୍ରିୟା ଦେହକୁ ଆଉ ଫେରୁ ନ ଥିଲା ଅଳଙ୍କାରମାନ। ଘରୁ ଲୁଚେଇ ଆଣିଥିବା ଟଙ୍କା ଓ ଅଳଙ୍କାର ବ୍ୟାଗ୍‌ଟା ବି ଅନ୍ତର୍ଦ୍ଧାନ। ପ୍ରିୟା ପ୍ରମାଦ ଗଣିଲା। ପ୍ରେମିକକୁ ପ୍ରଶ୍ନିଳ ଆଖିରେ ଚାହିଁଲା। ପ୍ରତିବଦଳରେ ପ୍ରେମିକର ରକ୍ତମୁଖା ଆଖିରେ ଦେଖିଲା ଚୁପ୍ ରହିବାର ଇଙ୍ଗିତ।

ଚତୁର୍ଥ ରାତିରେ କବାଟ ଖୋଲି ରୁମ୍‌କୁ ଆସିଲା ପାନ୍ଥଶାଳାର ସେଇ ଲୋକଟି। ପ୍ରିୟାର ସବୁ ପ୍ରତିରୋଧ ବ୍ୟର୍ଥ। ସତେକି ପ୍ରିୟାର ବେଶ୍ୟା ଜୀବନର ଅୟମାରମ୍ଭ...!

ସକାଳ ହେଲା। କୋଠରିରୁ ବାହାରିବାର ଉପାୟ ଖୋଜୁଥିଲା ପ୍ରିୟା। ବନ୍ଦ ଝର୍କାର ଫାଙ୍କ ଦେଇ ବାହାରକୁ ଚାହିଁଲା। ଖରାରେ ଝଲମଲ ହେଉଥିବା ସତ୍ୟ ତା' ସାମ୍ନାରେ। ତା' ପ୍ରେମିକର ହାତ ଧରି ପାନ୍ଥଶାଳା ଭିତରକୁ ପ୍ରବେଶ କରୁଥିଲା ଆଉ ଜଣେ ପ୍ରିୟା।

ପ୍ରିୟା ବିବଶ। ତୁଟିଯାଇଛି ସପନ। ଆଉ କୋଠରିରୁ ନୁହେଁ ଜୀବନରୁ ମୁକୁଳି ଯିବାକୁ ଚାହିଁଲା ପ୍ରିୟା।

ପୋଲିସ ସନାକ୍ତ କଲା ପ୍ରିୟାର ପ୍ରାଣଶୂନ୍ୟ ଦେହକୁ ପାଖ ଜଙ୍ଗଲରୁ। ମା'ବାପା ଦୁହେଁ କୋହ ଆଉ ଲୁହରେ ତଳିତଳାନ୍ତ ହେଉଥିବାର ଦୃଶ୍ୟ ଉପଭୋଗ କରୁଥିଲେ ତଥାକଥିତ ପ୍ରେମିକମାନେ...!

ମୋ: ୯୪୩୮୧୭୫୫୪୨

## ପୁସ୍ତକ ପରିଚୟ

### ଅନ୍ତର୍ଦୃଷ୍ଟିର ଅନ୍ତରୀକ୍ଷ




**ଲେଖକ:** ଡ. ନାରାୟଣ ପଣ୍ଡା
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର–୧
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୫୦/–

ଦଶଟି ପ୍ରବନ୍ଧ ଆଲୋଚ୍ୟ ସମାଲୋଚନା ଗ୍ରନ୍ଥରେ ସ୍ଥାନିତ, ଯାହା ମୁଖ୍ୟତଃ ପ୍ରବନ୍ଧ ସାହିତ୍ୟର ବିଶ୍ଳେଷଣ ପାଇଁ ଉଦ୍ଦିଷ୍ଟ। ସଚ୍ଚିଦାନନ୍ଦ ରାଉତରାୟ, ଚନ୍ଦ୍ରଶେଖର ରଥ, ଚିତ୍ତରଞ୍ଜନ ଦାସ, ବୈକୁଣ୍ଠନାଥ ରଥ ଓ ଅନ୍ନଦାଶଙ୍କର ରାୟଙ୍କ ଦ୍ୱାରା ଲିଖିତ ପ୍ରବନ୍ଧଗୁଡ଼ିକର ମୂଲ୍ୟାୟନ ନିଜ ଦୃଷ୍ଟିକୋଣରୁ ଡ. ପଣ୍ଡା କରିଛନ୍ତି। 'ଉପୋଦ୍‌ଘାତ'ରେ ସେ କହିଛନ୍ତି: ''ସମାଲୋଚକର ପ୍ରଧାନ ଦାୟିତ୍ୱ ହେଉଛି ପାଠକକୁ ଚକ୍ରବ୍ୟୁହରୁ ମୁକ୍ତ କରିବା। ତା'ର ହାତ ଧରି କଳାର ସୌନ୍ଦର୍ଯ୍ୟ ପ୍ରତି ତା'ର ଦୃଷ୍ଟି ଆକର୍ଷଣ କରିବା, ଯାହାଫଳରେ ପାଠକ କଳାକୁ ଅଧିକ ଉପଭୋଗ କରିପାରିବ।'' 'ଉପୋଦ୍‌ଘାତ'ର ଆଉ ଠାଏ ସମାଲୋଚକଙ୍କର ଭୂମିକା ସମ୍ପର୍କରେ କହିବାକୁ ଯାଇ ପ୍ରାବନ୍ଧିକ କହିଛନ୍ତି: ''ସାହିତ୍ୟରେ ସମାଲୋଚନାର ଭୂମିକା ଦ୍ୱିମୁଖୀ। ଏହା ସୃଷ୍ଟି କରିବା ପ୍ରକ୍ରିୟାରେ ସ୍ରଷ୍ଟାକୁ ସାହାଯ୍ୟ କରିଥାଏ; ପୁଣି ସୃଷ୍ଟିର ପ୍ରକୃତ ରସାସ୍ୱାଦନ କରିବାରେ ପୂର୍ଣ୍ଣ ପ୍ରାଣରେ ପାଠକକୁ ସାହାଯ୍ୟ କରିଥାଏ।'' ଗ୍ରନ୍ଥର ପ୍ରଥମ ପ୍ରବନ୍ଧ ''ସଚ୍ଚିଦାନନ୍ଦ ରାଉତରାୟଙ୍କ ମୌଳିକ ପ୍ରବନ୍ଧର ସ୍ୱରୂପ'' ସମ୍ପର୍କରେ ଆଲୋଚନା କଲାବେଳେ ଡ. ପଣ୍ଡା ଗୋଦାବରୀଶ ମହାପାତ୍ର ଓ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ବନ୍ଧରେ ସଚ୍ଚିବାବୁ ଯେଉଁ ମନ୍ତବ୍ୟ ରଖିଛନ୍ତି, ତା'ର ଉଲ୍ଲେଖ କରିଛନ୍ତି। ଯଥା: ୧. ସେ (ଗୋଦାବରୀଶ) ଲୋକମାନଙ୍କୁ ହସାଉଥିଲେ, ଚିଡ଼ାଉଥିଲେ, ରଗାଉଥିଲେ ଏବଂ ବେଳେବେଳେ ସାମାଜିକ ଓ ରାଜନୀତିକ ଅଳିଆ ଟୋକେଇକୁ ବେଶ୍ ଗୋଟାଏ ନାତ ବି ବସାଇ ପାରୁଥିଲେ। କିନ୍ତୁ ତାଙ୍କର ଜଗତଟି ଥିଲା ବିଚ୍ ବଜାରର ସେଇ ମାମୁଲି ଦାଣ୍ଡଟି, ଯେଉଁଠି କଣ୍ଟ୍ରାକ୍ଟର, ଠିକାଦାର, ସରକାରୀ କର୍ମଚାରୀ ଓ ମନ୍ତ୍ରୀ ଏବଂ କଳାବଜାରିମାନଙ୍କର ଭିଡ଼; ଯେଉଁଠି ସାମାଜିକ ଶୁଚିତା ଅତ୍ୟନ୍ତ କ୍ଷୀଣ ଓ ବିପଦଗ୍ରସ୍ତ।'' ୨. ''ବାହାରେ ରୁକ୍ଷ କଠିନ, କିନ୍ତୁ ଭିତରେ ଶାନ୍ତକୋମଳ, ଉପରେ ପ୍ରାଚୀନପନ୍ଥୀ କିନ୍ତୁ ଭିତରେ ପ୍ରଗତିଶୀଳ– ଏଇ ଥିଲେ ଆର୍ତ୍ତବଲ୍ଲଭ।'' ପ୍ରତିଟି ଆଲୋଚନାରେ ନାରାୟଣଙ୍କ ସୂକ୍ଷ୍ମ ସମାଲୋଚକୀୟ ଦୃଷ୍ଟି ମଞ୍ଜିଫିଟି ଆସୁଥିବା କଦଳୀପତ୍ର ପରି ସୁନ୍ଦର ଓ ସ୍ୱଚ୍ଛ। ବହିଟି ପାଠକୀୟ ଆଦର ପାଇବ।

### ରାଧିକା




**ମୂଳ ଓଡ଼ିଆ:** ନିର୍ମଳ ଚନ୍ଦ୍ର ଶୂରଦେଓ
**ହିନ୍ଦୀ ଅନୁବାଦ:** ଶ୍ରାବଣୀ ନାଥ
**ଇଂଲିଶ୍ ଅନୁବାଦ:** ବିରଞ୍ଚି ନାରାୟଣ ତ୍ରିପାଠୀ
**ପ୍ରକାଶକ:** ପରମ୍ପରା ପ୍ରକାଶନ, ନୟାଗଡ଼
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୧୦/–

ରାଧାକୃଷ୍ଣଙ୍କ ପ୍ରେମଲୀଳାକୁ ଜୀବନ୍ତ କରିବାର ଅଭିଳାଷ ନେଇ କବି ଶୂରଦେଓ ୨୩ଟି କବିତା ଲେଖିଛନ୍ତି, ଯାହାର ହିନ୍ଦୀ ଓ ଇଂଲିଶ୍ ଅନୁବାଦ ମଧ୍ୟ ମୂଳ ଓଡ଼ିଆ ସହ ଆଲୋଚ୍ୟ ଗ୍ରନ୍ଥରେ ସାମିଲ ହୋଇଛି। ହିନ୍ଦୀ ଅନୁବାଦିକା ଲେଖିଛନ୍ତି: ''ଉନ୍‌କେ ହର୍ ଏକ୍ କବିତା କେ ପ୍ରତ୍ୟେକ ଶବ୍ଦ ମେଁ ଅନୁଭବ କିୟା ଜା ସକ୍‌ତା ହୈ ରାଧା ଔର୍ କୃଷ୍ଣ କେ ଅମର ପ୍ରେମ୍ କୋ।'' ଇଂଲିଶ୍ ଅନୁବାଦକ କହନ୍ତି: "Radha & Krishna are two forms of the same entity. x x We can not separate them from each other like aroma from flower, heat from fire & moonshine from moon." ରାଧାଙ୍କୁ ନେଇ ବହୁ କବି ସ୍ମରଣାତୀତ କାଳରୁ କେତେକେତେ ଅମର କବିତା ଲେଖିଯାଇଛନ୍ତି। ଆଜି ବି ଲେଖା ଚାଲିଛି। ଏଇ ପ୍ରବାହରେ କବି ଶୂରଦେଓ ନିଜର ଉପସ୍ଥିତିକୁ ମିଶାଇ ଦେଇଛନ୍ତି ରାଧାଙ୍କୁ ନେଇ ତାଙ୍କ ରଚିତ ଏଇ କବିତାଗୁଡ଼ିକରେ। ରାଧା କୃଷ୍ଣଙ୍କ ପାଖରୁ କାମନାର ପରିତୃପ୍ତି ପରେ ଫେରି ଆସିଛନ୍ତି ଘରକୁ। ସନ୍ଦେହୀ ସ୍ୱାମୀ ତାଙ୍କ ଫୁଲକୁ ଉଖାରି ଦେଖୁଛନ୍ତି ତାହା ଠିକ୍ ଅଛି କି ନା। ଶେଷରେ ସବୁ ଠିକ୍ ଅଛି ଜାଣି ''ଅନେକ ହସିଲେ/ ଶେଷରେ ଦରଫୁଟା ହସକୁ ତାଙ୍କର/ ମୋ' ହସରେ ଚାପିଦେଲେ'' (ସ୍ୱାମୀ, ପୃ:୬୯–୭୦)। ଏହି ଅଂଶର ହିନ୍ଦୀ: ''ସାମ୍ କୋ ମୁଝେ ବୁଲାକର ବନ୍ଦ୍ କମ୍‌ରେ ମେଁ ଲେକର/ ଢୁଁଢେ ତୁମ୍‌ହେଁ ମେରେ ତନ୍ ମେଁ/ ନ ପାକର୍ କୁଛ୍/ ଓ ହୋ ଗଏ ଖୁସ୍/ ଖୁଦ୍ ହୀ ଥେ ଉଲ୍‌ଝନ୍ ମେଁ।'' ଇଂଲିଶ୍ ଅନୁବାଦ: "He called me to his side/ closed the doors & shutters/ And examined me thoroughly/ when he found my rosy-boly/ Untouched,/ He expressed his half, smile with that of my laughter." ଅନୁବାଦକ ମୂଳ କବିତା ପ୍ରତି ବିଶ୍ୱସ୍ତ ଓ ଏହି କାରଣରୁ କବିତାଗୁଡ଼ିକର ଏହି ତ୍ରିଭାଷୀ ରୂପ ପାଠକଙ୍କ ପାଇଁ ଆନନ୍ଦଦାୟୀ ହେବ।

## କବିତା

### ମୋ ଝରକା ସେପାଖ ପାହାଡ଼

**ଚିନ୍ମୟୀ ପଣ୍ଡା**

କେବେଠୁ ଦେଖିନି ମୋ' ଝରକା ସେପାଖର
ପାହାଡ଼କୁ, ପାଦରେ ପାଣି ଛପଛପ କରି
ବ୍ୟସ୍ତ କରିନି ନଦୀକୁ, ବେସୁରା ତାନରେ
ବିରକ୍ତ କରିନି କୋଇଲିକୁ।
ମୁଁ ଜାଣେନି କରୁଛି କ'ଣ
ଜାଣେନି ବଞ୍ଚିଛି କି ନାହିଁ ସତରେ!
ନିଃଶ୍ୱାସ ପ୍ରଶ୍ୱାସ ଯଦି ଜୀବନ ହୁଏ
ବଞ୍ଚିଛି ଅବଶ୍ୟ!

ଏଯାଏଁ ଅନେକ କିଛି ଦେଖିନି ମୁଁ
ପତ୍ର ଫାଙ୍କରୁ ଝରିପଡୁଥିବା ସୂର୍ଯ୍ୟ ଆଲୁଅକୁ
ଗୋଟାଇ ପାରିନି ମାଟିରୁ, ଭୂଇଁଲୋଟଣି ଲତାକୁ
ପାଉଁଜି କରି ପିନ୍ଧି ପାରିନି ପାଦରେ
କେବଳ ଦୌଡ଼ି ଚାଲିଛି।

ଘରେ, ଅଫିସରେ, ରାସ୍ତାରେ
ଖାଇବା, ଶୋଇବା, ଚାଲିବା
ସବୁ ସମୟରେ, ସବୁ ଜାଗାରେ
ଦୌଡୁଛି, କେବଳ ଦୌଡୁଛି...
ଜାଣେନି ଏ ଦୌଡ଼ର ଅନ୍ତ କୋଉଠି,
ମୁଁ, ମୋ' ଦୁଇ ପାଖର ପୃଥିବୀ
ସେ ଦୌଡ଼ରେ ବି ସାମିଲ!

ପଛରେ କେବେଠୁ ଛାଡ଼ିଦେଇଛି,
ପିଲାଦିନର ସାଙ୍ଗ ଆଉ ମୁଠାଏ ବାଉଁଶ କୋଳି,
ତାରା ଗଣିବାର କଳା ଓ ବୁଢ଼ୀ ମା'ର ପାନ ବାକ୍ସ।
ଘର ପଛ ଓସ୍ତ ଗଛର ଭୂତ, ଆଇମା' କାହାଣୀ।
କାହିଁ, ଆଉ ସେମାନେ ଡାକୁ ନାହାନ୍ତି ତ'!

କେତେ ଆଉ ଡାକନ୍ତେ?
ମୁଁ ତ ଶୁଣିନି କେବେ, କିଛି ନ ଶୁଣି
ଆଜି ବି ଦୌଡୁଛି, ଦଉଡ଼ି ଚାଲିଛି...
ଏ ଦଉଡ଼ ଭିତରେ, ବେଳେବେଳେ
ପାଗଳ ପରି ଡାକୁଛି, ଝରକା ସେ ପାଖର
ପାହାଡ଼, ଦୂର ନଦୀ ଓ କୋଇଲି
ମୁଁ କ'ଣ ସତରେ ଯିବି, ଯାଇପାରିବି?

ମୋ: ୯୮୬୧୧୯୧୯୬୯

### ବୁଢ଼ିଆଣୀ ମାଛି ଖାଉଥିଲା

**ପ୍ରଜ୍ଞା ପରମିତା ପାଣି**

ବୁଢ଼ିଆଣୀ ମାଛି ଖାଉଥିଲା
ଆଉ ମୁଁ ସ୍ୱପ୍ନ, ସାହସ,
ବଞ୍ଚିବାର ଇଚ୍ଛା, ଉଦ୍ଦେଶ୍ୟ ଆଉ ପ୍ରେମ,
ମୁଁ ଧୀରେ ଧୀରେ ସବୁ ଖାଇଗଲି ସେଦିନ
ଶୋଇବା ପୂର୍ବରୁ
ଆଉ ସକାଳୁ ଦେଖିଲି ଆଉ ଗୋଟେ ମାଛି
ବୁଢ଼ିଆଣୀ ଜାଲରେ
ମୋ' ଭଡ଼ାଘର କାନ୍ଥର ବାମ ପାଖରେ
ବୁଢ଼ିଆଣୀ ମାଛି ଖାଉଥିଲା
ଆଉ ମୁଁ ଖାଇଗଲି ଜିଜ୍ଞାସା, ହସ, ପ୍ରତାରଣା, ବିଚ୍ଛେଦ
ବୁଢ଼ିଆଣୀ ମାଛି ଖାଇବାର ଆଉ ମୁଁ ଦେଖିନି
ଲମ୍ବା ଝାଡୁରେ ଜାଲି ସଫା କରିଦେବାର ଶକ୍ତି ବି ଆଉ ନାହିଁ
ମୁଁ ଖାଲି ଖାଇଚାଲିଛି, ଶକ୍ତି, ମମତା, ସ୍ନେହ, ଘୃଣା, ଜହ୍ନ,
ନକ୍ଷତ୍ର, ନିଆଁ, ଚୁଲି, ପାଉଁଶ ସବୁ
ବୁଢ଼ିଆଣୀ ମାଛି ଖାଉଥିଲା।

ମୋ: ୮୦୯୩୪୯୨୮୨୪

### ଦୁଃସ୍ୱପ୍ନ

**ଶରତ ଦାଶ**

ନିଜ ସାଥେ କରେ ରଣ
ନିଜ ସାଥେ କରେ ପ୍ରତାରଣା
ଦିବାନିଶି ଚାଲିଥାଏ ନିଜ ପଛେ
ଅବାଟରେ ହୋଇ ବାଟବଣା।

ନିଜ ମନ ହୋଇ ସର୍ପ
ଦଂଶୁଥାଏ ନିତି ବାରମ୍ବାର
କାନ୍ଦୁଥାଏ ଅହରହ
ଅମାନିଆ ନୟନ ମୋହର।

ହୃଦୟର ଆର୍ତ୍ତନାଦ
କରୁଥାଏ ସର୍ବଦା ସନ୍ତ୍ରସ୍ତ
ଅପ୍ରାପ୍ତିର ଅଗ୍ନିଶିଖା କରେ ତ୍ରସ୍ତ
ହେଲେ ସୂର୍ଯ୍ୟ ଅସ୍ତ।

ଆପଣା ପ୍ରାଣର ଭୟ
କରୁଥାଏ ସଦା ପ୍ରପୀଡ଼ିତ
ଅନ୍ଧାର ଆସିବା ଆଗୁ
ଶୁଖିଯାଏ ଆଲୋକର ସ୍ରୋତ।

କେବେ କ୍ରୋଧ ଜର୍ଜରିତ
ମନେ ଜଳେ ଅନଳ ଭୀଷଣ
କେବେ ବୁଡ଼ି ଅସୂୟାସାଗରେ
ଦିଏ ଡାକ ରଖ ନାରାୟଣ।

କେବେ ବିଭୁ ପୟରରେ
ଢାଳି ଭକ୍ତି ହୁଏ ଆତ୍ମହରା
କେବେ ପୁଣି ଦିଏ ଗାଳି
ହେଲେ ଭାରି ସଂସାରର ଭାରା।

ନିଜର ଶତ୍ରୁ ମୁଁ ନିଜେ
ସାଙ୍ଘାତିକ ଅତୀବ ଦାରୁଣ
ସବୁ ସ୍ୱପ୍ନ କରି ଭସ୍ମସାତ୍
ଦେଖୁଛି ମୁଁ କେବଳ ଦୁଃସ୍ୱପ୍ନ।

ମୋ: ୯୮୬୧୦୯୨୮୩୫

### ଗୀତି–କବିତା

### ମଧୁମିତା

**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ରଜନୀଗନ୍ଧାର ବାସରେ ବିଭୋର
ନିଶୀଥର ନୀରବତା
ବଧୂଲି ଅଧରେ ବେପଥୁ ପରଶ
ସତେ ଲାଜକୁଳୀ ଲତା।

ବିତିଗଲା ରାତି ଝରୁଥିଲା ପ୍ରୀତି
ମୟୂଖ ମୁରୁଜ ହୋଇ
ଚିକିମିକି ଦିଶେ ମଥାର ସିନ୍ଦୂର
ସକାଳ ସୂରୁଯ ଉଇଁ
ଅଳସୀ ନୟନେ ବିଳାସୀ ସପନ
ନିମୀଳିତ ଆଖିପତା।

ମନ ଗହନର ଅକୁହା କଥାକୁ
ଉଡ଼ାଇଛି ଚଇତାଳି
ଗୋପନରେ ଯାହା ରହିଥିଲା ଦିନେ
ଆଜି ସିଏ ଚୋରାବାଲି
ପାଦ ଖସୁଥିବା ଶିଉଳି ପାହାଚେ
ନବବଧୂ ମଧୁମିତା।

ମୋ: ୯୯୬୮୨୮୦୮୯୬

## କାଳକାଳକୁ



### ''ଶବ୍ଦସବୁ ହେଉଛନ୍ତି ଗୁଳିଭରା ପିସ୍ତଲ''

– ଜାଁ ପଲ୍ ସାର୍ତ୍ରେ

**ଜାଁ ପଲ୍ ସାର୍ତ୍ରେଙ୍କ** ଜନ୍ମ ୨୧ ଜୁନ୍ ୧୯୦୫ରେ ଫ୍ରାନ୍ସର ପ୍ୟାରିସ୍‌ରେ ଓ ପରଲୋକ ସେଇଠି ୧୫ ଏପ୍ରିଲ ୧୯୮୦ରେ। ସେ ଏକାଧାରରେ ଦାର୍ଶନିକ, ନାଟ୍ୟକାର, ଔପନ୍ୟାସିକ, ଚଳଚ୍ଚିତ୍ର ପଟ୍ଟକଥା ଲେଖକ, ରାଜନୈତିକ କର୍ମୀ, ଜୀବନୀକାର ଓ ସାହିତ୍ୟ ସମାଲୋଚକ। ବିଂଶ ଶତାବ୍ଦୀର ଫରାସୀ ଦର୍ଶନ ଓ ମାର୍କସ୍‌ତତ୍ତ୍ୱରେ ସେ ଜଣେ ପ୍ରମୁଖ ଚିନ୍ତକ। ତାଙ୍କ ରଚନା ସମାଜଶାସ୍ତ୍ର, ସମାଲୋଚନାତତ୍ତ୍ୱ ଓ ଉତ୍ତର–ଔପନିବେଶିକ ବିଚାରଧାରାକୁ ସମ ଭାବେ ପ୍ରଭାବିତ କରିଛି। 'ବିଂଗ୍ ଆଣ୍ଡ୍ ନଥିଙ୍ଗ୍‌ନେସ୍' ହେଉଛି ତାଙ୍କର ସବୁଠୁଁ ଉଚ୍ଚାଙ୍ଗ ସୃଷ୍ଟି, ଯାହା ତାଙ୍କୁ ବିଶ୍ୱବନ୍ଦିତ କରିଛି। ୧୯୬୪ରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାରରେ ପୁରସ୍କୃତ ହେବା ସତ୍ତ୍ୱେ ସେ ନମ୍ରତାର ସହ ଏହାକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି: ''ମୁଁ ସବୁବେଳେ ପ୍ରାତିଷ୍ଠାନିକ ସମ୍ମାନର ବିରୋଧୀ। କାରଣ ଏପରି ସମ୍ମାନ ଲେଖକକୁ ବନ୍ଦୀ ବନାଏ। ସତ୍ ଲେଖକ ମାତ୍ରେ ଏଥିରୁ ନିବୃତ୍ତ ରହିବା ଉଚିତ୍।'' ସେ କହନ୍ତି: ''ପ୍ରେମରେ ଜଣେ ଓ ଆଉ ଜଣେ ମିଶି ସେଇ ଜଣେ।''

# ଭ୍ରାତୃହତ୍ୟା

## ଅନୁବାଦ ଗଳ୍ପ

ମୂଳ ରଚନା: ଫ୍ରେନ୍‌ଜ କାଫ୍‌କା
ଅନୁସୃଜନ: ଡ. ସୂଚନା ପାଢ଼ୀ

ସମାର ତା' ଭାଇ ବେସେକୁ ହତ୍ୟା କରିଥିବା ଅଦାଲତରେ ପ୍ରମାଣିତ ହୋଇଗଲା। ଜଣାପଡ଼ିଲା ଯେ, ସମାର ଚାନ୍ଦିନୀ ରାତିର ଆଲୋକରେ ତାକୁ ହତ୍ୟା କରିବା ପାଇଁ ଲୁଚି ଲୁଚି ଅପେକ୍ଷା କରିଥିଲା ବେସେର ଅଫିସ୍‌ଫେରନ୍ତା ରାସ୍ତାରେ। ବେସେ ରହୁଥିବା ଘରଠାରୁ ଅଳ୍ପ ଦୂରରେ ତା' ଅଫିସ୍।

ସମାର... କି ଆଶ୍ଚର୍ଯ୍ୟ ମଣିଷ! ସେଦିନ ରାତିରେ ଏତେ ଥଣ୍ଡା ପଡୁଥିଲା ଅଥଚ ତା' ଦେହରୁ ବାହାରୁଥିଲା ଗମ୍‌ଗମ୍ ଝାଳ। ଏ କ'ଣ ହତ୍ୟାଜନିତ ଉତ୍ତେଜନା? ହାତରେ ଧରିଥିବା ଛୁରିଟି ତୀକ୍ଷ୍ଣ ଧାର, ଖଣ୍ଡା ପରି। ଭାବୁଥିଲା ଆହୁରି ଧାରୁଆ କରିଦେଲେ ଭଲ ହୁଅନ୍ତା। ଘଷିଲା ପାଖରେ ପଡ଼ିଥିବା ପଥର ଉପରେ, ଯୋଣର ସୋଲରେ। ହାଏ! ଏ କ'ଣ ହେଲା? ଛୁରି ଅଧିକ ଧାରୁଆ ହେବା ପରିବର୍ତ୍ତେ ବଙ୍କା ହୋଇଗଲା।

ଏ ଦୃଶ୍ୟ ଦେଖୁଥିଲା ଆଉ ଜଣେ... ପଳାଶ। କୋଠା ଉପରେ ଥାଇ... ସମାରର ପ୍ରସ୍ତୁତି! କାହା ପାଇଁ? କାହିଁକି? ସନ୍ଦେହ କରି ତଳକୁ ଓହ୍ଲେଇଲା। ଦେଖିଲା ଶ୍ରୀମତୀ ବେସେ ସ୍ୱାମୀଙ୍କ ଫେରିବା ବାଟକୁ ଅପେକ୍ଷା କରି ଠିଆ ହୋଇଥିଲେ ବାଲ୍‌କୋନିରେ। ଏତେ ଡେରି ହେଲାଣି... କାହିଁକି ଆସିନାହାନ୍ତି?

ଅଫିସ୍‌ର ସବୁଠାରୁ କାମିକା କର୍ମଚାରୀ ବେସେ। ସେଦିନ ଅଫିସ୍ ଛୁଟି ହେବାର କିଛି ସମୟ ପରେ ଅଫିସ୍‌ରେ ତାଲା ପକାଇ ଘରକୁ ଫେରୁଥିଲେ। ରାସ୍ତାରେ ଅନେକ ଲୋକଙ୍କ ଯାତାୟାତ।

ପଳାଶ ଯଦିଓ ପାଗଳପ୍ରାୟ ସମାରକୁ ଦେଖିଲା, ତାକୁ ସାମ୍ନା କରିବା ସାହସ ତା'ର ନ ଥିଲା। ସମାର ବେସେକୁ ହାଣିବା ପାଇଁ ତା' ଫେରନ୍ତା ରାସ୍ତାରେ ଉନ୍ମତ୍ତ ସିଂହ ସଦୃଶ ପ୍ରସ୍ତୁତ ହୋଇ ରହିଥିଲା। ରାଗରେ ଜଳିଯାଇଥିଲା ମୁହଁ।

ହାତରେ ବାଡ଼ିଖଣ୍ଡେ ଧରି ବେସେ ଫେରୁଥିବା ବେଳେ ଶୁଣିଲା କାହାର କରୁଣ ସ୍ୱର। କିଏ? କାହା ସ୍ୱର? ପରିବେଶ ଓ ପରିସ୍ଥିତି ରହସ୍ୟମୟ ମନେହେଲା।

ଏ କ'ଣ? ହଠାତ୍ କାହାର ଚୋଟ... ବେସେ! ସମାର କିଛି କହିବା ପୂର୍ବରୁ ଛୁରି ଖସିଯାଇ ତଳେ ପଡ଼ିଗଲା। ବେସେ! ବେସେ! ଶୁଣ... କାନଖୋଲି ଶୁଣ... ଆଜିଠାରୁ ଆଉ ଜୁଲିଆ ସହିତ ସାକ୍ଷାତ୍ କରିପାରିବୁ ନାହିଁ। ତଲୁ ଛୁରି ଉଠାଇ ପୁଣି ଭୁସି ଚାଲିଲା ଛାତି, ପେଟ, ବେକ। ରକ୍ତଧାର ବୋହିଯାଇଥିଲା ବେସେ ମନର ଅବ୍ୟକ୍ତ ବେଦନା କହି କହି।



ଓଁ ଶାନ୍ତି! ସବୁ ସରିଗଲା... ଯାହା ହଉ...। ସମାର ଭାବିଥିଲା ବେସେ ମୃତ। ପାଗଳପରି କହିଚାଲିଲା– ବେସେ, ତୋତେ ହତ୍ୟାକରି ଯୋଉ ଆନନ୍ଦ... ରକ୍ତ ବୁହାଇବାର ଯୋଉ ଉନ୍ମାଦନା ତୁ କେମିତି ଜାଣିବୁ? ତୁ ତ ରାତିର ବୁଢ଼ା ପକ୍ଷୀ ପରି, ତୁ କେବଳ ଗୋଟିଏ ରକ୍ତଭର୍ତ୍ତି ବ୍ୟାଗ୍ ହିଁ ଥିଲୁ। ଦେଖ... ଦେଖ ଏଇ ରାସ୍ତାରେ ବୋହୁଛି ତୋ ଦେହର ରକ୍ତ... ହାଃ ହାଃ। ସେଥିପାଇଁ କ୍ଷଣକ ଭିତରେ ତୋତେ ନିଶ୍ଚିହ୍ନ କରିଦେଲି। ମୁଁ ଯାହା ଚାହେଁ ତାହା କରେ। ଅବଶ୍ୟ ମୋର ସବୁ କାର୍ଯ୍ୟ ଠିକ୍ ହୋଇ ନ ପାରେ, ସ୍ୱପ୍ନର ଖେଳରେ ସୁଫଳ ମିଳେନା। ତୋର ମୃତ ଶରୀର ଏଇ ଜାଗାରେ ଏମିତି ପଡ଼ି ରହିଥିବ– କାରଣ କ'ଣ ଜାଣୁ? ତୁ ମୋତେ ଧୋକା ଦେଇଥିଲୁ ଏବଂ ସେଥିପ୍ରତି ଉଦାସୀନ ଥିଲୁ। ମୋତେ ଅନେକ ପ୍ରଶ୍ନ ପଚାରୁଥିଲୁ। ମୂର୍ଖମାନଙ୍କ ପ୍ରଶ୍ନର କି ମୂଲ୍ୟଥାଏ?

ଅଳ୍ପ ସମୟ ପରେ ପହଞ୍ଚିଗଲା ପଳାଶ। କହିଲା– ସମାର! ମୁଁ ସବୁ ଦେଖିଛି। ତୁ ଏତେ ଅମାନବିକ କାମ କରିପାରୁ!

ସ୍ଥିର ଦୃଷ୍ଟିରେ ଦୁହେଁ ଦୁହିଁଙ୍କୁ କିଛି ସମୟ ଚାହିଁ ରହିଲେ।

ରାସ୍ତା ଉପରେ ପଡ଼ିଥିଲା ଅର୍ଦ୍ଧମୃତ ବେସେ... ଅଶକ୍ତ। ଖବରପାଇ ପହଞ୍ଚିଲେ ଶ୍ରୀମତୀ ବେସେ। ଦୁଃଖରେ ଭାଙ୍ଗିପଡ଼ିଲେ। ହସହସ ମୁଖମଣ୍ଡଳର ଝଟକ କ୍ଷଣକ ଭିତରେ ଉଭେଇଗଲା। ନିଜେ ଘୋଡ଼େଇ ହୋଇଥିବା ସାଲ୍‌ଟି ବେସେଙ୍କୁ ଘୋଡ଼ାଇଦେଲେ। ପୋଲିସ୍ ପହଞ୍ଚିବାକୁ ବେଶୀ ସମୟ ଲାଗିଲା ନାହିଁ। କ୍ଷତାକ୍ତ ଶରୀର ଟେକି ଟେକି ନେଇଗଲେ ଡାକ୍ତରଖାନା।

ସମାର ମନେମନେ ଗୁଣୁଗୁଣୁ ହୋଇ କହୁଥିଲା ଆଉ ଦିନେ ସାହସ କରିବନି ଜୁଲିଆ ସହିତ ଦେଖା କରିବାକୁ ବିଚାରା...।

ମୋ: ୭୦୦୮୨୯୧୦୪୦

# ବିଜୟ ପଥରେ ଦକ୍ଷିଣ ଆଫ୍ରିକା

## ମାରକ୍ରମଙ୍କ ଶତକ, ବଭୁମାଙ୍କ ଲଢୁଆ ବ୍ୟାଟିଂ

**ଲର୍ଡ୍ସ, ୧୩।୬ (ତପନ ସ୍ୱାଇଁ)**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୨୦୭ ରନରେ ଅଲ୍ଆଉଟ ହେବାରୁ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୮୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଚ୍ୟାଲେଞ୍ଜକୁ ସ୍ୱିକାର କରିଛି ଦକ୍ଷିଣ ଆଫ୍ରିକା। ଏଡେନ ମାରକ୍ରମଙ୍କ ଶତକ ଓ ଅଧିନାୟକ ଟେମ୍ବା ବଭୁମାଙ୍କ ଲଢୁଆ ବ୍ୟାଟିଂ ବଳରେ ଏହି ଦଳ ଐତିହାସିକ ବିଜୟ ପଥରେ ଅଗ୍ରସର ହୋଇଛି। ଶୁକ୍ରବାର ତୃତୀୟ ଦିବସ ଷ୍ଟମ୍ପ ବେଳକୁ ଦକ୍ଷିଣ ଆଫ୍ରିକା ୫୬ ଓଭରରେ ୨ ଉଇକେଟ ହରାଇ ୨୧୩ ରନ ସଂଗ୍ରହ କରିଛି। ଓପନର ର୍ୟାନ ରିକେଲଟନ ୬ ଓ୍ୱିଆନ ମୁଲ୍ଡର ୨୭ ରନକରି ଆଉଟ ହୋଇଥିବାବେଳେ ମାରକ୍ରମ ୧୦୨ ଓ ଅଧିନାୟକ ଟେମ୍ବା ବଭୁମା ୬୫ ରନକରି ଅପରାଜିତ ରହିଛନ୍ତି। ଅସମାପ୍ତ ୩ୟ ଉଇକେଟରେ ଦୁହେଁ ୨୩୨ ବଲ୍‌ରୁ ୧୪୩ ରନ ସଂଗ୍ରହ କରି ସାରିଛନ୍ତି। ୧୫୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମାରକ୍ରମ ନିଜ ଇନିଂସ ମଧ୍ୟରେ ୧୧ଟି ଓ ବଭୁମା ୧୨୧ ବଲ୍ ଖେଳି ୫ ଚୌକା ମାରିଛନ୍ତି। ଦୁହେଁ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ଅଷ୍ଟ୍ରେଲିଆ ବୋଲରଙ୍କୁ ନିରାଶ କରିଛନ୍ତି। ଲର୍ଡ୍ସରେ ଅନୁଷ୍ଠିତ କୌଣସି ଟେଷ୍ଟର ପ୍ରଥମ ଇନିଂସରେ ଡକ୍(୦) ଓ ଦ୍ୱିତୀୟ ଇନିଂସରେ ଶତକ ହାସଲ କରିବାରେ ମାରକ୍ରମ ୯ମ ବ୍ୟାଟର ହୋଇଛନ୍ତି। ୧୯୮୦ପରେ ଏହି ସଫଳତା ହାସଲ କରିବାରେ ସେ ହେଉଛନ୍ତି ତୃତୀୟ ବ୍ୟାଟର। ୨୦୦୨ରେ ଭାରତ ବିପକ୍ଷରେ ମାଇକେଲ ଭନ୍ ଏବଂ ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ମିସବା-ଉଲ-ହକ୍ ଏହି ସଫଳତା ପାଇଥିଲେ। ଟେଷ୍ଟରେ ମାରକ୍ରମଙ୍କର ଏହାଥିଲା ୮ମ ଶତକ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ମିଚେଲ ଷ୍ଟାର୍କ ୨ଟି ଯାକ ଉଇକେଟ ନେଇଛନ୍ତି। ୮ ଉଇକେଟ ସୁରକ୍ଷିତ ଥାଇ ଦକ୍ଷିଣ ଆଫ୍ରିକା ଏବେ ବିଜୟ ପାଇଁ ଆଉ ୬୯ ରନ ଆବଶ୍ୟକ କରୁଛି। ଶନିବାର ୪ର୍ଥ ଦିବସର ପ୍ରଥମ ସେସନରେ ଯଦି ସବୁକିଛି ଠିକ୍ ରୁହେ ତେବେ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ପରେ ଦକ୍ଷିଣ ଆଫ୍ରିକା ତୃତୀୟ ଦଳ ଭାବେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିବ।

ସ୍ଲିପ୍‌ରେ ଫିଲ୍ଡିଂ ବେଳେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ ଆହତ ହୋଇ ପଡ଼ିଆ ଛାଡ଼ିଛନ୍ତି। ଡାହାଣ ହାତର ଅଙ୍ଗୁଳି ଭାଙ୍ଗିଥିବାରୁ ଅଷ୍ଟ୍ରେଲିଆନ ଟିମ୍ ମେଡିକାଲ ଷ୍ଟାଫ୍ ତାଙ୍କୁ ଏକ୍ସ-ରେ ପାଇଁ ଡାକ୍ତରଖାନା ନେଇଛନ୍ତି।



ଶତକୀୟ ଭାଗୀଦାରି ଅବସରରେ ଏଡେନ ମାରକ୍ରମ ଓ ଟେମ୍ବା ବଭୁମା।

### ଲଢ଼ିଲେ ଷ୍ଟାର୍କ-ହାଜେଲଉଡ୍

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୪୪/୮ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଆଉ ମାତ୍ର ୪ ରନ ଯୋଗକରି ନାଥାନ ଲିୟନଙ୍କ ଉଇକେଟ ହରାଇଥିଲା। ଫଳରେ ସ୍କୋର ୧୪୮/୯ ହୋଇ ଯାଇଥିଲା। ଶେଷ ଉଇକେଟ ପକାଇବା ପାଇଁ ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜେଲଉଡ୍ ଲଢୁଆ ବ୍ୟାଟିଂ କରିଥିଲେ। ଦୁହେଁ ବିପକ୍ଷ ବୋଲରଙ୍କୁ ନିରାଶ କରି ୧୦ମ ତଥା ଅନ୍ତିମ ଉଇକେଟରେ ୧୩୫ଟି ବଲ୍‌ର ସମ୍ମୁଖୀନ ହୋଇ ୫୯ ରନର ଭାଗୀଦାରି ଗଢ଼ିଥିଲେ। ଏହି ଅବସରରେ ଷ୍ଟାର୍କ ଅର୍ଦ୍ଧଶତକ ହାସଲ କରିଥିଲେ। ଷ୍ଟାର୍କଙ୍କର ଏହାଥିଲା ଟେଷ୍ଟ କ୍ରିକେଟରେ ଏକାଦଶ ଅର୍ଦ୍ଧଶତକ। ତେବେ ସେ ୨୦୧୯ରେ ମାଞ୍ଚେଷ୍ଟର ଟେଷ୍ଟ ପରେ ଏଠାରେ ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଥିଲେ। ଏଥିପାଇଁ ସେ ୪୫ ଟେଷ୍ଟ ଓ ୬୨ଟି ଇନିଂସର ସହାୟତା ନେଇଥିଲେ। ୬୫ତମ ଓଭରର ଶେଷ ବଲ୍‌ରେ ହାଜେଲଉଡ୍ ଆଉଟ ହେବା ସହ ପାର୍ଟନରଶିପ୍ ଭାଙ୍ଗିଥିଲା ଏବଂ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ଶେଷ ହୋଇଥିଲା। ହାଜେଲଉଡ୍ ୧୭ ରନକରି ଏଡେନ ମାରକ୍ରମଙ୍କ ଶିକାର ହୋଇଥିବାବେଳେ ଷ୍ଟାର୍କ ୧୩୬ଟି ବଲ୍ ଖେଳି ୫୮ ରନରେ ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡ଼ା ୪ଟ, ଲୁନ୍‌ଗି ଏନ୍‌ଗିଡି ୩ଟି ଏବଂ ମାର୍କୋ ଜାନସେନ, ଓ୍ୱିଆନ ମୁଲ୍ଡର ଓ ଏଡେନ ମାରକ୍ରମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୨। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୩୮। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୦୭/ଅଲ୍ଆଉଟ (ମିଚେଲ ଷ୍ଟାର୍କ-୫୮*, ଆଲେକ୍ସ କାରେ-୪୩, କାଗିସୋ ରାବାଡ଼ା-୪/୫୯, ଲୁନ୍‌ଗି ଏନ୍‌ଗିଡି-୩/୩୮, ମାର୍କୋ ଜାନସେନ-୧/୫୮, ଓ୍ୱିଆନ ମୁଲ୍ଡର-୧/୧୮, ଏଡେନ ମାରକ୍ରମ-୧/୫)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୧୩/୨ (ଏଡେନ ମାରକ୍ରମ-୧୦୨*, ଟେମ୍ବା ବଭୁମା-୬୫*, ମିଚେଲ ଷ୍ଟାର୍କ-୨/୫୩)।

# ମା' ଅସୁସ୍ଥ, ଭାରତ ଫେରିଲେ ଗମ୍ଭୀର

**ବେକେନହାମ୍ (ୟୁକେ), ୧୩।୬ (ପି.ଟି.):** ଗୌତମ ଗମ୍ଭୀରଙ୍କ ମା' ସୀମା ଗମ୍ଭୀର ହୃଦ୍‌ଘାତରେ ପୀଡ଼ିତ ହୋଇଛନ୍ତି। ଏହି ଖବର ପାଇବା ପରେ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଶୁକ୍ରବାର ସ୍ୱଦେଶ ଫେରିଛନ୍ତି। ସୀମାଙ୍କୁ ନୂଆଦିଲ୍ଲୀସ୍ଥିତ ଏକ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଏହି ସୂଚନା ଦିଆଯାଇଛି। ଜୁନ୍ ୨୨ରୁ ଲିଡ୍ସଠାରେ ଇଂଲଣ୍ଡ ବିପକ୍ଷ ଏକ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଲାଗି ଭାରତୀୟ ଦଳ ବର୍ତ୍ତମାନ ୟୁନାଇଟେଡ କିଂଗଡମ୍ (ୟୁ.କେ.)ରେ ଅଛି। ଗମ୍ଭୀରଙ୍କ ଅନୁପସ୍ଥିତିରେ ସହକାରୀ କୋଚ୍ ର୍ୟାନ ଟେନ୍ ଡୋସ୍‌ଚେଟ୍ ଶୁକ୍ରବାରଠାରୁ ଭାରତ ଓ ଭାରତ 'ଏ' ଦଳ ମଧ୍ୟରେ ଆରମ୍ଭ ହୋଇଥିବା ୪ ଦିନିଆ ଇଣ୍ଟ୍ରା ସ୍କ୍ୱାଡ୍ ମ୍ୟାଚରେ ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କୁ ଅନ୍ୟ କୋଚିଂ ଷ୍ଟାଫ୍ ଯଥା ବୋଲିଂ କୋଚ୍ ମୋର୍ନେ ମୋର୍କେଲ ଓ ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ ପ୍ରମୁଖ ସହଯୋଗ କରିବେ। ଘରେ ଯଦି ପରିସ୍ଥିତି ଠିକ୍‌ଠାକ୍ ରୁହେ ତେବେ ଗମ୍ଭୀର ସପ୍ତାହକ ମଧ୍ୟରେ ଇଂଲଣ୍ଡ ଫେରିଯିବେ। ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଯଦିଓ ଉନ୍ନତି ପରିଲକ୍ଷିତ ହେଉଛି ସେ ଏବେ ସୁଦ୍ଧା ଆଇସିୟୁରେ ଅଛନ୍ତି। ପ୍ରଥମ ଟେଷ୍ଟ ଜୁନ୍ ୨୦ରୁ ଆରମ୍ଭ ହେବ।

# ଦ୍ୱିତୀୟ ଦିନରେ ଓଡ଼ିଶାକୁ ୯ ପଦକ




କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ପ୍ରତିଯୋଗୀମାନେ।

## ଜାତୀୟ ଜୁନିୟର କରାଟେ

**ଭୁବନେଶ୍ୱର, ୧୩।୬ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ଡେରାଡୁନଠାରେ ଗତ ୧୨ରୁ ଆରମ୍ଭ ହୋଇଥିବା ଜାତୀୟ ୟୁଥ୍, ଜୁନିୟର ଓ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାର ଶୁକ୍ରବାର ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ଓଡ଼ିଶା ଦଳକୁ ମୋଟ ୯ଟି ପଦକ ମିଳିଛି। ଏହା ମଧ୍ୟରେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୫ ବ୍ରୋଞ୍ଜ ପଦକ ସାମିଲ।

ବିଶ୍ୱ କରାଟେ ସଂଘର ସ୍ୱୀକୃତିପ୍ରାପ୍ତ ଜାତୀୟ କରାଟେ ସଂଘ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କେଆଇଓ) ଦ୍ୱାରା ଆୟୋଜିତ ଏହି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ଦ୍ୱାରା ଗତ ରାଜ୍ୟ କରାଟେ ପ୍ରତିଯୋଗିତାରୁ ମନୋନୀତ କରାଟେକାମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଓଡ଼ିଶାର ଅଂଶୁମାନ ଆଚାର୍ଯ୍ୟ ୟୁବ ୭୦ କେଜି ଫାଇଟିଂ ଏବଂ ଦିବ୍ୟ ପ୍ରସାଦ ନାୟକ ଜୁନିୟର ୭୬ କେଜିରୁ ଅଧିକ ଫାଇଟିଂ ବିଭାଗରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ଗତ ୟୁବ ଏସିଆ ବାଳିକା କାଟା ବିଭାଗରେ ବ୍ରୋଞ୍ଜ ପଦକ ଲାଭ କରିଥିବା ଓଡ଼ିଶାର ଅଲିସା ସୁବୁଦ୍ଧି ଏଥିରେ ରୌପ୍ୟ ପଦକ ଜିତିଛନ୍ତି। ୟୁବ ବାଳକ ୫୨ କେଜି ଫାଇଟିଂ ବିଭାଗରେ ଓମ୍ ସତ୍ୟମ୍ ମହାନ୍ତିଙ୍କୁ ରୌପ୍ୟ ପଦକ ମିଳିଛି। ଅନ୍ୟପକ୍ଷରେ ୬୧ କେଜି ବାଳିକା ଫାଇଟିଂରେ ତପସ୍ୱିନୀ ନାୟକ, ଜୁନିୟର ବାଳିକା କାଟାରେ ସୁପ୍ରିୟା ମହାନ୍ତି, ଜୁନିୟର ବାଳକ ୬୮ କେଜି ଫାଇଟିଂରେ ଆର୍ଯ୍ୟବ୍ରତ ବିଶ୍ୱାଳ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି ଜୁନିୟର ପୁରୁଷ ଦଳଗତ କାଟାରେ ଶୁଭମ୍ ଦାଶ, ଦୋଳ ଗୋବିନ୍ଦ ବେହେରା, ରିତେଶ ପାତ୍ର ଓ ଅଂଶୁମାନ ମିଶ୍ର ଏବଂ ବାଳିକା ଦଳଗତ କାଟାରେ ଅଲିଶା ସୁବୁଦ୍ଧି, ସୁପ୍ରିୟା ମହାନ୍ତି, ତମନା ମେହେର, ଶ୍ୱେତାଞ୍ଜନା ସାହୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ଦେବେନ୍ଦ୍ର ଭାରତୀୟ ଫେନ୍‌ସିଂ ଦଳର ମ୍ୟାନେଜର

**ଭୁବନେଶ୍ୱର, ୧୩।୬ (ତପନ ସ୍ୱାଇଁ)**

ଇଣ୍ଡୋନେସିଆର ବାଲିଠାରେ ସିନର ଏସିଆନ ଫେନ୍‌ସିଂ ଚାମ୍ପିୟନଶିପ୍ ଚଳିତ ମାସ ୧୫ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ରାଜ୍ୟ ଫେନ୍‌ସିଂ ସଂଘ ସମ୍ପାଦକ ତଥା ଭାରତୀୟ ଫେନ୍‌ସିଂ ସଂଘ ଯୁଗ୍ମ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁଙ୍କୁ ଭାରତୀୟ ଦଳର ମ୍ୟାନେଜର ମନୋନୀତ କରାଯାଇଛି। ଏ ସମ୍ପର୍କରେ ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ରାଜୀବ ମେହେଟା ଓଡ଼ିଶା ଫେନ୍‌ସିଂ ଆସୋସିଏଶନକୁ ପତ୍ର ଯୋଗେ ଅବଗତ କରାଇଛନ୍ତି।

## ଭାରତ ବିପକ୍ଷ ମହିଳା ଟି୨୦

# ଇଂଲଣ୍ଡ ଦଳକୁ ଫେରିଲେ ଏକ୍ଲେଷ୍ଟୋନ୍

**ଲଣ୍ଡନ, ୧୩।୬ (ପି.ଟି.):** ଜୁନ୍ ୨୮ରୁ ଆରମ୍ଭ ହେବାକୁଥିବା ଭାରତ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଶୁକ୍ରବାର ୧୪ ଜଣିଆ ଇଂଲଣ୍ଡ ମହିଳା କ୍ରିକେଟ ଦଳ ଘୋଷଣା କରାଯାଇଛି। କିଛିଦିନ ପାଇଁ ଛୁଟିରେଥିବା ବାମହାତି ସ୍ପିନର ସୋଫି ଏକ୍ଲେଷ୍ଟୋନ୍ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇଂଲଣ୍ଡ ଟୁର୍ ଅବସରରେ ଭାରତୀୟ ମହିଳା ଦଳ ଆହୁରି ମଧ୍ୟ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଖେଳିବ। ଏକ୍ଲେଷ୍ଟୋନ୍ ନିକଟରେ ୱେଷ୍ଟଇଣ୍ଡିଜରେ ୩-୦ରେ ବିଜୟ ଲାଭ କରି ଫେରିଥିବା ଇଂଲଣ୍ଡ ଦଳର ଜଣେ ଅନ୍ୟତମ ସଦସ୍ୟା ଥିଲେ। ଭାରତ ଓ ଇଂଲଣ୍ଡ ଓପନିଂ ଅନ୍ତର୍ଜାତୀୟ ଟି୨୦ ଜୁନ୍ ୨୮ରେ ଟ୍ରେଣ୍ଟବ୍ରିଜ୍‌ଠାରେ ଖେଳାଯିବ। ପରେ ବ୍ରିଷ୍ଟଲଠାରେ ଦ୍ୱିତୀୟ ମ୍ୟାଚ ଜୁଲାଇ ୧ରେ ଖେଳାଯିବ। ଜୁଲାଇ ୪ରେ ଓଭାଲଠାରେ ତୃତୀୟ ଟି୨୦ ଖେଳାଯିବ। ଚତୁର୍ଥ ଓ ପଞ୍ଚମ ମ୍ୟାଚ ଯଥାକ୍ରମେ ଜୁଲାଇ ୯ ଓ ୧୨ରେ ଓଲ୍ଡ ଟ୍ରାଫୋର୍ଡଠାରେ ଖେଳାଯିବ। ଇଂଲଣ୍ଡ ଦଳ: ନାଟ୍ ସ୍କିଭର-ବ୍ରଣ୍ଟ (ଅଧିନାୟିକା), ଏମ୍ ଆର୍ଲଟ, ଟାମି ବିମଣ୍ଟ (ଉଇକେଟକିପର), ଲରେନ ବେଲ୍, ଆଲିସ୍ କାପ୍‌ସି, ଚାର୍ଲି ଡିନ୍, ସୋଫିଆ ଡଙ୍କଲେ, ସୋଫି ଏକ୍ଲେଷ୍ଟୋନ୍, ଲରେନ ଫିଲର, ଆମି ଜୋନ୍ସ (ଉଇକେଟକିପର), ପେଜ୍ ସ୍କୋଲଫିଲ୍ଡ, ଲିନ୍‌ସେ ସ୍ମିଥ, ଡାନି ୟାଟ୍ ହଜ୍, ଇସି ଓଙ୍ଗ୍।







1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ